


ତେଲଙ୍ଗାନା ସରକାରଙ୍କ ବର୍ଷକର ସଫଳତା | ୬

# ଓଡ଼ିଶା ଭାସ୍କର

ODISHA BHASKAR ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଅଭିନୟରୁ ସନ୍ନ୍ୟାସ ନେବେ ବିକ୍ରାନ୍ତ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୪୪ Vol. 21 No-244 3 DECEMBER 2024 TUESDAY BHUBANESWAR ମଙ୍ଗଳବାର, ୩ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦



STABILITY TRUST GROWTH

# ଜାଲିଆତି/ପାର୍ସଲ ସ୍କାମ ପ୍ରତି **ସତର୍କ ରୁହନ୍ତୁ!**




ଆରବିଆଇ/ବ୍ୟାଙ୍କ/ସରକାରୀ ଏଜେନ୍ସି/କୋରିୟର କମ୍ପାନୀ ଇତ୍ୟାଦି ଗୁଡ଼ିକର ଅଧିକାରୀଙ୍କ ନାମରେ ଆସୁଥିବା **ସାଇବର ଅପରାଧୀମାନଙ୍କ** ଅଡିଓ/ଭିଡିଓ କଲ ପ୍ରତି ସାବଧାନ ରୁହନ୍ତୁ, ଯିଏ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର **ଧମକ ଦେଉଛନ୍ତି** କିମ୍ବା **ତୁରନ୍ତ ଟଙ୍କା ଟ୍ରାନ୍ସଫର କରିବା ପାଇଁ କହୁଛନ୍ତି** କିମ୍ବା ଆପଣଙ୍କର ବ୍ୟାଙ୍କ ଖାତା କିମ୍ବା ଡେବିଟ/କ୍ରେଡିଟ କାର୍ଡକୁ **ଫ୍ରିଜ୍ କିମ୍ବା ବ୍ଲକ୍** କରିଦେବାର ଭୟ ଦେଖାଉଛନ୍ତି ।

## କ'ଣ କରିବେ ନାହିଁ

- **ବ୍ୟତିବ୍ୟସ୍ତ ହୁଅନ୍ତୁ ନାହିଁ** – ଠକମାନେ ଆପଣଙ୍କୁ ଫାନ୍ଦରେ ପକେଇ ପାରନ୍ତି
- ନିଜର କୌଣସି ବ୍ୟକ୍ତିଗତ/ ଆର୍ଥିକ ସୂଚନା **ଶେୟାର କରନ୍ତୁ ନାହିଁ**
- ପେମେଣ୍ଟ କରିବା ପାଇଁ କୌଣସି ଅଜଣା ଲିଙ୍କରେ **କ୍ଲିକ୍ କରନ୍ତୁ ନାହିଁ**

## କ'ଣ କରିବେ

- କଲ କରିବା ବ୍ୟକ୍ତି / ଅର୍ଥ ଅନୁରୋଧର ବାସ୍ତବିକତା **ସର୍ବଦା ଯାଞ୍ଚ କରନ୍ତୁ**
- cybercrime.gov.in ରେ **ତତ୍କ୍ଷଣାତ ରିପୋର୍ଟ କରନ୍ତୁ** କିମ୍ବା ସହାୟତା ପାଇଁ **1930** କୁ କଲ କରନ୍ତୁ




ଅଧିକ ସୂଚନା ପାଇଁ, **https://rbikehtahai.rbi.org.in/fraud** କୁ ଯାଆନ୍ତୁ
ମତାମତ ଦେବା ପାଇଁ, **rbikehtahai@rbi.org.in** କୁ ଲେଖନ୍ତୁ

ଜନହିତରେ ଜାରି
**ଭାରତୀୟ ରିଜର୍ଭ ବ୍ୟାଙ୍କ**
**RESERVE BANK OF INDIA**
www.rbi.org.in

ଓଡିଶା ଭାସ୍କର
ODISHA BHASKAR
# ମହାନଗର



କଟକ(ଭାସ୍କର ନ୍ୟୁଜ୍): ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଦେବାଶିଷ ପଣ୍ଡାଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଦେବାଶୀଷଙ୍କୁ ଗିରଫ ନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ହାଇକୋର୍ଟ ମାମଲାର କେଶ ଡାଏରୀ ଦାଖଲ କରିବାକୁ ତଦନ୍ତକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି । ଧର୍ମଶାଳା ବିଧାୟକ ହିଂମାଶୁ ଶେଖର ସାହୁଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଦେବାଶୀଷଙ୍କ ନାମରେ ମାମଲା ରୁଜୁ ହୋଇଥିଲା । ଏହା ପରେ ଗିରଫଦାରୀ ଏଡାଇବାକୁ ଯାଇ ଦେବାଶୀଷ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ । ଯାଜପୁର ବିଚିତ୍ରପୁର ପଂଚାୟତ ସରପଞ୍ଚ ଦେବାଶିଷ ପଣ୍ଡା ଓ ତାଙ୍କ ସହଯୋଗୀ ଧର୍ମଶାଳା ବିଧାୟକ ହିମାଶୁ ଶେଖର ସାହୁଙ୍କୁ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଥିଲା ।



### ରାଜ୍ୟପାଳଙ୍କୁ ଭେଟିଲେ ଯୁବା ସଙ୍ଗମ କାର୍ଯ୍ୟକ୍ରମ ଅଧୀନରେ ମହାରାଷ୍ଟ୍ର ଯୁବ ପ୍ରତିନିଧି ଦଳ

## ବିକଶିତ ଭାରତ ଗଠନରେ ଯୁବଶକ୍ତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତ ଏକ ଯୁବ ରାଷ୍ଟ୍ର। ଯୁବ ଶକ୍ତି ହେଉଛି ରାଷ୍ଟ୍ରର ଶକ୍ତି। ବିବିଧତାରେ ଏକତା ରାଷ୍ଟ୍ରର ଶ୍ରେଷ୍ଠ ପରିଚୟ। ରାଜ୍ୟ ରାଜ୍ୟ ମଧ୍ୟରେ ସଂପର୍କ ଯେତେ ବୃଦ୍ଧି ପାଇବ ଏବଂ ଜନସାଧାରଣଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ଯେତେ ଅଧିକ ହେବ ତାହା ରାଷ୍ଟ୍ରକୁ ସେତେ ସଶକ୍ତ ଓ ସମୃଦ୍ଧ କରିବ। ବିକଶିତ ଭାରତ ଗଠନରେ ଯୁବଗୋଷ୍ଠୀଙ୍କ ଏକ ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଥିପାଇଁ ରାଜ୍ୟ ରାଜ୍ୟ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଅଧିକରୁ ଅଧିକ ଯୁବ ଆଦାନ ପ୍ରଦାନ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଇ ଆରମ୍ଭ କରାଯାଇଥିବା ଯୁବା ସଙ୍ଗମ କାର୍ଯ୍ୟକ୍ରମ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଆଗ୍ରହ ସୃଷ୍ଟି କରିପାରିଛି ବୋଲି ରାଜ୍ୟପାଳ ରଘୁବର ଦାସ ପ୍ରକାଶ କରିଛନ୍ତି। ଆଜି ରାଜଭବନର ଅଭିଷେକ ହଲ୍‌ରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ବାର୍ତ୍ତା ଓ ସଂକଳ୍ପ ଅଧୀନରେ ଆରମ୍ଭ କରାଯାଇଥିବା 'ଯୁବା ସଙ୍ଗମ' କାର୍ଯ୍ୟକ୍ରମର ପଞ୍ଚମ ପର୍ଯ୍ୟାୟରେ ଓଡ଼ିଶା ରାଜ୍ୟ ପରିଦର୍ଶନରେ ଆସିଥିବା ମହାରାଷ୍ଟ୍ର ରାଜ୍ୟର ପଚାଶରୁ ଊର୍ଦ୍ଧ୍ୱ ଯୁବ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ପ୍ରତିନିଧି ଦଳଙ୍କୁ ଉଦ୍‌ବୋଧନ ଦେବା ଅବସରରେ ରାଜ୍ୟପାଳ ଦେଶରେ ପ୍ରଣୟନ କରାଯାଇଥିବା ଜାତୀୟ ଶିକ୍ଷାନୀତି ୨୦୨୦ ଦେଶର ସମୃଦ୍ଧ ବିବିଧତା ସଂପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ ଉପରେ ପ୍ରାଧାନ୍ୟ ଦେଇଥିବା ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ଦେଶର ଯୁବଗୋଷ୍ଠୀଙ୍କୁ ବର୍ତ୍ତମାନର ବୈଶ୍ୱିକ ଆହ୍ୱାନକୁ ମୁକାବିଲା କରିବା ପାଇଁ ଦକ୍ଷତା ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି ବୋଲି କହିଥିଲେ। ମହାରାଷ୍ଟ୍ର ଯୁବ ପ୍ରତିନିଧି ଦଳ ସେମାନଙ୍କ ଗସ୍ତ ସମୟରେ ସଂସ୍କୃତି ସଂପନ୍ନ ଓଡ଼ିଶା ରାଜ୍ୟ ସଂପର୍କରେ ଅଧିକ ତଥ୍ୟ ସଂଗ୍ରହ କରିପାରିବେ ବୋଲି ରାଜ୍ୟପାଳ କହିଥିଲେ। ଏହି କାର୍ଯ୍ୟକ୍ରମର ରାଜ୍ୟରେ ନୋଡ଼ାଲ ଅନୁଷ୍ଠାନ ଆଇଆଇଟି, ଭୁବନେଶ୍ୱରର ଛାତ୍ର ବ୍ୟାପାରର ଡ଼ିନ୍ ପ୍ରଫେସର ରାଜେଶ ରୋଶନ ଦାସ ଯୁବା ସଙ୍ଗମ କାର୍ଯ୍ୟକ୍ରମ ଓ ମହାରାଷ୍ଟ୍ର ଯୁବ ପ୍ରତିନିଧି ଦଳ ସଂପର୍କରେ ପ୍ରାରମ୍ଭରେ ସଂକ୍ଷିପ୍ତରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ମଧ୍ୟରେ ଦୁଇ ଜଣ ପ୍ରତିନିଧି ଅଭିଜ୍ଞତା ବର୍ଣ୍ଣନା କରିଥିଲେ ଓ ରାଜ୍ୟର ଜନସାଧାରଣଙ୍କ ଆତିଥେୟତାରେ ବେଶ୍ ପ୍ରଭାବିତ ହୋଇପାରିଛନ୍ତି ବୋଲି ମଧ୍ୟ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ ମହାରାଷ୍ଟ୍ରରୁ ଆସିଥିବା ଯୁବ ପ୍ରତିନିଧି ଦଳ ୨୮ ନଭେମ୍ବରରୁ ୪ ଡ଼ିସେମ୍ବର ପର୍ଯ୍ୟନ୍ତ ଓଡ଼ିଶା ପରିଦର୍ଶନରେ ଅଛନ୍ତି। ଅନୁରୂପ ଭାବେ ଓଡ଼ିଶାର ୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଦଳ ବର୍ତ୍ତମାନ ଯୁବା ସଙ୍ଗମ କାର୍ଯ୍ୟକ୍ରମ ଅଧୀନରେ ମହାରାଷ୍ଟ୍ର ଗସ୍ତରେ ଅଛନ୍ତି। ଯୁବା ସଙ୍ଗମ କାର୍ଯ୍ୟକ୍ରମରେ ମୁଖ୍ୟତଃ ପାଂଚୋଟି ବିଭାଗ ଯେପରି ପର୍ଯ୍ୟଟନ, ପରମ୍ପରା, ପ୍ରଗତି, ପରସ୍ପର ସଂପର୍କ ଏବଂ ପ୍ରାଦ୍ୟୋଗିକ ଉପରେ ଗୁରୁତ୍ୱ ଦିଆଯାଇଛି।



ଦେବଦୀପାବଳି ଅବସରରେ ୟୁନିଟ୍-୩ ରାମମନ୍ଦିରରେ ଜଳିଲା ୧୦ ହଜାର ଦୀପ

## ଅନେକ ପଞ୍ଚାୟତରେ ମୋବାଇଲ ଟାୱାର ଅଭାବକୁ ନେଇ ବିଧାନସଭାରେ ଉଦ୍‌ବେଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ଅନେକ ପଞ୍ଚାୟତରେ ମୋବାଇଲ ଟାୱାର ନ ଥିବା କାରଣରୁ ଲୋକ ମାନେ ସଞ୍ଚାର ସୁବିଧାରୁ ବଞ୍ଚିତ ହେଉଛନ୍ତି । ଏହି ପ୍ରସଙ୍ଗକୁ ନେଇ ମଙ୍ଗଳବାର ବିଧାନସଭାରେ ଉଭୟ ଶାସକ ଦଳ ଓ ବିରୋଧୀ ଦଳର ବିଧାୟକ ମାନେ ଉଦବେଗ ପ୍ରକାଶ କରିଥିଲେ । ଅନ୍ୟ ପକ୍ଷରେ ବିଭାଗୀୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ମାର୍ଚ୍ଚ ୨୦୨୫ ସୁଦ୍ଧା ସମସ୍ତ ଅଞ୍ଚଳରେ ମୋବାଇଲ ଟାୱାର ସ୍ଥାପନା କରିବା ଲକ୍ଷ୍ୟ ନେଇ ମୋହନ ସରକାର କାର୍ଯ୍ୟ କରୁଛନ୍ତି । କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ଏ ସମ୍ପର୍କିତ ପ୍ରଶ୍ନ ଉପରେ ପ୍ରଶ୍ନକାଳରେ ଅନେକ ସମୟ ଧରି ଆଲୋଚନା ହୋଇଥିଲା । ଉଭୟ ଶାସକ ଓ ବିରୋଧୀ ଦଳର ବିଧାୟକ ମାନେ ସେମାନଙ୍କର ଅଂଚଳରେ ମୋବାଇଲ କନେକ୍ଟିଭିଟିର ସମସ୍ୟାକୁ ନେଇ ଉଦବେଗ ପ୍ରକାଶ କରିଥିଲେ । ବିଭାଗୀୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ ଯେ ଏହି ସମସ୍ୟାକୁ ରାଜ୍ୟ ସରକାର ଅତ୍ୟନ୍ତ ଗୁରୁତ୍ୱର ସହ ନେଇଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ଜିଲ୍ଲାରେ ଏଡିଏମଙ୍କ ନେତୃତ୍ୱରେ ଟାସ୍କ ଫୋର୍ସ ଗଠନ କରାଯାଇଛି । ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ଏହି ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରାଯାଉଛି ।

## ପୋଲାଭରମ୍ ପ୍ରସଙ୍ଗରେ ବିଜେଡିର ଦିଲ୍ଲୀ ଗସ୍ତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୋଲାଭରମ ପ୍ରସଙ୍ଗରେ ଅଧିକ ତଥ୍ୟ ସଂଗ୍ରହ ଓ ଦାବି ଉପସ୍ଥାପନ ପାଇଁ ବିଜେଡିର ୭ ଜଣିଆ ଟିମ ଆସନ୍ତାକାଲି ଦିଲ୍ଲୀ ଗସ୍ତ କରିବ। ୫ ତାରିଖ ଯାଏଁ ଦିଲ୍ଲୀରେ ସେଣ୍ଟ୍ରାଲ ୱାଟର କମିଶନ, ଜଳଶକ୍ତି ମନ୍ତ୍ରାଳୟ, ଆଦିବାସୀ ବ୍ୟାପାର ବିଭାଗକୁ ସ୍ମାରକପତ୍ର ଦେବ ଦଳ । ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର ଓ ଅତନୁ ସବ୍ୟସାଚୀ ନାୟକ ଏହି ସୂଚନା ଦେଇଛନ୍ତି । ସେମାନେ କହିଛନ୍ତି ଯେ ଓଡିଶାରୁ ଯିବେ ୭ ଜଣିଆ ଟିମ୍ ଦିଲ୍ଲୀ ଅଭିମୁଖେ ଯିବେ । ସେଠାରେ ସାତ ଜଣ ସାଂସଦ ମଧ୍ୟ ଟିମ ସହ ସାମିଲ ହେବେ। କମିଟିରେ ଦେବୀ ପ୍ରସାଦ ମିଶ୍ର, ସାଂସଦ ମାନସ ମଙ୍ଗରାଜ, ସସ୍ମିତ ପାତ୍ର, ପୂର୍ବତନ ବିଧାୟକ ମାନସ ମାଡକାମୀ ପ୍ରମୁଖ ରହିଛନ୍ତି। ପୋଲାଭରମ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୧୫ ହଜାର କୋଟିର ସହାୟତା ଦେଇଛନ୍ତି ।

### ଛତ୍ରବଜାରରେ ଯୋଗାଣ ବିଭାଗର ଅଚାନକ ଚଢାଉ

## ଚଢ଼ା ଦରରେ ବିକିଲେ ଦୋକାନ ସିଲ ଚେତାବନୀ

କଟକ(ଭାସ୍କର ନ୍ୟୁଜ୍): ଉତରପ୍ରଦେଶରୁ ଆଳୁ ଗାଡ଼ି ଆସିବା ପରେ ମଧ ରେଟ କମୁନି । ସୋମବାର ସକାଳୁ ସକାଳୁ ଛତ୍ରବଜାରରେ ଅଚାନକ ଯୋଗାଣ ବିଭାଗ ପହଁଚି ଯାଇଥିଲା । ଆଳୁ ଦର କାହିଁକି କମୁନି ? କେତେ ଟଙ୍କାରେ ବିକ୍ରି କରୁଛ ? କେଜି ପିଛା ୪୦ରୁ ୪୫ ଟଙ୍କାରେ ବିକ୍ରି କର । ଅଧିକ ଦରରେ ବିକ୍ରି କଲେ ଦୋକାନ ସିଲ କରାଯିବ । ବେପାରୀଙ୍କୁ ଏମିତି ତାଗିଦ କରିଛନ୍ତି ଯୋଗାଣ ଅଧିକାରୀ ଉ ର ପ୍ରଦେଶରୁ ଆଳୁ ଟ୍ରକ ଛତ୍ରବଜାରରେ ପହିବା ପରେ ଆଳୁ ଦର ହ୍ରାସ ପାଇବ ବୋଲି ଗ୍ରାହକ ଆଶାବାଦୀ । ଏବେ ଆଳୁ କିଲୋ ପ୍ରତି ଛତ୍ରବଜାରରେ ୪୫ ଟଙ୍କା ମୂଲ୍ୟରେ ବିକ୍ରି ହେଉଥିବା ସୂଚନା ମିଳିଛି । ଯୋଗାଣ ବିଭାଗ ଅଧିକାରୀ ରାଜଲକ୍ଷ୍ମୀ ପାତ୍ର କହିଛନ୍ତି, ଲୋକେ ଆଳୁ ଦର ବଢ଼ିଯିବା ଆଶଙ୍କାରେ ଭୟଭୀତ ହୋଇ ଆଳୁ କିଣୁଛନ୍ତି। ଆଳୁ ବଜାରରେ ପ୍ରଚୁର ଅଛି । ଆଜି ସକାଳେ ୫ଟ୍ରକ ଆଳୁ ଗାଡ଼ି ଛତ୍ରବଜାରରେ ପହଞ୍ଚିଛି । ଉତ୍ତର ପ୍ରଦେଶରୁ ଆସିଥିବା ଆଳୁ କ୍ୟୁ ାଲ ପ୍ରତି ୩୭୦୦ରୁ ୩୮୦୦ଟଙ୍କା ରହିଛି । ଏବେ ଗୋଦାମରେ ହଜାର କ୍ୟୁଣ୍ଟାଲ ଆଳୁ ଷ୍ଟକ ରହିଛି । ଅଧିକା ଟଙ୍କାରେ ଆଳୁ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଗାଣ ବିଭାଗ ଅଧିକାରୀ ବେପାରୀମାନଙ୍କୁ ତାଗିଦ କରିଛନ୍ତି । ମାର୍କେଟରେ ଆଳୁ ପର୍ଯ୍ୟାପ୍ତ ପରିମାଣରେ ରହିଛି । ଜନସାଧାରଣ ଭୟଭୀତ ହୋଇ ଆଳୁ ଅଧିକ କିଣନ୍ତୁ ନାହିଁ ବୋଲି ଯୋଗାଣ ବିଭାଗ ପକ୍ଷରୁ ଅପିଲ କରାଯାଇଛି । ବର୍ତ୍ତମାନ ଛତ୍ରବଜାରରେ ହୋଲସେଲ ତଥା ଗୋଦାମରେ ଆଳୁ କିଲୋ ପିଛା ୩୫ଟଙ୍କାରୁ ୩୮ ଟଙ୍କାରେ ବିକ୍ରି କରାଯାଉଛି । କଟକ ସହରକୁ ପ୍ରତିଦିନ ୫ଟ୍ରକରୁ ଊର୍ଦ୍ଧ୍ୱ ଆଳୁ ଆବଶ୍ୟକ ଥିବାବେଳେ ଗାଡ଼ି ନ ଆସିବାରୁ ଦର ବୃଦ୍ଧି ହେଉଥିବା ଛତ୍ରବଜାର ବ୍ୟବସାୟୀ ସଂଘ କହିଛି । ସୋମବାର କଟକ ସହରକୁ ୫ଟି ଆଳୁ ଗାଡ଼ି ଆସିଛି । କଟକ ସହର ସମେତ ସାରା ରାଜ୍ୟରେ ଆଳୁ ଦର ବଢ଼ିଥିବା ବେଳେ କିଭଳି ରାଜ୍ୟକୁ ଅଧିକ ଗାଡ଼ି ଆସିବ ଓ ଜନସାଧାରଣ କିଭଳି ସୁଲଭ ଦରରେ ଆଳୁ ପାଇବେ ସେ ନେଇ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଉଭୟ ବ୍ୟବସାୟୀ ଓ ଗ୍ରାହକ ନିବେଦନ କରିଛନ୍ତି ।

### ମାଡିଛନ୍ତି ସାଇବର ଲୁଟେରା, ୩ ବର୍ଷରେ ୧୨୫ କୋଟି ଲୁଟ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାଡିଛନ୍ତି ସାଇବର ଲୁଟେରା । ୩ ବର୍ଷରେ ୧୨୫ କୋଟି ଲୁଟି ନେଲେଣି ସାଇବର ଲୁଟେରା । ଗୃହରେ ବିଜେଡି ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ । ସାଇବର ଠକେଇ ଜନିତ ୬୩୬୮ ମାମଲା ରୁଜୁ ହୋଇଛି । ଗିରଫ ହୋଇଛନ୍ତି ୧୩୮୮ ଜଣ । କିନ୍ତୁ ବିଡମ୍ବନାର କଥା ହେଲା ଫେରସ୍ତ ହୋଇଛି ମାତ୍ର ୨ କୋଟି ୫୨ ଲକ୍ଷ ଟଙ୍କା । ଗତବର୍ଷ ୨୦୨୩ରେ ୨୩୪୮ ମାମଲାରେ ୫୨୨ ଗିରଫ ହୋଇଥିବା ବେଳେ ଲୁଟ୍ ହୋଇଛି ୪୭ କୋଟି ୯୪ ଲକ୍ଷ ଟଙ୍କା ।

### ୧୯୬ ଡାକ୍ତରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦୀର୍ଘ ଦିନ ଧରି ଛୁଟିରେ ଥିବା ୧୯୬ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ସରକାର । ସରକାରୀ ନିୟମ ଅନୁସାରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ସରକାର । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଉତ୍ତର ରଖିଛନ୍ତି । ବିଭିନ୍ନ କ୍ୟାଡରର ୧୯୬ ଡାକ୍ତର ବିଭିନ୍ନ କାରଣ ଦର୍ଶାଇ ଛୁଟିରେ ଅଛନ୍ତି ।

### ୫ମାସରେ ୯୦ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଭିଜିଲାନ୍ସ ମାମଲା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦୁର୍ନୀତି ବିରୋଧରେ ଆକ୍ସନ ମୋଡ଼ରେ ମୋହନ ସରକାର। କ୍ଷମତାକୁ ଆସିବାର ୫ ମାସ ଭିତରେ ୯୦ ସରକାରୀ ଅଧିକାରୀଙ୍କ ବିରୋଧରେ ରୁଜୁ ହେଲାଣି ଭିଜିଲାନ୍ସ ମାମଲା । ବିଜେଡି ବିଧାୟକ ପ୍ରତାପ କେଶରୀ ଦେବଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଉତ୍ତର ରଖିଛନ୍ତି । ସର୍ବାଧିକ ରାଜସ୍ୱ ବିଭାଗର ୨୦ ଅଧିକାରୀ ଏବଂ ପଂଚାୟତିରାଜ ବିଭାଗର ୧୮ ଅଧିକାରୀଙ୍କ ବିରୋଧରେ ମାମଲା ହୋଇଛି ।

## ସ୍ୱରୂପା ଚକ୍ରବର୍ତ୍ତୀ ପାଇବେ ସୁରତରଙ୍ଗ ଶୀର୍ଷ ସମ୍ମାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସୁରତରଙ୍ଗର ୩୧ତମ ବାର୍ଷିକ ଉତ୍ସବ ଆସନ୍ତା ୧୩ ତାରିଖରେ ରବୀନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ ହେବ। ଏହି ଅବସରରେ କିମ୍ବଦନ୍ତୀ କଣ୍ଠଶିଳ୍ପୀ ସ୍ୱରୂପା ଚକ୍ରବର୍ତ୍ତୀଙ୍କୁ ସୁରତରଙ୍ଗ ଶୀର୍ଷ ସମ୍ମାନ-୨୦୨୪ ପ୍ରଦାନ କରାଯିବ। ପୁରସ୍କାର ବାବଦରେ ମାନପତ୍ର ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରାଯିବ। ସେହିପରି ସଙ୍ଗୀତ ଏବଂ ବାଦ୍ୟ କ୍ଷେତ୍ରରେ ଉତ୍କର୍ଷ ସାଧନା ପାଇଁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସୁରତରଙ୍ଗ ସମ୍ମାନ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ବଲିଉଡର ପ୍ରସିଦ୍ଧ କଣ୍ଠଶିଳ୍ପୀ କୁମାର ସାନୁଙ୍କ ଚିରସବୁଜ ସଙ୍ଗୀତକୁ ନେଇ ସଙ୍ଗୀତ ଆସର 'କୁଛ ନା କହୋ' ପରିବେଷଣ କରାଯିବ। ଯେଉଁଥିରେ ବଲିଉଡର କଣ୍ଠଶିଳ୍ପୀ ଜୁନିୟର କୁମାର ସାନୁ ସଙ୍ଗୀତ ପରିବେଷଣ କରିବେ ବୋଲି ସୁରତରଙ୍ଗର ସଭାପତି ସମୀର ମହାନ୍ତି, ଉପସଭାପତି ବିଧୁଭୂଷଣ ନାୟକ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ସୁରତରଙ୍ଗ ଅନୁଷ୍ଠାନ ନବାଗତ କଣ୍ଠଶିଳ୍ପୀ ଓ ବାଦ୍ୟଶିଳ୍ପୀମାନଙ୍କୁ ମଞ୍ଚ ପ୍ରଦାନ କରିବା ସହିତ ପ୍ରୋତ୍ସାହନ ଦେଇଆସୁଛି ଓ ଆଗକୁ ଏହି ଧାରା ବଜାୟ ରହିବ ବୋଲି ମୁଖ୍ୟ ସଂଯୋଜକ ପ୍ରିୟରଞ୍ଜନ ମହାନ୍ତି କହିଛନ୍ତି।

## ମହାନଦୀରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

କଟକ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ତୁଳସୀପୁର ମଠସାହି ନିକଟରେ ମହାନଦୀରେ ଗାଧୋଇବା ସମୟରେ ବୁଡ଼ି ଯାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମାତ୍ର ତାଙ୍କ ପରିଚୟ ଅସ୍ପଷ୍ଟ ରହିଛି । ଖବର ପାଇ ବିଡ଼ାନାସୀ ଅଗ୍ନିଶମ ବିଭାଗର ଟିମ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଉଦ୍ଧାର କରିବା ସହ ସ୍ଥାନୀୟ ବିଡ଼ାନାସୀ ଥାନାକୁ ହସ୍ତାନ୍ତର କରିଛନ୍ତି । ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ନଥିବାବେଳେ ଏହି ଘଟଣାରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

## ଯାତ୍ରା ପେଣ୍ଡାଲର ଅଭାବନୀୟ ଦୃଶ୍ୟକୁ ନେଇ ବିଜେପି ବିଧାୟକଙ୍କ ଉଦ୍‌ବେଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେପି ବିଧାୟକ ବାବୁ ସିଂ ଗତ ସୋମବାର ଗଞ୍ଜାମରେ ଯାତ୍ରା ପେଣ୍ଡାଲରୁ ଆସିଥିବା ଚିନ୍ତାଜନକ ଦୃଶ୍ୟକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି। ଓଡ଼ିଶାର କଳା ସଂସ୍କୃତିକୁ ବଞ୍ଚାଇବା ପାଇଁ ଆମେ ସରକାରକୁ ଆସିଛୁ। କିନ୍ତୁ କେଉଁଠି ନା କେଉଁଠି ଆମ କଳା ସଂସ୍କୃତି ଅତି ତଳକୁ ଖସି ଯାଇଛି। ସଂସ୍କୃତିକୁ ନଷ୍ଟ ଓ ଅପଭ୍ରଂଶ କରିବାକୁ ଚାହୁଁଛନ୍ତି । ତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନର ଆବଶ୍ୟକ ରହିଛି। ଯାତ୍ରା ପୂର୍ବରୁ ସେଂଶକ ଦ୍ୱାରା ସୀମା ନିର୍ଦ୍ଧାରଣର ଆବଶ୍ୟକ ରହିଛି। ପେଣ୍ଡାଲରେ ଘୁଷୁରୀ ମାଂସ ଓ କୁକୁଡ଼ା ମାଂସ ଖାଇବା ଆମ ସଂସ୍କୃତି ପ୍ରତି କୁଠାରଘାତ। ଏହା ଉପରେ ବାଚସ୍ପତି ମହୋଦୟ ଧ୍ୟାନ ଦେବାକୁ ନିବେଦନ କରିଛନ୍ତି ବାବୁ ସିଂ।

## ଜୁନ୍‌ରୁ ନଭେମ୍ବରରେ ରୁଜୁ ହୋଇଛି ୫୦୯ ଦୁଷ୍କର୍ମ ମାମଲା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗତ ଜୁନରୁ ନଭେମ୍ବର ଭିତରେ ଘଟିଥିବା ଅପରାଧର ତଥ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏନେଇ ଗୃହରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ୬ ମାସ ମଧ୍ୟରେ ଧର୍ଷଣ ୫୦୯, ଧର୍ଷଣ ଉଦ୍ୟମ ୪୧, ନାବାଳିକା ଦୁଷ୍କର୍ମ ୭୬୯, ହତ୍ୟା ୪୫୯, ମହିଳା ହତ୍ୟା ୧୬୧, ମହିଳା ନିର୍ଯାତନା ୯୨୪୮, ଯୌତୁକ ହତ୍ୟା ୨୪, ଯୌତୁକ ଜନିତ ନିର୍ଯାତନା ୫୩୯୮ ମାମଲା ରୁଜୁ ହୋଇଛି ।

## ଜିଲ୍ଲା ପରିଷଦ ସଦସ୍ୟ ନାରାୟଣ ସାହୁଙ୍କୁ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜିଲ୍ଲା ପରିଷଦ ସଦସ୍ୟ ନାରାୟଣ ସାହୁଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କଟକ ଜିଲ୍ଲାର ଜୋନ ନମ୍ବର ୩୧ର ଜିଲ୍ଲା ପରିଷଦ ସଦସ୍ୟ ନାରାୟଣ ସାହୁଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ନିଲମ୍ବିତ କରାଯାଇଛି ।

## ବଡମ୍ବା ବ୍ଲକ୍ ଅଧ୍ୟକ୍ଷ ରଘୁପତି ମହାନ୍ତି ବିଜେଡିରୁ ବହିଷ୍କୃତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବଡମ୍ବା ବ୍ଲକ ଅଧକ୍ଷ ରଘୁପତି ମହାନ୍ତି ବିଜେଡିରୁ ବହିଷ୍କୃତ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳ ବିରୋଧୀ କାର୍ଯ୍ୟ ପାଇଁ ବଡମ୍ବା ବ୍ଲକ ଅଧକ୍ଷ ରଘୁପତି ମହାନ୍ତିଙ୍କୁ ଦଳରୁ ବହିଷ୍କୃତ କରିଛନ୍ତି ।

## ରାଜ୍ୟରେ ଖାଲିପଡ଼ିଛି ୧୩,୩୭୩ ପୋଲିସ ପଦବୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଖାଲିପଡ଼ିଛି ୧୩,୩୭୩ ପୋଲିସ ପଦବୀ। ଅଗ୍ନିଶମ ବିଭାଗରେ ବି ୪୮୧ ପଦବୀ ପଡିଛି ଖାଲି । ୨୪୧୬ ହୋମଗାର୍ଡ ପଦବୀ ଖାଲି ପଡ଼ିଛି । କଂଗ୍ରେସ ବିଧାୟକ ପବିତ୍ର ସାଉଁଟାଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉତ୍ତର ରଖିଛନ୍ତି । ଜେଲ ଗୁଡିକରେ ବି ୮୬୨ ପଦବୀ ଖାଲି ପଡ଼ିଛି । ଖାଲି ଥିବା ପଦବୀ ଗୁଡିକୁ ନୂତନ ଚୟନ ଓ ପଦୋନ୍ନତି ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଯୁବକଙ୍କୁ ଅପହରଣ ପରେ ଗୁଳିମାଡ଼

ଭୁବନେଶ୍ୱର/ବାରଙ୍ଗ(ଭାସ୍କର ନ୍ୟୁଜ୍): ନନ୍ଦନକାନନ ଥାନା ଅନ୍ତର୍ଗତ ଗଣ୍ଡରପୁର ମରିଚିଆ ନଦୀପଠାରେ ଜଣେ ଯୁବକକୁ ଅପହରଣ କରାଯାଇ ଗୁଳିମାଡ କରାଯାଇଥିବା ଜଣାପଡ଼ିଛି । ଅପହରଣ ଓ ଗୁଳିମାଡର ଶିକାର ହୋଇଥିବା ଯୁବକ ଜଣକ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସନ୍ତୋଷ ପଣ୍ଡା(୪୫) । କିଛି ଦୁର୍ବୃତ୍ତ ତାଙ୍କୁ ସୋମବାର ସନ୍ଧ୍ୟାରେ ଜରିପାଟଣା ବାଲିଯାତ୍ରା ଗେଟ୍ ନିକଟରୁ ଅପହରଣ କରି ମରିଚିଆ ନଦୀପଠାକୁ ନେଇଥିଲେ । ସେଠାରେ ସେମାନେ ପ୍ରଥମେ ବଳପୂର୍ବକ ଆକ୍ରମଣ କରିବା ସହ ଗୁଳିମାଡ କରିଥିଲେ । ତାଙ୍କ ଦୁଇ ଗୋଡରେ ଗଭୀର ଆଘାତ ଲାଗିଥିବାବେଳେ ଅତ୍ୟଧିକ ରକ୍ତସ୍ରାବ ହୋଇଥିବା ଜଣାପଡ଼ିଛି । ପରେ ଘଟଣା ସ୍ଥଳରେ ନନ୍ଦନକାନନ ପୋଲିସ ପହଞ୍ଚି ସନ୍ତୋଷକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲ ପଠାଇଥିଲା । ଏଠାରେ ସୂଚନାଯୋଗ୍ୟ ଜମିଜମାକୁ କେନ୍ଦ୍ରକରି ଏହି ଗୁଳିକାଣ୍ଡ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି ।

## ମୁଖ୍ୟ ଶାସନ ସଚିବ ଓ ସିଙ୍ଗାପୁରର ଆଇଟିଇଏସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସିଙ୍ଗାପୁରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନ ଆଣ୍ଡ ଏଜୁକେସନ ସର୍ଭିସେସ୍ (ଆଇଟିଇଏସ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେଶ ନଟରାଜନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ଓଡ଼ିଶା ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ସାକ୍ଷାତ ସହ ଏକ ବୈଠକରେ ଯୋଗ ଦେଇଥିଲେ । ସେମିକଣ୍ଡକ୍ଟର ଶିଳ୍ପର ବ୍ୟାପକତା ଏବଂ କ୍ରମାଗତ ଭାବେ ବୃଦ୍ଧି ପାଉଥିବ। ପ୍ରଯୁକ୍ତିବିଦ୍ୟାକୁ ଶକ୍ତି ଯୋଗାଇବାର ଗୁରୁତ୍ୱ ଦୃଷ୍ଟିରୁ ଉଭୟ ଓଡ଼ିଶା ତଥା ସମଗ୍ର ଦେଶରେ ସେମିକଣ୍ଡକ୍ଟର ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଦକ୍ଷ ମାନବ ସମ୍ବଳର ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ସୂଚନା ଓ ପ୍ରଯୁକ୍ତି ଏବଂ ଆଇଟି-ସକ୍ଷମ ସେବା ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ପ୍ରଶିକ୍ଷଣ ପାଇଁ ପ୍ରସ୍ତାବ ଅନୁଷ୍ଠିତ ବୈଠକରେ ଦିଆଯାଇଥିଲ। ପ୍ରଧାନମନ୍ତ୍ରୀଙ୍କ ସିଙ୍ଗାପୁର ଗସ୍ତ ବେଳେ ଆନ୍ତର୍ଜାତିକ ସ୍ତରୀୟ ଦକ୍ଷତା ବୃଦ୍ଧି ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଇଣ୍ଟର୍ଣ୍ଣଙ୍କ ସହ ବାର୍ତ୍ତାଳାପ ଏବଂ ପରବର୍ତ୍ତୀ ସମୟରେ ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସହିତ ଓଡ଼ିଶାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ଆଇଟିଇଏସ୍, ସିଙ୍ଗାପୁର ଗସ୍ତ ଏବଂ ଆଲୋଚନା ଆଧାରରେ ବୈଠକ ଅନୁଷ୍ଠିତ ହୋଇଥିଲ। ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ରାଜ୍ୟକୁ ଉନ୍ନତ ଉତ୍ପାଦନର କେନ୍ଦ୍ର ଭ ।ବରେ ଅବସ୍ଥାପିତ କରିବ। ସଂପର୍କରେ ଓଡ଼ିଶା ସରକାର ରଣନୈତିକ ଗୁରୁତ୍ୱ ସହ ଏହି କ୍ଷେତ୍ରରେ ଏକ ଦକ୍ଷ ଶ୍ରମଶକ୍ତିର ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି । ଉତ୍ପାଦ କିମ୍ବା ସେବା ସୃଷ୍ଟି କରିବା ପାଇଁ ଉନ୍ନତ ଜ୍ଞାନକୌଶଳ ଆବଶ୍ୟକ କରୁଥିବା ହାଇଟେକ୍ ଶିଳ୍ପର ପ୍ରତିଭା ସମ୍ପନ୍ନ ଦକ୍ଷ ମାନବ ସମ୍ବଳର ଆବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟରେ 'ସ୍କିଲ୍ଡ ଇନ୍ ଓଡ଼ିଶା' ଅଭିଯ ।ନ ଅଧୀନରେ ଏକ ସୁଦୃଢ଼ ଇକୋସିଷ୍ଟମ୍ ସୃଷ୍ଟି କରିବାର ବ୍ୟାପକ ଦୃଷ୍ଟିକୋଣ ସହ ଏହା ଯୋଡ଼ିହୋଇଛି । ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପୁଞ୍ଜିନିବେଶ କରି ଏବଂ ଶିଳ୍ପ ଭାଗିଦାରୀ ସ୍ଥାପନ କରି ଓଡ଼ିଶା ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି ଏବଂ ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏହା ଦେଶର ଆତ୍ମନିର୍ଭରଶୀଳତାରେ ପ୍ରମୁଖ ଯୋଗଦାନ କରିବାକୁ ଲକ୍ଷ୍ୟ ରଖିଛି । ସିଙ୍ଗାପୁରର ପ୍ରତିନିଧିଙ୍କ ସହ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଥିବ। ବୈଠକରେ ଓଡ଼ିଶା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍.ରାଜପୁତ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଓଡ଼ିଶା ସରକାରଙ୍କ ମୁଖ୍ୟ ଦକ୍ଷତା ଅଧିକାରୀ ବ୍ରୁସ୍ ପୋହ ଏବଂ ଏସଡିଟିଇ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ ପରିଚାଳନା ଅଧିକାରୀ ପିନାକୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିନିଧିମାନେ ଓଡ଼ିଶା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରରେ ଚାଲିଥିବା ବିଭନ୍ନ କାର୍ଯ୍ୟକ୍ରମରେ ସନ୍ତୋଷ ବ୍ୟକ୍ତ କରିବା ସହ ଓଡ଼ିଶାର ଦକ୍ଷତା ଇକୋସିଷ୍ଟମକୁ ଆହୁରି ଉନ୍ନତ ପାଇଁ ନିରନ୍ତର ବୈଶ୍ୱିକ ଭାଗିଦାରୀର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

## ସରସ୍ୱତୀ ଶିକ୍ଷା ମନ୍ଦିରରେ ବିଜ୍ଞାନ ମେଳା

କଟକ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ମାଛୁଆ ବଜାର ସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ଷୋଡ଼ଶ ବାର୍ଷିକ ଶିଶୁ ବାଟିକା, ବିଜ୍ଞାନମେଳା ଓ ମୀନାବଜାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସଭାପତି ଶିବେନ୍ଦ୍ର ହାତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଷୀରୋଦ ସାହୁ ଉଦଘାଟକ, ମଙ୍ଗଳାବାଗ ଥାନାର ଭାରପ୍ରାପ୍ତ ଅଧିକାରୀ ଉମାକାଂ ସାହୁ ମୁଖ୍ୟ ଅତିଥି, ଶିକ୍ଷା ବିସ୍ତାର ସମିତିର ସହ ସଂପାଦକ ବିନାୟକ ପ୍ରସାଦ ରାୟଗୁରୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଶିଶୁ ବାଟିକା ପ୍ରଦର୍ଶନୀରେ ୪୦ଟି ହାତ ତିଆରି ବିଭିନ୍ନ ଜିନିଷମାନ ସ୍ଥାନ ପାଇଥିଲା । ଏହା ଛଡ଼ା ବିଜ୍ଞାନ ମେଳାରେ ୩୬ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଶିଶୁ ବାଟିକା ପ୍ରମୁଖ ନମିତା ବେହେରା, ଲୋପାମୀ ସାହୁ, ବିଜ୍ଞାନ ମେଳା ପ୍ରମୁଖ ନିହାରିକା ମହାନ୍ତି, ସଂଗୀତା ବେହେରା, ପ୍ରିୟଙ୍କା ବେହେରା ଏବଂ ମୀନା ବଜାରକୁ ସୋନାଲିସା ବାରିକ, ଜୟନ୍ତୀ ସାହୁ ଓ ଅମିତା ସାହୁ ପ୍ରମୁଖ ପରିଚାଳନା କରିଥିଲେ । ବିଦ୍ୟାଳୟର ସଂପାଦକ ମନୋଜ ଦାସ ସ୍ୱାଗତ ଭାଷଣ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ସବିତାରାଣୀ ବାରିକ ଧନ୍ୟବାଦ ଦେଇଥିଲେ ।

## ବଡମ୍ବା ବ୍ଲକ୍ ଅଧ୍ୟକ୍ଷ ରଘୁପତି ମହାନ୍ତିଙ୍କ ବିଜେପିରେ ଯୋଗଦାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରତିଦିନ ବିଜେପିର ସାଂଗଠନିକ ଶକ୍ତି ବୃଦ୍ଧି ପାଉଛି । ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି । ବିଜେପିର ନୂଆ ସରକାରକୁ ନେଇ ଓଡ଼ିଶାବାସୀଙ୍କ ମନ ଭିତରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି । ମଙ୍ଗଳବାର ବଡ଼ମ୍ବା ବ୍ଲକ ଅଧକ୍ଷ ରଘୁପତି ମହାନ୍ତି ତାଙ୍କ ସମର୍ଥକ ସହ ବିଜେଡ଼ି ଛାଡ଼ି ବିଜେପିରେ ଯୋଗଦେଇଛନ୍ତି । ବଡ଼ମ୍ବା ବିଧାୟକ ବିଜୟ ଦଳ ବେହେରା ନେତୃତ୍ୱରେ ମାଣିଆବନ୍ଧ ୩୧ନଂ.ଜୋନ୍ ଜିଲା ପରିଷଦ ସଭ୍ୟ ନୟନା ସାହୁଙ୍କ ସମେତ ବଡମ୍ବା ବ୍ଲକରୁ ୨୪ ଜଣ ସମିତି ସଭ୍ୟ, ୧୧ ସରପଞ୍ଚ ଏବଂ ନରସିଂହପୁର ବ୍ଲକର ୯ ଜଣ ସରପଞ୍ଚଙ୍କ ସମେତ ବଡମ୍ବା ବ୍ଲକ ଯୁବ ବିଜେଡି ସଭାପତି ଆଲୋକ ସାହୁ ପ୍ରମୁଖ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ବଡମ୍ବା ବ୍ଲକର ନିର୍ବାଚିତ ସମିତି ସଭ୍ୟ ସୀମାରାଣୀ ନାୟକ, ରାଜେଶ ଦଳେଇ, ଲିଲି ସେଠୀ, ବିଭୂତି ଭୂଷଣ ଜେନା, ମନସ୍ୱିନୀ ଜେନା, ଲକ୍ଷ୍ମୀଧର ପଣ୍ଡା, ସୁନିତା ଚୌଧୁରୀ, ହରିହର ବେହେରା, ଜ୍ୟୋତିର୍ମୟୀ ବିଶ୍ୱାଳ, ସମୀର କୁମାର ସେନାପତି, ଅକ୍ଷୟ କୁମାର ଦାଶ, ଗୋଲାପ ସାହୁ ପ୍ରମୁଖ ବିଜେଡି ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି । ସେହିପରି ନରସିଂହପୁର ବ୍ଲକର ସରପଞ୍ଚ ଶରତ ଚନ୍ଦ୍ର ଖଟୁଆ, ସାବିତ୍ରୀ ପ୍ରଧାନ, ଝୁନୁଲତା ପ୍ରଧାନ, ଲୁସି ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ଦଳେଇ, ବିନୋଦ କୁମାର ପଣ୍ଡା, ରଶ୍ମିତା ପଣ୍ଡା, ସ୍ୱାଗତିକା ରାଉତ, ସନ୍ତୋଷୀ ନାୟକ ପ୍ରମୁଖ ବିଜେପିରେ ଯୋଗଦେଇଛନ୍ତି । ମିଶ୍ରଣ ପର୍ବରେ ରାଜ୍ୟ ଉପସଭାପତି ବିରଞ୍ଚି ତ୍ରିପାଠୀ, ରାଜ୍ୟ ସଂପାଦକ ସରୋଜ କର, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ ଦାସ, ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତି, ଜିଲ୍ଲା ଉପସଭାପତି ବିଭୁଦତ ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### ବିଜ୍ଞାନ ଭିତ୍ତିକ ଧାନ ଗବେଷଣା ସମ୍ବନ୍ଧୀୟ ଆଲୋଚନାଚକ୍ର

## ଗବେଷଣା ଶାଖା ଖୋଲିବାକୁ ସହଯୋଗ ଯୋଗାଇ ଦିଆଯିବ: ଉପମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଙ୍ଗଳବାର କୃଷି ଭବନ ପ୍ରେକ୍ଷାଳୟରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ବିଜ୍ଞାନ ଭିତ୍ତିକ ଆଲୋଚନା ଚକ୍ରରେ ଫିଲିପାଇନ୍ସ, ମାନିଲା ସ୍ଥିତ ଆନ୍ତର୍ଜାତିକ ଧାନ ଗବେଷଣା ଅନୁଷ୍ଠାନର ମହାନିର୍ଦ୍ଦେଶିକା ଡଃ ୟୋଭୋନ ପିଣ୍ଟୋ ଧାନ ଗବେଷଣା କ୍ଷେତ୍ରରେ ନୂତନ ଦିଗ ଉପରେ ଆଲୋକପାତ କରିଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢୀ, ଶ୍ରୀମତୀ ପିଣ୍ଟୋଙ୍କୁ ସ୍ୱାଗତ କରିବା ସହ ଏହି ଆଲୋଚନା ଚକ୍ରର ଆଭିମୁଖ ସମ୍ପର୍କରେ ଆଲୋକପାତ କରିଥିଲେ । ଉପମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଓଡିଶାରେ ଧାନ ଚାଷର ଉତ୍ପତ୍ତି ଏବଂ ଆମ ସଂସ୍କୃତି ସହ ଧାନ ଚାଷର ସମ୍ପର୍କକୁ ବାଖ୍ୟା କରିଥିଲେ । କୋରାପୁଟ ଅଂଚଳରେ ଧାନର ବିଭିନ୍ନ ପାରମ୍ପରିକ ପ୍ରଜାତିର ଉପସ୍ଥିତି କିପରି ବିଶ୍ୱ ଧାନ ଚାଷ ମାନଚିତ୍ରରେ ଓଡିଶାକୁ ଗର୍ବିତ କରୁଛି ସେ ବିଷୟରେ ମତବ୍ୟକ୍ତ କରିଥିଲେ । ଆନ୍ତର୍ଜାତିକ ଧାନ ଗବେଷଣା ଅନୁଷ୍ଠାନ ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଓଡିଶାରେ ଏହି ଅନୁଷ୍ଠାନର ଏକ ଗବେଷଣା ଶାଖା ଖୋଲିବାକୁ ସରକାରଙ୍କ ତରଫରୁ ସମସ୍ତ ପ୍ରକାରର ସାହାଯ୍ୟ ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ । ଡଃ ପିଣ୍ଟୋ ଓଡିଶା ସରକାରଙ୍କ ସହଯୋଗ ଓ ସହଭାଗିତାରେ ଆନ୍ତର୍ଜାତିକ ଧାନ ଗବେଷଣା ଅନୁଷ୍ଠାନ ଧାନ ଚାଷ ସହ ଜଡିତ ଅନେକ ସମସ୍ୟାକୁ ଓଡିଶା ଜଳବାୟୁରେ ଗବେଷଣା କରି ତାର ସମାଧାନ ନିର୍ଦ୍ଧାରଣ ଦିଗରେ ପଦକ୍ଷପ ମାନ ନେଇ ପାରୁଥିବାରୁ ରାଜ୍ୟ ସରକାରଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ କହିଥିଲେ ଯେ, ଆମ ରାଜ୍ୟ ବିଜ୍ଞାନ ଭିତ୍ତିକ କୃଷି ରୂପାନ୍ତରରେ ବିଶ୍ୱାସ କରି ଧାନ ଚାଷ ମାଧ୍ୟମରେ ରାଜ୍ୟରୁ କ୍ଷୁଧା, ଦାରିଦ୍ର୍ୟ ଓ କୁପୋଷଣକୁ ଦୂର କରିବା ସହ ଧାନ ଚାଷ ନିମନ୍ତେ ଏକ ସହନଶୀଳ କୃଷି ପରିସଂସ୍ଥାନ ସୃଷ୍ଟି କରିବାରେ ଆନ୍ତର୍ଜାତିକ ଧାନ ଗବେଷଣା ଅନୁଷ୍ଠାନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହି ଆଲୋଚନା ଚକ୍ରରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଉଦ୍ୟାନ କୃଷି ନିର୍ଦ୍ଦେଶକ, ବିଭାଗୀୟ ବରିଷ୍ଠ ଓ ବୈଷୟିକ ଅଧିକାରୀ, ଓଡିଶା କୃଷି ଓ ବୈଷୟିକ ବିଦ୍ୟାଳୟର ଡିନ ଏବଂ ବୈଜ୍ଞାନିକ ଗଣ ଓ ମିଡିଆ ପ୍ରତିନିଧି ଗଣ ଯୋଗ ଦେଇଥିଲେ । ଶେଷରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ପ୍ରେମ ଚନ୍ଦ୍ର ଚୌଧାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୪୪ Vol. 21 No-244 3 DECEMBER 2024 TUESDAY BHUBANESWAR ମଙ୍ଗଳବାର, ୩ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ନୌସେନା ଦିବସ ଦେଖିବେ ବିଧାୟକ

ଭୁବନେଶ୍ୱର, ୨।୧୨ (ଭାସ୍କର ନ୍ୟୁଜ): ବିଧାୟକ ମାନେ ଆଗାମୀ ୪ ତାରିଖ ଦିନ ନୌସେନା ଦିବସ ଦେଖିବାକୁ ବସ୍‌ରେ ପୁରୀ ଯିବେ । ବାଚସ୍ପତି ସୁରମା ପାଢ଼ୀ ସୋମବାର ଗୃହରେ ଏହି ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ, ମଧ୍ୟାହ୍ନ ୧୨ଟା ୩୦ରେ ବିଧାନସଭା ପରିସରରେ ଲଞ୍ଚ୍ କରି ପୁରୀ ଯିବେ । ପୁରୀରୁ କୋଣାର୍କ ଯାଇ କୋଣାର୍କ ମହୋତ୍ସବ ଦେଖି ଫେରିବେ ବୋଲି ସେ ସୂଚନା ଦେଇଛନ୍ତି ।

### ମାଫିଆଙ୍କ ଆକ୍ରମଣରେ ଖଣି ଅଧିକାରୀ ଗୁରୁତର

କେନ୍ଦୁଝର, ୨।୧୨ (ଭାସ୍କର ନ୍ୟୁଜ): ବାଲି ମାଫିଆଙ୍କ ଆକ୍ରମଣରେ ଗୁରୁତର ହୋଇଛନ୍ତି ଖଣି ଅଧିକାରୀ। ବୈତରଣୀ ପୋଲ ଉପରେ ଗାଡ଼ି ଯାଞ୍ଚବେଳେ ଅଧିକାରୀଙ୍କ ସମେତ ତାଙ୍କ ଡ୍ରାଇଭରଙ୍କୁ ଆକ୍ରମଣ କରିଥିଲେ ମାଫିଆ। ଏଥିରେ ଉଭୟ ଗୁରୁତର ହୋଇଥିଲେ। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମାଫିଆମାନେ ଖଣି ଅଧିକାରୀଙ୍କ ଗାଡ଼ି ଭଙ୍ଗାରୁଜା ମଧ୍ୟ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି।

### ଏମକେସିଜିରେ ପୁଣି ରାଗିଂ ଅଭିଯୋଗ


ବ୍ରହ୍ମପୁର, ୨।୧୨ (ଭାସ୍କର ନ୍ୟୁଜ): ରାଗିଂ ଏମକେସିଜି ପିଛା ଛାଡୁନି। ଜୁନିୟର ଛାତ୍ରମାନଙ୍କୁ ସିନିୟରମାନେ ବ୍ୟକ୍ତିଗତ କାର୍ଯ୍ୟରେ ଲଗାଉଥିବା ନେଇ ଏମକେସିଜିର ଆଣ୍ଟି ରାଗିଂ ସେଲ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ସନ୍ଧ୍ୟାରେ ସେଲ୍‌ର ଏକ ବୈଠକ ବସିଥିଲା। ତେବେ ନିଷ୍ପତ୍ତି ନେଇ କୌଣସି ସୂଚନା ମିଳିପାରି ନାହିଁ।

ସେନ୍‌ସେକ୍ସ: ୮୦,୨୪୮.୦୮

ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୨୭.୦ ଡିଗ୍ରୀ
ସର୍ବନିମ୍ନ: ୨୧.୬ ଡିଗ୍ରୀ

**୨।୧୨।୨୦୨୪ର ମତାମତ**

ଆଳୁ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ନେବା ଉଚିତ ନୁହେଁ କି?




**ଆଜିର ପ୍ରସଙ୍ଗ**

ରାଜ୍ୟରେ ଖାଲି ରହିଥିବା ଡାକ୍ତର ପଦବୀ ପୂରଣ ପାଇଁ ସରକାର ଠୋସ୍ ପଦକ୍ଷେପ ନେବା ଉଚିତ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଆଳୁ ପାଇଁ ଏବେ ସାରା ଓଡିଶାରେ
ଖଚର ଖଚର ଲୋକେ,
ଯଦିଓ ଆଳୁର ଦାୟିକା ଦେଇକି
ମରିବେନି କେହି ଭୋକେ ।
ଦଣ୍ଡେ ଜୀଇଁ ପିଇ ଢୋକେ,
ଆମ ଏ ରାଇଜେ ଅନେକ ଅଛନ୍ତି
ନେତାଙ୍କୁ ଯେ'ଲୋକ ଥୁକେ !!

## ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ଏସ୍‌ଓଡିସି ପାଇଁ ଟାସ୍କଫୋର୍ସ ଗଠନ




- ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅଧ୍ୟକ୍ଷ
- ୩ ସରକାରୀ ଅଧିକାରୀ ସ୍ଥାୟୀ ସଦସ୍ୟ
- ୨ ମନ୍ତ୍ରୀ, ୨ ସାଂସଦ,୫ ବିଧାୟକ ସାମିଲ
- ୩୦ ଦିନ ଭିତରେ ଦେବେ ରିପୋର୍ଟ

ଭୁବନେଶ୍ୱର, ୨।୧୨ (ଭାସ୍କର ନ୍ୟୁଜ): ଦକ୍ଷିଣ ଓଡିଶା ବିକାଶ ପରିଷଦ' ଗଠନ କରିବା ପାଇଁ ରାଜ୍ୟ ସରକାର ଏକ ଟାସ୍କଫୋର୍ସ ଗଠନ କରିଛନ୍ତି। ଓଡିଶାର ଦକ୍ଷିଣାଞ୍ଚଳର ବିକାଶ ସହିତ ବିକାଶ ପ୍ରକ୍ରିୟାରେ ସବୁ ବର୍ଗଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଏହି ପରିଷଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିଧାନସଭାରେ ଏକ ବିବୃତ୍ତି ପ୍ରଦାନ କରି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଏହି ବିକାଶ ପରିଷଦ କିପରି ଗଠିତ ହେବ, ଏଥିରେ କେଉଁ ଜିଲ୍ଲା ଓ ବ୍ଲକ ସାମିଲ ହେବ ଏବଂ ଏହାର ଢାଞ୍ଚା ଓ କାର୍ଯ୍ୟପ୍ରଣାଳୀ କଣ ରହିବ, ସେ ସମ୍ପର୍କରେ ସୁଚିନ୍ତିତ ମତାମତ ଦେବା ପାଇଁ ଏହି ଟାସ୍କଫୋର୍ସ ଗଠନ କରାଯାଇଛି। ଗଠନ ହେବାର ୩୦ ଦିନ ମଧ୍ୟରେ ଏହି ଟାସ୍କଫୋର୍ସ ରିପୋର୍ଟ ଦାଖଲ କରିବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଏହା ଗଠନ କରାଯାଇଛି। ଏହାର ସଦସ୍ୟମାନେ ହେଲେ ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ତଥା ଅଣ୍ଡୁ, କ୍ଷୁଦ୍ର ଓ • ପୃଷ୍ଠା ୫ ଦେଖନ୍ତୁ

## ବିଧାନସଭାରେ ଆଳୁ ତାତି

ଭୁବନେଶ୍ୱର, ୨।୧୨ (ଭାସ୍କର ନ୍ୟୁଜ): ସୋମବାର ରାଜ୍ୟରେ ଆଳୁର ଦରବୃଦ୍ଧି ନେଇ ବିଧାନସଭାରେ ପ୍ରବଳ ହଟ୍ଟଗୋଳ ସୃଷ୍ଟି ହୋଇଛି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ ଘେରିଥିଲେ । ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ ଯେ, ସରକାର ଏବେ ଆଳୁ, ସରକାର ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ପ୍ରତିକ୍ରିୟା ଦେଉଛନ୍ତି । ମନ୍ତ୍ରୀ କାଲି କହିଲେ ମୁଁ ୩୦ ଟଙ୍କାରେ ଆଳୁ କିଣିଛି, ସେ କେଉଁ ଦୋକାନରୁ କିଣିଲେ ଆଜି ୬୦ ଟଙ୍କା କିଲୋ ହୋଇଗଲା । ସରକାର କେବଳ ନାନାବାୟା କଥା କହୁଛନ୍ତି । କଣ ପଦକ୍ଷେପ ନେଇଛନ୍ତି ଜଣାନ୍ତୁ। ସେ କହିଛନ୍ତି ଯେ ସରକାର କେତେବେଳେ କହୁଛନ୍ତି ଆଳୁ ଟ୍ରେନରେ ଆସୁଛି । କଣ ଡବଲ ଇଞ୍ଜିନ ସରକାର ଟାଣି ପାରୁନାହିଁ । ଆପଣଙ୍କ ଡବଲ ଇଞ୍ଜିନ ସରକାର ହୋଇ କାହିଁକି ଇଞ୍ଜିନ ଟାଣି ପାରୁନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ଏ ନେଇ ସ୍ପଷ୍ଟୀକରଣ ଦେବାକୁ ସେ ଦାବି କରିଥିଲେ। ସେ କହିଥିଲେ, ଉତ୍ତର ପ୍ରଦେଶ ଆଳୁରେ ୫୦ କେଜିରେ ୧୦ କେଜି ଆଳୁ ପଚା ବାହାରୁଛି । ଅନ୍ୟ ପକ୍ଷରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ, ରାଜ୍ୟ ସରକାର ଯେଉଁ ଡବଲ ଇଞ୍ଜିନ ସରକାର କହୁଛନ୍ତି କିନ୍ତୁ ତାହା କେଉଁଠି ପୋଡ଼ି ଗଲା। ଦରବୃଦ୍ଧି ନ କହିଲେ ସରେ।ଦରଦାମ ଅହେତୁକ ବୃଦ୍ଧି ହେଲାଣି ବିଭିନ୍ନ ସାମଗ୍ରୀର।ଆଜି ୬୦ ଛୁଇଁ ଲାଣି । କାଲିକୁ ଆହୁରି ବଢ଼ି ଚାଲିବ।ଖାଉଟି ବିଭାଗ ଚୁପ୍ ବସିବା ଦୁର୍ଭାଗ୍ୟଜନକ। ଖାଲି ଶସ୍ତା ବିବୃତ୍ତି। ପଶ୍ଚିମବଙ୍ଗ ସରକାର ସହିତ ଆମ ସରକାର ବୋଧେ କିଛି ବିବାଦ ଅଛି ଯାହା ପାଇଁ ଆମେ କଷ୍ଟ ଭୋଗୁଛୁ। କିନ୍ତୁ ସରକାର ଖାଉଟିଙ୍କୁ ଦୁଇ ଦିନ ମଧ୍ୟରେ ଆଶ୍ୱସ୍ତି ଦିଅନ୍ତୁ ବୋଲି ସେ ଦାବି କରିଥିଲେ ।



ଓଡ଼ିଶା ବିଧାନସଭା ଚାମ୍ବରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଲେଫ୍ଟନାଣ୍ଟ ଜେନେରାଲ ପଦମ ସିଂ ଶେଖାୱତ୍।

# ଆଜି ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି



ଭୁବନେଶ୍ୱର, ୨।୧୨ (ଭାସ୍କର ନ୍ୟୁଜ): ମଙ୍ଗଳବାର ଓଡ଼ିଶା ଆସୁଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ରହିବେ। ୩ ତାରିଖରେ ରାଷ୍ଟ୍ରପତିଙ୍କ ଦ୍ୱାରା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନୂଆ ପ୍ରତିମୂର୍ତ୍ତି ଅନାବରଣ କରାଯିବ। ଏଥିସହିତ ସେ ଭୁବନେଶ୍ୱରରେ ଆଦିମ ଓଡ୍ୱାର ଜାର୍ପା ଜାହେର ପରିଦର୍ଶନ କରିବେ। ୪ ତାରିଖରେ ରାଷ୍ଟ୍ରପତି ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ଦର୍ଶନ ଓ ପୂଜାର୍ଚ୍ଚନା କରିବେ। ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ମଧ୍ୟ ସେ ଯୋଗଦେବେ। ସେହିଦିନ ସେ ପୁରୀ ବ୍ଲୁ ଫ୍ଲାଗ ବେଳାଭୂମିରେ ନୌସେନା ଦିବସ ସମାରୋହ ଓ ସମର କୌଶଳ ପ୍ରଦର୍ଶନରେ ସାମିଲ ହେବେ। ସେହିପରି ୫ ତାରିଖରେ ରାଷ୍ଟ୍ରପତି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ୪୦ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ସେହିଦିନ ସେ ଭୁବନେଶ୍ୱରରେ ନ୍ୟାୟିକ ଅଦାଲତର ନୂଆ ଅଟ୍ଟାଳିକାକୁ ଉଦଘାଟନ କରିବେ। ୬ ତାରିଖରେ ରାଷ୍ଟ୍ରପତି ଉପରବେଡାଠାରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ସହ ମତ ବିନିମୟ କରିବେ। • ପୃଷ୍ଠା ୫ ଦେଖନ୍ତୁ

## ଦୂର ହେବ ଆଳୁ ଟେନ୍‌ସନ୍

# ୟୁପିରୁ ଆସିଲା ଆଳୁ ଗାଡ଼ି



ଭୁବନେଶ୍ୱର, ୨।୧୨ (ଭାସ୍କର ନ୍ୟୁଜ): ଗତ କିଛିଦିନ ହେବ ଆଳୁଦର ବୃଦ୍ଧିକୁ ନେଇ ଗ୍ରାହକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଆଳୁ ଯୋଗାଣ ବନ୍ଦ କରିବା ପରେ ରାଜ୍ୟରେ ସ୍ଥିତି ଭୟଙ୍କର ରୂପ ଧାରଣ କରିଛି। ସ୍ଥଳ ବିଶେଷରେ ଆଳୁ କେଜି ପିଛା ୫୦ରୁ ୬୦ ଟଙ୍କାରେ ବିକ୍ରି ହେଉଥିବାବେଳେ ସୋମବାର ସକାଳେ ଉତ୍ତରପ୍ରଦେଶରୁ ଆଳୁଗାଡ଼ି ଆସି ପହଞ୍ଚିଥିବା ସୂଚନା ମିଳିଛି। ଭୁବନେଶ୍ୱର ଆଇଗିଣିଆ ଗୋଦାମକୁ ୧୦ଟ୍ରକ ଆଳୁ ଆସିଥିବାବେଳେ କଟକ ଛତ୍ରବଜାରକୁ ଗୋଟିଏ ଟ୍ରକ୍ ଗାଡ଼ି ଆସିଛି। ସେହିପରି ପଶ୍ଚିମବଙ୍ଗରୁ ୪ଟି ଆଳୁଗାଡ଼ି ଆସି ପହଞ୍ଚିଥିବା ରାଜ୍ୟ ବ୍ୟବସାୟୀ ମହାସଂଘର ମହାସଚିବ ସୂଚନା ଦେଇଛନ୍ତି । ସେ କହିଛନ୍ତି, ୬୦ରୁ ୭୦ଟ୍ରକ୍ ଆଳୁଗାଡ଼ି ପହଞ୍ଚିବା ପରେ ଦର କମିବାର ସମ୍ଭାବନା ରହିଛି। ପଶ୍ଚିମବଙ୍ଗ ସରକାର ଆଳୁଗାଡ଼ି ଛାଡ଼ିବା ପାଇଁ ମନା କରିବା ପରେ ଖାଉଟିଙ୍କ ହାଣ୍ଡିଶାଳରେ ମାଡ଼ ହୋଇଛି। ପଶ୍ଚିମବଙ୍ଗରୁ ଆସିଥିବା ୪ଟି ଗାଡ଼ି ବିନା ଅନୁମତିରେ ଗଳାବାଟ ଦେଇ ଆସିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଆଳୁ ଦର ବୃଦ୍ଧି କରୁଥିବା ଅସାଧୁ ବ୍ୟବସାୟୀଙ୍କ ଉପରେ ଯୋଗାଣ ବିଭାଗ ପକ୍ଷରୁ ଚଢାଉ ମଧ୍ୟ ଆରମ୍ଭ ହୋଇଛି। ସୋମବାର କଟକ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି। ୪୦ଟଙ୍କାରୁ ଅଧିକ ଦରରେ ଆଳୁ ବିକିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପଶ୍ଚିମବଙ୍ଗ ସରକାର ଆଳୁ • ପୃଷ୍ଠା ୫ ଦେଖନ୍ତୁ

## ■ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୂଚନା ■

# ରାଜ୍ୟରେ ଖାଲି ପଡ଼ିଛି ୫୦୧୪ ଡାକ୍ତର ପଦବୀ



ଭୁବନେଶ୍ୱର, ୨।୧୨ (ଭାସ୍କର ନ୍ୟୁଜ): ରାଜ୍ୟରେ ୩୭୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଥିବାବେଳେ ୫୦୧୪ଟି ଡାକ୍ତର ପଦବୀ ଖାଲି ରହିଛି। ସେଥିମଧ୍ୟରୁ ୧୧୧୪ଟି ହେଉଛି ବିଶେଷଜ୍ଞ ଡାକ୍ତର ପଦବୀ। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୪୫୦ ଡାକ୍ତରୀ ପଦବୀ ଖାଲି ପଡ଼ିଥିବାବେଳେ ମୟୂରଭଞ୍ଜରେ ୩୦୯ଟି ଖାଲି ପଡ଼ିଛି। ସେହିପରି ଏହି ଦୁଇ ଜିଲ୍ଲାରେ ଯଥାକ୍ରମେ ବିଶେଷଜ୍ଞ ଡାକ୍ତରୀ ପଦବୀ ୮୭ ଓ ୮୮ଟି ଖାଲି ରହିଛି। ସୋମବାର ବିଧାନସଭାରେ ଏହି ତଥ୍ୟ ଦେଇଛନ୍ତି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ସେ କହିଛନ୍ତି, ରାଜ୍ୟର ୩୦ଟି ଜିଲ୍ଲାର ୩୭୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭୮୦୬ ମଞ୍ଜୁରିପ୍ରାପ୍ତ ଡାକ୍ତର ପଦବୀ ରହିଥିବାବେଳେ ଏବେ ମାତ୍ର ୨୭୯୨ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ବାକି ୫୦୧୪ ପଦବୀ ଖାଲି ପଡ଼ିଛି। ସେହିପରି ମଞ୍ଜୁରିପ୍ରାପ୍ତ ୧୫୦୦ଟି ବିଶେଷଜ୍ଞ ଡାକ୍ତରୀ ପଦବୀରୁ ମାତ୍ର ୩୮୬ଜଣ କାର୍ଯ୍ୟ କରୁଛନ୍ତି। ଅବଶିଷ୍ଟ ୧୧୧୪ଟି ବିଶେଷଜ୍ଞ ଡାକ୍ତରୀ ପଦ ଖାଲି ପଡ଼ିଛି। ଗଞ୍ଜାମ ଜିଲ୍ଲାରେ ୨୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବାବେଳେ ଏସବୁଥିରେ ୫୮୧ଟି ମଞ୍ଜୁରିପ୍ରାପ୍ତ ଡାକ୍ତରୀ ପଦବୀ ରହିଛି। କିନ୍ତୁ ଡାକ୍ତରକାର୍ଯ୍ୟ କରୁଛନ୍ତି ମାତ୍ର ୧୩୧ଜଣ। ସେହିପରି ମୟୂରଭଞ୍ଜ ଜିଲ୍ଲାର ୨୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୬୭ଜଣ ଡାକ୍ତରଙ୍କ ବଦଳରେ ୨୫୮ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ଖାଲି ପଡ଼ିଛି ୩୦୯ ପଦବୀ। ସେହିଭଳି ଅନୁଗୋଳର ୯ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୮୯ଟି ଡାକ୍ତରୀ ପଦବୀ ରହିଥିବାବେଳେ କାର୍ଯ୍ୟ କରୁଛନ୍ତି ୯୩ଜଣ। ବାକି ୯୬ଟି ଖାଲି ପଡ଼ିଛି। ସେହିପରି ବାଲେଶ୍ୱର ଜିଲ୍ଲାରେ ୨୩୨ଟି ପଦବୀ ଖାଲି ପଡ଼ିଥିବାବେଳେ ବଲାଙ୍ଗୀରରେ ୧୭୩ଟି ପଦବୀ ଖାଲି ପଡ଼ିଛି। ବରଗଡ଼ ଜିଲ୍ଲାରେ ୨୫୪ଟି ଡାକ୍ତରୀ ପଦବୀ ଖାଲି ଥିବାବେଳେ ଭଦ୍ରକ ଜିଲ୍ଲାରେ ୯୩ ପଦବୀ ଖାଲି ରହିଛି। ବୌଦ୍ଧରେ ୫୮ଟି ଡାକ୍ତରୀ ପଦବୀ ଖାଲି ରହିଥିବାବେଳେ କଟକ ଜିଲ୍ଲାରେ • ପୃଷ୍ଠା ୫ ଦେଖନ୍ତୁ



ଓଡ଼ିଶା ସରକାର


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

୩ ଡିସେମ୍ବର, ୨୦୨୪

"ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ, ମୁଁ ରାଜ୍ୟର ସମସ୍ତ ଭିନ୍ନକ୍ଷମ ଭାଇ ଓ ଭଉଣୀମାନଙ୍କ ପ୍ରତି ଆଦର ଏବଂ ସମ୍ମାନ ଜଣାଉଛି। ରାଜ୍ୟ ସରକାର ଭିନ୍ନକ୍ଷମମାନଙ୍କ ଉନ୍ନତି ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି। ମୁଁ ଦୃଢ଼ ନିଶ୍ଚିତ ଯେ, ଆମ ରାଜ୍ୟ ଭିନ୍ନକ୍ଷମ ମାନଙ୍କ ପାଇଁ ଏକ ଆଦର୍ଶ ରାଜ୍ୟ ଭାବରେ ଉଭା ହେବ।"

-ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL - 235 OIPR 46001/13/0022/2425

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



## ବନ୍ୟପ୍ରାଣୀ ସୁରକ୍ଷାକୁ ନେଇ ଉଦ୍‌ବେଗ

# ହାତୀ ମୃତ୍ୟୁ ରୋକିବାକୁ ପଦକ୍ଷେପ ଲୋଡ଼ା

ନିକଟରେ ଆରମ୍ଭ ହୋଇଥିବା ରାଜ୍ୟ ବିଧାନସଭାର ଶୀତ ଅଧିବେଶନରେ ବିଭିନ୍ନ ସ୍ଥାନରେ ହାତୀ ମୃତ୍ୟୁକୁ ନେଇ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଦାବି କରିଛନ୍ତି। ବାସ୍ତବ କ୍ଷେତ୍ରରେ ଆଜିକାଲି ଖବରକାଗଜ ପୃଷ୍ଠା ଓଲଟାଇବା ମାତ୍ରେ କୌଣସିନା କୌଣସି ସ୍ଥାନରେ ହାତୀ କିମ୍ବା ଅନ୍ୟ ବନ୍ୟପ୍ରାଣୀଙ୍କ ମୃତ୍ୟୁ ଖବର ଦୃଷ୍ଟି ଆସୁଥିବାର ଲକ୍ଷ୍ୟ କରାଯାଉଛି। ଏବେ ସମଗ୍ର ଦେଶ ତଥା ଆମ ରାଜ୍ୟରେ ବନ୍ୟପ୍ରାଣୀ ସୁରକ୍ଷାକୁ ଖୁବ୍ ଗୁରୁତ୍ୱ ଦିଆଯିବା ସଙ୍ଗେ ସଙ୍ଗେ ଏଥିପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ବିଭିନ୍ନ ସମୟରେ ଏକାଧିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ବନ୍ୟପ୍ରାଣୀ ସୁରକ୍ଷାର ବାର୍ତ୍ତା ପ୍ରଚାରିତ ହେଉଛି। ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ଆଇନ ପ୍ରଣୟନ ମଧ୍ୟ କରାଯାଉଛି। ଏସବୁ ସତ୍ତ୍ୱେ ଆମ ରାଜ୍ୟରେ ବନ୍ୟପ୍ରାଣୀ ଯେ ଆଦୌ ସୁରକ୍ଷିତ ନୁହଁନ୍ତି ଏବଂ ବିଭିନ୍ନ କାରଣରୁ ଗଜରାଜ ରୂପେ ପରିଚିତ ହାତୀଙ୍କ ସମେତ ଅନ୍ୟାନ୍ୟ ପଶୁଙ୍କ ଜୀବନହାନି ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି, ତାହା ଉଦ୍‌ବେଗର ବିଷୟ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ପ୍ରତି ସପ୍ତାହରେ ଓଡ଼ିଶାରେ ଏକାଧିକ ହାତୀଙ୍କ ମୃତ୍ୟୁ ଘଟୁଛି। ବୟସାଧିକ୍ୟଜନିତ ରୋଗ କିମ୍ବା ନିଜ ନିଜ ଭିତରେ ଲଢ଼େଇ ଯୋଗୁଁ ହାତୀ ମୃତ୍ୟୁସଂଖ୍ୟା କମ୍ ହୋଇଥିବା ସ୍ଥଳେ ବିଭିନ୍ନ ମନୁଷ୍ୟକୃତ କାରଣ ବା ଦୁର୍ଘଟଣାରେ ଅଧିକ ହାତୀଙ୍କ ମୃତ୍ୟୁ ଘଟିବା ନିଶ୍ଚିତ ଭାବରେ ଦୁର୍ଭାଗ୍ୟଜନକ। ହାତୀଙ୍କ ମୃତ୍ୟୁର ମୁଖ୍ୟ କାରଣଗୁଡ଼ିକ ମଧ୍ୟରେ ବିଦ୍ୟୁତ୍ ଶକ୍ତିର ଆଘାତ, ଟ୍ରେନ୍ ଧକ୍କା ଓ ଅସାଧୁ ଲାଭଖୋର ଶିକାରୀଙ୍କ ଗୁଳିଚାଳନା ଅନ୍ତର୍ଭୁକ୍ତ। ଏଇ କିଛିଦିନ ପୂର୍ବେ ସମ୍ବଲପୁର ଜିଲ୍ଲା ନାକଟି ଦେଉଳ ରେଞ୍ଜର ଘୋଷଣାମାଳ ଜଙ୍ଗଲରେ ବିଦ୍ୟୁତ୍ ଆଘାତରେ ଦୁଇଟି ମାଈହାତୀ ଓ ଗୋଟିଏ ଛୁଆ ହାତୀଙ୍କ ମୃତ୍ୟୁ ଘଟିଛି। ଏମାନଙ୍କୁ ମିଶାଇ ଚଳିତ ବର୍ଷ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୯ଟି ହାତୀ ପ୍ରାଣ ହରାଇ ସାରିଲେଣି। ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁର ଶିକାର ହୋଇଥିବା ଏହି ୩ଟି ହାତୀ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ମଧ୍ୟରେ ବିଚରଣ କରୁଥିବା ବେଳେ ଏଭଳି ଅଘଟଣର ସାମ୍ନା କଲେ। ଆଜିକୁ ଦୁଇମାସ ପୂର୍ବେ ସେହି ଅଞ୍ଚଳରେ ବିଦ୍ୟୁତ୍ ଆଘାତରେ ଅନ୍ୟ ଗୋଟିଏ ହାତୀର ମୃତ୍ୟୁ ଘଟିଥିଲା। ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ବାରମ୍ବାର ହାତୀ ମୃତ୍ୟୁ ଘଟଣା ବନ ବିଭାଗର ଅପାରଗତା ଓ ନିଷ୍କ୍ରିୟତାକୁ ପ୍ରମାଣିତ କରୁଛି। ଅବଶ୍ୟ ଏହି ଘଟଣା ପରେ କ୍ଷେତ୍ର ଦାୟିତ୍ୱରେ ଥିବା ୩ଜଣ ବନ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଏହା ବ୍ୟତୀତ ବନ ବିଭାଗର ଦୁଇଜଣ ବରିଷ୍ଠ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଛି। ଜଙ୍ଗଲ ଅଞ୍ଚଳରେ ହାତୀମାନଙ୍କର ଚଲାପଥ ଏବଂ ଗତିବିଧି ଉପରେ ନଜର ରଖି ହାତୀ ଗଣନା କାର୍ଯ୍ୟ ଚାଲିଥିବା ସମୟରେ ଏଭଳି ଘଟଣା ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଓଡ଼ିଶାରେ ହାତୀ ମୃତ୍ୟୁକୁ ନେଇ କିଛିଦିନ ପୂର୍ବେ ବିଭାଗୀୟ ମନ୍ତ୍ରୀ ଘୋର ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଚଳିତବର୍ଷ ପ୍ରାଣ ହରାଇଥିବା ୫୦ଟି ହାତୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟୁତ୍ ଆଘାତ ଜନିତ କାରଣରୁ ଅଧିକ ସଂଖ୍ୟକ ହାତୀଙ୍କ ମୃତ୍ୟୁ ଘଟୁଥିବାରୁ କେବଳ ବନ କର୍ମଚାରୀ ନୁହନ୍ତି, ଦୋଷୀ ବିଦ୍ୟୁତ୍ କର୍ମଚାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଜରୁରି ହୋଇପଡ଼ିଛି। ହାତୀଙ୍କ ସୁରକ୍ଷା ନିମନ୍ତେ ବିଦ୍ୟୁତ୍ ଆବଣ୍ଟନ କମ୍ପାନୀଙ୍କ ସହ ରାଜ୍ୟ ସରକାର ଉଚ୍ଚସ୍ତରୀୟ ବୈଠକର ଆୟୋଜନ କରିବା ସହିତ ଏସ୍.ଓ.ପି. ମଧ୍ୟ ପ୍ରସ୍ତୁତ କରିଛନ୍ତି। ଅଭିଯୋଗ ହେଉଛି ଯେ, ହାତୀ ମୃତ୍ୟୁ ଘଟଣାରେ ସଂପୃକ୍ତ ବ୍ୟକ୍ତି ଓ ବିଭାଗୀୟ କର୍ମଚାରୀଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରି ସରକାର ପରୋକ୍ଷରେ ଏହାକୁ ପ୍ରୋତ୍ସାହିତ କରୁଛନ୍ତି। ବିଭାଗୀୟ ମନ୍ତ୍ରୀଙ୍କ ଘୋଷଣାର ମଧ୍ୟ କୌଣସି ମୂଲ୍ୟ ରହୁନାହିଁ କିମ୍ବା ଏହାକୁ କାର୍ଯ୍ୟକାରୀ କରାଯାଉ ନାହିଁ। ଯେପରି ମନେ ହେଉଛି, ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ମନ୍ତ୍ରୀ, ଅଧିକାରୀ ଓ ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ବୁକୁଫଟା ଚିତ୍କାର କେବଳ ଧ୍ୱନିରେ ସୀମିତ ଥିବାବେଳେ କାର୍ଯ୍ୟକ୍ଷେତ୍ରରେ ଠିକ୍ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳୁଛି।

# ଆଜି ବି ଝୁରୁଛି ଏ ମାଟି ରମାଦେବୀଙ୍କୁ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

ଭାରତର ମୁକ୍ତି ସଂଗ୍ରାମ ଅନେକ ତ୍ୟାଗ, ବଳିଦାନ ଓ ବୀରତ୍ୱର କଥା କହେ। ଦେଶ ମାତୃକାର ସ୍ୱାଧୀନତା ପାଇଁ ବହୁ ସଂଗ୍ରାମୀ ଲାଠି ମାଡ଼ ଖାଇଛନ୍ତି, କାରାବରଣ କରିଛନ୍ତି ଓ ସହିଦ୍ ହୋଇଛନ୍ତି। ସେମାନଙ୍କ ଦେଶପ୍ରେମ ଓ ଆତ୍ମୋତ୍ସର୍ଗ ଇତିହାସ ପୃଷ୍ଠାରେ ଚିରଦିନ ଦେଦୀପ୍ୟମାନ ହୋଇ ରହିବ। ଏହି ମୁକ୍ତି ସଂଗ୍ରାମରେ ଅନ୍ୟ ରାଜ୍ୟ ଭଳି ଓଡ଼ିଶା ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ବିଶେଷ କରି ଏହି ଜାତୀୟ ଆନ୍ଦୋଳନରେ ମହିଳାମାନଙ୍କର ଭୂମିକା ମଧ୍ୟ କୌଣସି ଗୁଣରେ କମ୍ ନଥିଲା। ଏହି ଅଭିଯାନରେ ଯେଉଁ କେତେଜଣ ମହିଳା ସେ ସମୟର ସାମାଜିକ ଲକ୍ଷ୍ମଣରେଖାକୁ ଅତିକ୍ରମ କରି ସ୍ୱାଧୀନତା ଆନ୍ଦୋଳନର ଯଜ୍ଞ ବେଦୀରେ ଝାସ ଦେଇଥିଲେ ସେମାନଙ୍କ ମଧ୍ୟରେ ରମାଦେବୀ ଥିଲେ ଅନ୍ୟତମ। ଯିଏ କି ନିଜର ତ୍ୟାଗ, ସାଧନା ଓ ସେବା ବଳରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରି ଉତ୍କଳର ମା' ରମାଦେବୀ ଭାବେ ସୁପରିଚିତା ହୋଇପାରିଥିଲେ।

ରମାଦେବୀ ଥିଲେ ଏକ ସମ୍ଭ୍ରାନ୍ତ ପରିବାରର ଝିଅ ଓ ବୋହୂ। ସେ ୧୮୯୯ ମସିହା ଡିସେମ୍ବର ୩ ତାରିଖରେ କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁର ଅଞ୍ଚଳର ସତ୍ୟଭାମାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପିତା ଗୋପାଳ ବଲ୍ଲଭ ଦାସ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସାନଭାଇ ଓ ସେତେବେଳର ଡେପୁଟି କଲେକ୍ଟର ତଥା ଓଡ଼ିଶାର ପ୍ରଥମ ଉପନ୍ୟାସ 'ଭୀମା ଭୂୟାଁ'ର ଲେଖକ। ପରବର୍ତ୍ତୀ ସମୟରେ ସେ ହେଲେ ଜଗତସିଂହପୁର ଖେରସ ଗ୍ରାମର ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ପୁତ୍ରବଧୂ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ଧର୍ମପତ୍ନୀ। ୧୯୨୧ ମସିହାର କଥା। ପ୍ରଥମ ଥର ପାଇଁ ଗାନ୍ଧିଜୀ ଓଡ଼ିଶା ଗସ୍ତରେ ଆସିଥିଲେ। ନାରୀମାନଙ୍କୁ ଜାତୀୟତା ମନ୍ତ୍ରରେ ଅଭିମନ୍ତ୍ରିତ କରିବା ପାଇଁ କଂଗ୍ରେସ ପକ୍ଷରୁ କଟକରେ ଏକ ମହିଳା ସଭାର ଆୟୋଜନ କରାଯାଇଥିଲା। ଗାନ୍ଧିଜୀ ସମବେତ ମହିଳାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଜାତିର କିଛି ବଡ଼କାମ କରିବାକୁ ଇଚ୍ଛା କରୁଥିଲେ ପୁରୁଷ ପାଇଁ ଦେହ ସଜାଇବାର ନିର୍ବୋଧତାକୁ ନାରୀମାନଙ୍କୁ ଛାଡ଼ିବାକୁ ହେବ। ସେ ପୁଣି କହିଥିଲେ ଆପଣମାନେ ସୌଖିନତାକୁ ବଡ଼ କରନ୍ତୁ ନାହିଁ। ଏସବୁ ଗହଣା ଗାଣ୍ଠିର ଆଦର ଛାଡ଼ି ଦିଅନ୍ତୁ। ଅନ୍ତରର ସୁଗନ୍ଧ ହିଁ ସବୁଠାରୁ ବେଶୀ ବାସ ଚହଟାଇ ପାରିବ ତାହାଦ୍ୱାରା ହିଁ ଆପଣମାନେ କେବଳ ପୁରୁଷକୁ ନୁହେଁ ସମଗ୍ର ମାନବ ଜାତିକୁ ବଶ କରିପାରିବ। ଏହି ସଭାରେ ରମାଦେବୀ ଯୋଗ ଦେଇଥିଲେ। ଗାନ୍ଧିଜୀଙ୍କ କଥାରେ କି କୁହୁକ ଥିଲା କେଜାଣି ସେଥିରେ ଅନୁପ୍ରାଣିତ ହୋଇ ରମାଦେବୀ ତା'ପରଠୁ ଦେଶ ସେବାରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ।

୧୯୨୨ ମସିହା ଫେବୃଆରୀ ମାସ ଶ୍ରୀପଞ୍ଚମୀ ତିଥିରେ ଜଗତସିଂହପୁର ଅଳକା ନଦୀ କୂଳରେ ପ୍ରତିଷ୍ଠା ହେଲା 'ଅଳକାଶ୍ରମ'। ସେତେବେଳେ ଏହି ଅଳକାଶ୍ରମ ଥିଲା ସ୍ୱଦେଶୀ ଆନ୍ଦୋଳନର ଯଜ୍ଞପୀଠ ଓ ସ୍ୱାଧୀନତା ସଂଗ୍ରାମୀ ତିଆରି କାରଖାନା। ଏଇଠୁ ରମାଦେବୀଙ୍କ ରାଜନୈତିକ ଓ କର୍ମମୟ ଜୀବନର ଅୟମାରମ୍ଭ ହୋଇଥିଲା। ତାଙ୍କରି ପ୍ରରୋଚନାରେ ସ୍ୱାମୀ ଗୋପବନ୍ଧୁ ଚୌଧୁରୀ ଡେ଼ପୁଟି କଲେକ୍ଟର ଚାକିରି ଛାଡ଼ି 'ଅଳକାଶ୍ରମ'ର ତତ୍ତ୍ୱାବଧାରକ ରୂପେ ଯୋଗ ଦେଇଥିଲେ। ସେହିଁ ଥିଲେ ଗୋପବନ୍ଧୁଙ୍କର ପ୍ରକୃତ ପ୍ରେରଣାଦାତ୍ରୀ। ସହଧର୍ମିଣୀ ଭାବେ ସେ ସବୁ ସମୟରେ ସ୍ୱାମୀଙ୍କ ପାଖେ ପାଖେ ରହି ଆଦର୍ଶ ପତ୍ନୀର ଦାୟିତ୍ୱ ନିର୍ବାହ କରିଥିଲେ। ସେତେବେଳେ ଶହ ଶହ ଛାତ୍ର ଗାନ୍ଧିଜୀଙ୍କ ଡାକରାରେ ସ୍କୁଲ, କଲେଜ ଛାଡ଼ି ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହେଉଥିଲେ। ଏହିସବୁ ଛାତ୍ରମାନଙ୍କୁ ଅଳକାଶ୍ରମରେ ରଖାଯାଇ ଶିକ୍ଷାଦାନର ବ୍ୟବସ୍ଥା ହେଲା। ଏଥିସହିତ ଅରଟରେ ସୂତା କାଟିବା, ରୋଗୀ ସେବା କରିବା, ଦୀନ ଦରିଦ୍ରମାନଙ୍କ ଯତ୍ନ ନେବା କାର୍ଯ୍ୟରେ ତାଲିମ ଦିଆଗଲା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ। ଏହି ଆଶ୍ରମବାସୀ ଛାତ୍ରମାନଙ୍କ ଖାଇବା-ପିଇବା, ରହିବା-ଶୋଇବା ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ ରକ୍ଷାର ଦାୟିତ୍ୱ ନେଇଥିଲେ ନିଜେ ରମାଦେବୀ। ସେଥିପାଇଁ ଅଳକାଶ୍ରମର ଅନ୍ତେବାସୀମାନେ ତାଙ୍କୁ ମା' ବୋଲି ସମ୍ବୋଧନ କରୁଥିଲେ।

୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମାଗାନ୍ଧୀ ଲବଣ ସତ୍ୟାଗ୍ରହର ଡାକରା ଦେଲେ। ଗୁଜୁରାଟର ଦାଣ୍ଡିକୁ ଲବଣ ସତ୍ୟାଗ୍ରହ ପାଇଁ ଗାନ୍ଧିଜୀଙ୍କର ପ୍ରସିଦ୍ଧ ଦାଣ୍ଡିଯାତ୍ରା ଆରମ୍ଭ ହୁଏ। ସେହିପରି ଓଡ଼ିଶାର ବାଲେଶ୍ୱରସ୍ଥ ଇଞ୍ଚୁଡ଼ି ଠାରେ ଲୁଣମରା ହେବା ପାଇଁ ସ୍ଥିର ହୋଇଥାଏ। ପୋଲିସର ଦମନଲୀଳାକୁ ଭ୍ରୁକ୍ଷେପ ନକରି ଆଚାର୍ଯ୍ୟ ହରିହର ଓ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ସତ୍ୟାଗ୍ରହୀମାନେ ଇଞ୍ଚୁଡ଼ି ଅଭିମୁଖେ ଯାତ୍ରାକଲେ। ରମାଦେବୀ ଏଥିରେ ସାମିଲ ହୋଇଥିଲେ। ଆଖପାଖ ଗାଁରେ ବୁଲି ମହିଳାମାନଙ୍କୁ ଲବଣ ସତ୍ୟାଗ୍ରହରେ ଯୋଗ ଦେବା ପାଇଁ ଅନୁରୋଧ କଲେ। ରମାଦେବୀଙ୍କ ସାହସ ଦେଖି, ତାଙ୍କ କଥାରେ ବିଶ୍ୱାସ ରଖି ଶହ ଶହ ସଂଖ୍ୟାରେ ମହିଳା ତାଙ୍କୁ ସହଯୋଗ କଲେ। ଇଞ୍ଚୁଡ଼ିରେ ଲୁଣମରା କାର୍ଯ୍ୟ ଶେଷ କରି ରମାଦେବୀ କୁଜଙ୍ଗ ଅଭିମୁଖେ ଯାତ୍ରା କଲେ। ସେଠାରେ କୁଜଙ୍ଗର ରାଣୀଙ୍କୁ ମଧ୍ୟ ଲୁଣମରା ଅଭିଯାନରେ ସାମିଲ କରାଇଥିଲେ।

୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ଯାତ୍ରା ଆରମ୍ଭ କଲେ। ହରିଜନ ବସ୍ତି ସଫେଇ ଓ ସେମାନଙ୍କର ମନୋବୃତ୍ତି ପରିବର୍ତ୍ତନ ଏହି ଯାତ୍ରାର ମୂଳ ଲକ୍ଷ୍ୟ ଥିଲା। ଏହି ଯାତ୍ରାରେ ହଜାର ହଜାର ଲୋକଙ୍କର ସମାବେଶ ହେଲା। ଗାନ୍ଧିଜୀଙ୍କ ସହ ସେତେବେଳେ ଏହି ପଦଯାତ୍ରାରେ ଥିଲେ ମୀରାବେନ୍, ପ୍ରଭାବତୀ ଦେବୀ, ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀ। ଗାନ୍ଧିଜୀ ରମାଦେବୀଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିବା ହରିଜନ ଯାତ୍ରା କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ରମାଦେବୀ କେବଳ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇନଥିଲେ ଗାଁ ଗଣ୍ଡାରେ ଥିବା ଅଶିକ୍ଷିତ, ଗରିବ, ଦରିଦ୍ର, ନିଷ୍ପେଷିତ ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ମଧ୍ୟ ଆପ୍ରାଣ ଚେଷ୍ଟା କରିଥିଲେ। ଏପରିକି ସେ ସମୟରେ ରମାଦେବୀ ହରିଜନ ପାଣ୍ଠିକୁ ତାଙ୍କର ସୁନା ଗହଣା ମୁକ୍ତ ହସ୍ତରେ ଦାନ କରିଥିଲେ। ଏହା ପରେ 'ମାନବ ସେବାକୁ ମାଧବ ସେବା' ରୂପେ ଗ୍ରହଣ କରି ବରୀକୁ ନିଜର କର୍ମ କ୍ଷେତ୍ରରୂପେ ବାଛିନେଲେ ରମାଦେବୀ। କେବଳ ନିଜେ ନୁହଁନ୍ତି ପରିବାରକୁ ସେବାକର୍ମରେ ଦୀକ୍ଷିତ କରିଥିଲେ ସେ। ଦିଅର ନବକୃଷ୍ଣ ଚୌଧୁରୀ, ଯାଆ ମାଳତୀ ଦେବୀ, ପୁତ୍ର ମନମୋହନ, କନ୍ୟା ଅନ୍ନପୂର୍ଣ୍ଣା ଓ ଜ୍ୱାଇଁ ଶରତ ଚନ୍ଦ୍ର ମହାରଣା ସମସ୍ତଙ୍କୁ ତ୍ୟାଗ ଓ ସେବା ଧର୍ମରେ ଅନୁପ୍ରାଣିତ କରିଥିଲେ। ସତରେ, ତାଙ୍କ ଆତ୍ମୋତ୍ସର୍ଗର ପଟାନ୍ତର ନାହିଁ।

ଆନ୍ଦୋଳନ ଶେଷ ହେଲା, ଭାରତ ବର୍ଷ ସ୍ୱାଧୀନ ହେଲା। ମାତ୍ର ରମାଦେବୀ ଚୁପ୍ ହୋଇ ବସି ନ ଥିଲେ। କେବଳ ସେବା ଆଉ ସେବା ଥିଲା ତାଙ୍କର ଜୀବନର ପରମମନ୍ତ୍ର। ମହିଳାମାନଙ୍କର ଉନ୍ନତି ସାଧନ, ହରିଜନ କଲ୍ୟାଣ, ମୌଳିକ ଶିକ୍ଷା ପ୍ରଦାନ ଓ ଗ୍ରାମ ସଂଗଠନ ପାଇଁ ସେ ସର୍ବଦା କର୍ମତତ୍ପର ଥିଲେ। ରମାଦେବୀ ଯେ କେବଳ ଓଡ଼ିଶାବାସୀଙ୍କ ପାଇଁ ଚିନ୍ତା କରୁଥିଲେ ତାହା ନୁହେଁ, ସେ ସମଗ୍ର ମାନବ ଜାତି ପାଇଁ ଚିନ୍ତା କରୁଥିଲେ। ଏହା ହିଁ ଥିଲା ତାଙ୍କର ବିଶେଷତ୍ୱ। ସେଥିପାଇଁ ଭୂଦାନ ଆନ୍ଦୋଳନର ପ୍ରବକ୍ତା ବିନୋବାଜୀ ଓଡ଼ିଶା ଆଗମନ ସମୟରେ ରମାଦେବୀଙ୍କୁ ଭୂମି ବଣ୍ଟନ ଦାୟିତ୍ୱ ଦେଇଥିଲେ। ଜୀବନବ୍ୟାପୀ କରିଥିବା ସେବା ଓ ତ୍ୟାଗ ପାଇଁ ତାଙ୍କୁ ୧୯୮୧ ମସିହାରେ 'ଯମୁନା ଲାଲ ବାଜାଜ୍' ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏଥିପାଇଁ ତାଙ୍କୁ ମିଳିଥିବା ଏକ ଲକ୍ଷ ଟଙ୍କାକୁ ସେ ଅସହାୟ ମହିଳା ଓ ଶିଶୁମାନଙ୍କ ପାଇଁ ଦାନ କରିଥିଲେ। ସେହିପରି ରମାଦେବୀଙ୍କ ଉତ୍ସର୍ଗୀକୃତ ସେବା ଓ କାର୍ଯ୍ୟକୁ ସ୍ୱୀକୃତି ଜଣାଇ ଉତ୍କଳ ବିଶ୍ୱବିଦ୍ୟାଳୟ ରମାଦେବୀଙ୍କୁ ୧୯୮୪ ମସିହାରେ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲା। ଏସବୁ ପୁରସ୍କାର ଓ ସମ୍ମାନ ଲାଭ କରିବା ପରେ ସେ କହିଥିଲେ ପୁରସ୍କାର ଓ ସମ୍ମାନ ହେଲା ଲୋକ ଦେଖାଣିଆ ଉପହାର, ଭଗବାନଙ୍କ ଆଶୀର୍ବାଦ ହିଁ ପ୍ରକୃତ ପୁରସ୍କାର ଓ ଶ୍ରେଷ୍ଠ ସମ୍ମାନ।

ମଣିଷ ବଞ୍ଚିରହେ ତା'ର କର୍ମକୁ ନେଇ, ଦୀର୍ଘ ଜୀବନ ପାଇଁ ନୁହେଁ। ଏହାକୁ ଯଥାର୍ଥରେ ପ୍ରତିପାଦନ କରିଥିଲେ ମା' ରମାଦେବୀ। ତ୍ୟାଗ ଓ ମମତାର ଅନନ୍ୟ ପ୍ରତିମା ଥିଲେ ସେ। ଆଜି ରମାଦେବୀ ଆମ ଗହଣରେ ନାହାଁନ୍ତି। ୧୯୮୫ ମସିହା ଜୁଲାଇ ୨୨ତାରିଖ ଦିନ ସେ ଚାଲିଯାଇଛନ୍ତି ଅଫେରା ରାଇଜକୁ; କିନ୍ତୁ ସେ ଜୀଇଁ ରହିଛନ୍ତି ଆମ ମାନସପଟରେ ଚିର ଦିନ ପାଇଁ ଚିରବନ୍ଦନୀୟା ହୋଇ ଓ ରହିଥିବେ ମଧ୍ୟ। ମା' ରମାଦେବୀଙ୍କ ପ୍ରଦର୍ଶିତ ମାର୍ଗ ଓଡ଼ିଆ ଜାତିକୁ ଦିଗ୍‌ଦର୍ଶନ ଦେଉ ଓ ଆମ ସମସ୍ତଙ୍କୁ ସେବା ମନ୍ତ୍ରରେ ଦୀକ୍ଷିତ କରୁ ଏହା ହିଁ ଆଜିର ଅନୁଚିନ୍ତା। ଯଦୁନାଥ ଦାଶ ମହାପାତ୍ରଙ୍କ ଭାଷାରେ –

"ତମରି ମୃତ୍ୟୁରେ ଆଜି
ଲୁହ ବନ୍ୟା ସବୁରି ଆଖିରେ
ତ୍ୟାଗର ଶତାବ୍ଦୀ ଶେଷ
ଶୂନ୍ୟତାର ଦେବାଳୟେ
ଭାଙ୍ଗିପଡେ ଚନ୍ଦ୍ରଭାଗା ତୀରେ ।"

# ପ୍ରାଚୀନ କଥା-ସାହିତ୍ୟ 'ପଞ୍ଚତନ୍ତ୍ର'

ଡ. ସୁରେଶ କୁମାର ନାୟକ
ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ
ସେକ୍ଟର-୯, ସିଡିଏ, କଟକ

ବାଇବେଲ୍ ପରେ ନୀତିକଥା ସମ୍ବଳିତ ପ୍ରାଚୀନ ଭାରତୀୟ କଥା-ସାହିତ୍ୟ 'ପଞ୍ଚତନ୍ତ୍ର' ସର୍ବାଧିକ ଲୋକପ୍ରିୟ। ସମସ୍ତ ଭାରତୀୟ ଭାଷାରେ ତଥା ଇଂଲିଶ୍ ସମେତ ବିଶ୍ୱର ପ୍ରାୟ ୫୦ଟି ଭାଷାରେ ଏହା ଅନୂଦିତ ହୋଇଥିବା ଜଣାଯାଏ। ଅଦ୍ୟାବଧି ଏହାର ୭ଶହରୁ ଊର୍ଦ୍ଧ୍ୱ ସଂସ୍କରଣ ପ୍ରକାଶିତ। ଏଥିରୁ ଏହାର ଲୋକପ୍ରିୟତା ସହଜରେ ଅନୁମାନ କରାଯାଇପାରେ। ମୂଳ ପଞ୍ଚତନ୍ତ୍ର ସଂସ୍କୃତ ଭାଷାରେ ଲେଖାଯାଇଥିଲା। ତେବେ କେଉଁ ପ୍ରାଚୀନ କାଳରୁ ଏହା ଉପଲବ୍ଧ ନୁହେଁ। ଏହାକୁ କିଏ ରଚନା କରିଥିଲେ ଏହାକୁ ନେଇ ମଧ୍ୟ କିଛି ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ। ଜନୈକ ପଣ୍ଡିତ ବିଷ୍ଣୁ ଶର୍ମା ଏହାର ରଚୟିତା ବୋଲି ଗ୍ରହଣ କରାଯାଏ। ତେବେ ସେ କେଉଁଠିକାର ବାସିନ୍ଦା ଥିଲେ ଏହାକୁ ନେଇ ମଧ୍ୟ ସନ୍ଦେହ ରହିଛି। ତାଙ୍କୁ କଶ୍ମିରୀ ପୁଣି କନ୍ନଡ଼ ପୁଣି ଗୁଜୁରାଟୀ ପୁଣି ଓଡ଼ିଆ ବୋଲି ମଧ୍ୟ ଦାବି କରାଯାଏ। ମାଠର ବଂଶୀୟ ରାଜା ଅନନ୍ତଶକ୍ତି ବର୍ମାଙ୍କ ରାଜସଭାରେ ସେ ପଣ୍ଡିତ ଥିଲେ ବୋଲି କେହି କେହି ବିଶ୍ୱାସ କରିଛନ୍ତି। ରାଜାଙ୍କ କୁପଥଗାମୀ ଦୁଷ୍ଟ ଦୁର୍ଦ୍ଦାନ୍ତ ଅଯୋଗ୍ୟ ରାଜପୁତ୍ରମାନଙ୍କୁ ନୀତିକଥା ମାଧ୍ୟମରେ ମାତ୍ର ମାସ ଛ'ଟାରେ ସେ ଶାନ୍ତ-ସୁଶୀଳ-ସପଥଗାମୀ-ସର୍ବଶାସ୍ତ୍ରଜ୍ଞ ଏବଂ ସୁଯୋଗ୍ୟ କରିପାରିଥିଲେ। ତାଙ୍କର ସେହି ନୀତିକଥା ମାନ ହିଁ ପଞ୍ଚତନ୍ତ୍ରରେ ସନ୍ନିବେଶିତ।

ପଞ୍ଚତନ୍ତ୍ରର ମୂଳ ସଂସ୍କୃତ ୪୭୬-୫୦୦ ଖ୍ରୀଷ୍ଟାବ୍ଦ ଭିତରେ ରଚନା କରାଯାଇଥିଲା। ୫୩୧-୫୭୯ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହା ପ୍ରଥମେ ପହ୍ଲବୀ ଭାଷାରେ ଅନୂଦିତ ହୋଇଥିଲା, ଯାହାର ନାମ ରଖାଯାଇଥିଲା - 'କରଟକଦମନକ କଥା'। ଜୈନ ସାଧୁ ପୂର୍ଣ୍ଣଭଦ୍ର ଏବଂ ମେଘବିଜୟ ଏଥିରେ କିଛି କିଛି ପରିବର୍ତ୍ତନ ଆଣିଥିଲେ। ଏହା ମଧ୍ୟ ଉପଲବ୍ଧ ନୁହେଁ କେଉଁ ଯୁଗରୁ। ପରେ ଏହା ସିରିଆନ୍ ଏବଂ ପାର୍ଶୀ ଭାଷାରେ ଅନୂଦିତ ହୋଇଥିଲା। ଏବେ ଆମେ ଯେଉଁ ଅନୁବାଦମାନ ଦେଖୁଛୁ ତାହା ବିଦେଶୀ ଭାଷା ଉପରେ ଆଧାରିତ। ପଞ୍ଚତନ୍ତ୍ରର ଅନ୍ୟ ଲୋକପ୍ରିୟ ନାମଗୁଡ଼ିକ ହେଲା - 'ତନ୍ତ୍ରାଖ୍ୟାୟିକା', 'ପଞ୍ଚାଖ୍ୟାନକ', 'ପଞ୍ଚାଖ୍ୟାନୋଦ୍ଧାର' ଏବଂ 'ପଞ୍ଚୋପାଖ୍ୟାନ'। ଏଯାବତ ପ୍ରାଚୀନ କଥା ସାହିତ୍ୟ ଭିତରେ ପଞ୍ଚତନ୍ତ୍ର ତା'ର ସ୍ୱତନ୍ତ୍ରତା ଓ ନିତି ସମ୍ବଳିତ ବିଶେଷକରି ପିଲାମାନଙ୍କ ପାଇଁ ଯେଉଁ ଛୋଟ ଛୋଟ ଆଖ୍ୟାନ ସବୁ ରହିଛି ତାହା ସବୁ କ୍ଷଣ ପାଇଁ ଶିକ୍ଷା ଓ ଜୀବନାଦର୍ଶର ବାର୍ତ୍ତା ପ୍ରଦାନ କରୁଛି।

# ଆମେ ନୋହୁଁ ଅକ୍ଷମ



ନାରାୟଣ ଚନ୍ଦ୍ର ବିଶ୍ୱାଳ
'ଧ୍ୱନୀ' ମେଟ୍ରୋପ୍ଲାଜା, କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ
ମୋ : ୯୪୩୮୨୭୬୭୬୦

ଆଜି ବିଶ୍ୱ ଭିନ୍ନକ୍ଷମ (ଦିବ୍ୟାଙ୍ଗ) ଦିବସ। ସମାଜରେ ଭିନ୍ନକ୍ଷମମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରି ସେମାନଙ୍କ ସୃଜନଶୀଳତା ଓ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ସ୍ମୃତି ଚାରଣ ଦିବସଟିଏ ହେଉଛି ଆଜି। ସମଗ୍ର ବିଶ୍ୱରେ ପ୍ରାୟ ୧କୋଟିରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଅଛନ୍ତି, ଯେଉଁମାନେ ସମାଜର ବିଭିନ୍ନ ମହତ୍ୱପୂର୍ଣ୍ଣ କ୍ଷେତ୍ରରେ ସାମିଲ ହେବାକୁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାଧାରଣ ଲୋକଙ୍କ ଭଳି ସେମାନେ ସମାଜର ସୁଖ ସୁବିଧା ଉପଭୋଗ କରିପାରୁ ନାହାନ୍ତି। ଗମନାଗମନ, ଚାକିରି, ଶିକ୍ଷା ସହିତ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ସେମାନେ ଭାଗ ନେଇପାରୁନାହାନ୍ତି। ଏକ ସୁସ୍ଥ ଲୋକତନ୍ତ୍ର, ସକ୍ରିୟ, ନାଗରିକ ଓ ସମାଜରେ ଅସମାନତା ଦୂର କରିବାକୁ ହେଲେ ସାର୍ବଜନୀନ ଭାବେ ଜୀବନ ବଞ୍ଚିବାର ଅଧିକାର ଅତି ଆବଶ୍ୟକ। ସମସ୍ତ ପ୍ରକାର ବାଧା ବନ୍ଧନକୁ ଦୂର କରି ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଜାତିସଂଘ ଆଜିର ଦିନକୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଭାବେ ଘୋଷଣା କରିଛି। ଭିନ୍ନକ୍ଷମ ସଂସ୍ଥା, ସରକାରୀ ଓ ବେସରକାରୀ ସଂଗଠନ ଏକତ୍ରିତ ହୋଇ ଏହି ଦିନରେ ବିଶ୍ୱବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ଏ ଅବସରରେ ସମାଜକୁ ଭିନ୍ନକ୍ଷମ ମାନଙ୍କ ଅବଦାନକୁ ସ୍ମରଣ କରିବା ସହ ସେମାନଙ୍କୁ ପୁରସ୍କୃତ କରାଯାଏ। ପ୍ରତିବର୍ଷ ଏହି ଦିବସ ଉପଲକ୍ଷେ ଜାତିସଙ୍ଘ ପକ୍ଷରୁ ଏକ ଥିମ୍ ବା ବିଷୟ ଘୋଷଣା କରାଯାଇଥାଏ। ସବୁ ପ୍ରକାର ସାମର୍ଥ୍ୟ ଥିବା ଲୋକଙ୍କୁ ସଶକ୍ତ କରିବା ଏବଂ ସମାଜର ସମସ୍ତ ପ୍ରକାର ସୁଖ ସୁବିଧା ସେମାନଙ୍କ ନିକଟରେ ପହଞ୍ଚାଇବା।

ଆମ ମାନଙ୍କ ଆଖପାଖରେ ଦେଖାଯାଏ ସାଧାରଣତଃ ଭିନ୍ନକ୍ଷମ ମାନଙ୍କୁ ନେଇ ସମସ୍ତଙ୍କର ଏକ ଚିନ୍ତା ରହିଛି ଯେ, ସେମାନେ ସମାଜ ଉପରେ ନିର୍ଭରଶୀଳ କିନ୍ତୁ ବାସ୍ତବରେ ତାହା ନୁହେଁ। ଆଜି ଭିନ୍ନକ୍ଷମମାନେ ସ୍ୱାବଲମ୍ବୀ ହୋଇ ନିଜ ଗୋଡ଼ରେ ଛିଡ଼ା ହେବା ସହ ସମାଜରେ ସେମାନେ ଅନେକ କିଛି ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଯାଉଛନ୍ତି। ସୃଜନଶୀଳତା ଠାରୁ ପ୍ରଯୁକ୍ତି ବିଜ୍ଞାନ, ପ୍ରଶାସନିକ ସେବା ଠାରୁ କ୍ରୀଡ଼ା କସରତ ସବୁ କ୍ଷେତ୍ରରେ ଭିନ୍ନକ୍ଷମ ମାନେ ନିଜର ପ୍ରତିଭାର ସ୍ୱତନ୍ତ୍ରତା ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି। ସେମାନଙ୍କ ପ୍ରତିଭାର ମୂଲ୍ୟାୟନ ପାଇଁ ଆମ ସମାଜରେ ସବୁ କ୍ଷେତ୍ରରେ ସହଯୋଗର ହାତ ମଧ୍ୟ ଦିନକୁ ଦିନ ଲମ୍ବୁଛି ଯାହାକି ଖୁସିର ବିଷୟ। କେନ୍ଦ୍ର ସରକାରଙ୍କ ଠାରୁ ରାଜ୍ୟ ସରକାର ସମସ୍ତେ ଏହି ଭିନ୍ନକ୍ଷମମାନଙ୍କ ଥଇଥାନ ଠାରୁ ସେମାନଙ୍କର ଶିକ୍ଷା, ସଚେତନତା ସୃଷ୍ଟି କରି ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ ପାଇଁ ସୁଯୋଗ ସୃଷ୍ଟି କରାଯାଉଛି। ଭିନ୍ନକ୍ଷମ ମାନଙ୍କ ଥଇଥାନ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ଭିନ୍ନ କ୍ଷେତ୍ରରେ ସେମାନଙ୍କ ପାଇଁ ଆର୍ଥିକ ସହଯୋଗ ସହଭାଗିତାର ବ୍ୟବସ୍ଥା ରଖିଛନ୍ତି କେବଳ ସେତିକି ନୁହେଁ ସେମାନଙ୍କୁ ପାଠପଢ଼ା କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ବି ରହିଛି। ଚାକିରି କ୍ଷେତ୍ର ହେଉ ବା ସେମାନଙ୍କ ଯାତାୟତ କ୍ଷେତ୍ରରେ ସବୁଠି ଅଗ୍ରାଧିକାର ଭିତ୍ତିରେ ସେମାନଙ୍କୁ ମନୋନୀତ କରାଯିବା ସହ ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରାଯାଉଛି। ଆଜି ସମଗ୍ର ବିଶ୍ୱରେ ସୂଚନା ପ୍ରଯୁକ୍ତି କ୍ରାନ୍ତିର ବିକାଶ ଦେଖାଇଥିବେଳେ ଭିନ୍ନକ୍ଷମମାନେ ମଧ୍ୟ ପଛୁଆ ନାହାଁନ୍ତି। ସେମାନେ ସମୟ ସହିତ ତାଳ ଦେଇ ଆଗକୁ ବଢ଼ି ଚାଲିବାର ଉଜ୍ଜ୍ୱଳ ପ୍ରଦୀପକୁ ପ୍ରତିଭାତ କରିବାରେ ସକ୍ଷମ ହେଉଛନ୍ତି।

ଭିନ୍ନକ୍ଷମ ପ୍ରତିଭାବାନ କଳାକାରମାନେ ଆଜି ବିଭିନ୍ନ କ୍ଷେତ୍ରରେ ନିଜର କଳା ଗୌରବର ଅନିର୍ବାଣ ଦୀପଶିଖାଙ୍କୁ ସମସ୍ତଙ୍କ ପାଖରେ ପହଞ୍ଚାଇବାର ପ୍ରଚେଷ୍ଟାରେ ସାମିଲ ହୋଇଛନ୍ତି। ମୁଁ କହିବି ଭିନ୍ନକ୍ଷମଙ୍କ ପ୍ରତିଭାକୁ ବଣମଲ୍ଲୀ ପରି ବଣରୁ ସାଉଁଟି ଲୋକଲୋଚନକୁ ଥୋଇବାର ଗୁରୁଦାୟିତ୍ୱ ନେଇଛନ୍ତି ଗଣମାଧ୍ୟମ। ଖବର କାଗଜରେ ଲୋକଲୋଚନର ଉହାଡ଼ରେ ରହିଯାଇଥିବା ଭିନ୍ନକ୍ଷମଙ୍କ ପ୍ରତିଭା ଓ ସେମାନଙ୍କ ଅବହେଳା ଠାରୁ ନ୍ୟାୟ ପାଇଁ ଦାବିର ପ୍ରସଙ୍ଗ ଖବର କାଗଜରେ ପୃଷ୍ଠା ମଣ୍ଡନ କଲାପରେ ପ୍ରଶାସନ ଚଳଚଞ୍ଚଳ ହୋଇ ଉଠୁଛି। ଯାହାଦ୍ୱାରା ସେମାନଙ୍କର ପ୍ରତିଭାର ମୂଲ୍ୟାୟନ ହୋଇପାରୁଛି। ତଥାପି ଭିନ୍ନକ୍ଷମମାନଙ୍କ ନ୍ୟାୟ ପାଇଁ ସଂଗ୍ରାମ ସରିନାହିଁ। ଗଣମାଧ୍ୟମରେ ଦେଖିବାକୁ ପାଉଛୁ ଏହି ଭିନ୍ନକ୍ଷମ ମାନେ ଅନେକ କ୍ଷେତ୍ରରେ ନ୍ୟାୟ ପାଉନାହାଁନ୍ତି। ନିଷ୍ପେସିତ ଓ ଅବହେଳିତ ଭାବରେ ଅନ୍ୟମାନଙ୍କ ସାମ୍ନାରେ ସେମାନେ ଯେପରି ଦୟାର ପାତ୍ର ! ଏହି ଲେଖକ ଅନେକ ଭିନ୍ନକ୍ଷମମାନଙ୍କୁ ସାମ୍ନା କରିଛି ଯେଉଁମାନଙ୍କର ଧୀ ଶକ୍ତି, ପ୍ରତିଭା, ସୃଜନଶୀଳତା, ବିଜ୍ଞତା କିଛି କମ୍ ନୁହେଁ। ସେମାନେ ଘଟଣାଚକ୍ରରେ ଭଗବାନଙ୍କ ସୃଷ୍ଟିର ବିଚାରରେ ହୁଏତ ଭିନ୍ନକ୍ଷମ ହୋଇପାରନ୍ତି କିନ୍ତୁ ବାସ୍ତବରେ ସେମାନେ ଅକ୍ଷମ ନୁହଁନ୍ତି। ଆଧ୍ୟାତ୍ମିକ ଅନୁଚିନ୍ତନରେ ଉଲ୍ଲେଖ ରହିଛି – ଏ ସମାଜରେ କେହି ବି ଜଣେ ଭିନ୍ନକ୍ଷମ ନୁହଁନ୍ତି ସମସ୍ତେ ସକ୍ଷମ ଆଉ ସମସ୍ତେ ଠାକୁରଙ୍କ ସନ୍ତାନ। ଆଜି ବିଶ୍ୱ ଭିନ୍ନକ୍ଷମ ଦିବସରେ ସମସ୍ତଙ୍କ ପାଇଁ ଶପଥର ଦିନଟିଏ ହେଉ ଆମମାନଙ୍କର ହାତପାହାନ୍ତାରେ ଜଣେ ବି କେହି ଭିନ୍ନକ୍ଷମ ନ୍ୟାୟରୁ ବଞ୍ଚିତ ନହୁଏ। ତା'ର ପ୍ରତିଭା ବଣ ମଲ୍ଲୀ ପରି ଯେପରି ବଣରେ ଝଡ଼ି ନପଡ଼େ। ତା'ର ସ୍ୱର, ତା'ର ହୃଦୟ, ତା'ର ଆଙ୍ଗୁଠିର ସ୍ୱାକ୍ଷର ସମସ୍ତଙ୍କ ହୃଦୟକୁ ଛୁଇଁବାର ଯେଉଁ ଭଲ ପାଇବାର ଟିକକ ସେଥିରୁ କେହି ବି ଜଣେ ବଞ୍ଚିତ ନହେଉ। ବିଶ୍ୱ ଭିନ୍ନକ୍ଷମ ଦିବସରେ ଏହି ଶପଥ ସମସ୍ତଙ୍କ ହୃଦୟରେ ସ୍ପନ୍ଦିତ ହେଉ ଯେ, ଆମ୍ଭମାନଙ୍କ ହାତପାହାନ୍ତାରେ ସମସ୍ତେ ଗୋଟିଏ ମାଆର ସନ୍ତାନ। ତେଣୁ ଭାଇଟିଏ ବା ଭଉଣୀଟିଏ ଭିନ୍ନକ୍ଷମ ହେଲେ ତାକୁ କ'ଣ କେହି ସ୍ନେହ ଓ ଶ୍ରଦ୍ଧାରୁ ବଞ୍ଚିତ କରିପାରିବ କି ? ସମସ୍ତଙ୍କ ଭଲପାଇବା ସମସ୍ତଙ୍କ ଆଶୀର୍ବାଦ ଆଉ ସମସ୍ତଙ୍କ ସହଯୋଗର ହାତ ସେହି ଭିନ୍ନକ୍ଷମମାନଙ୍କ ପାଇଁ ସକ୍ଷମର ବଳିଷ୍ଠ ବାହୁ ପ୍ରତୀୟମାନ ହେଉ ଏହା ହିଁ ଆଜି ଦିବସର ପବିତ୍ର ଉପଲବ୍ଧି।


# ଡିଜିଟାଲ ଇଣ୍ଡିଆର ଆଶା ଉପରେ ସାଇବର ଠକେଇ



ମାନସ କୁମାର କର
କୋଡାଙ୍ଗ, କୋଣାର୍କ
ମୋ: ୭୩୮୧୩୮୨୨୧୦

ଆଜି ଭାରତର ୧୪୦ କୋଟି ଜନସଂଖ୍ୟା ମଧ୍ୟରୁ ୧୨୦ କୋଟି ମୋବାଇଲ୍ ବ୍ୟବହାରକାରୀ ଅଛନ୍ତି, ଯେଉଁଥିରୁ ୯୫ କୋଟିରୁ ଅଧିକ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ଡିଜିଟାଲ୍ ପେମେଣ୍ଟ କ୍ଷେତ୍ରରେ ଭାରତ ବିଶ୍ୱର ଏକ ଅଗ୍ରଣୀ ଦେଶ। ଡିଜିଟାଲ୍ ପେମେଣ୍ଟ୍ ଦୃଷ୍ଟିରୁ ଆମେ ଆମେରିକା ଏବଂ ଚୀନ୍ ଭଳି ବିକଶିତ ଦେଶକୁ ଅତିକ୍ରମ କରିଛୁ।

ଆଜି, ଯଦିଓ ଆପଣ ଘରେ ପର୍ସ ଭୁଲିଯାଆନ୍ତି, ତେବେ ଆପଣ ମୋବାଇଲରୁ ବାର୍ କୋଡ୍ ସ୍କାନ୍ କରି ପେମେଣ୍ଟ୍ କରିପାରିବେ। ସାଧାରଣ ଠେଲାଗାଡ଼ିରେ ବୁଲି ପନିପରିବା ବିକ୍ରେତା ହୁଅନ୍ତୁ କିମ୍ବା ପାଞ୍ଚ ତାରକା ହୋଟେଲରେ ବିଲିଂ କାଉଣ୍ଟର ହୁଅନ୍ତୁ, ମୋବାଇଲରୁ ସ୍କାନ କରି ସହଜରେ ଦେୟ ପ୍ରଦାନ କରାଯାଉଛି, କିନ୍ତୁ ଡିଜିଟାଲ୍ ଇଣ୍ଡିଆର କିଛି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ କ୍ରମାଗତ ଭାବରେ ଦେଖାଯାଉଛି। ପ୍ରତିଦିନ ଦେଶର ଶହ ଶହ ଲୋକ ୟୁପିଆଇ ଦେୟ ଏବଂ ସାଇବର ଠକେଇର ଶିକାର ହେଉଛନ୍ତି। ଗତ କିଛିବର୍ଷ ମଧ୍ୟରେ ଲୋକମାନେ ଟ୍ରିଲିୟନ୍ ଟଙ୍କା ହରାଇଛନ୍ତି ଏବଂ ଏହି ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଉଦାହରଣ ସ୍ୱରୂପ, ଯଦି ଟଙ୍କା ଏକ ଭୁଲ ଆକାଉଣ୍ଟକୁ ସ୍ଥାନାନ୍ତରିତ ହୁଏ, ତେବେ ଭାରତୀୟ ରିଜର୍ଭ ବ୍ୟାଙ୍କର ନିୟମ ଅନୁଯାୟୀ, ଟଙ୍କା ଗ୍ରହଣ କରୁଥିବା ବ୍ୟକ୍ତିଙ୍କୁ ଏହାକୁ ଫେରସ୍ତ କରିବାକୁ ପଡ଼ିବ। ଟଙ୍କା ଫେରସ୍ତ ନକରିବା ଠକେଇ ବୋଲି ଧରାଯିବ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ଯେଉଁ ଗ୍ରାହକଙ୍କୁ ଠକେଇ କରାଯାଇଛି ସେମାନେ ତୁରନ୍ତ ଏହି ବ୍ୟାଙ୍କର ଗ୍ରାହକ କେୟାର ସେଣ୍ଟରକୁ ରିପୋର୍ଟ କରିବାକୁ ପଡିବ। ଅର୍ଥ ଫେରସ୍ତ କରିବାକୁ ସେମାନଙ୍କୁ ଦାବି କରିବାକୁ ପଡିବ। ଠକାମିରେ ଶିକାର ହୋଇଥିବା ବ୍ୟକ୍ତି ସ୍ଥାନୀୟ ସାଇବର ପୋଲିସ ଷ୍ଟେସନରେ ମଧ୍ୟ ଅଭିଯୋଗ କରିପାରିବେ। ସରକାର ମଧ୍ୟ ଏକ ହେଲ୍ପ ଲାଇନ ନମ୍ବର ୧୯୩୦ ଜାରି କରିଛନ୍ତି, ଯାହାକୁ ଫୋନ କରି କମ୍ପ୍ଲେନ କରାଯାଇପାରେ। ଆହୁରି ମଧ୍ୟ, ଯେଉଁମାନେ ୟୁପିଆଇ ଦେୟ ମାଧ୍ୟମରେ କାରବାର କରୁଛନ୍ତି, ସେମାନେ ମଧ୍ୟ କିଛି ଜିନିଷର ଯତ୍ନ ନେବା ଆବଶ୍ୟକ ଅଟେ। ପ୍ରଥମତଃ, ସେମାନେ ସେମାନଙ୍କର ୟୁପିଆଇ ପିନ୍, ପାସୱାର୍ଡ କିମ୍ବା OTP କାହା ସହିତ ଅଂଶୀଦାର କରିବା ଉଚିତ୍ ନୁହେଁ। ଏକ ଅଜ୍ଞାତ ନମ୍ବରରୁ



ଆସୁଥିବା କୌଣସି ବାର୍ତ୍ତା, ଇମେଲ୍ କିମ୍ବା ହ୍ୱାଟ୍ସଆପ୍ ଲିଙ୍କ୍ ଖୋଲନ୍ତୁ ନାହିଁ। ଏହା ବ୍ୟାଙ୍କଗୁଡିକର ସର୍ଭର ହ୍ୟାକ୍ କରିବା କିମ୍ବା ଡିଜିଟାଲ୍ ପେମେଣ୍ଟ ପ୍ରକ୍ରିୟାରେ ପ୍ରବେଶ କରିବା ବିଷୟରେ ହେଉ, ସାଇବର ଚୋରମାନେ ଏକ ଶୃଗାଳଙ୍କ ପରି ନଜର ରଖିଛନ୍ତି। ସେମାନେ ଏପରି ଏକ ଇକୋସିଷ୍ଟମ୍ ସୃଷ୍ଟି କରିଛନ୍ତି ଯେ ସୁରକ୍ଷା ଏଜେନ୍ସିଗୁଡିକ ମଧ୍ୟ ଏଥିରେ ପ୍ରବେଶ କରିବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ଡିଜିଟାଲ ପେମେଣ୍ଟ ଠକେଇ ବିଷୟରେ ସରକାର ନିରନ୍ତର ଜନସାଧାରଣଙ୍କୁ ଅବଗତ କରାଉଛନ୍ତି, କିନ୍ତୁ କେବଳ ସାଇବର ସୁରକ୍ଷା ଦ୍ୱାରା ଏହି ଜାଲିଆତି ବନ୍ଦ ହୋଇପାରିବ। ଯେଉଁମାନେ ଡିଜିଟାଲ୍ ପେମେଣ୍ଟ୍ କରନ୍ତି ସେମାନେ ମଧ୍ୟ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ, ସତର୍କତା ହେଉଛି ଏକମାତ୍ର ସୁରକ୍ଷା।


ଭାରତ ଦୁନିଆରେ ଡିଜିଟାଲ୍ ଇଣ୍ଡିଆର ଚାମ୍ପିଅନ୍ ହେବାକୁ ଯାଉଛି, ଏହା ଭଲ, କିନ୍ତୁ ଯେଉଁମାନେ ନିଜର ଟଙ୍କା ହରାଇଛନ୍ତି, ସେମାନଙ୍କ କଷ୍ଟ ଉପାର୍ଜିତ ଟଙ୍କା ସାଇବର ଠକେଇର ହାତକୁ ଯାଉଛି, ସେମାନେ ସରକାରଙ୍କ ଠାରୁ ମୁକ୍ତି ଆଶା କରୁଛନ୍ତି। ଡିଜିଟାଲ୍ ଦେୟ ଦ୍ରୁତଗତିରେ ବୃଦ୍ଧି ପାଉଛି, କିନ୍ତୁ ଠକେଇ ବନ୍ଦ କରିବା ସରକାରଙ୍କ ପ୍ରଥମ ଦାୟିତ୍ୱ ହେବା ଉଚିତ୍। ଯଦି ଏହା ନହୁଏ ଏବଂ ଠକେଇର ସଂଖ୍ୟା ବଢ଼ିଯାଏ ତେବେ ଜନସାଧାରଣଙ୍କ ନୋଟ ମୁଦ୍ରାକୁ ଫେରିବା ପାଇଁ ଅଧିକ ସମୟ ଲାଗିବ ନାହିଁ। ଡିଜିଟାଲ୍ ଇଣ୍ଡିଆ ସମ୍ବନ୍ଧରେ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେବଳ କଠୋର ନିୟମ ବନେଇବା ସାଥିରେ ଏହାକୁ ପାଳନ କରିବା ଦ୍ୱାରା ଏହାର ସମାଧାନ ହୋଇପାରିବ ତେବେ ଯାଇ, ଡିଜିଟାଲ୍ ଇଣ୍ଡିଆର ସ୍ୱପ୍ନ ସମ୍ପୂର୍ଣ୍ଣ ରୂପେ ସଫଳ ହେବ।



ବ୍ରଜରାଜନଗର(ଭାସ୍କର ନ୍ୟୁଜ): ମହାନଦୀ କୋଲ ମଜଦୁର ସଂଘ ଏବଂଏମସ ଇବ ଭ୍ୟାଲି କ୍ଷେତ୍ର ତରଫରୁ କେନ୍ଦ୍ରୀୟ ଚିକିତ୍ସାଳୟ ଠାରେ ସୋମବାର ୧୬ ଦଫା ଦାବି ନେଇ ଧାରଣା ପ୍ରଦର୍ଶନ କରାଯାଇଥିଲା। ମଣ୍ଡଳିଆ କେନ୍ଦ୍ରୀୟ ଚିକିତ୍ସାଳୟରେ ବିଭିନ୍ନ ସମସ୍ୟାକୁ ନେଇ ଶ୍ରମିକ ସଂଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା। ୧୬ଟି ପ୍ରମୁଖ ଦାବି ମଧ୍ୟରେ କେନ୍ଦ୍ରୀୟ ଚିକିତ୍ସାଳୟ କୋଠା ନବୀକରଣ, ଡିଜିଟାଲ ଏକ୍ସରେ, ଅଲ୍ଟ୍ରାସାଉଣ୍ଡ, ସିଟି ସ୍କାନ ଭଳି ଉନ୍ନତ ଯନ୍ତ୍ରପାତିର ଆବଶ୍ୟକତା, ପାରା ମେଡ଼ିକାଲ ଷ୍ଟାଫ ଓ ଟେକ୍ନିସିଆନ ଅଭାବ, ସମଲେଶ୍ୱରୀ ଓପିଡି ଡିସପେନସାରୀରେ ଫାର୍ମାସିଷ୍ଟ ଓ ନର୍ସ ନିଯୁକ୍ତି, ଡାକ୍ତର ଅଭାବ, ଜିଏମ ଅଫିସରୁ କେନ୍ଦ୍ରୀୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ସୁବିଧା, ଶବ ବାହକ ଗାଡ଼ି ଆବଶ୍ୟକତା, ଆଇସିୟୁ ଓ ଡାଇଲିସିସ ୟୁନିଟ୍ କାର୍ଯ୍ୟକ୍ଷମ କରିବା, ସମସ୍ତ ଯୋଗ୍ୟ କର୍ମଚାରୀଙ୍କୁ ପୋଷାକ ଯୋଗାଇବା ଆଦି ରହିଛି। ଅନ୍ୟପଟେ କୋଇଲା ଖଣି କର୍ତ୍ତୃପକ୍ଷ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଦିନରାତି ଚାଲିଛି ବେଆଇନ ମୋରମ୍ ଚାଲାଣ: ପ୍ରଶାସନ ନିରବଦ୍ରଷ୍ଟା

ବାରିପଦା(ଭାସ୍କର ନ୍ୟୁଜ): ଅନ୍ଧ ଦେଶେ ଗଲି ଦର୍ପଣ ବିକି ନ୍ୟାୟରେ ବେଆଇନ ଭାବେ ଉତ୍ତୋଳନ ହୋଇ ଚାଲିଛି ଖୁଲମଖୁଲା ମୋରମ୍ ଚାଲାଣ । ଯାହାକୁନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତେଜୁଥିବା ବେଳେ ଖବର ଦେଲେ ମଧ୍ୟ ବିଭିନ୍ନ ଆଳରେ ଏଡ଼ାଇ ଯାଉଛନ୍ତି ସ୍ଥାନୀୟ ଅଧିକାରୀମାନେ ବୋଲି କ୍ଷୋଭଭରା ଟୁପୁରୁଟାପୁର ଆଲୋଚନା ହେଉଥିବା ଶୁଣିବାକୁ ମିଳେ । ଫଳରେ ସରକାରୀ ରାଜକୋଷ ବିପୁଳ ରାଜସ୍ୱ ହରାଉଥିବା ବେଳେ ମୋରମ ଚୋରଙ୍କ ଟ୍ରେଜେରି ଉଛୁଳି ପଡୁଥିବା ଅଭିଯୋଗ ହେଉଛି । ଏଭଳି ସ୍ଥିତିରେ ମୋରମ ଚୋର ଓ ଚୋରି ଉପରେ ଅଙ୍କୁଶ ଲଗାଇବା ପାଇଁ ଆଗେଇ ଆସିବା ବଦଳରେ ଅନୁକମ୍ପା ପ୍ରଦର୍ଶନ କରି ନିରବତା ଅବଲମ୍ବନ କରିବା ପଛରେ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କ ଭାଗିଦାରୀ ସାଙ୍ଗକୁ ଭିତିରିଆ ଡିଲ୍ ପ୍ରମୁଖ କାରଣ ନୁହେଁ ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପଟେ ଏ ଘଟଣାରେ ହସ୍ତକ୍ଷେପ କରି ରାଜସ୍ୱ ଲୁଟରାଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଆଗକୁ ଆସିବା ଉଚିତ ବୋଲି ଆଲୋଚନା ହେଉଛି । ତେବେ ଏଠି ଆମେ କହୁଛୁ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଓ ଶୁଳିଆପଦା ଥାନା ଅଧୀନରେ ଥିବା ବିଭିନ୍ନ ଅଞ୍ଚଳରୁ ବେଆଇନ ଭାବେ ଉତ୍ତୋଳନ ସାଙ୍ଗକୁ ଚୋରାରେ ଚାଲାଣ ହେଉଥିବା ଲଘୁଖଣିଜ ଦ୍ରବ୍ୟ




ପ୍ରସଙ୍ଗ । ଓଭର ଲୋଡ଼ିଂ ଟ୍ରାକ୍ଟର, ଡମ୍ପର, ହାଇୱା ଦିନରାତି ରାସଗୋବିନ୍ଦପୁର ଓ ଶୁଳିଆପଦା ଥାନା ଅଞ୍ଚଳରେ ବେଧଡକ ଭାବେ ଚାଲିଛି । ମାତ୍ର ଉଭୟ ଥାନା କର୍ତ୍ତୃପକ୍ଷ ଏବଂ ଲଘୁଖଣିଜ ବିଭାଗ ଅଧିକାରୀ କି ଜିଲ୍ଲା ପ୍ରଶାସନର ନିରବତା ସାଙ୍ଗକୁ କାର୍ଯ୍ୟାନୁଷ୍ଠାନ ଅଭାବରୁ ଦିନକୁଦିନ ବେଆଇନ ଉତ୍ତୋଳନ ସହ ଚୋରା ମୋରମ୍ ଚାଲାଣ ଅହେତୁକ ଭାବେ ବଢ଼ିବାରେ ଲାଗିଛି । ଅନ୍ୟପଟେ ଚୋରା ଚାଲାଣକାରୀ ରାସ୍ତାଘାଟରେ କହି ବୁଲୁଛନ୍ତି ଆମେ ସରକାର, ଆମ ମୋରମ୍ ଯେମିତି ଚାହିଁବୁ ସେମିତି ବେପାର କରିବୁ କିଏ କ'ଣ କରିବ ଦେଖିବା ବୋଲି ଲୋକଙ୍କ ମଧ୍ୟରେ ହେଉଥିବା ଚାପା ଗୁଞ୍ଜରଣରୁ ଶୁଣିବାକୁ ମିଳେ । ତେବେ ଏହି ଚାଲାଣକାରୀ ପ୍ରତିପତ୍ତିଶାଳୀ ଏବଂ କ୍ଷମତାଶାଳୀ ଗୋଷ୍ଠୀ ହୋଇଥିବାରୁ ବିରୋଧ କରିବାକୁ ସ୍ଥାନୀୟ ଲୋକମାନେ ସାହସ କରିପାରୁନଥିବା ଆଲୋଚନାରୁ ଶୁଣିବାକୁ ମିଳେ । ମାତ୍ର ସରକାରୀ ରାଜକୋଷ ଲୁଟେରାଙ୍କ ପ୍ରତି ସରକାରୀ ଅଧିକାରୀଙ୍କ ଅନୁକମ୍ପା ପ୍ରଦର୍ଶନ ପଛରେ କି ରହସ୍ୟ ରହିଛି ତାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ଲକ୍ଷ୍ୟ କରାଯାଉଛି । ସୂଚନାଯୋଗ୍ୟ ରାସଗୋବିନ୍ଦପୁର, ଶୁଳିଆପଦା ଥାନା ପୋଲିସ କିମ୍ବା ଲଘୁଖଣିଜ ବିଭାଗ କି ଜିଲ୍ଲା ପ୍ରଶାସନ ଅଧିକାରୀଙ୍କ ପକ୍ଷରୁ ସାମାନ୍ୟ ତତ୍ପରତା ଦେଖାଇଲେ ଦୈନିକ ଲକ୍ଷାଧିକ ଟଙ୍କାର ରାଜସ୍ୱ ରାଜକୋଷକୁ ଆସି ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି । ଉଲ୍ଲେଖଯୋଗ୍ୟ ଶୁଳିଆପଦା ବ୍ଲକ ଫାନିଆ ପଞ୍ଚାୟତ ବଡଡେଙ୍କିଆ କୋଷ୍ଠା ପଞ୍ଚାୟତ କୋଷ୍ଠା, ଜରୁଆ, ଝାଲିଆମରା, ପାକଟିଆ ପଞ୍ଚାୟତ ଡାହିସାହି, କୁଜିଡିହି ପଞ୍ଚାୟତ ଅଶନବଣୀ, ଧାତିକା ପଞ୍ଚାୟତ ଧାତିକା, ଚୁହାଟ ପଞ୍ଚାୟତ ଚୁହାଟ ଠାରୁ ବେଧଡକ ମୋରମ ଚୋରି ହେଉଥିବା ନେଇ ଅଭିଯୋଗରୁ ଜଣାପଡ଼ିଛି । ପ୍ରକାଶଯୋଗ୍ୟ ରେଳବିଭାଗ ପକ୍ଷରୁ ତୃତୀୟ ଲାଇନ ସଂପ୍ରସାରଣ କାର୍ଯ୍ୟ ଚାଲୁ ରହିଥିବା ପରିପ୍ରେକ୍ଷୀରେ ରାସଗୋବିନ୍ଦପୁର ବ୍ଲକର ଉଗାଳସାହି, ଡେଙ୍ଗାନାଳିଆ, ନଳଗଜା, ବାଙ୍କବଣ, ଟିକପଦା, ବାଘସାହି ଆଦି ସ୍ଥାନରୁ ମୁରୁମ୍ ଚୋରି କରି ପୋଡଶୀ ବାଲେଶ୍ୱର ଜିଲ୍ଲାକୁ ବେଆଇନ ଭାବେ ଚାଲାଣ ହେଉଥିବା ଅଭିଯୋଗ ହେଉଛି । ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦୃଷ୍ଟିକୁ ଆସିଲେ ଅଙ୍କୁଶ ନିଶ୍ଚିତ ଲାଗିବ ବୋଲି ଆଶାବାଦୀ ଥିବା ଚର୍ଚ୍ଚା ହେଉଛି ।

## ନାଲକୋ ପ୍ଲାଣ୍ଟରୁ ଆଲୁମିନିୟମ୍ ଖଣ୍ଡ ବୋଝେଇ ଟ୍ରକ୍ ପତରାଜପୁରରୁ ଉଦ୍ଧାର

## ବିନା ସିଜର୍ ଜିମାରେ ମାଲିକଙ୍କୁ ହସ୍ତାନ୍ତର: ସନ୍ଦେହରେ ପୋଲିସ୍‌ର ଭୂମିକା




ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ): ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନମ୍ବର ଜାତୀୟ ରାଜପଥ ପତରାଜପୁର ତୋଶାଳିପ୍ଲାଜା ସମ୍ମୁଖ ପାର୍କିଂରୁ ସୋମବାର ସକାଳ ପ୍ରାୟ ୧୦ଟା ସମୟ ହେବ ଏକ ୧୬ ଚକିଆ ଆଲୁମିନିୟମ ଖଣ୍ଡ ବୋଝେଇ ଟ୍ରକ୍‌କୁ ବାଲିଚନ୍ଦ୍ରପୁର ପୋଲିସ ଜବତ କରିଥିଲା। ସନ୍ଧ୍ୟା ସମୟରେ ଉକ୍ତ ଗାଡ଼ିର ମାଲିକ ଟ୍ରକ୍‌ଟିକୁ ବାଲିଚନ୍ଦ୍ରପୁର ପୋଲିସ ଠାରୁ ନିଜ ଜିମାରେ ନେଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ (ଓ ଡ଼ି ୧୯ ଏନ୍ ୩୫୬୮) ନମ୍ବର ବିଶିଷ୍ଟ ଏକ ଟ୍ରକ୍‌ରେ ଅନୁଗୁଳସ୍ଥିତ ନାଲକୋ ପ୍ଲାଣ୍ଟରୁ ଆଲୁମିନିୟମ ଖଣ୍ଡ ବୋଝେଇ କରି ରାୟପୁର ଅଭିମୁଖେ ଯିବାର ଥିଲା। ମାତ୍ର ଉକ୍ତ ଟ୍ରକ୍‌ଟି ସେ ଦିଗରେ ନଯାଇ କଟକ ମଙ୍ଗୁଳି ଛକ ଦେଇ ଜଗତପୁର-କେନ୍ଦ୍ରାପଡ଼ା ରୁଟରେ ଆସି ପତରାଜପୁର ଛକ ତୋଶାଳିପ୍ଲାଜା ପାର୍କିଂରେ ଅଟକି ରହିଥିଲା। ଗାଡ଼ିର ମାଲିକ ଧ୍ରୁବେନ୍ଦ୍ର କୁମାର ସାହୁ ଗାଡ଼ିରେ ଲଗାଇଥିବା ଜିପିଏସକୁ ଟ୍ରାକ କରି ଗାଡ଼ିର ସନ୍ଧାନ ଲଗାଇଥିଲେ। ଧ୍ରୁବେନ୍ଦ୍ର ତାଙ୍କର ବିଶ୍ୱସ୍ତ ଲୋକଙ୍କ ସହ ସମ୍ପର୍କ କରି ଗାଡ଼ିକୁ ଠାବ କରିବା ପରେ ଉକ୍ତ ଗାଡ଼ିର ସମସ୍ତ ନମ୍ବର ପ୍ଲେଟ୍‌ରେ ଅନ୍ୟ ଏକ ନମ୍ବର (ଓଡ଼ି ୩୫ଡି ୧୬୮୭) ହଳଦିଆ ରଙ୍ଗର ଜରିପଟିରେ ଲଗାଯାଇଥିବା ଦେଖିବାକୁ ପାଇଥିଲେ। ଗାଡ଼ିଟକୁ ଲକ୍ କରିଦେଇ ଡ୍ରାଇଭର ଫେରାର ହୋଇଯାଇଥିଲା। ଅନ୍ୟପଟେ ଉକ୍ତ ଆଡ଼ପଟେ ନମ୍ବରକୁ କାଢି ଦେଖିଲା ବେଳକୁ ତା ତଳେ ଗାଡ଼ିର ଅସଲି ନମ୍ବର ଲେଖାଥିଲା। ଏହାପରେ ଗାଡ଼ିଟିକୁ ଠାବ କରିଥିବା ଲୋକେ ବାଲିଚନ୍ଦ୍ରପୁର ପୋଲିସକୁ ଜିମା ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଆଲୁମିନିୟମ ବୋଝେଇ ଗାଡ଼ିଟିକୁ ନିଜ ହେପାଜତକୁ ନେଇଥିଲା। ମାଲିକ ଧ୍ରୁବେନ ସାହୁ ଘଟଣାସ୍ଥଳକୁ ପହଞ୍ଚି ପୋଲିସ ସହ ଯୋଗାଯୋଗ କରି ଉକ୍ତ ଗାଡ଼ିଟିକୁ ନେଇଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଏଠାରେ ପ୍ରଶ୍ନ ଉଠେ ଯେତେବେଳେ ଚୋରି ହୋଇଥିବା ଗାଡ଼ି ପୋଲିସ ଜବତ କଲା ପରେ ସିଜର ଜିମା କାଗଜପତ୍ର କରି ଦିଆଯାଇଥାଏ। ମାତ୍ର ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ତାହା କରାନଯାଇ ବିନା ତଦନ୍ତରେ ଲକ୍ଷ ଲକ୍ଷ ଟଙ୍କାର ଚୋରା ସାମଗ୍ରୀକୁ କିପରି ସିଧାସଳଖ ଭାବେ ମାଲିକଙ୍କୁ ହସ୍ତାନ୍ତର କରାଗଲା ସେଥିନେଇ ପୋଲିସର ଭୂମିକା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଯାଜପୁର ଏସ୍‌ପି ଦୃଷ୍ଟିକୁ ସାଧାରଣରେ ଦାବି ହୋଇଛି। ସେପଟେ ବାଲିଚନ୍ଦ୍ରପୁର ଥାନାଧିକାରୀ ସମରେନ୍ଦ୍ର ନାୟକଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ କହନ୍ତି ଗତକାଲି ରାତିରେ ଗାଡ଼ିର ମାଲିକ ଅନୁଗୁଳ ସଦର ଥାନାରେ ରିପୋର୍ଟ କରିଥିଲେ। ଗାଡ଼ିଟିକୁ ଅନୁଗୁଳ ପୋଲିସ ନେଲା କି ? ଯେହେତୁ ମୁଁ ଅନୁଗୁଳରେ ଚାକିରି କରିଥିଲି ସେଥିପାଇଁ ଅନୁଗୁଳ ପୋଲିସ ସହ ଫୋନରେ ଯୋଗାଯୋଗ କରି ମାଲିକଙ୍କୁ ହସ୍ତାନ୍ତର କରିଦେଇଛି। ତେବେ ଅନୁଗୁଳରେ ଯେଉଁ ରିପୋର୍ଟ କରାଯାଇଥିଲା ତାହାର କେଶ ନଂ କେତେ ବୋଲି ପଚାରିବାରେ ମୋତେ ଜଣାନାହିଁ ବୋଲି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

## ପାଚିଲା ଧାନ କିଆରିରେ ଆବର୍ଜ୍ଜନା ପାଣି: ତେଜିବ ଚାଷୀ ଆନ୍ଦୋଳନ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଚାଷୀଙ୍କ ଉପରେ ଦାଉ ସାଜିଛି ଘରୋଇ ନର୍ସିଂ କଲେଜ । ଆବର୍ଜ୍ଜନା ପାଣି ପାଚିଲା ଧାନ କିଆରୀକୁ ଯାଉଥିବା ବେଳେ ଚାଷୀମାନେ ଫସଲ ଅମଳ କରିବାରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରତିକାର ପାଇଁ ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଶୁଣୁନାହିଁ । ଯାହାଦ୍ୱାରା ଶହ ଶହ ଏକର ଚାଷ ଜମିରେ ପାଚିଲା ଫସଲ ମାଟିରେ ମିଶିବାକୁ ବସିଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ପୌରପରିଷଦ ଦାଣ୍ଡସାହି ମହଲରେ ଏକ ନର୍ସିଂ କଲେଜ ଚାଲିଛି । ଏହି କଲେଜର ଗାଧୁଆ ପାଣି ଓ ଆବର୍ଜ୍ଜନା ପାଣି ଛାଡ଼ୁଥିବା ବେଳେ ପାଚିଲା ଧାନ କିଆରୀରେ ପଶି ଥିଆ ହୋଇରହୁଛି । ଦୁର୍ଗନ୍ଧରେ ମଧ୍ୟ ଗହୀର ଫାଟି ପଡ଼ୁଛି । ପାଚିଲା ଧାନକୁ ଚାଷୀମାନେ ଅମଳ କରିବାପାଇଁ ବିଭିନ୍ନ ସମସ୍ୟାରେ ପଡ଼ି ରହିଛନ୍ତି । ପାଚିଲା ଧାନ କିଆରି ନଷ୍ଟ ହେଉଥିବା ବେଳେ ନର୍ସିଂକଲେଜ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ଅନେକ ଚାଷୀ ଏ ସମ୍ପର୍କରେ ଅଭିଯୋଗ କରିଆସୁଥିଲେ ମଧ୍ୟ ଏହା ଉପରେ ଗୁରୁତ୍ୱ ଦିଆନଯିବାରୁ ଆନ୍ଦୋଳନ ମୁଣ୍ଡ ଟେକିଛି । କେତେକ ଚାଷୀ ହଷ୍ଟେଲ କଲେଜ ଆବର୍ଜ୍ଜନା ପାଣି ଛାଡୁଥିବା ଦ୍ୱାରା ଗାରିରେ ପାଣି ଫସଲ ନଷ୍ଟ କରୁଛି । କଲେଜ ଓ ହଷ୍ଟେଲ ଚଳାଉଥିବା ବ୍ୟକ୍ତି କାହିଁକି ଚାଷୀର ପାଚିଲା କ୍ଷେତକୁ ପାଣି ଛାଡ଼ିଲେ ସେ ସଂପର୍କରେ ତଦନ୍ତ ଆବଶ୍ୟକ ଅଛି । ଅନ୍ୟ କେତେକ ଘରୋଇ କଲେଜ ଓ ସ୍କୁଲ ଏବଂ ହଷ୍ଟେଲ ମଇଳା ପାଣି ଧାନ କ୍ଷେତ ସମେତ ଜଳାଶୟକୁ ଯାଉଥିବାରୁ ପରିବେଶ ଦୂଷିତ ହୋଇ ଚର୍ମରୋଗଠାରୁ ଆରମ୍ଭକରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଘଟଣା ପ୍ରତି ଦୃଷ୍ଟି ଦିଆନଗଲେ ଆଗାମୀ ଦିନରେ ଜନଆନ୍ଦୋଳନ ହେବ ବୋଲି ସଚେତନ ନାଗରିକ ମତବ୍ୟକ୍ତ କରିଛନ୍ତି ।

## ମାନସିକ ଅନଗ୍ରସରଙ୍କୁ ମିଳିଲାନି ପ୍ରମାଣପତ୍ର



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ପରିସରରେ ସୋମବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ କେତେକ ମାନସିକ ଅନଗ୍ରସର ରୋଗୀଙ୍କୁ ବିଭାଗୀୟ ଅଭିଜ୍ଞ ଡାକ୍ତର ପରୀକ୍ଷା କରିଥିବା ବେଳେ ସେମାନଙ୍କୁ ଆରୋଗ୍ୟ ଯୋଗ୍ୟ ଟିପ୍ପଣୀ ଦେବା ସହ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହୋଇଥିବା ଦେଖିବାକୁ ମିଳିଥିଲା । ଶିବିରରେ ୩୧୧ ହିତାଧିକାରୀ ପ୍ରମାଣପତ୍ର ପାଇଁ ଅଭିଯୋଗ କରିଛନ୍ତି । ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀଙ୍କ ନେତୃତ୍ୱରେ ଅତିଥିମାନେ ଉଦ୍‌ଘାଟନ କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ଅସ୍ଥିଶଲ୍ୟ ବିଭାଗ ବିଶେଷଜ୍ଞ ଡକ୍ଟର ସୁଶୀଲ ନାୟକ, ସୌରଭ ମିଶ୍ର, ବର୍ଷା ମିଶ୍ର, ଶରତ ମଲ୍ଲିକ, ମାନସିକ ବିଭାଗ ଡକ୍ଟର ଅମିତ ମହାନ୍ତି, ବର୍ଷାରାଣୀ ବେହୁରା, ଚକ୍ଷୁ ବିଭାଗ ଡକ୍ଟର ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ, ରୁପାଲୀ ମହାନ୍ତି, ଶ୍ରବଣ ବାଧିତ ଡକ୍ଟର ରବୀନ୍ଦ୍ର ଗଡେଇ, ଚନ୍ଦନ ମହାନ୍ତି, ଦେବ ପ୍ରସନ୍ନ ସାମନ୍ତସିଂହାର ପ୍ରମୁଖଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା । ମୋଟ ୩୧୧ଙ୍କ ମଧ୍ୟରୁ ଦୃଷ୍ଟିବାଧିତ ୪୩, ମେଡ଼ିସିନ ୧୨, ମାନସିକ ଅନଗ୍ରସର ୪୨, ଅସ୍ଥିସଲ୍ୟ ୧୩୬, ଶ୍ରବଣ ବାଧିତ ୭୮ ପରୀକ୍ଷା କରାଇଥିଲେ । ଅନ୍ୟପକ୍ଷରେ ପ୍ରଶାସନକୁ ଭିନ୍ନକ୍ଷମ ବ୍ୟକ୍ତି ଟ୍ରାଇସାଇକେଲ, ହୁଇଲ ଚେୟାର ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଉପକରଣ ଦେବାକୁ ଦାବି କରିଥିଲେ ଭିନ୍ନକ୍ଷମ ।

## ଆଦିବାସୀ ବ୍ୟକ୍ତିଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଗୌଡ଼ଗୁଡା ପଞ୍ଚାୟତ ଗୋରେଇଗୁଡା ଗ୍ରାମ ନିକଟରେ ଥିବା ପୋଖରୀ ହୁଡ଼ା ଉପରୁ ଜଣେ ବ୍ୟକ୍ତିଙ୍କ କ୍ଷତବିକ୍ଷତ ମୃତଶରୀର ଉଦ୍ଧାର ହୋଇଥିବା ପରିବାର ଲୋକେ ଆଣିଛନ୍ତି ହତ୍ୟା ଅଭିଯୋଗ । ତେବେ ଘଟଣା ସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ ଟିମ୍ ପହଁଚି ତଦନ୍ତ ଆରମ୍ଭ ଆରମ୍ଭ କରିଛନ୍ତି । ପୁଲିସ ସୂଚନା ଅନୁଯାଇ ମାଲକାନଗିରି ଆଦର୍ଶ ଥାନାସ୍ଥ ଗୌଡ଼ଗୁଡା ପଞ୍ଚାୟତ ଗୋରେଇଗୁଡା ଗ୍ରାମର ମଙ୍ଗଳା କବାସୀ ରବିବାର ରାତ୍ରରେ ଗାଁ ମୁଣ୍ଡ ଜମି ନିକଟରେ ଥିବା କ୍ଷେତକୁ ଶୋଇବାକୁ ଯାଇଥିଲେ । ସୋମବାର ସକାଳୁ କ୍ଷେତ ନିକଟରେ ଥିବା ପୋଖରୀ ହୁଡ଼ାରେ ମଙ୍ଗଳାଙ୍କ କ୍ଷତବିକ୍ଷତ ମୃତଶରୀର ପଡ଼ିଥିବା ଦେଖିବାକୁ ପାଇଥିଲେ ଗ୍ରାମବାସୀ ଓ ପରିବାର ଲୋକେ । ମୃତ ମଙ୍ଗଳାଙ୍କ ବେକ, ହାତ କହୁଣୀରେ କ୍ଷତଚିହ୍ନ ଥିବା ଦେଖି ଏହା ଏକ ସୁକଳ୍ପିତ ହତ୍ୟାକାଣ୍ଡ ବୋଲି ମୃତକଙ୍କ ଭାଇ ମଙ୍ଗଡୁ କବାସୀ ମାଲକାନଗିରି ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ । ଏସ୍‌ଡିପିଓ ସଚୀନ ପଟେଲ ଓ ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋ ସଦଳବଳ ଘଟଣା ସ୍ଥଳରେ ମୃତଶରୀର ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଆରମ୍ଭ କରିଥିଲେ । ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହେବାରୁ ସୋମବାର ଅପରାହ୍ନରେ କୋରାପୁଟରୁ ସାଇଣ୍ଟିଫିକ ଟିମ୍ ଡକାଯାଇ ଅଧିକ ତଦନ୍ତ ଜାରି ରହିଛି । ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ମୃତ ଶରୀର ହସ୍ତାନ୍ତର କରାଯାଇଛି । ଖୁବ୍‌ଶୀଘ୍ର ମୃତ୍ୟୁ ରହସ୍ୟ ପଦାକୁ ଆସିବ ବୋଲି ଥାନା ଅଧିକାରୀ ଶ୍ରୀ କିଣ୍ଡୋ କହିଛନ୍ତି ।

## ପେଟ୍ରୋଲ ଛକ ଟ୍ରାନ୍ସଫର୍ମର ଅଚଳ: ଦୁର୍ଦ୍ଦଶା ଭୋଗୁଛନ୍ତି ୩୦ରୁ ଊର୍ଦ୍ଧ୍ୱ ପରିବାର



ବାଲିମେଳା(ଭାସ୍କର ନ୍ୟୁଜ): ସରକାରଙ୍କ ତରଫରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ବିଦ୍ୟୁତ, ବିଶୁଦ୍ଧ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ଅନେକ ପ୍ରକାର ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନେକ ଯୋଜନା ପ୍ରଚଳନ କରାଯାଇଛି । ଏଥି ନିମନ୍ତେ କୋଟି କୋଟି ଟଙ୍କା ବିଭିନ୍ନ ବିଭାଗ ମାଧ୍ୟମରେ ଖର୍ଚ୍ଚ ମଧ୍ୟ କରାଯାଉଛି । ଏହାର ଏକ ବିପରୀତ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧିନସ୍ଥ ପୋଟ୍ରେଲ ପଞ୍ଚାୟତର ପୋଟ୍ରେଲ ଛକଠାରେ ଥିବା ଇନ୍ଦିରା କଲୋନୀ ଓ ଦୋକାନ ଅଞ୍ଚଳରେ । ସୂଚନା ଅନୁଯାୟୀ ଆଜକୁ ପ୍ରାୟସପ୍ତାହ ପୂର୍ବେ ପୋଟ୍ରେଲ ଛକରେ ଥିବା ଟିପିଏସଓଡିଏଲ ବିଭାଗ ପକ୍ଷରୁ ଅଞ୍ଚଳରେ ବସବାସ କରୁଥିବା ହିତାଧିକାରୀଙ୍କୁ ବିଦ୍ୟୁତ ସେବା ଯୋଗାଇଦେବା ନିମନ୍ତେ ଲଗାଯାଇଥିବା ଟ୍ରାନ୍ସଫର୍ମର କୌଣସି କାରଣରୁ ପୋଡ଼ିଯାଇ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି । ସ୍ଥାନୀୟ ଲୋକେ କିଛିଦିନ ପୂର୍ବେ ଏନେଇ ବାଲିମେଳା ସହାରରେ ଥିବା ଟିପିଏସଓଡିଏଲ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଥିଲେ । କିନ୍ତୁ ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ବହୁବାର ଅଭିଯୋଗ କରିବା ପରେ ବି ଆଜିପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ସୁଷମା ଖରା, ରାଧା ପାଙ୍ଗି, ଦୁଃଶାଳା ମୌରିଆ, ତରୁଣ ମିସ୍ତ୍ରୀ, ବିଶାଖା ଘରାମୀ, ସାଧନା ଘରାମୀ, ବିକାଶ ବିଶ୍ୱାସ, ନିରୋଦ ହାଲଦାର, ଲକ୍ଷ୍ମୀ ପାଙ୍ଗି, ଶାନ୍ତି ଖରା ନାୟକ, ଗୋପୀ ଖରା, ପଦ୍ମମା ଖରାଙ୍କ ସମେତ ଇନ୍ଦିରା କଲୋନୀ ଓ ପୋଟ୍ରେଲ ଛକର ଲୋକମାନେ ଅଭିଯୋଗ କରିଛନ୍ତି । ଗ୍ରାମଟି ଘଞ୍ଚ ପାହାଡ଼ ଓ ଜଙ୍ଗଲ ପରିବେଷ୍ଟିତ ହୋଇଥିବାରୁ ସନ୍ଧ୍ୟା ହେଲେ ବନ୍ୟଜନ୍ତୁ ଓ ବିଷାକ୍ତ ସରୀସୃପର ଭୟ ଲାଗି ରହୁଛି । ଖାଲି ଏତିକି ନୁହେଁ କରେଣ୍ଟ ନଥିବାରୁ ସନ୍ଧ୍ୟା ନହେଉଣୁ ପିଲାମାନେ ପାଠପଢ଼ାରେ ଖରାପ ହେଉଛନ୍ତି । ପିଲାଙ୍କ ଭବିଷ୍ୟତ ଏକ ପ୍ରକାର ଅନ୍ଧାରକୁ ଠେଲି ହୋଇଯାଉଛି । ଅଞ୍ଚଳରେ ଏକ ସପ୍ତାହ ଧରି କରେଣ୍ଟ ନଥିବାରୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ଟିପିଏସଓଡିଏଲ ବିଭାଗ ଏସଡିଓ ବିଶ୍ୱ ସ୍କେନ ପ୍ରଧାନ କହିଥିଲେ ଅଭିଯୋଗ ପରେ ଟ୍ରାନ୍ସଫର୍ମରର ଫିଉଜ ପକାଯାଇଥିଲା । ହେଲେ କୌଣସି କାରଣରୁ ସେଠାରେ କରେଣ୍ଟ ରହୁନି । ଆସନ୍ତାକାଲି ଏକ ସ୍ୱତନ୍ତ୍ର ଟିମ ପଠାଇ ମରାମତି କରାଯିବା ସହ ଲୋକଙ୍କୁ ବିଦ୍ୟୁତ ସେବା ଯୋଗାଇ ଦିଆଯିବ ବୋଲି ଏସଡିଓ ଶ୍ରୀ ପ୍ରଧାନ କହିଛନ୍ତି ।

## ଡିଜେ ଗାଡ଼ିକୁ ପୋଲିସ୍‌ର ଚେତାବନୀ ଫଳ ଶୂନ୍: ଯାଜପୁରରେ ଶବ୍ଦ ପ୍ରଦୂଷଣରେ ଲଗାମ ନାହିଁ

ଯାଜପୁର(ଭାସ୍କର ନ୍ୟୁଜ): ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ତୁଚ୍ଛ ମଣୁଛନ୍ତି ଭୟଙ୍କର ଶବ୍ଦ ପ୍ରଦ୍ୟୁଷଣକାରୀ ଡିଜେ ଓ ବ୍ୟାଣ୍ଡ ପାର୍ଟି ଦଳ । କୋର୍ଟ ଓ ପ୍ରଶାସନର ନିଷ୍ପତ୍ତିକୁ ବେଖାତିର କରୁଛନ୍ତି ଡିଜେବାଲା । ପୂଜା ଉତ୍ସବ ପୂର୍ବରୁ ପ୍ରଶାସନ ଓ ପୋଲିସ ଡିଜେବାଲାଙ୍କୁ ଡାକି ତାଗିଦ୍ କରିଥାନ୍ତି । ଫଳରେ ସ୍ଥାନୀୟ ଗଣପର୍ବରେ କେବଳ ଏହି ନିର୍ଦ୍ଦେଶନାମା ବା ତାଗିଦ୍‌କୁ ଏହି ଶବ୍ଦ ପ୍ରଦୂଷଣକାରୀ ମାନିଥାନ୍ତି । କିନ୍ତୁ ଅନ୍ୟ ସମୟରେ ବିଶେଷ କରି ବିବାହ ପ୍ରସେସନ୍‌ଠୁ ଆରମ୍ଭ କରି ଗଣେଶ ପୂଜା, ସରସ୍ୱତୀ ପୂଜା, ବିଶ୍ୱକର୍ମା ପୂଜାର ଭଷାଣୀ, ମେଲଣ ଓ ମେଳା ସମେତ ଅନ୍ୟ ଧର୍ମାବଲମ୍ବୀଙ୍କ କେତେକ କାର୍ଯ୍ୟକ୍ରମରେ ଛାତିଫଟା ଶବ୍ଦ ପ୍ରଦ୍ୟୁଷଣ କରାଯାଉଛି ଏହି ଅବୈଧ ଡିଜେ ଦ୍ୱାରା । ଡିଜେର ଭୟଙ୍କର ଶବ୍ଦରେ ହୃଦ୍‌ରୋଗୀ, ବୟସ୍କ ବ୍ୟକ୍ତି, ଛୋଟ ପିଲା, ଶିଶୁ ଏବଂ ଜୀବଜନ୍ତୁ ବିଶେଷ କଷ୍ଟ ପାଉଛନ୍ତି । ଯାଜପୁର ସହର ଏବଂ ଆଖପାଖରେ କିଛି ମାସ ପୂର୍ବେ ଏକାଧିକ ବ୍ୟକ୍ତିଙ୍କର ଉକ୍ତ ଶବ୍ଦ ପ୍ରଦୂଷଣ ପାଇଁ ମୃତ୍ୟୁ ହୋଇଛି । ଜିଲ୍ଲା ତଥା ରାଜ୍ୟର ବହୁ ସ୍ଥାନରେ ଏହି ଡିଜେ ରାକ୍ଷସ ପାଇଁ ଅନେକଙ୍କ ଜୀବନ ଦୀପ ଅକାଳରେ ଝଡି ପଡୁଥିବା ଖବର ଗଣମାଧ୍ୟମରେ ଦୃଷ୍ଟିଗୋଚର ହେଉଛି । ଏବେ ବିବାହ ଋତୁ ସାଙ୍ଗକୁ ପିକିନିକ୍ ସମୟ । କିଛି ମଦ୍ୟପ ବରଯାତ୍ରୀ ଏବଂ ନିଶା ସେବନକାରୀ ପିକ୍‌ନିକ୍ ଦଳର ଯୁବକଙ୍କ ଫରମାସିରେ ଡିଜେବାଲା ପ୍ରଚଣ୍ଡ ଶବ୍ଦର ସଙ୍ଗୀତ ବଜାଇବାକୁ ବାଧ୍ୟ ହେଉଛନ୍ତି । ସୋମବାର ଯାଜପୁର ସହରର ମହାବୀର ଛକରେ ଏହିପରି ଏକ ଡିଜେ ପାର୍ଟିକୁ ଗୋଟିଏ ବର ପ୍ରସେସନ ଦଳ ଉଚ୍ଚଶବ୍ଦ କରି ମଣ୍ଡପକୁ ଯାଉଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କ ୧୧୨ ନଂ ଫୋନ୍ ପାଇ ପୋଲିସ ପହଞ୍ଚି ଡିଜେଦଳକୁ ତାଗିଦ୍ କରିଛି । ପୋଲିସ ପିସିଆର ଚାଲିଯିବା ପରେ ଡିଜେବାଲା ପୁଣି ସେହି ପ୍ରଚଣ୍ଡ ଶବ୍ଦ କରି ପ୍ରସେସନ ଦଳ ନିଜ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାଉଥିବା ଦେଖା ଯାଇଥିଲା । ଅର୍ଥାତ୍ ପୋଲିସ୍‌ର ତାଗିଦ୍‌କୁ ମଧ୍ୟ ଉଚ୍ଚ ଶବ୍ଦକାରୀ ଡିଜେଦଳ ଖାତିର କରିନଥିବା ଦେଖିବାକୁ ମିଳିଛି । ଏ ଦିଗରେ ଯାଜପୁର ଜିଲ୍ଲା ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

## ଷ୍ଟ୍ରିଟ ଲାଇଟ୍ ପ୍ରଭାବରେ ଏକର ଏକର ଧାନ ଫସଲ ନଷ୍ଟ ଆଶଙ୍କା



ପରଜଙ୍ଗ(ଭାସ୍କର ନ୍ୟୁଜ): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳ ଦେଇ କାମାକ୍ଷାନଗର ଅଭିମୁଖେ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ମୁଣ୍ଡେଇଲୋ, ଖଇରାମୁଣ୍ଡା ଆଦି ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଧାନ ଫସଲରେ ଷ୍ଟ୍ରିଟ ଲାଇଟ କିରଣରେ ଧାନ କୁପ୍ରଭାବିତ ହେଉଥିବା ଅନୁମାନ କରାଯାଉଛି । ୫୩ ନମ୍ବର ଜାତୀୟ ରାଜପଥକୁ ସମ୍ପ୍ରସାରଣ କରାଯାଇ ୪ ଲେନ ବିଶିଷ୍ଟ ରାଜପଥରୁ ଗତ ଅକ୍ଟୋବର ମାସ ପହିଲାରୁ ଆରମ୍ଭ କରିଦେଇଛନ୍ତି ଟୋଲ ଫି ଆଦାୟ । ଟୋଲ ଗେଟ୍ କାର୍ଯ୍ୟକାରୀ ହେବା ଦିନଠାରୁ ଉକ୍ତ ରାସ୍ତାକୁ ଆଲୋକିକରଣ କରିବା ପାଇଁ ଉଚ୍ଚତମ ଖୁଣ୍ଟରେ ସ୍ୱତନ୍ତ୍ର ଷ୍ଟ୍ରିଟ ଲାଇଟ୍ ବ୍ୟବହାର କରାଯାଇଛି । ଫଳରେ ଏହି ଲାଇଟ୍ ପ୍ରଭାବରେ ଟୋଲଗେଟ୍ ପାଖକୁ ଲାଗି ରହିଥିବା ଧାନଫସଲ ଉପରେ ପ୍ରଭାବ ପଡ଼ିଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ପରଜଙ୍ଗ ବ୍ଲକ ମୁଣ୍ଡେଇଲୋ ପଞ୍ଚାୟତ ଅଧିନସ୍ଥ ଗେହ୍ଲେଇକାଟେଣି ଗ୍ରାମର ଚାଷୀ ବିଭୂତି ଭୂଷଣ ନାୟକ, ପଣ୍ଡିତ ନାୟକ, ସୁଧାକର ନାୟକ, ବିପିନ ବିହାରୀ ନାୟକ, ରଞ୍ଜିତ ନାୟକ, ଶେଷଦେବ ନାୟକ, କେଶବ ନାୟକ, ହିମାଂଶୁ ନାୟକ ଓ ଭାଇଗ ବିଶ୍ୱାଳ ପ୍ରମୁଖ ଚାଷୀଙ୍କ ୨ ଏକରରୁ ଊର୍ଦ୍ଧ୍ୱ ଧାନଫସଲ ପ୍ରଭାବିତ ହୋଇଛି । ସମସ୍ତ ଚାଷୀ ପ୍ରଜାଙ୍କର ଜମିଟୋଲ ଗେଟକୁ ଲାଗି ରହିଛି, ଯାହାକି ଏହି ଲାଇଟ୍ ପ୍ରଭାବରେ ଧାନଫସଲ ଉପରେ ପ୍ରଭାବ ପଡ଼ିବା ଦ୍ୱାରା ଧାନଚାଷ ହୋଇଥିବା ଜମି ଉପରେ ଧାନଗଛ କେବଳ ଠିଆ ହୋଇରହିଛି, କିନ୍ତୁ ଧାନକେଣ୍ଡା ବାହାରିନାହିଁ, ଆଉମଧ୍ୟ କେତେକ ଗ୍ରାମରେ ଧାନ ପାଚିବାରେ ବିଳମ୍ବ ଜଣାପଡୁଛି । ଜମିରେ ଧାନଗଛ ସଳଖ ସୁନ୍ଦର ହୋଇ ଠିଆ ହୋଇଥିବା ବେଳେ ଏହି ଗଛ କେବଳ ଗାଈଗୋରୁ ଖାଇବା ବ୍ୟତୀତ ଅନ୍ୟ କିଛି କାର୍ଯ୍ୟରେ ଆସିବ ନାହିଁ । ଏପରିସ୍ଥଳେ ଚାଷୀଙ୍କୁ ନିରାଶ ହେବାକୁ ପଡ଼ିଛି । ବର୍ତ୍ତମାନ କ୍ଷୟକ୍ଷତି ହୋଇଥିବା ଧାନ ଫସଲକୁ ଆକଳନ କରାଯାଇ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଷ୍ଟ୍ରିଟ୍ ଲାଇଟ୍ ପ୍ରଭାବରେ ଧାନ ଫସଲ ରୋଗ ପୋକ ସହିତ ଏହିଭଳି ପ୍ରଭାବିତ ହେବାର କାରଣ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

## ତିନିଦିନିଆ ଜିଲ୍ଲାସ୍ତରୀୟ ଯୁବ ରେଡ଼କ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ମହାବିଦ୍ୟାଳୟରେ ଯୁବ ରେଡ଼କ୍ରସ ଅନୁଷ୍ଠାନ ଏବଂ ଓଡ଼ିଶା ରାଜ୍ୟ ରେଡ଼କ୍ରସ ସଂସ୍ଥା ଦ୍ୱାରା ପ୍ରାୟୋଜିତ ୩ଦିନିଆ ଜିଲ୍ଲାସ୍ତରୀୟ ଯୁବ ରେଡ଼କ୍ରସ ଶିକ୍ଷା ଓ ତାଲିମ ଶିବିର ରବିବାର ମହାବିଦ୍ୟାଳୟରେ ଉଦ୍‌ଯାପିତ ହୋଇଯାଇଛି । ପୂର୍ବରୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଯୁବ ରେଡ଼କ୍ରସ ରାଜ୍ୟ ସଂଯୋଜକ ଗୋପାଳ କୃଷ୍ଣ ମିଶ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ରାଜ୍ୟ ସଂଯୋଜକ ଶ୍ରୀ ମିଶ୍ର ଶିବିରର ସଫଳତା ପାଇଁ ମହାବିଦ୍ୟାଳୟ ଅଧକ୍ଷା ଡ଼ଃ.ସସ୍ମିତା ସତପଥିଙ୍କୁ ପ୍ରଶଂସା କରିବା ସହ କାଉନସେଲରଙ୍କୁ ଧନ୍ୟବାଦ ଦେଇଥିଲେ । ମହାବିଦ୍ୟାଳୟର ଅନ୍ତର୍ନିହିତ ଗୁଣବତ୍ତା ପ୍ରକୋଷ୍ଟର ସଂଯୋଜକ ଗଣେଶ୍ୱର ପାତ୍ର ସଭା ପୌରହିତ୍ୟ କରିଥିବା ବେଳେ ଇଂରାଜୀ ଅଧ୍ୟାପିକା ତଥା ରେଡ଼କ୍ରସର କାଉନସେଲର ସାଶ୍ୱତୀ ପଟ୍ଟନାୟକ ବିବରଣୀ ପ୍ରଦାନ କରିଥିଲେ । କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପାରାଦୀପ ମହାବିଦ୍ୟାଳୟର ଅନ୍ୟତମ ଯୁବ ରେଡ଼କ୍ରସ କାଉନସେଲର ସୁଶ୍ରୀସ୍ମିତା ବେହେରା ପରିଚାଳନା କରିଥିଲେ । ପ୍ରାକ୍ତନ ସଂଯୋଜକ ବ୍ରହ୍ମାନନ୍ଦ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱାସ୍ଥ୍ୟବୀମା କାର୍ଡ଼ରେ ହୋଇପାରୁନି ଅସ୍ତ୍ରୋପ୍ରଚାର: ରୋଗୀ ଭୋଗୁଛନ୍ତି ଦୁର୍ଦ୍ଦଶା

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ସ୍ୱାସ୍ଥ୍ୟବୀମା କାର୍ଡ଼କୁ ନେଇ ରୋଗୀମାନେ ହଟହଟା । ଗୁହାରୀ କଲେ ମଧ୍ୟ ଶୁଣୁନି ଜିଲ୍ଲା ପ୍ରଶାସନ । ଯାହକୁ ନେଇ ରୋଗୀମାନେ ଘର ନିକଟରେ ଥିବା ଘରୋଇ କିମ୍ବା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇନପାରି ଦୂର ସହରକୁ ଯାଇ ଚିକିତ୍ସା ହେବା ଦ୍ୱାରା ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ଏପରି ଘଟଣାକୁ ଦେଖି ଜନସାଧାରଣ ସରକାରଙ୍କ ସ୍ୱାସ୍ଥ୍ୟବୀମା କାର୍ଡ଼ କେତେ କାର୍ଯ୍ୟକାରିତା ପ୍ରଶ୍ନ କରିଛନ୍ତି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲାରେ ଥିବା ବହୁ ହିତାଧିକାରୀ ସ୍ୱାସ୍ଥ୍ୟବୀମା କାର୍ଡ଼ ପାଇଛନ୍ତି । ବିଭିନ୍ନ ଅସ୍ତ୍ରୋପ୍ରଚାର ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗଲେ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ସିଡ଼ିଏମଓ ଅଫିସରୁ ନିର୍ଦ୍ଦେଶ ଆଣ ବୋଲି କହୁଛନ୍ତି । ରୋଗୀମାନେ ସେଠାକୁ ଦୌଡ଼ି ନୟାନ୍ତ ହେଉଥିଲେ ମଧ୍ୟ ନିଜ ପାଖ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ତ୍ରପ୍ରଚାର କରିପାରୁ ନାହାନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟରେ ଦୂର ଦୂରାନ୍ତରୁ ଚିକିତ୍ସା ପାଇଁ ଆଦେଶ ଆସୁଥିବା ବେଳେ ସ୍ୱାସ୍ଥ୍ୟବୀମା କାର୍ଡ଼ରୁ ଅସ୍ତ୍ରୋପ୍ରଚାର ଖର୍ଚ୍ଚଠାରୁ ଅଧିକ ଖର୍ଚ୍ଚ ଦୂର ସ୍ଥାନକୁ ଯାଇ ସେଠାରେ ରହିବା ଆଦି କାର୍ଯ୍ୟରେ ଅଧିକ ଖର୍ଚ୍ଚ ହେଉଛି । ଯାହାକୁ ନେଇ ସ୍ୱାସ୍ଥ୍ୟବୀମା କାର୍ଡ଼ରେ ଚିକିତ୍ସା ପ୍ରହସନରେ ପରିଣତ ହୋଇଛି । ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳକ ସିଡ଼ିଏମ୍‌ଓଙ୍କ ଅଫିସରୁ ଆଦେଶ ନ ଆସିଲା ପର୍ଯ୍ୟନ୍ତ ଆମ୍ଭେ ଅସ୍ତ୍ରୋପ୍ରଚାର କରିବୁ ନାହିଁ ବୋଲି ରୋକ୍‌ଠୋକ୍ ମନା କରି ଦେଇଥିବାରୁ ରୋଗୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରି ଘଟଣା ପୁରୀ ଜିଲ୍ଲାରେ ଚାଲିଥିବା ବେଳେ କ'ଣ ପାଇଁ ଲୋକମାନେ ବାରମ୍ବାର ପୁରୀ ଦୌଡ଼ି ଖର୍ଚ୍ଚାନ୍ତ ହେଉଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଘଟଣା ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ରୋଗୀମାନଙ୍କର କିପରି ସ୍ୱାସ୍ଥ୍ୟବୀମା କାର୍ଡ଼ରେ ସରଳ ଚିକିତ୍ସା ହୋଇପାରିବ ସେ ସଂପର୍କରେ ଦୃଷ୍ଟି ଦିଅନ୍ତୁ ବୋଲି ଦାବି ହୋଇଛି ।

## ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଉପରେ ବାଲିମାଫିଆଙ୍କ ଆକ୍ରମଣ

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଶାଳପଡା ବ୍ରିଜ ନିକଟ ସୁଡୁସୁଡିଆ ଛକରେ ଗତକାଲି ରାତିରେ ଖଣି ବିଭାଗ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡର ବଲେରୋ ଗାଡି ଅଟକାଇ ବାଲିମାଫିଆ ଅତର୍କିତ ଆକ୍ରମଣ କରିଛନ୍ତି । କେନ୍ଦୁଝର ଖଣି ମଣ୍ଡଳ ଜୁନିୟର ମାଇନିଂ ଅଫିସର, ଗାଡିର ଡ୍ରାଇଭର ପ୍ରସାଦ ମହାନ୍ତ ଏବଂ ୩ଜଣ ସୁରକ୍ଷା କର୍ମୀ ଆହତ ହୋଇଛନ୍ତି । ୩ଟି ଗାଡିରେ ୧୦ରୁ ୧୫ ବାଲିମାଫିଆ ଖଣି ବିଭାଗ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡର ବଲେରୋ ଗାଡି ଅଟକାଇ ଗାଡି କାଚ ଭାଙ୍ଗି ଗାଡିର ଥିବା କର୍ମଚାରୀଙ୍କୁ ଠେଙ୍ଗା, ଧାରୁଆ ଅସ୍ତ୍ର ଧରି ଆକ୍ରମଣ କରିଥିଲେ । ଜୁନିୟର ମାଇନିଂ ଅଫିସର ସୁରଜ ହେମ୍ବ୍ରମଙ୍କ ସମେତ ଅନ୍ୟମାନଙ୍କୁ ଘୋଷାଡି ରାସ୍ତା ଉପରେ ମାଡ ମାରିଥିଲେ । ଉକ୍ତ ସମୟରେ ସେହି ରାସ୍ତା ଦେଇ ଏକ ଆମ୍ବୁଲାନ୍ସ ସାଇରନ ମାରି ଆସିଥିଲା । ବାଲି ମାଫିଆମାନେ ପୋଲିସ ଗାଡି ଭାବି ସେଠାରୁ ଚମ୍ପଟ ମାରିଥିଲେ । ପରେ ଖବର ପାଇ ଘଟଗାଁ ପୋଲିସ ଘଟଣାସ୍ଥଳକୁ ଯାଇ ଖଣି ଅଧିକାରୀଙ୍କ ସମେତ ଅନ୍ୟମାନଙ୍କୁ ଉଦ୍ଧାର କରି ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ଘଟଗାଁ ପୋଲିସ ଏକ ମାମଲା ରୁଜୁ କରି ଅପରାଧିଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଧରପଗଡ ଜାରି ରଖିଛି ।

## ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନଅଭିଯୋଗ ଶୁଣାଣି



ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ୨୦୫ଟି ଅଭିଯୋଗର ଜନଶୁଣାଣୀ କରିବା ସହିତ ୧୦ଟି ଅଭିଯୋଗର ତତ୍କାଳ ସମାଧାନ କରିଛନ୍ତି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ଜିଲ୍ଲାପାଳ ହେମକାନ୍ତ ସଞ୍ଜୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ସୋମବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ହୋଇଥିବା ଜନଶୁଣାଣୀ ବୈଠକରେ ଯୋଗଦାନ କରି ବାରିପଦା ଉପଖଣ୍ଡର ୧୦ଟି ବ୍ଲକ ଏବଂ ସଦର ମହକୁମାର ବିଭିନ୍ନ ଅଭିଯୋଗର ଶୁଣାଣି କରିଛନ୍ତି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶାନ୍ତନୁ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଶିବିରରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକ୍ଷକ, ଡାଃ ବିଜୟ କୁମାର ଦାଶ ଯୋଗଦେବା ସହ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଶୁଣାଣିରେ ବାରିପଦା ଉପଖଣ୍ଡ ଅନ୍ତର୍ଗତ ଚାରୋଟି ବ୍ଲକର ସର୍ବମୋଟ ୨୦୫ଟି ଅଭିଯୋଗ ଶୁଣାଣି ହୋଇଥିଲା । ସମସ୍ତ ଅଭିଯୋଗ ମଧ୍ୟରେ ମୁଖ୍ୟତଃ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଜଳଯୋଗାଣ, ଜମି ସୀମାଙ୍କନ, ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟାଗୁଡ଼ିକ ସର୍ବାଧିକ ଥିଲା । ଅଭିଯୋଗ ମଧ୍ୟରୁ ୧୭୫ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ ୨୩ ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟରେ ଆଧାରିତ ଥିଲା । ସେଥିମଧ୍ୟରୁ ୧୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ସର୍ବମୋଟ ୫ ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୨,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା ବେଳେ ରେଡ଼କ୍ରସ ପାଣ୍ଠିରୁ ୨ ଜଣଙ୍କୁ ୮୧୫୦ ଟଙ୍କା ପ୍ରଦାନ କରାଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଭିନ୍ନକ୍ଷମ ଦମ୍ପତି ବିନାଶ ଦିଗର ଓ କୁନି ନାଏକଙ୍କୁ ବିବାହ ପ୍ରୋତ୍ସାହନ ରାଶି ବାବଦକୁ ୨,୫୦,୦୦୦ଟଙ୍କା ଆର୍ଥିକ ସହାୟତା, ଭିନ୍ନକ୍ଷମ ସନ୍ତାନ ଅଶ୍ୱିନୀ କୁମାର ଘୋଷ, ବଡ଼ସାହି ବ୍ଲକକୁ ୨୬,୦୦୦ ଟଙ୍କା । ଛାତ୍ରୃତ୍ତି ପ୍ରଦାନ କରାଯାଇଥିଲା । ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ମଧ୍ୟରେ ସରକାରଙ୍କ ବିଭିନ୍ନ ଯୋଜନା ଅନୁଯାୟୀ ଆବାସ ସହାୟତା, ଜଳନିଷ୍କାସନ ବ୍ୟବସ୍ଥା ଆଦି ଅଭିଯୋଗ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କ ଠାରୁ ପ୍ରକାଶ ।

## ଗଞ୍ଜେଇ ଜବତ, ବେପାରି କୋର୍ଟଚାଲାଣ

ବୋଲଗଡ(ଭାସ୍କର ନ୍ୟୁଜ): ରାଜସୁନାଖଳା ଫାଣ୍ଡି ପୋଲିସ ସୋମବାର ସକାଳ ୧୦ଟାରେ ରାଜସୁନାଖଳା-କୋଟଗଡ଼ ରୋଡରେ ଏକ ଓଡ଼-୨୫ଇ-୯୫୩୪ ପ୍ଲାଟିନା ବାଇକଟି ରଣପୁର ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଦେଖି ସନ୍ଦେହ ହେବାରୁ ପାଟ୍ରୋଲିଂ ଟିମ୍ ବାଇକ ଅଟକ ରଖି ତଦନ୍ତ କରିଥିଲେ । ତଦନ୍ତରେ ବାଇକରୁ ୧୦ କେଜି ୨୦୦ଗ୍ରାମ ଗଞ୍ଜେଇ ବାହାରିଥିଲା । ଗଞ୍ଜେଇ ବେପାରୀ ହେଲେ ରାଜସୁନାଖଳା ଟାଙ୍ଗୀ ସାହି ଗ୍ରାମର



ମହେଶ୍ୱର ସାହୁଙ୍କ ପୁଅ ତପନ କୁମାର ସାହୁ (୫୦) ବର୍ଷ । ସେ ଗଣିଆ ଥାନା ଅଧିନସ୍ଥ ବିଜୟ ନଗରରେ ରହୁଥିବା ଜଣାପଡିଛି । ଏନେଇ ରାଜସୁନାଖଳା ଫାଣ୍ଡି ପୋଲିସ ଗଞ୍ଜେଇ ବେପାରୀ ବିରୋଧରେ ୩୯୦/୨୪ ଏକ ମାମଲା ରୁଜୁକରୀ ତାଙ୍କୁ ରଣପୁର କୋର୍ଟକୁ ପଠାଇଛନ୍ତି ।

## କରଞ୍ଜିଆକୁ ରେଳପଥ ଦାବିରେ ଶୋଭାଯାତ୍ରା ଓ ଦାବିପତ୍ର




କରଞ୍ଜିଆ(ଭାସ୍କର ନ୍ୟୁଜ): ବାଦାମପାହାଡ ରେଳପଥକୁ ସମ୍ପ୍ରସାରଣ କରି କେନ୍ଦୁଝରରେ ସଂଯୋଗ କରିବାକୁ ବହୁବାର ଦାବି ହୋଇଆସୁଛି । ଏହି ଦାବିକୁ ଗୁରୁତ୍ୱର ସହ ବିଚାର କରି ଏହି ରେଳପଥକୁ କେନ୍ଦୁଝରରେ ସଂଯୋଗ କରିବାକୁ ଭାରତ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି । ହେଲେ କରଞ୍ଜିଆରେ ଷ୍ଟେସନ ଦେଇନାହାନ୍ତି । କରଞ୍ଜିଆବାସିଙ୍କ ସ୍ୱାର୍ଥରକ୍ଷା ପାଇଁ ପାଞ୍ଚପିଢ଼ ବିକାଶ ମଞ୍ଚ ପକ୍ଷରୁ କରଞ୍ଜିଆରେ ଏକ ଷ୍ଟେସନ ଦାବିରେ ସୋମବାର ସକାଳ ୧୧ ଘଟିକାରେ କରଞ୍ଜିଆ ଗୋଲେଇ ଛକରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ସେଠାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରଯାଇଥିଲା । ତେବେ ଏହି ଦାବିପତ୍ର ଉପଜିଲ୍ଲାପାଳଙ୍କ ଅନୁପସ୍ଥିତରେ ସହକାରୀ ଜିଲ୍ଲାପାଳ ବେଦବ୍ୟାସ ଭୋଇ ଓ ନିହାର ରଂଜନ ସେଠି ଗ୍ରହଣ କରିଥିଲେ । ଶୋଭାଯାତ୍ରାରେ ଛାତ୍ରଛାତ୍ରୀଙ୍କ ସହ ପ୍ରାୟ ୬ ହଜାର ଜନସାଧାରଣ ସାମିଲ ହୋଇ ଆମକୁ ରେଳ ଦିଅ ନାରାରେ ସହର କମ୍ପାଇ ଶୋଭାଯାତ୍ରାକୁ ସଫଳ କରିଥିଲେ । ପାଞ୍ଚପିଢ଼ ରେଳପଥ ବିକାଶ ମଞ୍ଚର ସଭାପତି ଚିଞ୍ଚ ରଂଜନ ନାଏକ, ସଂପାଦକ ଆଇନ ଯିବି ଦିବ୍ୟ ପ୍ରସାଦ ସାହୁ, ଉପଦେଷ୍ଟାସାମ୍ବାଦିକ କର୍ଣାର୍ଜ୍ଜୁନ ସାହା, ବିଷ୍ଣୁ କୁମାର ଅଗ୍ରୱାଲ, ସାମ୍ବାଦିକ ଉମାଶଙ୍କର ଦାସ, ସୁରଜ୍ ସିଂ କବିତା ମହାନ୍ତ ନେତୃତ୍ୱ ନେଇଥିବା ବେଳେ କବି ଭରତ ଚନ୍ଦ୍ର ଦାଶ, ବରିଷ୍ଠ ନାଗରିକ ଗୌରୀଶଙ୍କର ସିନା, ସେଣ୍ଟ ଜେଭିୟର ପବ୍ଲିକ ସ୍କୁଲର ଅଧ୍ୟକ୍ଷା ଶିଖା ରାମ, ଡିଏମ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଅରୁଣ କୁମାର ମହାନ୍ତ, ବିବେକାନନ୍ଦ ପବ୍ଲିକ ସ୍କୁଲର ସଂଜୟ କୁମାର ପଣ୍ଡା, ଶିଭୋନିୟ ଶିକ୍ଷାଶ୍ରମର କଳ୍ପନା ସେଠ, କରଞ୍ଜିଆ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ମିନୋଜ୍ କୁମାର ସାହୁ, ବିକାଶ କନଭେଣ୍ଟ ସ୍କୁଲର ଭଗବତୀ ଗୁପ୍ତା ଓକିଲ ଜଗମୋହନ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ । ଶାନ୍ତିଶୃଙ୍ଖଳାର ସହ ଶୋଭାଯାତ୍ରା ସମ୍ପନ୍ନ ହୋଇଥିଲା । ଏଥିରେ କରଞ୍ଜିଆର ପୋଲିସ ବାହିନୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଏହି ଦାବିପତ୍ର ରାଷ୍ଟ୍ରପତିଙ୍କ ରାଇରଙ୍ଗପୁର ଗସ୍ତରେ ମଧ୍ୟ ପ୍ରଦାନ କରିବାକୁ ମଞ୍ଚ ନିଷ୍ପତ୍ତି ନେଇଛି । ଦାବିଗୁଡ଼ିକ ମଧ୍ୟରେ ବାଦାମପାହାଡ଼-କେନ୍ଦୁଝର ରେଳପଥରେ କରଞ୍ଜିଆରେ ଏକ ସ୍ୱତନ୍ତ୍ର ଷ୍ଟେସନ କରାଯାଉ ।



କୁଜଙ୍ଗ, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗୋପିଆକୁଦ ପଞ୍ଚାୟତର ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୋପିଆକୁଦ ପଞ୍ଚାୟତର ଯୁବ ଗୋଷ୍ଠିଙ୍କ ପକ୍ଷରୁ ଗୋପିଆକୁଦ ପଞ୍ଚାୟତର ଯୁବ ନେତା ସୁଧାଂଶୁ ଶେଖର ଦାସ ଓ ସମାଜସେବୀ ଚନ୍ଦ୍ର ଶେଖର ଶତପଥୀଙ୍କ ନେତୃତ୍ୱରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ମାଗଣା ଚକ୍ଷୁ ପରୀକ୍ଷା ଶିବିରଟି ଜେ.ପି.ଏସ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ସିଡିଏ କଟକ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଆୟୋଜିତ କାର୍ଯ୍ୟକ୍ରମକୁ ନବନିର୍ମାଣ କୃଷକ ସଂଗଠନର ସଂଯୋଜକ ବିଭୂତି ଭୂଷଣ ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ରାଉତ, ଅଚିନ୍ତ ଦଳାଇ, ବସନ୍ତ ନାୟକ, ମାତୃଶକ୍ତି ଦଳାଇ, ବସନ୍ତ ଦଳାଇ, ବିପ୍ଲବ ପରିଡ଼ା, ଯୁବ ସମାଜସେବୀ ପତିତ ପାବନ ବରାଳ, ସର୍ବେଶ୍ୱର ନାୟକ ପ୍ରମୁଖ ସହଯୋଗ କରିଥିଲେ । ପରେ କୁଜଙ୍ଗ ଅଞ୍ଚଳର ୩ଜଣ କାର୍ଯ୍ୟରତ ସାମ୍ବାଦିକ ଓ ଜଣେ ଯୁବ ସମାଜସେବୀଙ୍କୁ ଫୁଲତୋଡ଼ା, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହିତ ବରୁଣେଇ କନ୍ଧା ଗ୍ରାମର ମୃତ ଅନନ୍ତ ରାଉତଙ୍କ ପରିବାର ଓ ବରିହା ଗ୍ରାମର ମୃତ ମାନସ ମାଝୀଙ୍କ ପରିବାରଙ୍କୁ ଭେଟିବା ସହିତ ଦୁଃଖରେ ଭାଗୀ ପଡ଼ିଥିବା ଦୁଇ ପରିବାରଙ୍କୁ ଶ୍ରୀ ଦାସ ଓ ଶ୍ରୀ ଶତପଥୀ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ସମବେଦନା ଜଣାଇଥିଲେ ।

# ମଙ୍ଗଳାପଶିରେ ୨୮ ଟିକିଆ ହାତୀପଲ ଦେଖି ଲୋକେ ଆତଙ୍କିତ



କେନ୍ଦୁଝର,(ଭାସ୍କର ନ୍ୟୁଜ): ୨୮ଟିକିଆ ହାତୀପଲ ମଙ୍ଗଳାପଶି ଅରଡେଇ ନଦୀ କଡ଼ ଓ ମୁରୁସୁଆଁ ଶାଳ ଜଙ୍ଗଲରେ ଦିନ ତମାମ ରହିଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ଯେ ଗତ ଶୁକ୍ରବାର ଦିନ ସଦର ବ୍ଲକ ଅନ୍ତର୍ଗତ ମଇଦାନକେଲ ପଞ୍ଚାୟତ କେରି ଜଙ୍ଗଲରୁ ଜାତୀୟ ରାଜପଥ ୪୯ ପାର ହୋଇ ଜଡିପଦା କଣାପଶି ଗ୍ରାମ ମଝିରେ ହାତୀ ପଲ ପଶି ସେଣ୍ଡକାପ, ଗୋବର୍ଦ୍ଧନ, ବଣୁଆ ଗ୍ରାମ ଦେଇ ଜାତୀୟ ରାଜପଥ ନଂ ୨୦ ବାଙ୍କମାରୁଣି ପୋଲ କଡ଼ରେ ରତନପୁର ହୁଡ଼ିରେ ପାଖରେ ରହିଯାଇଥିଲେ । ସେଠାରେ ଶନିବାର ଦିନ ତମାମ ରହିବା ପରେ ପ୍ରାୟ ସଂଧ୍ୟା ୯ ଟାରେ ରତନପୁର ହୁଡିରୁ ବାହାରି ନୂଆଗାଁ ପଞ୍ଚାୟତ ବିସ୍ତାପାଳ ଗ୍ରାମ କଡ଼ରେ ଥିବା ହୁଡିରେ ରବିବାର ରହିଥିଲେ । ଲୋକମାନେ ହାତୀଙ୍କୁ ଘଉଡ଼ାଇବାରୁ ମୁରୁସୁଆଁ ଅରଡେଇ ନଦୀ କୂଳ ଶାଳ ଜଙ୍ଗଲ ଓ ମଙ୍ଗଳାପଶି ହରଡ଼ ବାଡ଼ିରେ ଦିନ ତମାମ ୨୮ଟିକିଆ ହାତୀପଲ ରହିଥିବା ଜଣାପଡ଼ିଛି । ହାତୀଙ୍କ ଯାତାୟାତ ପଥ ହଜାର ହଜାର ଲୋକଙ୍କ ଦ୍ୱାରା ବନ୍ଦ କରାଯାଇଥିବାରୁ ହାତୀମାନେ ଏପଟେ କିଛି ଦୂର ଯାଉଥିବାବେଳେ ସେପଟେ କିଛି ଦୂର ଯାଇ ପୁଣି ଦିନ ତମାମ ଠିଆ ହୋଇ ରହୁଥିବା ଦେଖିବାକୁ ମିଳିଛି । ହାତୀ ପଲ କୌଣସି ପଟେ ନ ଯାଇ ଉକ୍ତ ସ୍ଥାନରେ ରହିଥିବା ଜାଣିବାକୁ ମିଳିଛି । ହାତୀ ଓ ମଣିଷ ମଧ୍ୟରେ ଲଢେଇ ଦେଖିବାକୁ ମିଳିଛି । ହାତୀପଲ ରହୁଥିବା ସ୍ଥାନରେ ରାଇସୁଆଁ ପୋଲିସଙ୍କ ଦ୍ୱାରା କୌଣସି ପଦକ୍ଷେପ ନିଆଯାଇ ନଥିବାବେଳେ ମହିଳା ଫରେଷ୍ଟରଙ୍କ ସମେତ କିଛି ବନ ବିଭାଗ କର୍ମଚାରୀ ଅସହାୟ ହୋଇ କେବଳ ଲୋକଙ୍କ ସହାୟତା ନେଉଥିବା ଦେଖିବାକୁ ମିଳିଛି । ଅମଳ ପାଇଁ ବିଲରେ ଥିବା ଏକର ଏକର ପାଚିଲା ଧାନ ଫସଲ ହାତୀ ପଲ ପାଦରେ ଦଳି ମକଚି ନଷ୍ଟ କରିଦେବା ସହ ଧାନ ଖାଇ ଭୋକିଲା ପେଟକୁ ପୂରା କରୁଥିବା ଦେଖିବାକୁ ମିଳିଛି । ବନ ବିଭାଗ ତରଫରୁ ବିଭିନ୍ନ ଅଞ୍ଚଳରେ ଏକର ଏକର ସ୍ଥାନରେ ମେଗା ନର୍ସରୀ କରି ଚାରା ଉତ୍ପାଦନ କେନ୍ଦ୍ର କରାଯାଉଥିବା ବେଳେ ଆଜି ପର୍ଯ୍ୟନ୍ତ ଜଙ୍ଗଲ ସୃଷ୍ଟି କରାଯାଇ ପାରି ନାହିଁ । ଏହା କେବଳ ଧର୍ମକୁ ଆଖି ଠାର ସଦୃଶ ବୋଲି ସମାଜସେବୀ ପ୍ରେମା ସିଂ କହିଛନ୍ତି । ଯଦି ଏହିପରି ହାତୀ ଓ ମଣିଷ ଲଢ଼େଇ ଚାଲେ କିଛି ଦିନ ପରେ ଲୁପ୍ତ ଡାଇନୋସର ଭଳି ବିରାଟକାୟ ହାତୀ ଜୀବର ବଂଶ ବିଲୁପ୍ତ ହେବା ସମ୍ଭାବନା ଦେଖାଯାଇଛି ବୋଲି ଲୋକେ କହୁଛନ୍ତି । ଆଗାମୀ ଦିନରେ ହାତୀ ଖାଉଥିବା ବିଭିନ୍ନ ପ୍ରକାର ଗଛ, ଡାଳ ଓ ଗଛର ଛେଲି ନିମନ୍ତେ ଆବଶ୍ୟକ ବୃକ୍ଷରୋପଣ କରିବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ ସଭାପତି ରଞ୍ଜନ କୁମାର ବେହେରା କହିଛନ୍ତି । ହାତୀପଲଙ୍କୁ ସୁରକ୍ଷା ଦେବା ସହିତ ଲୋକଙ୍କୁ ସୁରକ୍ଷିତ ରହିବା ପାଇଁ ହାତୀ ରହୁଥିବା ସ୍ଥାନରେ ସ୍ୱତନ୍ତ୍ର ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରିବା ସହ ହାତୀପଲଙ୍କ ଦ୍ୱାରା ଗରିବ ଚାଷୀଙ୍କ ନଷ୍ଟ ହୋଇଥିବା ଧାନ ଓ ଅନ୍ୟାନ୍ୟ ଫସଲର କ୍ଷୟକ୍ଷତି ଆକଳନ କରି ତୁରନ୍ତ କ୍ଷତିପୂରଣ ଦେବାକୁ ସମାଜସେବୀ ସରୋଜ ସାହୁ କହିଛନ୍ତି । ଏଣୁ ଜିଲ୍ଲା ପ୍ରଶାସନ ଉପରୋକ୍ତ ବିଷୟ ପ୍ରତି ଦୃଷ୍ଟି ଦେବାକୁ ମାନସ ମାଝୀ, ମମତା ସିଂ, ଜୟକୃଷ୍ଣ ନାଏକ, ହାଡ଼ିବନ୍ଧୁ ନାଏକ, ସୁଜନ ଦେହୁରୀ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଯୁଧିଷ୍ଠିର ମହାନ୍ତ, ଆଶୀର୍ବାଦ ନାଏକ ପ୍ରମୁଖ ନିବେଦନ କରିଛନ୍ତି ।

# ଡିଲର୍ସ ଫେଡରେସନ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ




ଛତ୍ରପୁର, (ଭାସ୍କର ନ୍ୟୁଜ): ସର୍ବଭାରତୀୟ ଡିଲର୍ସ ଫେଡରେସନ୍ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୭ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିସହ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଏହାର ସମାଧାନ ନହେଲେ ଆସନ୍ତା ୩ ତାରିଖ ଠାରୁ କାର୍ଯ୍ୟରତ ଖୁଚୁରା ବିକ୍ରେତାମାନେ ପରିବହନ ଠିକାଦାରମାନଙ୍କଠାରୁ ସାମଗ୍ରୀ ଗ୍ରହଣ କରିବେ ନାହିଁ ବୋଲି ଉଲ୍ଲେଖ ରହିଛି । ଦାବିଗୁଡିକ ମଧ୍ୟରେ ଅନ୍ୟ ରାଜ୍ୟ ସରକାରଙ୍କ ପରି କ୍ୱିଣ୍ଟାଲ୍ ପ୍ରତି ଟ.୨୦୦ ପାରିଶ୍ରମିକ ଅର୍ଥରାଶି ପ୍ରଦାନ, କାର୍ଯ୍ୟରତ ଖୁଚୁରା ବିକ୍ରେତାମାନଙ୍କ କରୋନା ମହାମାରୀ ସମୟରୁ ଆଜି ଯାଏଁ ବକେୟା ସମସ୍ତ ପାରିଶ୍ରମିକ ଏକକାଳୀନ ପ୍ରଦାନ କରିବା, ପରିବହନ ଠିକାଦାରମାନଙ୍କ ଦ୍ୱାରା ସାମଗ୍ରୀ ପହଞ୍ଚାଇବା ସମୟରେ ହେଉଥିବା ବ୍ୟାପକ ଅନିୟମିତତା ବନ୍ଦ କରିବା ପାଇଁ ସୁଗିତ ରହିଥିବା ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରି ଧାର୍ଯ୍ୟ ଓଜନ ମାପ ଅନୁସାରେ ସାମଗ୍ରୀ ପହଞ୍ଚାଇବା ବ୍ୟବସ୍ଥା କରିବା, ଖୁଚୁରା ବିକ୍ରେତାଙ୍କୁ ଇକେଓ୍ୱାସୀ ବାବଦ ପାରିଶ୍ରମିକ ଅର୍ଥ ତୁରନ୍ତ ପ୍ରଦାନ କରିବା, ଅନ୍ୟରାଜ୍ୟ ପରି ୩ ବର୍ଷୀୟା ସନନ୍ଦ ନବୀକରଣ କରିବା ଆଦି ୭ ଦଫା ଦାବି ଦାବି ରହିଛି । ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ମହାନ୍ତି, ସମ୍ପାଦକ ପ୍ରଦୀପ ପଟ୍ଟନାୟକ, ଉପସଭାପତି ଏସ୍.ତ୍ରିନାଥ ରେଡ୍ଡି, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର, ସହସମ୍ପାଦକ ଏ.ମନୋଜ ପାତ୍ରଙ୍କ ସମେତ ବହୁ ଡିଲରମାନେ ଉପସ୍ଥିତ ଥିଲେ ।

# ସାଙ୍ଗଠନିକ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ



ରଘୁନାଥପୁର, (ଭାସ୍କର ନ୍ୟୁଜ): ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) ରଘୁନାଥପୁର ବ୍ଲକର ସାଙ୍ଗଠନିକ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ କୂଳସାହି ଠାରେ ଅନୁଷ୍ଠିତ ହୋଇଯାଇଛି । ଏସ୍‌ୟୁଜେ ଜିଲ୍ଲା ସହ ସମ୍ପାଦକ ପ୍ରଦୀପ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରଘୁନାଥପୁର ବ୍ଲକର କାର୍ଯ୍ୟରତ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ରାଜ୍ୟ ସାମ୍ବାଦିକ ସଙ୍ଘ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ସାଙ୍ଗଠନିକ ବୈଠକରେ ଅତିଥି ଭାବେ ରାଜ୍ୟ ସାମ୍ବାଦିକ ସଂଘର ଜିଲ୍ଲା କାର୍ଯ୍ୟକାରୀ ସଭାପତି ତପନ କୁମାର ରାଉତରାୟ । ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡା ପ୍ରମୁଖ ଯୋଗଦେଇ ଉପସ୍ଥିତ ସାମ୍ବାଦିକମାନଙ୍କୁ ଉତ୍ସାହିତ କରିଥିଲେ । ଏହି ବୈଠକରେ ରଘୁନାଥପୁର ବ୍ଲକ କମିଟିର ଉପଦେଷ୍ଟା ଭାବେ ସୁଜନ କୁମାର ମୁଦୁଲି, ସଭାପତି କଲ୍ୟାଣ ସେନ, ସାଧାରଣ ସମ୍ପାଦକ ଧନଞ୍ଜୟ ମଲ୍ଲିକ, ସାଂଗଠନ ସମ୍ପାଦକ ସୂର୍ଯ୍ୟ ନାରାୟଣ ଦାସ, ଉପସଭାପତି ଜିତେନ ବେହେରା, ଜ୍ୟୋତି ରଞ୍ଜନ ପଟ୍ଟନାୟକ, ସହସମ୍ପାଦକ ଅମୁଲ୍ୟ ଚନ୍ଦ୍ରକାନ୍ତ ମହାପାତ୍ର, କୋଷାଧ୍ୟକ୍ଷ ରଞ୍ଜନ କୁମାର ଲେଙ୍କା ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ । ଏ ସମସ୍ତ କାର୍ଯ୍ୟକ୍ରମକୁ ପ୍ରଦୀପ୍ତ କୁମାର ମହାଳି, ଲକ୍ଷ୍ମୀ ନାରାୟଣ ଦାସ ପ୍ରମୁଖ ପରିଚାଳନା କରିଥିଲେ । ନୂତନ ଭାବେ ନିର୍ବାଚନ ହୋଇଥିବା କର୍ମକର୍ତ୍ତାମାନଙ୍କୁ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତପନ କୁମାର ରାଉତରାୟ ନାମ ଘୋଷଣା କରିବା ସହିତ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ବରିଷ୍ଠ ସାମ୍ବାଦିକ ତଥା ନୂତନ ସଭାପତି ଶ୍ରୀ ସେନ ଧନ୍ୟବାଦ ଅର୍ପଣ କରିଥିଲେ ।

## ୫ନଂ ଜାତୀୟ ରାଜପଥ ସମ୍ପ୍ରସାରଣ

# ବେଆଇନ ଉଚ୍ଛେଦ ନେଇ ତେଜିଲା ଜନଅସନ୍ତୋଷ

ବାଲୁଗାଁ, (ଭାସ୍କର ନ୍ୟୁଜ): ୫ନଂ ଜାତୀୟ ରାଜପଥ ବାଲୁଗାଁ ସହରର ମୁଖ୍ୟ ରାସ୍ତା ସମ୍ପ୍ରସାରଣ ନେଇ ଉଭୟ ପାର୍ଶ୍ୱରେ ଥିବା ବେଆଇନ ନିର୍ମାଣ ଉଚ୍ଛେଦ ପ୍ରକ୍ରିୟା ବିଜ୍ଞପ୍ତି ଜାରି ହୋଇଥିବା ବେଳେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏହି ପରିପ୍ରେକ୍ଷୀରେ ରବିବାର ଅପରାହ୍ନରେ ବାଲୁଗାଁ ଉତ୍ତରାୟଣୀ ମନ୍ଦିର ନିକଟରେ ଜନସୁରକ୍ଷା ମଞ୍ଚ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜନସୁରକ୍ଷା ମଞ୍ଚ ସଭାପତି ଭୁବନ ସେଠୀଙ୍କ ସଭାପତିତ୍ୱରେ ଉପଦେଷ୍ଟା ଅକ୍ଷୟ କୁମାର ମହାପାତ୍ରଙ୍କ ସମେତ ୫୦ ରୁ ଉର୍ଦ୍ଧ୍ୱ ସ୍ଥାୟୀ ବାସିନ୍ଦା ଉପସ୍ଥିତ ଥିଲେ । ଉକ୍ତ ସମ୍ମିଳନୀରେ ସରକାରୀ ମୁତାବକ ସମ୍ପୂର୍ଣ୍ଣ ରାସ୍ତାର ଓସାର ସମାନ ରହିବା ନେଇ ଦାବି ଜୋର ଧରିଥିଲା । ଖବର ମୁତାବକ ବାଲୁଗାଁ ସହରର ମୁଖ୍ୟ ରାସ୍ତା ବାଲୁଗାଁ ଅନ୍ତର୍ଗତ ଗୋବର୍ଦ୍ଧନପୁର ଠାରୁ ଗବପଦର ମୌଜା ପର୍ଯ୍ୟନ୍ତ ଦୀର୍ଘ ୪ କିମି ରାସ୍ତା ୪ ଲେନ୍ ବିଶିଷ୍ଟ ସମ୍ପ୍ରସାରଣ ନିମନ୍ତେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ କାର୍ଯ୍ୟାଦେଶ ପାଇଁ ନିର୍ଦ୍ଦେଶ ରହିଥିଲା । ଏନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସରକାରୀ ଜାଗା ଚିହ୍ନଟ କରି ଅବରୋଧ କାରୀଙ୍କୁ ସୂଚିତ କରାଯିବା ସହ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅକ୍ଟୋବର ୪ରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ମାତ୍ର କିଛି ଅନିର୍ବାର୍ଯ୍ୟ କାରଣ ଯୋଗୁଁ ଉଚ୍ଛେଦ ପ୍ରକ୍ରିୟା ସ୍ଥଗିତ ରହିଥିବା ବେଳେ ଆସନ୍ତା ୩ ତାରିଖରେ ଉଚ୍ଛେଦ ପ୍ରକ୍ରିୟା ଜାରି ରହିବା ନେଇ ତହସିଲ ପକ୍ଷରୁ କୁହାଯାଇଥିଲା । ହେଲେ ଅଞ୍ଚଳବାସୀଙ୍କ କହିବା ମୁତାବକ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଚଳିତ ସେପ୍ଟେମ୍ବର ଠାରୁ ତିନି ତିନିଥର ବିଭିନ୍ନ ସ୍ଥାନରେ ଜାଗା ଚିହ୍ନଟ କରାଯାଇଥିବା ବେଳେ ପ୍ରକୃତରେ କେତେ ଜାଗା ଉଚ୍ଛେଦ ହେବ ତାହା ଅଦ୍ୟାବଧି ସେମାନେ ଜାଣି ନାହାଁନ୍ତି । ଏନେଇ ସ୍ଥାନୀୟ ତହସିଲଦାର, ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ପାଇ ନଥିବା ଅଭିଯୋଗ କରିଛନ୍ତି । ଏହି ପ୍ରକଳ୍ପରେ ୭୨ ଫୁଟ ଓସାର ରାସ୍ତା ନିର୍ମାଣ ପ୍ରବନ୍ଧନ ରହିଥିବା ବେଳେ କେଉଁଠି ୮୦ ଫୁଟ୍ ତ କେଉଁଠି ୮୫ ଫୁଟ ଓସାରରେ ଚିହ୍ନଟ କରାଯାଇଛି । ଏପରିକି ବ୍ୟସ୍ତବହୁଳ ଗାନ୍ଧୀ ଛକ ଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ କେତେ ଜାଗା ଉଚ୍ଛେଦ କରାଯିବ ତାହା ଅସ୍ପଷ୍ଟ ରହିଥିବା ଜନ ସୁରକ୍ଷା ମଞ୍ଚ ପକ୍ଷରୁ କହିଛନ୍ତି । ଏପରିକି ଜନଗହଳି ପୂର୍ଣ୍ଣ ରାସ୍ତାକୁ ଗୁରୁତ୍ୱ ନଦେଇ ଅନ୍ୟ ରାସ୍ତା ସମ୍ପ୍ରସାରଣ ବାହାନାରେ ଉଚ୍ଛେଦ କରିବା ନାଁ କିଛି ମୁଷ୍ଟିମେୟ ଲୋକଙ୍କ କଥାରେ ପଡି ମନଇଚ୍ଛା ଜାଗା ଚିହ୍ନଟ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ସମ୍ପୂର୍ଣ୍ଣ ଚାରି କିମି ରାସ୍ତା ଚାରି ଲେନ ବିଶିଷ୍ଟ ହେବ କି ନାହିଁ ତାହା ସନ୍ଦେହ ଘେରରେ ରହିଛି । ଯାହାକୁ ନେଇ ଜନସୁରକ୍ଷା ମଞ୍ଚ ପକ୍ଷରୁ ବିରୋଧ କରାଯାଉଥିବା ବେଳେ ସାଧାରଣରେ ଘୋର ଅସନ୍ତୋଷ ଦେଖାଦେଇଛି ।

# ‘ବିଶ୍ୱକୁ ଏଡ଼ସ ମୁକ୍ତ କରନ୍ତୁ’

ବାଲୁଗାଁ, (ଭାସ୍କର ନ୍ୟୁଜ): ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ୟୁଥ୍ ରେଡ଼କ୍ରସ, ରେଡ ରିବନ କ୍ଲବ ଓ ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ଉଦ୍ୟମରେ ଆଜି ବିଶ୍ୱ ଏଡ଼ସ ଦିବସ ପାଳିତ ହୋଇଯାଇଛି । ରବିବାର ପ୍ରାତଃ ସମୟରୁ ଛାତ୍ର ଛାତ୍ରୀମାନେ ମହାବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ଏଡ୍‌ସ ସଚେତନତା ନାରା ଦେଇ ଚିଲିକାକୂଳର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ । ଏହାପରେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାତ୍ର ଛାତ୍ରୀମାନେ ଏକାଠି ହୋଇ ଡାକ୍ତର ସୁନୀଲ କୁମାର ସ୍ୱାଇଁଙ୍କ ଠାରୁ ବାଲୁଗାଁ ସମନ୍ୱିତ ଏଚ୍‌ଆଇଭି କେନ୍ଦ୍ରରେ ପଞ୍ଜିକୃତ ଏଡ଼ସ ସଂକ୍ରମିତଙ୍କ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ । ଏଡ୍‌ସ ସଚେତନତା ଶୋଭାଯାତ୍ରା ପରେ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଡ୍‌ସ ରୋଗର ସାମ୍ପ୍ରତିକ ଭୟାବହତା ସମ୍ପର୍କରେ ଡକ୍ଟର ସୁବୁଦ୍ଧି ଆଲୋଚନା କରିବା ସହ ସଠିକ ମାର୍ଗ ଗ୍ରହଣ କଲେ ବିଶ୍ୱ ଏଡ୍‌ସ ମୁକ୍ତ ହୋଇପାରିବ ବୋଲି କହିଥିଲେ । ମୁଖ୍ୟ ଅତିଥି ତଥା ଚିଲିକା ବାଲୁଗାଁ ରୋଟାରୀ କ୍ଲବର ସଭାପତି ଡକ୍ଟର ମାନସ ମୋହନ ବଳିୟାରସିଂହ ହ୍ୟୁମାନ ଇମ୍ୟୁନୋ ଡେଫିସିଏନ୍‌ସି ସିଣ୍ଡ୍ରୋମ (ଏଚ୍‌ଆଇଭି) ଭାଇରସ୍ ସଂକ୍ରମଣର ବୈଷୟିକ ଜ୍ଞାନ ପ୍ରଦାନ କରିଥିଲେ । ସମଗ୍ର ବିଶ୍ୱର ଏହି ଦିଗରେ କିପରି ବ୍ୟାପକ ଗବେଷଣା ଓ ପରୀକ୍ଷା ନିରୀକ୍ଷା ଚାଲିଛି ତାହାର ବିବରଣୀ ପ୍ରଦାନ କରିଥିଲେ । ଯୁବବର୍ଗ ସଠିକ ମାର୍ଗ ଗ୍ରହଣ କଲେ ହିଁ ଏଡ୍‌ସର ସଂକ୍ରମଣରୁ ରକ୍ଷା ପାଇପାରିବେ ବୋଲି କହିଥିଲେ । ଏହାପରେ ୟୁଥ ରେଡ଼କ୍ରସ ଓ ରେଡ ରିବନ କ୍ଲବ ଉପଦେଷ୍ଟା ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଏଡ୍‌ସ ନିରାକାରଣରେ ଛାତ୍ର ଛାତ୍ରୀଙ୍କ ଦାୟିତ୍ୱ ଓ ସଚେତନତା ସମ୍ପର୍କରେ ଉପାଦେୟ ସୂଚନା ପ୍ରଦାନ କରିବା ସହ ବିଶ୍ୱ ଏଡ୍‌ସ ଦିବସ ଅବସରରେ ଆୟୋଜିତ ହୋଇଥିବା କୁଇଜ, ସ୍ଲୋଗାନ ଓ ପୋଷ୍ଟର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ । ମୁଖ୍ୟ ଅତିଥି ଓ ଅଧ୍ୟକ୍ଷ ମିଳିତ ଭାବେ ଏହି ପୁରସ୍କାର ବିତରଣ କରିଥିଲେ । ଏହି ଅବସରରେ ଏନସିସି ଅଧିକାରୀ ଚନ୍ଦନ ନାୟକ, ଅଧ୍ୟାପିକା ସ୍ୱାତୀ ସ୍ୱାଗତିକା ସାହୁ, ବରିଷ୍ଠ ସ୍ୱେଚ୍ଛାସେବୀ ସଂଗ୍ରାମ କେଶରୀ ବେହେରା ଶିକ୍ଷାର୍ଥୀମାନଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ ଅଧିକାରୀ ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ୟୁଥ ରେଡକ୍ରସ ଅଧିକାରୀ ଅଧ୍ୟାପକ ଧୋବୀ ଚରଣ ପରିଡ଼ା ।

# ବିଶ୍ୱ ଏଡ୍‌ସ ଦିବସ ପାଳିତ

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରବିବାର ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଇଛି । ବିଦ୍ୟାଳୟ ୟୁଥ୍ ରେଡ୍‌କ୍ରସ୍ ପକ୍ଷରୁ ସକାଳେ ସ୍ୱେଚ୍ଛାସେବୀମାନେ ପ୍ଲାକାର୍ଡ ଧରି ସଚେତନତା ଶୋଭାଯାତ୍ରାରେ ଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବଜାର ପରିକ୍ରମା କରିଥିଲେ । ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜନସ୍ୱାସ୍ଥ୍ୟ ଅଧିକାରୀ ମନୋରଞ୍ଜନ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନସଚେତନତା ଦ୍ୱାରା ଏଡ୍‌ସ ରୋଗ ନିରାକରଣ ସମ୍ଭବ ବୋଲି ମତପ୍ରକାଶ କରିଥିଲେ । ନିୟମିତ ସେଚତନତା ଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ଜନସାଧାରଣଙ୍କ ମଧ୍ୟରେ ଏଡ୍‌ସ ସେଚତନତା ବୃଦ୍ଧି ପାଉଥିବାରୁ ଏହି ରୋଗର ପ୍ରଭାବ କ୍ରମେ ହ୍ରାସ ପାଉଛି ବୋଲି ସେ ସୂଚନା ଦେଇଥିଲେ । ବିଦ୍ୟାଳୟ ଏଚ୍‌ଆଇଭି କାଉନସେଲର ଅଧ୍ୟାପକ ଭାନୁମତୀ ପ୍ରଧାନ ଏ ବର୍ଷର ଏଡ୍‌ସ ଜନିତ କଥାବସ୍ତୁ ‘ଅଧିକାର ସଠିକ୍ ମାର୍ଗ ଅନୁସରଣ’ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ୟୁଥ ରେଡକ୍ରସ୍ ଅଧ୍ୟାପକ ହରିହର ସାହୁ ଅତିଥି ପରିଚୟ ଓ ଅଧ୍ୟାପକ ମଦନ ମୋହନ ପଣ୍ଡା ଧନ୍ୟବାଦ ଅପର୍ଣ କରିଥିଲେ ।

# ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ

ଡେରାବିଶ, (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁରସ୍ଥିତ ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୂର୍ବାହ୍ନରେ ବିଦ୍ୟାଳୟର ସବୁଜ ବାହିନୀ ଆନୁକୂଲ୍ୟରେ ଭୁବନେଶ୍ୱରର ପରିବେଶ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ପ୍ଲାଷ୍ଟିକ ବର୍ଜନ ନେଇ ଏକ ସଚେତନତା ଶୋଭାଯାତ୍ରା ନିକଟସ୍ଥ ଗ୍ରାମମାନଙ୍କୁ ପରିକ୍ରମା କରିଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡ. କାନନବାଳା ନାୟକ ଓ ସେଣ୍ଟର ଅଫ୍ ଏନଭରମେଣ୍ଟାଲ ଷ୍ଟଡିଜ୍‌ର ବରିଷ୍ଠ ଅଧିକାରୀ ସତ୍ୟବ୍ରତ ବାରିକ, ମନୋଜ କୁମାର ଲେଙ୍କା ଓ ଭରତ ଚନ୍ଦ୍ର ଜେନା ସବୁଜ ପତାକା ଦେଖାଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ପ୍ଲାଷ୍ଟିକ ହଟାଅ, ପରିବେଶ ବଞ୍ଚାଅ ନାରା ଦେଇ ବିଦ୍ୟାଳୟର ସବୁଜ ବାହିନୀ, ଭାରତ ସ୍କାଉଟସ୍ ଗାଇଡସ୍, ଏନ୍‌ସିସି, ଜେଆର୍‌ସିର ଛାତ୍ରଛାତ୍ରୀ ବଳଭଦ୍ରପୁର ଗ୍ରାମ ପରିକ୍ରମା କରିଥିଲେ । ଶୋଭାଯାତ୍ରା ପରେ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶିତ ପ୍ଲାଷ୍ଟିକ ବର୍ଜନ ଆଧାରିତ ନୃତ୍ୟ ଓ କ୍ଷୁଦ୍ର ନାଟକ ସମସ୍ତଙ୍କ ହୃଦୟକୁ ଛୁଇଁଥିଲା । ଏହି ଅବସରରେ ଅନୁଷ୍ଠିତ ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ପ୍ରତିଯୋଗୀତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପରିବେଶ ବିଭାଗ ତରଫରୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସେଣ୍ଟର ଅଫ୍ ଏନଭରମେଣ୍ଟାଲ ଷ୍ଟଡିଜ୍‌ର ବରିଷ୍ଠ ଅଧିକାରୀ ଶ୍ରୀ ବାରିକ, ଶ୍ରୀ ଲେଙ୍କା ଓ ଭରତ ଚନ୍ଦ୍ର ଜେନା ଏବଂ ଇକୋ କ୍ଲବର ସଦସ୍ୟା ରୋଜାଲିନ ସାମନ୍ତରାୟ ଯୋଗ ଦେଇଥିଲେ । ପରେ ଏହି ବିଦ୍ୟାଳୟର ସୁନ୍ଦର ସବୁଜ ପରିବେଶ ନିମନ୍ତେ ଉଲ୍ଲେଖନୀୟ ଅବଦାନ ପାଇଁ ସେଣ୍ଟର ଫର ଏନଭରମେଣ୍ଟାଲ ଷ୍ଟଡିଜର ବରିଷ୍ଠ ଅଧିକାରୀମାନେ ପ୍ରଧାନଶିକ୍ଷୟିତ୍ରୀ ଡକ୍ଟର ନାୟକଙ୍କୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରିବା ସହ ବିଦ୍ୟାଳୟ ସବୁଜ ବାହିନୀର କାର୍ଯ୍ୟରେ ଅଭିଭୂତ ହୋଇ ଏହି ଅନୁଷ୍ଠାନଟି ସାରା ରାଜ୍ୟ ପାଇଁ ଆଦର୍ଶ ବୋଲି କହିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷୟିତ୍ରୀ ସୁହାସିନୀ ପ୍ରଧାନ, ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବେହେରା, ରାଜଲକ୍ଷ୍ମୀ ମହାରଣା, ସୀମାରାଣୀ ନାୟକ, ଅଞ୍ଜନା ଦାସ, ନିରୁପ୍ରଭା ଦେଈ, ପ୍ରଭାତି ପାତ୍ର, ରାହାତଜାନ ବେଗମ, ବନ୍ଦିତା ଦାସ, ସୁଶ୍ରୀ ସଙ୍ଗିତା ଜେନା, ଶିକ୍ଷକ ସଂଜୟ କୁମାର ପୃଷ୍ଟି ଓ ଶିବସୁନ୍ଦର ପରିଜା ପ୍ରମୁଖ ପରିଚାଳନା କରିଥିଲେ ।

# ବାଲ୍ୟ ବିବାହ ମୁକ୍ତ ଅଭିଯାନ



ମାଲକାନଗିରି, (ଭାସ୍କର ନ୍ୟୁଜ): ନୂଆଦିଲ୍ଲୀ ବିଜ୍ଞାନ ଭବନରେ ବାଲ୍ୟ ବିବାହ ବିରୋଧରେ ଭାରତ ସରକାର ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ ଦ୍ୱାରା ସାରା ଦେଶରେ ସରକାରୀ ଓ ବେସରକାରୀ ଭାବେ ଜନ ସଚେତନତା ସୃଷ୍ଟି କରୁଛନ୍ତି । ମାଲକାନଗିରି ଜିଲ୍ଲାରେ ନଭେମ୍ବର ୨୭ ରୁ ୧୫୦ ଗ୍ରାମର ମୁଖିଆ ଏବଂ ଗ୍ରାମବାସୀଙ୍କୁ ନେଇ ବାଲ୍ୟ ବିବାହ ସୁରକ୍ଷା ଅଧିକାର ସମ୍ପର୍କରେ ସଚେତନ କରାଯିବା ସହ ଏଥିରେ ଆଶା ଓ ଅଙ୍ଗନୱାଡି କର୍ମୀ, ଶିକ୍ଷୟିତ୍ରୀ, ଶିକ୍ଷକ, ମହିଳାମାନଙ୍କୁ ନେଇ କ୍ୟାଣ୍ଡେଲ ଶୋଭାଯାତ୍ରା ସହିତ ୮ ପଞ୍ଚାୟତରେ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିଥିମାନେ ବାଲ୍ୟ ବିବାହ ଉପରେ ମହିଳାମାନଙ୍କୁ ସଚେତନ କରୁଛନ୍ତି । ମାଲକାନଗିରି ଜିଲାର ଶିଶୁ ସୁରକ୍ଷା ମଞ୍ଚ ତରଫରୁ ଏହି କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯିବା ସହ ଆଗାମୀ ଦିନରେ ଶିଶୁମାନଙ୍କ ପାଇଁ ନ୍ୟାୟ ଅଧିକାର, ଶିଶୁ ସୁରକ୍ଷା ଅଧିକାର ମିଳିତ ମଞ୍ଚରେ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମଞ୍ଚ ତରଫରୁ ଜିଲା ସଂଯୋଜକ ନିତ୍ୟାନନ୍ଦ ପ୍ରଧାନ ରବିବାର ଏକ ପ୍ରେସ୍ ବିଜ୍ଞପ୍ତି ରେ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମ ହରେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ କାର୍ଯ୍ୟକ୍ରମଗୁଡିକର ବିଭିନ୍ନ ସ୍ଥାନରେ ଅଂଶଗ୍ରହଣ କରି ବାଲ୍ୟ ବିବାହ ମୁକ୍ତ ଭାରତ ଉପରେ ଗୁରୁତ୍ୱ ଦେଇଥିଲେ ।

# ଗାଲେରୀ ବନାଞ୍ଚଳରେ ବଣୁଆହାତୀ ଉପଦ୍ରବ

ଭଂଜନଗର, (ଭାସ୍କର ନ୍ୟୁଜ): ଦିନକୁ ଦିନ ବଢୁଛି, ବଣୁଆହାତୀଙ୍କ ଉପଦ୍ରବ । ଜଙ୍ଗଲ ଛାଡ଼ି କେତେବେଳେ ଗାଁ ମୁହାଁ ହେଉଛନ୍ତି । ଧାନକ୍ଷେତରେ ପଶି ଫସଲ ନଷ୍ଟ କରୁଛନ୍ତି । ଦିନ ଦ୍ୱିପ୍ରହରେ ରାଜପଥରେ ପଇଁତରା ମାରୁଛନ୍ତି । ନା ରାସ୍ତାରେ ଲୋକେ ଯାଇପାରୁଛନ୍ତି, ନା ଘରେ ପରିବାର ଲୋକେ ଶାନ୍ତିରେ ରହି ପାରୁଛନ୍ତି । ୨୪ ଘଣ୍ଟା ବଣୁଆ ହାତୀଙ୍କ ଭୟରେ ଦିନ ବିତାଉଛନ୍ତି, ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳର ଲୋକେ । ଉତ୍ତର ଘୁମୁସର ବନଖଣ୍ଡର ମୁଜାଗଡ ଏବଂ ଗାଲେରୀ ବନାଞ୍ଚଳରେ ଗତ କିଛିଦିନ ହେଲା ଏଭଳି ପରିସ୍ଥିତି ଦେଖିବାକୁ ମିଳୁଛି । ଶନିବାର



ରାତିରେ ଗାଲେରୀ ବନାଞ୍ଚଳ ଅନ୍ତର୍ଗତ ରାଣୀକିଆରୀ ଗାଁ ନିକଟ ବିଜୟସାହିରେ ୬ ଟି ଚାଳଛପର ଘର ଭାଙ୍ଗି ଦେଇଛନ୍ତି, ୨୬ ଟିକିଆ ହାତୀପଲ । ଜୀବନ ବଞ୍ଚାଇବାକୁ ସମସ୍ତ ପରିବାର ପିଲାଛୁଆଙ୍କୁ ଧରି ଘରୁ ଦୌଡ଼ି ପଳାଇଗଲେ । ଏହି ଗାଁର ଦିଲ୍ଲିପ ମଳିକ, ପଞ୍ଚାନନ ମଳିକ, ଭାସିମଳିକ, ସତ୍ୟ ମଳିକ, ଚଣ୍ଡାଳ ମଳିକ, ଟୁନା ମଳିକ ଏବଂ ପ୍ରଦିପ ମିଳିକଙ୍କ ଘର ଭାଙ୍ଗିଥିବା ଜଣାପଡିଛି । ଖବର ପାଇ ବନବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ । ରବିବାର ସନ୍ଧ୍ୟାରେ ଖବର ଲେଖା ସୁଧା ହାତୀପଲ ଘଟଣା ସ୍ଥଳ ପାଖାପାଖି ରହିଥିବାରୁ ବନ କର୍ମଚାରୀମାନେ ସେଠାରେ ଉପସ୍ଥିତ ରହିଥିଲେ । ହାତୀପଲର ଗତିବିଧି ଉପରେ ନଜର ରଖାଯାଇଥିବା ନେଇ ଘଟଣା ସ୍ଥଳରୁ ଗାଲେରୀ ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି ।

# ଚନକଣକୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ



କୁଜଙ୍ଗ, (ଭାସ୍କର ନ୍ୟୁଜ): କୁଜଙ୍ଗ ବ୍ଲକ ପାରାଦ୍ୱୀପଗଡ ଗ୍ରାମପଞ୍ଚାୟତ ଅନ୍ତର୍ଗତ ୨୧ନମ୍ବର ୱାର୍ଡରେ ଚନକଣ (ଉଦୟଚାନ୍ଦପୁର) ଗ୍ରାମ ଅବସ୍ଥିତ । ବଙ୍ଗୋପସାଗର ଉପକୂଳରେ ପଞ୍ଚାୟତ ମୁଖ୍ୟାଳୟ ଠାରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ ଏହି ଗ୍ରାମରେ ୪୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ପାରାଦ୍ୱୀପ ତୈଳ ବିଶୋଧନାଗାର ଓ ପିପିଏଲ୍ ସାର କାରଖାନାର ପଛପଟେ ବଙ୍ଗୋପସାଗର ଓ ଜଟାଧାର ମୁହାଣ ତଟରେ ଉକ୍ତ ଗ୍ରାମଟି ଅବସ୍ଥିତ ଥିବାରୁ ଏବଂ ଉଭୟ କାରଖାନା ପାଇଁ ଅଧିକୃତ ହୋଇଥିବା ଜମିରେ ଡ୍ରେଜିଂ କରାଯାଇ ସମୁଦ୍ର ବାଲି ପୋତେଇ ହେବା କାରଣରୁ ଭୂତଳ ଜଳ ସମ୍ପୂର୍ଣ୍ଣ ଲବଣାକ୍ତ ହୋଇଯାଇଛି । ଦୀର୍ଘ ବର୍ଷ ଧରି ଏହି ଗ୍ରାମର ଲୋକମାନେ ବଜାରରୁ ପିଇବା ପାଣି କ୍ରୟ କରି ବ୍ୟବହାର କରି ଆସୁଥିଲେ । ଏହି କାରଣରୁ ପଞ୍ଚାୟତ ତରଫରୁ ଦୁଇଟି ଗଭୀର ନଳକୂପ ସ୍ଥାପନ କରାଯାଇଥିଲେ ମଧ୍ୟ ପିଇବା ଯୋଗ୍ୟ ପାଣି ନ ବାହାରିବାରୁ ଗ୍ରାମ ବାସୀ ଏହାର ସମାଧାନ ପାଇଁ ସ୍ଥାନୀୟ ସରପଞ୍ଚ ସସ୍ମିତା ବେହେରାଙ୍କୁ ଜଣାଇଥିଲେ । ସରପଞ୍ଚ ଶ୍ରୀମତି ବେହେରା ଏହାର ସମାଧାନ ପାଇଁ ତୈଳ ବିଶୋଧନାଗାର ଓ ପିପିଏଲ୍ କର୍ତ୍ତୃପକ୍ଷଙ୍କୁ ସିଏସ୍‌ଆର୍ ପାଣ୍ଠିରୁ ଏହି ଗ୍ରାମକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ । ଯାହା ଫଳରେ ପିପିଏଲ୍ କର୍ତ୍ତୃପକ୍ଷ ସରପଞ୍ଚଙ୍କ ପ୍ରସ୍ତାବକୁ ଅନୁମୋଦନ କରି ଉକ୍ତ ଗ୍ରାମକୁ ପ୍ରତିଦିନ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବା ପାଇଁ ଅନୁଦାନ ପ୍ରଦାନ କରିବେ ବୋଲି ପଞ୍ଚାୟତକୁ ଜଣାଇବା ପରେ ଆଜି ପାରାଦ୍ୱୀପଗଡ ଗ୍ରାମପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା ଏହାର ଶୁଭାରମ୍ଭ କରିଛନ୍ତି । ଏଣିକି ପ୍ରତିଦିନ ଏହି ଗ୍ରାମକୁ ଟ୍ୟାଙ୍କର ଯୋଗେ ପାଞ୍ଚ ହଜାର ଲିଟର ବିଶୁଦ୍ଧ ଜଳ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି । ପରବର୍ତ୍ତୀ ସମୟରେ ପିପିଏଲ୍ ତରଫରୁ ଏକ ଆର. ଓ. ମେସିନ୍ ସ୍ଥାପନ କରାଯିବ ବୋଲି ପିପିଏଲ ସିଏସ୍‌ଆର୍, ମୁଖ୍ୟ ଓମ୍ ପ୍ରକାଶ ସାହୁ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ସାହୁ, ଅଲେଖ ମହରଥା, ରମେଶ ଚନ୍ଦ୍ର ବେହେରା, ଏମ. ରାଜେଶ, ସୁଧାଂଶୁ ରଞ୍ଜନ ବେହେରା, ଅଶୋକ କୁମାର ରାଉତ, ସୂର୍ଯ୍ୟକାନ୍ତ ପାତ୍ର, ଶେଖ୍ ମୋମିନ, ଲାଲମୋହନ ଗିରି ଓ ଅଜିତ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ । ସରପଞ୍ଚ ଶ୍ରୀମତୀ ବେହେରାଙ୍କ ଏପରି ଜନହିତକର କାର୍ଯ୍ୟକୁ ଚନକଣ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି ।

# ଲକ୍ଷ୍ମୀପୁରରେ ଦୂର ହୋଇ ପାରୁନି ପାଣି ସମସ୍ୟା

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ସବୁ ବେଳେ କିଛି ନା କିଛି ସମସ୍ୟା ଦେଇ ଗତି କରୁଛି । ସମସ୍ୟାରୁ ମୁକୁଳିବା ଲକ୍ଷ୍ମୀପୁର ବ୍ଲକ ପାଇଁ ସହଜ ହେଇପାରୁନି । ଏହାର ମୁଖ୍ୟ କାରଣ ହେଲା କେହି କାହା କଥା ଶୁଣୁ ନାହାନ୍ତି । ଲୋକେ ନିଜ ନିଜ ସମସ୍ୟା ନେଇ ଯେଉଁ କାର୍ଯ୍ୟାଳୟକୁ ଯାଉଛନ୍ତି ସେଠାରୁ ନିରାଶ ହେବା ଛଡା ଅନ୍ୟକିଛି ମିଳୁନି । ଏଭଳି ଏବେ ଲାକ୍ଷ୍ମୀପୁର ପାନୀୟ ଜଳ ଯୋଗାଣ କାର୍ଯ୍ୟାଳୟ ଚାଲିଛି । ପାଣି ଟିକକ ପାଉ ନଥିବାରୁ ସ୍ଥାନୀୟ କନ୍ଧସାହି, ପରଜାସାହି, ରେଲି ସାହି, ଦୁଇଟି ଦୋରା ସାହି ଓ ଚାରୋଟି ଡମ୍ ସାହି ବାସିନ୍ଦା ସ୍ଥାନୀୟ ବିଧାୟକଙ୍କ ଠୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡ଼ିଥିବା ବେଳେ ମେଡିକାଲ କଲନୀ ପାଖରୁ ଘୋଡ଼ାବନ୍ଧ ଯାଏଁ ଦେଢ଼ ମାସ ହେଲାଣି ପାଇପରେ ପାନୀୟ ଜଳ ଛଡା ଯାଉନି । ଏହି ଥଣ୍ଡା ଦିନେ ଯଦି ଜଳ କଷ୍ଟ ଦେଖା ଦେଲାଣି ତେବେ ଖରା ଦିନେ କ’ଣ ନହେବ ତାହା ଚିନ୍ତାର କାରଣ ବୋଲି ସବୁ ମହଲରେ ମତ ପ୍ରକାଶ ପାଇଛି । ଜଳ ଯୋଗାଣ ବନ୍ଦ ଥିବା ନେଇ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ଦିନ ପରେ ଦିନ ଗଡେଇ ଚାଲିଲେ ହେଲେ ପାନୀୟ ଜଳ ଯୋଗାଇ ପାରିଲେ ନାହିଁ ବୋଲି ଅଭିଯୋଗ ହୋଇଛି । ଆଗାମୀ ଦିନରେ ଲକ୍ଷ୍ମୀପୁର ବ୍ଲକରେ ହେବାକୁ ଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେଇ ଅଭିଯୋଗ କରିବୁ ଯଦି ଜିଲ୍ଲାପାଳ ଆମ କଥା ଶୁଣିବେ ନାହିଁ ତେବେ ଆନ୍ଦୋଳନର ପନ୍ଥା ବାଛିବାକୁ ବାଧ ହେବୁ ବୋଲି ସାହି ବାସିନ୍ଦା କହିଛନ୍ତି ।



ଶୁଳିଆପଦା, (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଅନ୍ତର୍ଗତ କୋଷ୍ଟା ଗ୍ରାମପଞ୍ଚାୟତର କୁରକା ଗ୍ରାମରେ ପଞ୍ଚାୟତସ୍ତରୀୟ ଜନ ଜାଗ୍ରତ ଓ ଭିନ୍ନକ୍ଷମଙ୍କ ସଶକ୍ତ ଦିଗରେ ଅଗ୍ରସର ହେବା ନିମନ୍ତେ ପ୍ରେରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁନିକୁନି ପିଲାମାନେ କୋଷ୍ଟା ଗ୍ରାମପଞ୍ଚାୟତ କୋଷ୍ଟାଗ୍ରାମକୁ ପଦଯାତ୍ରା କରିବା ସହ ଭିନ୍ନକ୍ଷମ ପିଲାମାନଙ୍କର ବିଭିନ୍ନ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ ତଥା ଗୀତ, ନାଚ, କବିତା, ହାଣ୍ଡିଫଟା, ସାଧାରଣ ଜ୍ଞାନ ଆଦି ସାଂସ୍କୃତିକ ଓ ଦକ୍ଷତା ବୃଦ୍ଧି ମୂଳକ ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କୋଷ୍ଟା ସରପଞ୍ଚ ସୁମିତ୍ରା ଦାସ, ସମ୍ମାନିତ ଅତିଥି ଭାବେ ପି.ଏସ ନାୟନା ପଲେଇ,ଏଡବ୍ଲୁଡବ୍ଲୁ ରଞ୍ଜିତ ଦାସ, ସତ୍ୟ ନାରାୟଣ ପଟ୍ଟନାୟକ ନାଏକ, ଗୀତାଞ୍ଜଳି ନାଏକ, ମୁଖ୍ୟବକ୍ତା ଭାବେ ସମୀରଣ ଘୋଷ, ସମ୍ମାନୀୟ ଅତିଥି ଭାବେ ବିଶୋଇ ବ୍ଲକ ଜିଲ୍ଲା ପରିଷଦ ସଭ୍ୟା ବିଦୁସ୍ମିତା ଦେଓ, ପୁରାଣ କ୍ୟୁମେଟିର ମେମ୍ବର ଅରୁଣ କୁମାର ଧଳ, କୋଷ୍ଟା ପଞ୍ଚାୟତସ୍ତରୀୟ ସଂଗଠନର ମେମ୍ବର ରଣଜିତ ବାବୁ, ଉବେଶ ନାଏକ, ସଂଙ୍କରି ସି, ଗୀତା ମଣି ସି ଯୋଗ ଦେଇ ଭିନ୍ନକ୍ଷମ ପିଲାମାନେ ସମାଜରେ କିପରି ନିଜର ଦକ୍ଷତା ଓ ପ୍ରତିଭା ବଳରେ ସମାଜରେ ନିଜ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିବେ ଏଥିପ୍ରତି ସଚେତନ କରିଥିଲେ। ଏହାସହିତ ସାଧନା କ୍ଷେତ୍ର ସଂଯୋଜିକା ଚିନ୍ମୟୀ ଦାସ, ସାଧନା କର୍ମୀ ସଂଯୁକ୍ତା ସି, ବୈଶାଖୀ ଦଳନାଏକ, ସଂଜୟ କୁମାର ସି, ଦେବଶ୍ରୀ ଦେବସ୍ମିତା ଧଳ ଯୋଗ ଦେଇ ସଭା କାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ।



# ଚଣ୍ଡିଖୋଲ ଛକ ବ୍ରିଜ ନିର୍ମାଣରେ ଅହେତୁକ ବିଳମ୍ବ

## ସମସ୍ୟା ଭୋଗୁଛନ୍ତି ଯାତ୍ରୀ ବ୍ୟବସାୟୀ



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍) : ୫୩ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଏବେ ଚାଲୁ ରହିଛି। ଏହି ପରିପ୍ରେକ୍ଷୀରେ ତିନି ଗୋଟି ଜାତୀୟ ରାଜପଥର ସଂଯୋଗ ସ୍ଥଳ ଭାବେ ସାରା ରାଜ୍ୟରେ ପରିଚିତ ବ୍ୟସ୍ତବହୁଳ ଚଣ୍ଡିଖୋଲ ଛକଟି ଏବେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛି। ଫଳରେ ବିଭିନ୍ନ ଗାଡି ସହିତ ଯାତ୍ରୀ, ବ୍ୟବସାୟୀ ଓ ବାଇକ ଆରୋହୀମାନେ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ସୂଚନା ମୁତାବକ ଏହି ଛକ ଦେଇ ୫୩ ନମ୍ବର ଜାତୀୟ ରାଜପଥ ଯାଇଛି। ଏହି ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ହେଉଥିବାରୁ ଏହି ଛକରେ ଥିବା ବ୍ରିଜ ନିର୍ମାଣ କାର୍ଯ୍ୟ ମଧ୍ୟ ଏବେ ଚାଲୁ ରହିଛି। ଯାହା ମନ୍ଥର ଗତିରେ ଚାଲିଛି ବୋଲି କୁହାଯାଉଛି। ତେବେ ଏହି ଛକ ଦେଇ ହଜାର ହଜାର ସଂଖ୍ୟକ ଯାତ୍ରୀବାହୀ ବସ୍ ଚେନାଇ, ପଶ୍ଚିମବଙ୍ଗ, ପୁରୀ, ଭୁବନେଶ୍ୱର, ଦୈତାରି, ପାରାଦ୍ୱୀପ ମଧ୍ୟପ୍ରଦେଶ, ଛତିଶଗଡ଼, ଟାଟା ସମେତ ବିଭିନ୍ନ ରାଜ୍ୟକୁ ଯାତାୟାତ କରିଥାଏ। ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବାରୁ ଏହି ଛକର ଦୁଇଟି ମୁଖ୍ୟ ରାସ୍ତାକୁ ବିଭାଗ ପକ୍ଷରୁ ଦୀର୍ଘଦିନ ହେବ ବନ୍ଦ କରି ଦିଆଯାଇଛି। ତେଣୁ ଏହି ଛକ ଦେଇ ସାଧାରଣ ଲୋକ, ଛୋଟ ଗାଡି ଓ ବ୍ୟବସାୟୀଙ୍କ ସମେତ ବିଭିନ୍ନ ରାଜ୍ୟକୁ ଯାତାୟାତ କରୁଥିବା ବସ୍ ଓ ଅନ୍ୟ ମାଲବାହୀ ଗାଡି ଏଥିପାଇଁ ନିର୍ମିତ ହୋଇଥିବା ସର୍ଭିସ ରୋଡ଼୍ ଦେଇ ଯାତାୟାତ କରୁଛନ୍ତି। ଫଳରେ ଯାତାୟତରେ ଦୈନିକ ବିଭିନ୍ନ ସମସ୍ୟା ସୃଷ୍ଟି ହେବା ସହିତ ଛୋଟ ବଡ଼ ଦୁର୍ଘଟଣା ହେଉଥିବା ଦେଖିବାକୁ ମିଳୁଛି। ତେବେ ଏଭଳି ଏକ ବ୍ୟସ୍ତ ବହୁଳ ଛକରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବାରୁ ବ୍ରିଜ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଜିଲ୍ଲାପାଳ ପି ଅନ୍ୱେଷା ରେଡି ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବ୍ରିଜ ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରିଲା ନାହିଁ। ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବ୍ରିଜ ନିର୍ମାଣ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ଶୀଘ୍ର ଶେଷ ନକରି ଧୀର ମନ୍ଥର ଗତିରେ ନିର୍ମାଣ କାର୍ଯ୍ୟ କରୁଥିବାରୁ ଏଠାରେ ଏଭଳି ସମସ୍ୟା ସୃଷ୍ଟି ହେଉଛି ବୋଲି ଅଭିଯୋଗ ହେଉଛି। ତେଣୁ ତୁରନ୍ତ ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ କରି ଯାତାୟାତ ପାଇଁ ସୁବିଧା ସୃଷ୍ଟି କରିବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି।

# ଗଚ୍ଛିତ ରଖି ଚଢା ଦରରେ ଆଳୁ ବିକୁଛନ୍ତି ବେପାରୀ

## ଯୋଗାଣ ବିଭାଗ ନିରବ, ଚିନ୍ତାରେ ଗ୍ରାହକ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ଖଟିଖିଆଙ୍କ ପରିବାରର ପ୍ରମୁଖ ଖାଦ୍ୟ ଆଳୁ, ପିଆଜ ଓ ରସୁଣ। ଘରେ କିଛି ନଥିଲେ ବି ଆଳୁ ସିଝା କିମ୍ବା ଖଣ୍ଡେ ପିଆଜରେ ପେଟ ପୂରିଯାଏ। ବର୍ତ୍ତମାନ ସେ ସମୟ ବଦଳିଯାଇଛି। ଗରିବ ଲୋକେ ବଜାରକୁ ଯାଇ ଚଢା ଦରରେ ଆଳୁ, ପିଆଜ ହେଉକି ରସୁଣ କିଣିବାକୁ ସକ୍ଷମ ହୋଇ ପାରୁନାହାଁନ୍ତି। କାରଣ ଦୈନିକ ପରିବା ବଜାରରେ ହୁହୁ ହୋଇ ବଢୁଛି ଦରଦାମ୍। ଏବେ କୋଲକାତାରୁ ପ୍ରାୟତଃ ଆଳୁ ଆସିପାରୁ ନଥିବାରୁ ଦର ଏବେ ଆକାଶ ଛୁଆଁ ହୋଇଛି। ପ୍ରତିଦିନ ୫ରୁ ୧୦ଟଙ୍କା ବଢୁଛି। ଖୁଚୁରା ବଜାରରେ ଆଳୁ କେଜି ୫୦ରୁ ୬୦ଟଙ୍କା। ପିଆଜ ଦର ୬୦ଟଙ୍କା, ରସୁଣ କେଜି ୪ଶହ ଟଙ୍କା ରହିଛି। ସାଧାରଣତଃ ବର୍ଷା ଦିନେ ଏହି ଦର ସାମାନ୍ୟ ଉଚ୍ଚା ରହୁଥିବା ବେଳେ ନଭେମ୍ବର ଶେଷ ବେଳକୁ ଶସ୍ତା ହୋଇଯାଇଥାଏ। କାରଣ କିଛିଦିନ ମଧ୍ୟରେ ନୂଆ ଆଳୁ, ପିଆଜ ଓ ରସୁଣ ବାହାରିବାକୁ ଯାଉଛି। ମାତ୍ର ଏବେ ଓଲଟା ସ୍ଥିତି ଦେଖିବାକୁ ମିଳୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗରେ ଆଳୁ ସଙ୍କଟ ଦେଖାଦେଇଛି। ଅସ୍ତରଙ୍ଗରେ ରହିଥିବା ଦୁଇଟି ହାଟ ଯଥା ଶନିବାର ଅସ୍ତରଙ୍ଗ ହାଟ ଓ ରବିବାର ତାଳଦା ପଂଚାୟତ ଏଡ଼ବାଂଶ ହାଟ ସମେତ ନିତିଦିନିଆଁ ମାର୍କେଟରୁ ଆଳୁ ଉଭାନ ହୋଇଯାଇଛି। ଆଳୁ କେଜିଏ ପାଇଁ ଲୋକ ।ନେ ନାହିଁ ନଥିବା ହନ୍ତସନ୍ତ ହୋଇଛନ୍ତି। ଯେଉଁ କିଛି ବେପାରୀ ଆଳୁ ଗଚ୍ଛିତ ରଖିଛନ୍ତି ଲୁଚାଛପାରେ ଚଢାଦରରେ ବିକୁଛନ୍ତି। କେଉଁଠି ୫୦ଟଙ୍କା ତ ଆଉ କେଉଁଠି ଭଲ ଆଳୁ କହି ୬୦ଟଙ୍କାରେ ବିକ୍ରି ହେଉଛି। ଏପରିକି ଆଳୁ ବଛାବଛି କରିବାକୁ ବାରଣ କରାଯାଉଛି। ଅସ୍ତରଙ୍ଗ ବଜାରରେ ଥିବା କିଛି ମୁଖ୍ୟ ବଜାରରେ ଦୋକାନ ଖୋଲି ଆଳୁ ଗଚ୍ଛିତ ରଖି ଚଢାଦରରେ ବିକ୍ରି ହେଉଥିବାରୁ କଳାବଜାରୀ ହେଉଛି। ଦରବୃଦ୍ଧି କରି ଦୋକାନୀମାନେ ଗ୍ରାହକଙ୍କୁ ଲୁଟୁଥିବା ବେଳେ ଯୋଗାଣ ବିଭାଗ ହାତ ଟେକି ଦେଇଛି। ବଜାରକୁ ତ ଆଳୁ ଆସୁନି, ଆମେ କ'ଣ କରିପାରିବୁ ବୋଲି କହୁଛନ୍ତି ବେପାରୀ। ମର୍ଜୀରେ ଦର ନିର୍ଦ୍ଧାରଣ କରି ଖାଉଟିଙ୍କୁ ଶୋଷଣ କରୁଛନ୍ତି। ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅନ୍ୟ ପଟେ ଯେଉଁ କେତେକ ବ୍ୟବସାୟୀ ନିଜ ପାଖରେ ଗଚ୍ଛିତ ଆଳୁକୁ କାଁ ଭାଁ ଲୁଚାଇ ରଖିଥିଲେ ସେମାନଙ୍କ ପାଇଁ କଟେ ପୁଅ ବାର ସଦୃଶ ହୋଇଗଲା। ପାଇକାରୀ ଦରରୁ ଖୁଚୁରା ଦର ଅଧିକ ରହୁଛି। ଆଳୁ ଅଭାବ ହେତୁ ଘରେ ଘରେ ଭାଳେଣି ପଡ଼ିଲାଣି। ରୋଷେଇ ଘରୁ ଆଳୁ ଭଳି ପରିବା ଅଦୃଶ୍ୟ ହୋଇଗଲାଣି। ଆଳୁରୁ ପ୍ରସ୍ତୁତ ହେଉଥିବା ଚାଟ, ଗୁପଚୁପ୍, ଦହିବରା ଆଦିରେ ପୂର୍ବଭଳି ଆଳୁ ଦେଖିବାକୁ ମିଳୁନାହିଁ। ଗତ ୨ମାସ ତଳେ ଏଭଳି ଆଳୁ ସଙ୍କଟ ଦେଖାଦେଇଥିଲା। କିଛିଦିନ ସ୍ଥିତି ସୁଧୁରିବା ପରେ ପୁନର୍ବାର ଅସ୍ତରଙ୍ଗ ବଜାରରେ ଆଳୁ ସଙ୍କଟ ଦେଖାଦେଇଛି। ଆଳୁ ପାଇଁ ଖାଉଟି ମାନେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଥିବା ବେଳେ ଯୋଗାଣ ବିଭାଗ ନିଜର ଦାୟିତ୍ୱ ଭୁଲି ଯାଇ ଚୁପଚାପ୍ ବସିଯାଇଛି। କେଉଁଠି ବି ଯାଞ୍ଚ ନାହିଁ କିମ୍ବା ଚଢ଼ାଉ ହେଉନାହିଁ। ଯାହା ଫଳରେ ଅସ୍ତରଙ୍ଗ ବଜାର କିମ୍ବା ଗ୍ରାମାଞ୍ଚଳରେ ଲାଭଖୋର ବେପାରୀ ମାନେ ଚଢାଦରରେ ବିକ୍ରି କରୁଛନ୍ତି।

# କୋଇଲା ଚୋରି ଅଭିଯୋଗ, ୪ ଗିରଫ

ତିହିଡି, (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ପୀରହାଟ ଥାନା ଅଧୀନ ମଙ୍ଗଳପୁର ଗ୍ରାମ ପାର୍ଶ୍ୱ ଦେଇ ଯାଇଥିବା ଭଦ୍ରକ-ଧାମରା ରେଳପଥରୁ ନିୟମିତ କୋଇଲା ଚୋରି ହେଉଥିବା ଅଭିଯୋଗ ହେଉଥିଲା। କୋଇଲା ଚୋରି ପରେ ଏହାକୁ ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଥିଲା। ପୋଲିସ ବିଭିନ୍ନ ସମୟରେ ରେଳପଥରୁ ବିପୁଳ ପରିମାଣରେ କୋଇଲା ଜବତ କରିଥିଲେ ମଧ୍ୟ ଚୋରି ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇନଥିଲା । ଗତ ୧୭ତାରିଖ ରାତିରେ ଏସ୍‌ପି ମଡକର ସନ୍ଦୀପ ସମ୍ପତ ସେହି ସ୍ଥାନକୁ ଯାଇ ଏହାର ତଦନ୍ତ କରିଥିଲେ।



ତଦନ୍ତ ସମୟରେ ରେଳପଥ ପାର୍ଶ୍ୱରୁ ବିପୁଳ ପରିମାଣରେ କୋଇଲା ଜବତ ହୋଇଥିଲା। ତେବେ ଏହି ଘଟଣାରେ ପୋଲିସ ଏକ ମକଦ୍ଦମା (ନଂ ୨୫୧/୨୪)ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ସୋମବାର ଚୋରି ସହ ସମ୍ପୃକ୍ତ ସେହି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ଅଭିଯୁକ୍ତମାନେ ହେଉଛନ୍ତି ମଙ୍ଗଳପୁର ଗ୍ରାମର ରାକେଶ କୁମାର ମହାଲିକ, ସନ୍ତୋଷ କୁମାର ମହାଲିକ, ରମେଶ ମଳିକ ଓ ଧର୍ମେନ୍ଦ୍ର ବେହେରା । ପିରାହାଟ ଥାନା ଆଇଆଇସି ଅଜୟ କୁମାର ମୁର୍ମୁ ଓ ଏସ ଆଇ ସୁପ୍ରକାଶ ମହାନ୍ତି ଅଭିଯୁକ୍ତମାନଙ୍କୁ ଜେରା କରିବା ପରେ କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

# ବେଳାଭୂମି ସଫେଇ ଅଭିଯାନ




ପାରାଦୀପ, (ଭାସ୍କର ନ୍ୟୁଜ୍) : ପାରାଦୀପ ସମୁଦ୍ର ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପରିବେଶ ସନ୍ତୁଳତା ବଜାୟ ରଖିବା ଉଦ୍ଦେଶ୍ୟରେ ଏଏମ୍/ଏନଏସ୍ ପୋର୍ଟସ୍ ପକ୍ଷରୁ ଏହାର ସିଏସ୍ଆର ପଦକ୍ଷେପର ଏକ ଅଂଶବିଶେଷ ଭାବେ ବେଳାଭୂମି ସଫେଇ ଅଭିଯାନର ସୋମବାର ଦିନ ଆୟୋଜିତ ହୋଇଯାଇଛି। କମ୍ପାନୀର କର୍ମଚାରୀ ଏବଂ ସେମାନଙ୍କ ପରିବାର ସକ୍ରିୟ ଭାବେ ଏହି ଅଭିଯାନରେ ସାମିଲ ହୋଇ ବେଳାଭୂମିରେ ପଡିଥିବା ବର୍ଜ୍ୟବସ୍ତୁ ସଫା କରିଥିଲେ। ଏଏମ୍/ଏନ୍ଏସ୍ ପୋର୍ଟସ୍ ଭବିଷ୍ୟତରେ ମଧ୍ୟ ଏଭଳି ଅଭିଯାନ ଜାରି ରଖିବା ସହିତ ସ୍ଥାନୀୟ ଲୋକଙ୍କୁ ଏଥିରେ ସାମିଲ କରି ଏକ ସ୍ୱଚ୍ଛ, ସବୁଜ ଏବଂ ସୁରକ୍ଷିତ ପରିବେଶ ପାଇଁ ପ୍ରୟାସ ଜାରି ରଖିବ ବୋଲି କୁହାଯାଇଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପରିଚିତ ପାରାଦୀପ ବେଳାଭୂମିରେ ପୌରପାଳିକା ପକ୍ଷରୁ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇଛି। ପାରାଦ୍ୱୀପ ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକ ମାନେ ସେମାନଙ୍କ ବ୍ୟସ୍ତବହୁଳ ଜୀବନରୁ କିଛି ଭଲ ସମୟ ଏଠାରେ ଅତିବାହିତ କରିବାକୁ ଆସୁଥିବା ବେଳେ ଏକ ସ୍ୱଚ୍ଛ ପରିବେଶ ସେମାନଙ୍କୁ ଅଧିକ ଆନନ୍ଦ ପ୍ରଦାନ କରିବ। ଏକ ସ୍ୱଚ୍ଛ ବେଳାଭୂମି ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ସ୍ଥାନୀୟ ଅର୍ଥନୀତି ଉପରେ ମଧ୍ୟ ଏହାର ସକରାତ୍ମକ ପ୍ରଭାବ ପଡିବ ବୋଲି ଆଶା କରାଯାଉଛି।

# 'ସଚେତନତା ହିଁ ରୋକିବ ଏଡସ୍ ସଂକ୍ରମଣ'




ଭୁବନ, (ଭାସ୍କର ନ୍ୟୁଜ୍) : ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଏନ୍ଏସ୍ଏସ୍, ଯୁବ ରେଡକ୍ରସ ଓ ଏନ୍‌ସିସି ତରଫରୁ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ୟୁଥ୍ ରେଡ କ୍ରସ କାଉନସେଲର ଅନୁପମା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷ ଦିଲ୍ଲୀପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଡସ୍ ରୋଗର ସୃଷ୍ଟି ଓ ସମାଜ ଉପରେ ଏହାର କୁପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। କେବଳ ସଚେତନତା ଜରିଆରେ ସମାଜରୁ ଏଡସ୍ ରୋଗକୁ ଦୂରେଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଅଧାପିକା ଡ଼ଃ ମମତା ପାତ୍ର ଏହି ଦିବସର ତାତ୍ପର୍ଯ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ଅଧାପକ ନିରଞ୍ଜନ ନାୟକ ସଚେତନତା ହିଁ ସୁରକ୍ଷା ବୋଲି ମତବ୍ୟକ୍ତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ପ୍ରଶାନ୍ତ ରାଉତରାୟ ଓ ଏନ୍‌ସିସି ଅଫିସର ଡ଼ଃ ନମିତା ଦାଶଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ପ୍ଲାକାର୍ଡ ଧରି ରାଲିରେ ସହର ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ଦେଇ ନିରାକରଣ ବାର୍ତ୍ତା ପ୍ରଚାର କରିବା ସହ ଜନ ସାଧାରଣଙ୍କୁ ସଚେତନ କରିଥିଲେ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର
# ୧୨୭ ୟୁନିଟ ରକ୍ତ ସଂଗ୍ରହ

ଡେରାବିଶ,(ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ କୁରୁଜଙ୍ଗା ପଂଚାୟତ ଅନ୍ତର୍ଗତ ବୀରନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୋଜିତ ଏହି ଶିବିରରେ ମୋଟ ୧୨୭ ୟୁନିଟ ରକ୍ତ ଆଜି ସଂଗୃହିତ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଧର୍ମେନ୍ଦ୍ର ସିଂହଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରିଣୀ ମିନତୀ ମହାପାତ୍ର, ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ଅନ୍ନପୂର୍ଣ୍ଣା ଜେନା, ଫାର୍ମାସିଷ୍ଟ ଦୀପ୍ତି କିରଣ ସେଠୀ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ବ୍ଲଡ ବ୍ୟାଙ୍କର କର୍ମଚାରୀ ରାକେଶ କୁମାର ମିଶ୍ର, ସୋମ୍ୟରଞ୍ଜନ ସାହୁ, ମନୋଜ କୁମାର ଦାସ, ସ୍ୱାତି ସୁମିତ୍ରା, ସୋମ୍ୟ ରଞ୍ଜନ ସେଠୀ ଓ ଅବ୍ଦୁଲ ଆସିଫ ରକ୍ତ ସଂଗ୍ରହ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ହରପ୍ରିୟା ମୁଦୁଲି, ରିତାଶ୍ରୀ ଦଳାଇ, ଜ୍ୟୋତ୍ସ୍ନାମୟୀ ସାହୁ, କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ଓ ବାଦଲ ମଲ୍ଲିକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଆର୍ଟ ଅଫ୍ ଲିଭିଙ୍ଗ ପକ୍ଷରୁ ଯୋଗ କର୍ମଶାଳା ଅଭିଯାନ

ପାରାଦୀପ, (ଭାସ୍କର ନ୍ୟୁଜ୍) : ପାରାଦୀପକୁ ଶ୍ରୀ ଶ୍ରୀ ରବିଶଙ୍କର ଆଗମନ ପୂର୍ବରୁ ଦି ଆର୍ଟ ଅଫ ଲିଭିଙ୍ଗ



ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଯୋଗ କର୍ମଶାଳା ଆୟୋଜନ କରିବାକୁ ସ୍ଥିର କରାଯାଇଛି କ୍ଷ ଏହି ପରିପ୍ରେକ୍ଷୀରେ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଦି ଆର୍ଟ ଅଫ ଲିଭିଙ୍ଗର ପ୍ରସିଦ୍ଧ ଯୋଗଗୁରୁ ତଥା ପ୍ରବଚକ ଜ୍ୟୋତିର୍ବିଦ ତାପସ ରଞ୍ଜନ ପତି ପାରାଦୀପ ମହାବିଦ୍ୟାଳୟରେ ଆୟୋଜିତ ଯୋଗ କର୍ମଶାଳାରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଗତ ତିନିଦିନ ଧରି ମହାବିଦ୍ୟାଳୟରେ ଚାଲିଥିବା ଯୁବ ରେଡ଼କ୍ରସ ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ୧୫ଟି ମହାବିଦ୍ୟାଳୟର ୧୧୫ଜଣ ପ୍ରଶିକ୍ଷାର୍ଥୀଙ୍କୁ ଯୋଗାଭ୍ୟାସ ସହିତ ଏହାର ମହତ୍ୱ ସମ୍ପର୍କରେ ଯୋଗଗୁରୁ ଶ୍ରୀ ପତି ଗୁରୁମନ୍ତ୍ର ଦେଇଥିଲେ। ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କରଙ୍କ ପାରାଦୀପ ଗସ୍ତ ପୂର୍ବରୁ କେବଳ ପାରାଦୀପରେ ନୁହଁ ଜଗତସିଂପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଆର୍ଟ ଅଫ ଲିଭିଙ୍ଗର ସବୁ ବର୍ଗର ଲୋକ ମାନଙ୍କ ପାଇଁ ଭିନ୍ନ ଭିନ୍ନ କର୍ମଶାଳା କରାଯାଉଛି ବୋଲି ଯୋଗଗୁରୁ ଶ୍ରୀ ପତି ସୂଚନା ଦେଇଛନ୍ତି ।

# ଜହ୍ନାପଡ଼ା ବିଦ୍ୟାଳୟ ଶତବାର୍ଷିକୀ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ପଞ୍ଚାୟତ ଅଧିନସ୍ଥ ଜହ୍ନାପଡ଼ା ଗ୍ରାମରେ ସହିଦ ବୀର ବେନୁଙ୍କ ସ୍ମୃତିପୀଠ ସମ୍ମୁଖରେ ୧୯୨୪ ମସିହାର ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟ ଅବସ୍ଥିତ। ଏହି ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ଶହେତମ ବାର୍ଷିକ ଉତ୍ସବ ପାଳନ କରିବା ପାଇଁ ରବିବାର ଦିନ ଉକ୍ତ ବିଦ୍ୟାଳୟରରେ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକର ଆଭିମୁଖ୍ୟ ଓ ଉତ୍ସବକୁ କିପରି ଆଡମ୍ବର ସହକାରେ ପାଳନ କରାଯିବ ସେ ଦିଗରେ ବିଦ୍ୟାଳୟର ଯୁବ ଉଦ୍ୟୋଗୀ ପୁରାତନ ଛାତ୍ର ତଥା ଅମୂଲ୍ୟ କୁମାର ସାହୁ ବିବରଣୀ ପାଠ କରିବା ସହ ସମସ୍ତଙ୍କର ପୂର୍ଣ୍ଣ ସହଯୋଗ ରହିବା ନିତ୍ୟାନ୍ତ ଆବଶ୍ୟକ ବୋଲି ବୈଠକରେ ଜଣାଇଥିଲେ। ଆସନ୍ତା ଜାନୁଆରୀ ମାସ ପ୍ରଥମ ସପ୍ତାହରେ ଏହି ଉତ୍ସବ ପାଳନ ଲାଗି ଧାର୍ଯ୍ୟ ରହିଥିବା ବେଳେ ଏହାକୁ କିପରି ସରସ ସୁନ୍ଦର କରାଯିବ ସେଥି



ପାଇଁ ବିଦ୍ୟାଳୟର ପୁରାତନ ବୟୋଜ୍ୟେଷ୍ଠ ଛାତ୍ର ତଅଁଲୁ ସାହୁ , ଇନ୍ଦ୍ରମଣି ନାୟକ, ଗ୍ରାମ୍ୟ କମିଟି ସଭାପତି ଲିଙ୍ଗରାଜ ନାୟକ, କିଶୋର ଚନ୍ଦ୍ର ବିଶ୍ୱାଳ ନିଜ ନିଜର ମତ ପରିପ୍ରକାଶ କରିଥିଲେ। ଆୟୋଜିତ ହେବାକୁ ଯାଉଥିବା ଉତ୍ସବ ପାଳନ ଲାଗି ସ୍ୱତନ୍ତ୍ର ଏଜେଣ୍ଡା ପ୍ରସ୍ତୁତ କରାଯାଇଛି ତତ୍ ସହିତ ଏହି ଉତ୍ସବ ପାଳନ ଲାଗି ବୟୋଜ୍ୟେଷ୍ଠ ତଥା ପୁରାତନ ଛାତ୍ର ତଅଁଲୁ ସାହୁ, ଇନ୍ଦ୍ରମଣି ନାୟକ, ସୁବଳ ନାୟକ, ମଦନ ନାୟକ, ଅଜୟ ସାହୁ, ବସନ୍ତ ନାୟକ, ବଟକୃଷ୍ଣ ନାୟକ, କୈଳାସ ସାହୁ, ଅମୀୟ ନାୟକ, ଶରତ ଚନ୍ଦ୍ର ନାୟକ, ନରୋତ୍ତମ ନାୟକ, ରସାନନ୍ଦ ସାହୁ, ଗୋବର୍ଦ୍ଧନ ନାୟକ, ରୋହିତ ସାହୁ, ଅଞ୍ଜନ ସାହୁଙ୍କ ସମେତ ଅନ୍ୟ ସମସ୍ତ ପୁରାତନ ଛାତ୍ରମାନଙ୍କ ଆର୍ଥିକ ସହାୟତାରେ ପରିଚାଳନା କରାଯିବ। ଏହି ପ୍ରସ୍ତୁତି ବୈଠକରେ ଦୁଇଶହରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର ସାମିଲ ହୋଇଥିଲେ ।

# ଛାତ୍ରଛାତ୍ରୀଙ୍କ ଏଡ୍ସ ସଚେତନତା ରାଲି

କରଞ୍ଜିଆ, (ଭାସ୍କର ନ୍ୟୁଜ୍) : କରଞ୍ଜିଆ ସ୍ୱଂୟ ଶାସିତ ମହାବିଦ୍ୟାଳୟ ଯୁବ ରେଡକ୍ରୋସ ଏବଂ ରେଡ ରିବନ ଶାଖା ତରଫରୁ ଏଚ.ଆଇ.ଭି/ଏଡ୍ସ ଯୌନ ସଂକ୍ରମିତ ରୋଗର ନିରାକରଣ ବ୍ୟାପକ ସଚେତନତା ଅଭିଯାନ ଦିବସ ପାଳିତ ହୋଇଯାଇଛି। ଏହି ସଚେତନତା ଅଭିଯାନରେ ମହାବିଦ୍ୟାଳୟର ଅଧକ୍ଷ ଯୋଗେଶ୍ୱର ମହାନ୍ତ ଏବଂ ଯୁବ ରେଡକ୍ରୋସ କାଉନସେଲର କାଳନ୍ଦୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ କରଞ୍ଜିଆ ଉପଖଣ୍ଡରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ବିଶାଳ ରାଲି କରାଯାଇଥିଲା। ଏହି ରାଲିରେ ଛାତ୍ରଛାତ୍ରୀମାନେ ଏଚ.ଆଇ.ଭି / ଏଡ୍ସର ସଚେତନତା ଏବଂ ଏହାର ନିବାରଣ ବିଷୟରେ ଲୋକମାନଙ୍କୁ ଅବଗତ କରାଉଥିଲେ। ପରିଶେଷରେ ଏକ ସଭାର ଆୟୋଜନ କରାଯାଇଥିଲା। ଅଧକ୍ଷ ଯୋଗେଶ୍ୱର ମହାନ୍ତ ସଭାକୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ଅର୍ଥନୀତି ବିଭାଗ ମୁଖ୍ୟ ଅଧାପକ ମନୋଜ ସାହୁ, ଜାତୀୟ ସେବା ଯୋଯୋନାର ପ୍ରୋଗ୍ରାମ ଅଫିସର ସିପୁନ କୁମାର ଦାସ, ଗଣିତ ବିଜ୍ଞାନ ବିଭାଗ ଅଧାପକ ସନ୍ଦୀପ ସାମଲ, ଇତିହାସ ବିଭାଗର ଅଧାପକ ଚନ୍ଦ୍ରଭାନୁ ମହାନ୍ତ ଏବଂ ରସାୟନ ବିଭାଗର ଅଧାପକ ରଂଜିତ କୁମାର ସା ପ୍ରମୁଖ ଉପସ୍ଥିତ ରହି ଆଜିର ଦିବସରର ଉଦେଶ୍ୟ ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଇବା ସହ, ଛାତ୍ର ଛାତ୍ରୀଙ୍କର ସମାଜପ୍ରତି ରହିଥିବା କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଶେଷରେ ଯୁବ ରେଡକ୍ରସ୍‌ର କାଉନସେଲର କାଳନ୍ଦୀ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ସଭା ସାଙ୍ଗ କରାଯାଇଥିଲା। ଯୁବ ରେଡକ୍ରସ୍‌ର ସ୍ୱେଚ୍ଛାସେବୀ ସୁନିଲ ମହାକୁଡ, ଲକ୍ଷ୍ମଣ ମୁଣ୍ଡା, ଝଲିଆ ନାୟକ, ସ୍ୱତିସ୍ମିତା ସହୁ ଲିଜା ନାୟକ ବିମଳା ବାଦ୍ରା ସୌଦାମିନୀ ମହାନ୍ତ, ସୌରଭ ସହୁ, ଅଞ୍ଜଳି ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।



# ଗରିବଙ୍କୁ କମ୍ବଳ ବଣ୍ଟନ


ବାମରା, (ଭାସ୍କର ନ୍ୟୁଜ୍) : ସମ୍ବଲପୁର ଜିଲ୍ଲା ବାମରା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ୮୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ତାଙ୍କ ଧର୍ମପତ୍ନୀ ଉର୍ମିଳା ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ଭାଇ ବିହାରୀ ବିଶ୍ୱାଳ ଓ ଝିଅ ସୁନିତା, ତୁଳସୀ ଏବଂ ଜ୍ୱାଇଁ ନଟବର ବରିହା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ କୁଚିଣ୍ଡା ବିଧାୟକ ରାଜେନ୍ଦ୍ର ଛତ୍ରିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବ ବାମରା ବ୍ଲକ ଚେୟାରମ୍ୟାନ୍ ପ୍ରଦୀପ କୁମାର ମିଶ୍ର ସ୍ୱର୍ଗତ ବିଶ୍ୱାଳଙ୍କର ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳ ଜନ୍ମ ଜୟନ୍ତୀ କମିଟିର ସଭାପତି ପ୍ରଶାନ୍ତ କୁମାର ଶତପଥୀ ସଭା ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ରାଜ, ସାଧାରଣ ସମ୍ପାଦକ କ୍ଷୀରୋଦ କୁମାର ସା, ସାଂଗଠନିକ ସମ୍ପାଦକ ସୁଧାଂଶୁ ଶେଖର ନାଏକ, ସମ୍ପାଦକ ରାଜୀବ ଚୌଧୁରୀ ଏବଂ ଶ୍ରବଣ ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଗରିବ ପରିବାରକୁ କମ୍ବଳ ବଣ୍ଟନ କରାଯାଇଥିଲା।

# ରାଶିଫଳ


ମଙ୍ଗଳବାର, ୩ ଡିସେମ୍ବର ୨୦୨୪



**ମେଷ:** ଆଜି ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର କରି କାମ ନକଲେ ଅପଦସ୍ଥ ହୋଇପାରନ୍ତି । ବନ୍ଧୁମାନଙ୍କ କଥା ବାର୍ତ୍ତା ଆପଣଙ୍କ ପାଇଁ ସମସ୍ୟାକୁ ବଢାଇ ଦେଇପାରେ । ବିଳମ୍ବରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ ।




**ବୃଷ:** ଆଜି ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭକରି ଆଶା ପୂରଣ କରିବେ । ନିର୍ମାଣଧୀନ ଆନୁଷ୍ଠାନିକ କାମରେ କୌଣସି ପ୍ରତିବନ୍ଧକ ରହିବ ନାହିଁ । ଆଲୋଚନା ପରିସରରେ ଆପଣ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।



**ମିଥୁନ:** ଆଜି ସ୍ଥଗିତ ରହିଯାଇଥିବା କେତେକ ପୁରୁଣା ବାକିଆ କାମ ଶେଷ କରିବାକୁ ସକ୍ଷମ ହେବେ । ପ୍ରିୟଜନଙ୍କ ସାହାଯ୍ୟ ସହଯୋଗ ମାଧ୍ୟମରେ ଜମିଜମା ସମ୍ପର୍କି ତ ବିବାଦର ଆଶୁ ସମାଧାନ ହୋଇଯିବ । ଶିଳ୍ପ, ବାଣିଜ୍ୟାଦିରେ ଶୁଭଫଳ ପାଇବେ।



**କର୍କଟ:** ଆଜି ସତର୍କତା ଅଭାବରୁ ଅନ୍ୟ ପାଇଁ ନିଜେ ସମସ୍ୟାଗ୍ରସ୍ତ ହୋଇପଡିବେ । ମତପାର୍ଥକ୍ୟଜନିତ ବାକ୍ ବିତଣ୍ଡା ସୃଷ୍ଟି ହେବାର ସମ୍ଭାବନା ରହିଛି । କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ନିଜ ସାଧନାରେ ସଫଳତା ପାଇବେ । ଧର୍ମ ଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି ।



**ସିଂହ:** ଆଜି କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ । ପାରିବାରିକ ଜୀବନରେ ଖଳଲୋକଙ୍କ କାନକୁହା କଥା ସୁଖ ସନ୍ତୋଷରେ ବାଧା ଉପୁଜାଇବ । ବ୍ୟବସାୟିକ ଦିଗଟି ବହୁତ ଭଲ ରହିବ ।




**କନ୍ୟା:** ଆଜି କାର୍ଯ୍ୟ ହାସଲ ସହ ଆର୍ଥିକ ଉନ୍ନତି ଦେଖା ଦେବ । ପାରିବାରିକ କ୍ଷେତ୍ରର କୌଣସି କଥା ମନକୁ ବାରମ୍ବାର ଆଲୋଡିତ କରିପାରେ । ଅର୍ଥ ସମ୍ପର୍କକୁ ନେଇ ପରିବାରରେ ଭାତୃବିବାଦ ଦେଖା ଦେଇପାରେ। ମହିଳାମାନେ ପ୍ରଶଂସନୀୟ ହେବେ ।



**ତୁଳା:** ଆଜି ପୂର୍ବର ସମସ୍ୟା ସମାଧାନ ହୋଇଯିବ । ପାରିବାରିକ ଜୀବନ ସୁଖଶାନ୍ତିରେ କଟିବ । କୌଣସି ନୂତନ କାର୍ଯ୍ୟ କରିବାକୁ ଅଗ୍ରସର ହେବେ ସେଥିରେ ସଫଳ ହେବେ । କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ ।




**ବିଛା:** ଆଜି କାର୍ଯ୍ୟସିଦ୍ଧି ସହ ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବ । ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ । ଆକସ୍ମିକ ଭାବରେ କୌଣସି ସମସ୍ୟା ହେତୁ ନିର୍ମାଣଧୀନ କାର୍ଯ୍ୟ ସ୍ଥଗିତ ରହିପାରେ । ଉପରିସ୍ଥଙ୍କ କର୍ମଚାରୀଙ୍କ ଆଦେଶାନୁସାରେ କାର୍ଯ୍ୟ କରିବା ପାଇଁ ବାଧ୍ୟ ହେବେ । ପିତାମାତାଙ୍କ ଆଶୀର୍ବାଦ ଆପଣଙ୍କୁ ସହାୟ ହେବ ।




**ଧନୁ :** ଆଜି କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରଶଂସନୀୟ ହେବେ । ପରୋକ୍ଷ ଶତ୍ରୁତା କାରଣରୁ ଅପରାହ୍ନରେ ମନ ଭାରାକ୍ରାନ୍ତ ରହିବ । କୋଟ କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ । ସମସ୍ତ କାର୍ଯ୍ୟରେ ସାହାଯ୍ୟ ଓ ସହଯୋଗ ପାଇବେ।



**ମକର:** ଆଜି ଜଗିରଖି ଚଳନ୍ତୁ କେହି ଜଣେ ବ୍ୟକ୍ତି ଅସୁବିଧାରେ ପକାଇପାରେ  କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ । ଅଂଶୀଦାର ବ୍ୟବସାୟୀଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ ।ବିଦ୍ୟାର୍ଥୀମାନେ ବିଦ୍ୟାରେ ସଫଳତା ପାଇବେ ।



**କୁମ୍ଭ:** ଆଜି ଆପଣଙ୍କର ଦିନ ଖୁବ୍ ଭଲରେ କଟିବ। ବକେୟା ପ୍ରାପ୍ୟ ମିଳିବ ଯାହା ଫଳରେ ମନ ପ୍ରଫୁଲ୍ଲିତ ରହିବ। ବିବାଦରେ ନୂଆ ମୋଡ଼ ଦେଖାଦେବ। ପୂର୍ବର ସମସ୍ୟା ସମାଧାନ ହୋଇଯିବ। ମହିଳାମାନେ ଗୃହ ସାଜସଜ୍ଜା ପ୍ରତି ଯତ୍ନ ନେବା ସହ ସମ୍ମାନ ପ୍ରାପ୍ତି ହେବେ।



**ମୀନ:** ଆଜି ଆପଣଙ୍କ ଦୃଢ଼ ମନୋବଳ ଯୋଗୁ ପ୍ରତ୍ୟେକଟି କ୍ଷେତ୍ରରେ ହିଁ ବିଜୟ ଲାଭ କରିବେ । ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟକୁ ଦୂରେଇ ନେବା ପାଇଁ ପ୍ରଯତ୍ନ କଲେ ଉପକୃତ ହେବେ । ବନ୍ଧୁଙ୍କ ମିଥ୍ୟାଭିଯୋଗ ସକାଶେ ମାନସିକ ସ୍ତରରେ କ୍ରୋଧାନ୍ୱିତ ହୋଇପାରନ୍ତି ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର କୋଡ଼ିଙ୍ଗା ପଞ୍ଚାୟତରେ ବୁଟ ଚଣା ବଣ୍ଟନ କରାଯାଇଛି । ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ନିଜେ ଉପସ୍ଥିତ ରହି ଏହି ଚଣା ବଣ୍ଟନ କରିଥିବା ଦେଖିବାକୁ ମିଳିଛି । ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଯାନୀ,କୃଷି ଅଧି ଦର୍ଶକ ସର୍ବେଶ କୁମାର ପତି, ଗ୍ରାମ୍ୟ କୃଷି କର୍ମଚାରୀ ଅଜୟ କୁମାର ମାଝୀ, ସିଆରଆଇଏସଏଟି ସଂସ୍ଥାର ଗୋଷ୍ଠୀ ସଂଯୋଜକ ଦିନେଶ କୁମାର ପନକାଙ୍କ ସମେତ ପଞ୍ଚାୟତର ପ୍ରତିନିଧି ଓ ବଳୀୟ କର୍ମୀମାନେ ଉପସ୍ଥିତ ରହିଥିଲେ । ପ୍ରଥମ ପର୍ଯ୍ୟାୟରେ କୋଡ଼ିଙ୍ଗା ପଞ୍ଚାୟତ ଅନ୍ତର୍ଗତ ନୂଆଁଗୁଡ଼ା,ଆଟିଗାଁ ପଞ୍ଚାୟତର ଡଙ୍ଗାବେଡା ଓ ତାରାଗାଁ ପଞ୍ଚାୟତର ଚାଷୀମାନଙ୍କୁ ବୁଟଚଣା ବଣ୍ଟନ କରାଯାଇଛି । ଏହି କୃଷି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋଷାଗୁମୁଡ଼ା ବ୍ଲକର ୨୮୦୦ହେକ୍ଟର ଜମିରେ ବୁଟ ଚାଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ଅବସରରେ ବିଧାୟକ ଶ୍ରୀ ରନ୍ଧାରୀ ଚାଷୀଙ୍କ ଆର୍ଥିକ ସ୍ଥିତିର ସୁଧାର ହେବା ସହ ଜମିର ଉର୍ବରତା ଫେରେଇ ଆଣିବାରେ ବେଶ୍ ସହାୟକ ହେବ ବୋଲି ଚାଷୀମାନଙ୍କୁ ବୁଝେଇଛନ୍ତି ।

# ଅବହେଳିତ ରାଣୀବନ୍ଧ: ସୌନ୍ଦର୍ଯ୍ୟକରଣ ସହ ପୁନରୁଦ୍ଧାର ଦାବି



ବ୍ରଜରାଜନଗର (ଭାସ୍କର ନ୍ୟୁଜ): ଗାନ୍ଧିଛକ-ରାଜପୁର ପୁର୍ବ ବିଭାଗ ରାସ୍ତା କଡ଼ରେ ଥିବା ରାଣୀବନ୍ଧ ଅଂଚଳର ସର୍ବପୁରାତନ ଜଳାଶୟ ଅଟେ । ବିଗତ ଦିନରେ ଏହା ବ୍ୟବହାର ଉପଯୋଗୀ ଥିବା ବେଳେ ବର୍ତ୍ତମାନ ଅବ୍ୟବହୃତ ହୋଇ ପଡ଼ିଛି । ସେହିପରି ଏହି ଜଳାଶୟର ଉନ୍ନିକରଣ ଓ ପୁନରୁଦ୍ଧାର ନିମନ୍ତେ ଚରମ ଅବହେଳା କରାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି । ସରକାରଙ୍କ ବିଭିନ୍ନ ଯୋଜନାରେ ସ୍ଥାନୀୟ ଅଞ୍ଚଳର ଅନେକ ଜଳାଶୟର ସୌନ୍ଦର୍ଯ୍ୟକରଣ ବାବଦରେ ଶିଶୁ ଉଦ୍ୟାନ, ଆଲୋକୀକରଣ, ପେଭର ବ୍ଲକ ଲଗାଯିବା, ପରିଷ୍କା ଗାର, ଲୋକଙ୍କ ବସିବା ପାଇଁ ସୁବିଧା ଇତ୍ୟାଦି ନିର୍ମାଣ କରାଯିବାରୁ ନୂଆ ରୂପ ପାଇଛି । ତେବେ ଦୀର୍ଘ ବର୍ଷ ଧରି ଅବହେଳିତ ଅବସ୍ଥାରେ ଥିବା ଏହି ରାଣୀବନ୍ଧ ଜଳାଶୟ ଭିତରେ ପଦ୍ମ ପତ୍ର ଭର୍ତ୍ତି ହୋଇଥିବା ବେଳେ ଅନ୍ୟପଟେ ଏହାର ଚାରିପଟେ ଅନାବନା ଘାସ ଉଠିବା ସହିତ ଗାଧୁଆ ଘାଟ ଗୁଡ଼ିକ ନଷ୍ଟ ହୋଇଯାଇଛି । ଅନେକ ବର୍ଷ ଧରି ଏହାର କାଦୁଅ ପଙ୍କ ମଧ୍ୟ ବାହାର କରାଯାଇ ନାହିଁ । ତେଣୁ ଏହାର ପୁନରୁଦ୍ଧାର ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଛି । ଜଳାଶୟ ଭିତରେ ଥିବା ଅଳିଆ ଆବର୍ଜନା ଓ କାଦୁଅ ପଙ୍କ ବାହାର କରିବା, ଚତୁର୍ପାର୍ଶ୍ୱରେ ଥିବା ଅନାବନା ଗଛ କାଟି ଛାୟା ପ୍ରଦାନ କରୁଥିବା ଉପଯୋଗୀ ଜାତୀୟ ଗଛ ଲଗାଯିବା, ଲୋକଙ୍କ ପ୍ରାତଃଭ୍ରମଣ ଓ ସନ୍ଧ୍ୟା ଭ୍ରମଣ ପାଇଁ ଚଲାପଥ ଓ ବସିବା ଲାଗି ବେଞ୍ଚ ନିର୍ମାଣ, ଅଲୋକୀକରଣ ଆଦି ବ୍ୟବସ୍ଥା କରାଯିବା ନେଇ ଲୋକେ ଦାବି କରିଛନ୍ତି ।

# ଉମରକୋଟରୁ ହାଇଦ୍ରାବାଦକୁ ଗଡ଼ିଲା ବସ୍

ଉମରକୋଟ(ଭାସ୍କର ନ୍ୟୁଜ): ଜିଲ୍ଲା ଉମରକୋଟ ସହର ଠାରୁ ହାଇଦ୍ରାବାଦ କୁ ଗଡିଲା ଗୁପ୍ତା ନାମକ ଏକ ଘରୋଇ ବସ । ଏହି ବସକୁ ଉମରକୋଟ ଘରୋଇ ବସ ମାଲିକ ସଂଘର ଆଇନ ପରାମର୍ଶଦାତା ପ୍ରଶାନ୍ତ କୁମାର ସାହୁ ଶୁଭ ଉଦଘାଟନ କରିଥିଲେ। ବସ ଟି ପ୍ରତିଦିନ ୨.୩୦ ରୁ ଉମରକୋଟ ବାହାରି ତାପର ଦିନ ସକାଳେ ହାଇଦ୍ରାବାଦରେ ପହଞ୍ଚିବ । ଠିକ ସେହିପରି ହାଇଦ୍ରାବାଦ ଠାରୁ ଦିନ ୨.୩୦ ବାହାରି ସକାଳେ ଉମରକୋଟ ଠାରେ ପହଞ୍ଚିବ ।




# ତିନିଦିନ ହେଲା ଅନ୍ଧାରରେ ୧୦ରୁ ଊର୍ଦ୍ଧ୍ୱ ଗାଁ

- ମାତ୍ର ୧୦କିମି ଦୂରରେ ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ର
- ଡିବିରି ଆଲୁଅରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ



କୋରୁକୋଣ୍ଡା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ନାକାମାମୁଡି ଗ୍ରାମ ପଞ୍ଚାୟତର ୧୦ରୁ ଉର୍ଦ୍ଧ ଗାଁ ଗତ ତିନି ଦିନ ଧରି ବିଦ୍ୟୁତ୍ ଆଲୋକରୁ ବଞ୍ଚିତ ରହିଛି । ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ର ଠାରୁ ମାତ୍ର ୧୦ କିମି ଦୂରରେ ଥିବା ପଞ୍ଚାୟତ ଅଧିନସ୍ଥ ଗାଁ ଗୁଡ଼ିକ ହେଉଛ କନଙ୍ଗ, ନୀଳାପାରି, ନୂଆଗୁଡା, ଡୁମାରିପଦା, ପିପଲପଦର, ତେନ୍ତୁଳି ପଦର, ମିଟୁବନ୍ଧ, ଗାର୍ଡେନ ପଦର, ଡୁଡୁମାଗୁଡା, କେନ୍ଦୁଗୁଡା ଓ ବରଲୁବନ୍ଧ ଇତ୍ୟାଦି । ନିକଟରେ ଥିବା ଅନ୍ୟ ଗାଁରେ ଯଥେଷ୍ଟ ସାଧାରଣ ଭାବରେ ଚାଲିଥିବା ବେଳେ ଏହି ଗାଁର ଲୋକମାନେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କରେଣ୍ଟ ନଥିବାରୁ ଜନସାଧାରଣଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି । ଉକ୍ତ ଗାଁ ଗୁଡ଼ିକର ଛାତ୍ରଛାତ୍ରୀମାନେ ଡିବିରି ଆଲୁଅରେ ପାଠ ପଢ଼ିବାକୁ ବାଧ୍ୟ ହେଉଥିବାବେଳେ, ଲୋକମାନେ ବିଦ୍ୟୁତ୍ ଆଲୋକ ନଥିବାରୁ ନାହିଁ ନଥିବ ହଇରାଣର ସମ୍ମୁଖୀନ ହେଉଛନ୍ତି । ଏନେଇ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ପାଇନଥିବା କହିଛନ୍ତି ଅଞ୍ଚଳବାସୀ । ଏନେଇ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗା ଯୋଗ ହୋଇପାରିନଥିଲା କୌଣସି ପ୍ରତିକ୍ରିୟା ମିଳିପାରିନଥିଲା । ତୁରନ୍ତ ବିଦ୍ୟୁତ ସମସ୍ୟାର ସମାଧାନ ନକରିଲେ ଆଗାମୀ ଦିନରେ ଅଞ୍ଚଳବାସି ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ନଷ୍ଟ କଲା ଗଜପତି ପୋଲିସ



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଅପରେସନ ଗ୍ରୀନ କ୍ଲିନ୍ ଗଜପତି ଜିଲ୍ଲାରେ ଆରମ୍ଭ ହୋଇଥିବା ବେଳେ ଅଡବା ଥାନା ଅଞ୍ଚଳରେ ବ୍ୟାପକ ଗଞ୍ଜେଇ ଗଛ କାଟି ପୋଡ଼ି ନଷ୍ଟ କରିଛି ପୋଲିସ। ଅଡବା ଥାନା ଅନ୍ତର୍ଗତ କେଶରୀଗୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡେଙ୍କାବନ୍ଧ ଗାଁ ନିକଟସ୍ଥ ଜଙ୍ଗଲ ଜମିରେ ବେଆଇନ ଭାବେ ଗଞ୍ଜେଇ ଚାଷ କରାଯାଇଥିବା ବିଶେଷ ସୂତ୍ରରୁ ଖବର ପାଇଥିଲା ଗଜପତି ପୁଲିସ। ଯାହା ଫଳରେ ଆଜି ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର ସାହୁ, ଅଡବା ଥାନା ଅଧିକାରୀ ସୁଭ୍ରାନ୍ତ କୁମାର ପଣ୍ଡାଙ୍କ ସହ ୭ ପ୍ଲାଟୁନ ପୋଲିସ ଫୋର୍ସ, ଅବକାରୀ ବିଭାଗ ,ରାଜସ୍ୱ ବିଭାଗ ସହ ବନ ବିଭାଗର କର୍ମଚାରୀମାନେ ମିଳିତ ଭାବେ ଉକ୍ତ ଜଙ୍ଗଲରେ ଚଢ଼ାଉ କରିଥିଲେ। ୪୧ ଏକର ପରିମିତ ଜଙ୍ଗଲ ଜମିରେ ଚାଷ କରାଯାଇଥିବା ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରିଥିଲେ। ପ୍ରାୟ ୮୨ ହଜାର ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ଥାନା ପକ୍ଷରୁ କୁହାଯାଇ ଥିବା ବେଳେ ଯାହାର ଆନୁମାନିକ ବଜାର ମୂଲ୍ୟ ୮ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ହେବ ବୋଲି ଅଡବା ଥାନା ଅଧିକାରୀ ସୁଭ୍ରାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ଖରିଫ ଧାନ ସଂଗ୍ରହ ଉପରେ ସଚେତନତା କର୍ମଶାଳା



ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବ୍ଲକ ସଭାଗୃହ ଠାରେ ନିୟନ୍ତ୍ରିତ ବଜାର କମିଟି ତରଫରୁ ଖରିଫ ଧାନ ସଂଗ୍ରହ ଉପରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୋଗିମୁଣ୍ଡା ବଜାର ନିୟନ୍ତ୍ରିତ କମିଟି ସମ୍ପାଦକ କ୍ଷମାନିଧି ଗଡତ୍ୟା ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ରୂପେ ପାଟଣାଗଡ଼ ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁ,ସହକାରୀ ସମବାୟ ସମିତି ଉପ ପ୍ରବନ୍ଧକ ରଥ ହେମ୍ବ୍ରମ, ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା। ପ୍ରମୁଖ ଯୋଗଦେଇ ଏଫ୍ ଏ କ୍ୟୁ ମାନର ଧାନ ସଂଗ୍ରହ ଉପର ଆଲୋକପାତ କରିଥିଲେ। ଭଲ ମାନର ଧାନ ଦେଇ ଚାଷୀ ଉଚିତ ମୂଲ୍ୟ ନେବାକୁ କହିଥିଲେ। ଏହି ଅବସରରେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର,ପ୍ୟାକ୍ସ ସଭାପତି, ଡି ଇ ଓ, ରାଜସ୍ୱ ନିରୀକ୍ଷକ, ଭି ଏ ଡବ୍ଲୁ,ଅଗ୍ରଣୀ ଚାଷୀ, କୃଷକ ସାଥି ମାନେ ଯୋଗଦେଇଥିଲେ।

# ୨୦୩୦ ସୁଦ୍ଧା ଏଡ୍ସମୁକ୍ତ ହେବ ମାଲକାନଗିରି

ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ରାଲି ସହର ପରିକ୍ରମା କରି ଏଡସ୍ ସମ୍ବନ୍ଧରେ ସାଧାରଣ ଜନତାଙ୍କୁ ସଚେତନତା କରିଥିଲେ। ଏହି ରାଲିକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସିଏଚଏମ୍. ଜଗନ୍ନାଥ ରାଓ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ। ପରେ ପରେ ସ୍ୱାସ୍ଥ୍ୟ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଅନ୍ୟ ଅତିଥିମାନେ ଯୋଗ ଦେଇ ଏଡସର ଭୟାବହତା, ଏହାକୁ କିପରି ରୋକା ଯାଇ ପାରିବ, ଏଡସ୍ ରୋଗୀଙ୍କ ଚିକିତ୍ସା ଇତ୍ୟାଦି ସମ୍ବନ୍ଧରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ମାଲକାନଗିରି ଜିଲ୍ଲାକୁ ୨୦୩୦ ସୁଦ୍ଧା ଏଡସ୍ ମୁକ୍ତ ଜିଲ୍ଲାଭାବେ ପରିଗଣିତ ହେବ ବୋଲି ଶ୍ରୀ ରାଓ ପ୍ରକାଶ କରିଥିଲେ। ଆଜିର ଏହି ବିଶ୍ୱ ଏଡସ୍ ଦିବସର ମୁଖ୍ୟ ବାର୍ତ୍ତା ମୋ ସ୍ୱାସ୍ଥ୍ୟ ମୋ ଅଧିକାର। ଏହି ବାର୍ତ୍ତାଟି ଜିଲ୍ଲାର ପ୍ର ତ୍ୟେକ ଅଂଚଳରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରଚାର ପ୍ରସାର କରା ଯାଉଛି।



# କାର୍ଯ୍ୟରେ ଆସୁନି ସକ୍‌ପିଟ,ନଳକୂପରୁ ପାଣି ଜମି ରାସ୍ତାକଡ଼ ନର୍ଦ୍ଦମା



କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ): କୋଷାଗୁମୁଡ଼ା ବ୍ଲକର ବାଲେଙ୍ଗା ପଞ୍ଚାୟତ ଅନ୍ତର୍ଗତ ଡୋରୀଗୁଡା ଗାଁ ମଝିରେ (ପୂଜାରୀ ସାହି) ଏକ ନଳକୂପ ନିକଟରେ କିଛି ବର୍ଷ ପୂର୍ବେ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ଏକ ସକପିଟ୍ ନିର୍ମାଣ କରାଯାଇଥିଲା । ଯାହାକି କିଛିଦିନ ମଧ୍ୟରେ ହିଁ କାମରେ ଆସିଲା ନାହିଁ । ତେବେ ଦୀର୍ଘ ସମୟ ଧରି ନଳକୂପରୁ ବ୍ୟବହୃତ ହେଉଥିବା ଦୂଷିତ ପାଣି ବାହାରି ରାସ୍ତା କଡରେ ହି ଏକ ବଡ ଗାତ୍ରରେ ରହି ନର୍ଦ୍ଦମା ପରିସ୍ଥିତି ହୋଇଛି । ଯାହାଫଳରେ ପୂଜାରୀ ସାହିରେ ଏକ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏହି ବିଷୟରେ ସ୍ଥାନୀୟ ପଞ୍ଚାୟତ ସ୍ତରରେ ମୌଖିକ ଅଭିଯୋଗ କରି ମଧ କୌଣସି ପରିବର୍ତ୍ତନ ହୋଇନଥିବା କୁନେଇ ସାହି ବାସିନ୍ଦା ଅଭିଯୋଗ କରିଛନ୍ତି । ବର୍ତ୍ତମାନ ସେହି ନର୍ଦ୍ଦମା ପଚା ପାଣିରେ ସନ୍ଧ୍ୟା ବେଳେ ମଶା ମାଛି ହେଉଛି । ଏଭଳି ଜାଗାରୁ ନାହିଁ ନଥିବା ମହାମାରୀ ରୋଗ ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହେଉଥିବା ବେଳେ ବିଭାଗ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ନାହିଁ । ନିରବଦ୍ରଷ୍ଟା ସାଜିଛି ବିଭାଗ ବୋଲି ଜନସାଧାରଣ କହିଛନ୍ତି। ତୁରନ୍ତ ଏହି ପୂଜାରୀ ସାହିର ନଳକୂପ ଠାରେ ନୂତନ ଭାବେ ଏକ ସକ୍‌ପିଟ ନିର୍ମାଣ କରିବା ସହ ସେହି ନର୍ଦ୍ଦମା ଗାତ୍ରକୁ ବିଭାଗ ପକ୍ଷରୁ ପୋତିବା ପାଇଁ ଡୋରୀଗୁଡା ଗ୍ରାମବାସୀ ଦାବି କରିଛନ୍ତି ।

# ମଣ୍ଡେଇ କବିତା ଆସର




ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଲୋକ ମହୋତ୍ସବ ମଣ୍ଡେଇ - ୨୦୨୪ ପାଳନ ଅବସରରେ ଉମରକୋଟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଉମରକୋଟ, ଡାବୁଗାଁ, ଝରିଗାଁ, ରାଇଘର,ପାପଡାହାଣ୍ଡି ଓ ଚନ୍ଦାହାଣ୍ଡି ବ୍ଲକର କବି/ କବୟିତ୍ରୀ ମାନଙ୍କୁ ନେଇ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।ଏଇ ଛଅଟି ବ୍ଲକ୍ ରୁ ୫୯ ଜଣ କବି/କବୟିତ୍ରୀ ଉପସ୍ଥିତି ରହି ସ୍ୱରଚିତ କବିତା ପାଠ କରିଥିଲେ। ପ୍ରଥମ ଅଧିବେଶନରେ ଇ.ଚନ୍ଦନା ମଲ୍ଲିକ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରି ସ୍ୱାଗତ ଭାଷଣ ଦେଇଥିବା ବେଳେ ଆୟୋଜିତ ଆଲୋଚନାଚକ୍ରରେ ପ୍ରାକ୍ତନ ଓଡିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ଶ୍ରୀ ବଲ୍ଲଭ ରାଉତ ସଭାପତିତ୍ୱ କରିଥିଲେ । ଅତିଥି ଭାବେ ବରିଷ୍ଠ ନେତା ଶ୍ରୀ ଜୟଦେବ ପରିଡା, ପୌର ପରିଷଦ ଅଧକ୍ଷା ଶ୍ରୀମତୀ ରାଧା ଭତ୍ରା,ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ସୁଶୀଳା ମାଝୀ, ବରିଷ୍ଠ ସାହିତ୍ୟିକ ଡା. ସୁରେନ୍ଦ୍ର ନାଥ ଦାଶ, ଅତିରିକ୍ତ ଗୋଷ୍ଠୀ ଅଧିକାରୀ ଡ ଜୀତେନ୍ଦ୍ର କୁମାର ସାମଲ, ଫକୀର ମୋହନ ପଠନ ଶାଳା ସଂପାଦକ ଶ୍ରୀ ପ୍ରଫୁଲ୍ଲ କୁମାର ରାଉତ ଆଲୋଚନାରେ ଅଂଶ ଗ୍ରହଣ କରିଥିବା ବେଳେ ବରିଷ୍ଠ ଓକିଲ ଶ୍ରୀନିବାସ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନ ରେ ସନାତନ ସ୍ମୃତି ସାହିତ୍ୟ ସଂସଦ ସଂପାଦକ ଅଧ୍ୟାପକ ପରୀକ୍ଷିତ ସାହୁ ଓ ଗବେଷକ ସାଇମନ ବିଡିକା ସମ୍ମାନିତ ଅତିଥି ଥିବା ବେଳେ, ସ୍ୱାଗତିକା ସାହୁ ଓ ଯୁବ କବି ସାଗର କୁମାର ପରିଡା କବିତା ଗୁଡ଼ିକର ସଂଯୋଜନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ କେଦାରେଶ୍ୱର ପଟ୍ଟନାୟକ, ଟୁଟୁ ବାବୁ ପଟ୍ଟନାୟକ, ସମୀର କୁମାର ପ୍ରଧାନ , ହିମାଂଶୁ ଆଚାରୀ, ରାଜ କିଶୋର ନାଏକ ଓ ଶ୍ରୀ ବିବେକାନନ୍ଦ ପଟ୍ଟନାୟକ ପରିଚାଳନା କରିଥିଲେ।ଶେଷରେ କେଦାରେଶ୍ୱର ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

# ଉପଖଣ୍ଡସ୍ତରୀୟ ଚଇତି ଇଡିତାଲ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଗୁଣପୁର(ଭାସ୍କର ନ୍ୟୁଜ୍): ଗୁଣପୁର ଉପଖଣ୍ଡସ୍ତରୀୟ ଚଇତି ଇଡିତାଲ ଉତ୍ସବ ନିମନ୍ତେ ଶନିବାର ଦିନ ଟାଉନ ହଲଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଗୁଣପୁର ଉପଜିଲ୍ଲାପାଳ କିରଣଦୀପ କୌର ପୌରହିତ୍ୟ କରିଥିଲେ। ଚଳିତ ଡିସେମ୍ବର ୨୧ଓ ୨୨ ଦୁଇ ଦିନ ଧରି କାର୍ଯ୍ୟକ୍ରମ ଚାଲିବା ନେଇ ସ୍ଥିର ହୋଇଥିବା ଉପଜିଲ୍ଲାପାଳ ସୂଚନା ଦେଇଥିଲେ। ଏହି ବୈଠକରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଅଜୟ ପ୍ରଧାନ, ତହସିଲଦାର ଲୀଳାବତି ଆଚାର୍ଯ୍ୟ, ପୌରାଧକ୍ଷା ମମତା ଗୌଡ, ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡି, ରାମନାଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ସୂଚନା ଲୋକସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ମଞ୍ଚାସୀନ ଥିଲେ। ଚଳିତ ବର୍ଷ ଏହି ଉତ୍ସବରେ ଉପଖଣ୍ଡର ସାତଟି ବ୍ଲକ ଅଧ୍ୟକ୍ଷଙ୍କୁ ନିମନ୍ତ୍ରଣ ପାଇଁ ଆଲୋଚନା ହୋଇଥିଲା. ସାଂସ୍କୃତିକ ଉତ୍ସବ ପାଇଁ ମାରାଥନ ଠାରୁ ଆରମ୍ଭ କରି ଖାଦ୍ୟ ପ୍ରତିଯୋଗିତା, କ୍ରୀଡା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ତହସିଲ କାର୍ଯ୍ୟାଳୟ ପଡିଆଠାରେ ଉତ୍ସବ ଅନୁଷ୍ଠିତ ନେଇ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର, ଆଇନଜୀବୀ ଉମା ପଟ୍ଟନାୟକ, ପୂର୍ବତନ ଜିଲ୍ଲାପରିଷଦ ସଭାପତି ବିଜୟ ଗମାଙ୍ଗ, ଅକ୍ଷୟ ଦାସ, ବିଜେପି ବରିଷ୍ଠ ନେତା ୱାଇ ଗଣପତି ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।




# ଶକ୍ତି ସଂରକ୍ଷଣ ପାଇଁ ଲିଖିତ କୁଇଜ୍ ପ୍ରତିଯୋଗିତା




ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ସଦର ସ୍ଥିତ ସାଙ୍ଗାନ୍ନା ହାଇସ୍କୁଲ ଠାରେ ଶକ୍ତି ସଂରକ୍ଷଣ ଦିବସ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଏକ ବ୍ଲକ୍‌ସ୍ତରୀୟ ଲିଖିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଥିଲା। ଏହି ପ୍ରତିଯୋଗିତାରେ ଲକ୍ଷ୍ମୀପୁର ବ୍ଲକ୍‌ର ସାଂଗାନା ଉଚ୍ଚ ବିଦ୍ୟାଳୟ ସମେତ କାକିରିଗୁମ୍ମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବୁର୍ଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଗୌଡ଼ଗୁଡା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଲକ୍ଷ୍ମୀପୁର,କାଣୀମୁସା,ବଡସଂଖା,ଦୁମୁରି ପଦର୍ ଓ ଖାଲକଣା ଆଦି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୯୦ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଏହି କୁଇଜ୍ ପ୍ରତିଯୋଗିତା ଦିନ ୧୧ ରୁ ଆରମ୍ଭ ହୋଇ ୧୨ ଟା ପର୍ଯ୍ୟନ୍ତ ଚାଲିଥିଲା। ଶିକ୍ଷକ ସପନ କୁମାର ଦୀକ୍ଷିତ, ସୁଜିତ୍ କୁମାର ସାମଲ, ସୁକାନ୍ତ କୁମାର ଯାଦବ, ଆଶୀର୍ବାଦ ନାୟକ, କସ୍ତୁରୀ ଶବର, ଯେଶ୍ନା ପଣ୍ଡା, ସୁନୀତା ସାହୁକାର, ପ୍ରିୟଙ୍କା ବିଷୋୟୀ, ରୋଜାଲିନ ସ୍ୱାଇଁ ଓ ମମତା ମହାନ୍ତି ପ୍ରମୁଖ ନିରୀକ୍ଷକ ଓ ପରୀକ୍ଷକ ଭାବେ ମୂଲ୍ୟାଙ୍କନ କାର୍ଯ୍ୟ ସୂଚାରୁ ରୁପେ ତୁଲାଇଥିଲେ। ଉକ୍ତ ପ୍ରତିଯୋଗିତାରେ ସାଙ୍ଗାନା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଶାଶ୍ୱତ ପଟ୍ଟନାୟକ ପ୍ରଥମ, କୁସୁମଗୁଡା ଉଚ୍ଚ ବିଦ୍ୟାଳୟର ପବିସନ୍ ମିନିୟକା ଦ୍ୱିତୀୟ ଓ ୟୁ ଏ ଏନ ରାଜୁ ବାଳିକା ଉଚ୍ଚ ବିଦ୍ୟାଳୟ, ଲକ୍ଷ୍ମୀପୁରର ଦଶମ ଶ୍ରେଣୀ ଛାତ୍ରୀ ଚଞ୍ଚଳା ମାଝି ତୃତୀୟ ସ୍ଥାନ ଅଧିକାର କରି ମାନପତ୍ର ସହ ପୁରସ୍କାର ରାଶି ଯଥା କ୍ରମେ ୭୦୦,୫୦୦ ଓ ୩୦୦ ଟଙ୍କା ଗ୍ରହଣ କରିଥିଲେ। ଯୋଗ୍ୟ ବିବେଚିତ ପ୍ରତିଯୋଗୀ ଆସନ୍ତା ୮ ତାରିଖ ଦିନ ବାଳିକା ଉଚ୍ଚ ବିଦ୍ୟାଳୟ,କୋରାପୁଟ ଠାରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବେ।ଉକ୍ତ ପ୍ରତିଯୋଗିତା ପରିଚାଳନାରେ ସଂଯୁକ୍ତା ତୁରୁକ୍, ନୂତନ୍ ଚେଟ୍ଟି ଓ ଈଶ୍ୱର ବାଘ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ସିପିଆଇଏମ୍‌ର ସୁନ୍ଦରଗଡ଼ ଜିଲ୍ଲା ସମ୍ମିଳନୀ ଉଦ୍‌ଯାପିତ



କୋଇଡା (ଭାସ୍କର ନ୍ୟୁଜ୍): ସିପିଆଇଏମ୍ ସୁନ୍ଦରଗଡ଼ ଜିଲ୍ଲା କମିଟିର ୧୫ଶ ସମ୍ମିଳନୀ ଆଜି କମ୍ରେଡ୍ ସୀତାରାମ ୟେଚୁରୀ ନଗର ଓ କମ୍ରେଡ୍ ଲମ୍ବୋଦର ନାୟକ ମଞ୍ଚ, କୋଇଡା ଠାରେ ଉଦ୍‌ଯାପିତ ହୋଇଯାଇଛି। ସମ୍ମିଳନୀରେ ଜିଲ୍ଲା ସଂପାଦକ ପ୍ରମୋଦ ସାମଲ ଜିଲ୍ଲା କମିଟି ପକ୍ଷରୁ ରାଜନୈତିକ ଓ ସାଂଗଠନିକ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ। ଗତ ୩ ବର୍ଷ ରେ ପାର୍ଟିର ବିଭିନ୍ନ କାର୍ଯ୍ୟକ୍ରମ, ସେଥିରେ ସଫଳତା ଓ ବିଫଳତା, ଜନଗଣଙ୍କ ଜୀବନ ଜୀବିକାର ସମସ୍ୟାକୁ ନେଇ ବିଭିନ୍ନ ଆନ୍ଦୋଳନ,ଗତ ସାଧାରଣ ନିର୍ବାଚନରେ ବଣାଇ ବିଧାନସଭାରେ ଲକ୍ଷ୍ମଣ ମୁଣ୍ଡାଙ୍କ ଚତୁର୍ଥ ଥର ପାଇଁ ବିଜୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଜିଲ୍ଲାର ବିଭିନ୍ନ ଆଂଚଳିକ କମିଟିରୁ ପ୍ରାୟ ୧୫୦ ଜଣ ପାର୍ଟି ନେତୃତ୍ୱ ପ୍ରତିନିଧି ଭାବରେ ଏହି ସମ୍ମିଳନୀରେ ଯୋଗ ଦେଇଥିବା ବେଳେ ୨୮ ଜଣ ପ୍ରତିନିଧି ଏହି ରିପୋର୍ଟ ଉପରେ ଆଲୋଚନା କଲା ପରେ ରାଜନୈତିକ ଓ ସାଂଗଠନିକ ଚିଠା ରିପୋର୍ଟ ସମ୍ମିଳନୀ ରେ ଗୃହୀତ ହୋଇଥିଲା। ଏହି ସମ୍ମିଳନୀରେ ପାର୍ଟିର ରାଜ୍ୟ ସଂପାଦକ ଅଳି କିଶୋର ପଟ୍ଟନାୟକ ଓ ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି ଉଭୟ ଖୋଲା ଅଧିବେଶନ ଓ ପ୍ରତିନିଧି ଅଧିବେଶନ ରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜାହାଙ୍ଗୀର ଅଲ୍ଲୀ,ସୁଶିଳା ମୁଣ୍ଡାଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀ ପରିଚାଳନା କରିଥିଲେ। ଆଗାମୀ ୩ ବର୍ଷ ପାଇଁ ପ୍ରମୋଦ ସାମଲ ପୁନଃ ଜିଲ୍ଲା ସଂପାଦକ ଭାବରେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିବା ବେଳେ ଏକ ୧୭ ଜଣିଆ ଜିଲ୍ଲା କମିଟି ସମ୍ମିଳନୀ ନିର୍ବାଚିତ କରିଥିଲା। ସେମାନଙ୍କ ମଧ୍ୟରେ ଲକ୍ଷ୍ମଣ ମୁଣ୍ଡା, ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଜ କିଶୋର ପ୍ରଧାନ, ପ୍ରଭାତ ପଣ୍ଡା,ଆନନ୍ଦମାସି ହରୋ, ଅନିରୁଦ୍ଧ ତ୍ରିପାଠୀ, ସମୀର ନାଏକ,ଲାଲ ବାହାଦୁର ମାହାନ୍ତ,ମନୋଜ ମିର୍ଦ୍ଧା,ସୁଶିଳା ମୁଣ୍ଡା, ବସନ୍ତ ନାୟକ,ବି ପି ମହାପାତ୍ର,ହୃଦୟାନନ୍ଦ ଯାଦବ ପ୍ରମୁଖ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିବା ବେଳେ ଜିଲ୍ଲା କମିଟିକୁ ସ୍ଥାୟୀ ନିୟନ୍ତ୍ରିତ ଭାବରେ ଶୁଶିଳା ମୁଣ୍ଡା, ତାଜମୁନ ନେହାର, ଗୌରୀ ଶଙ୍କର ପାତ୍ର ଓ ବାଦଲ ବାରିକ୍ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଆଗାମୀ ଡ଼ିସେମ୍ବର ୧୬ ରୁ ୧୮ ତାରିଖ ପାର୍ଟିର ୨୩ ତମ ରାଜ୍ୟ ସମ୍ମିଳନୀ କଟକ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ବେଳେ ଏହାକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। ଶେଷରେ ସିପିଆଇ ଏମ୍ କୋଇଡା ଆଂଚଳିକ କମିଟି ସଂପାଦକ ତଥା ଅଭ୍ୟର୍ଥନା କମିଟି ସଂପାଦକ ପ୍ରଭାତ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।


# ହିନ୍ଦୁ ଜାଗରଣ ସମିତି ପକ୍ଷରୁ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ହିନ୍ଦୁ ଜାଗରଣ ସମିତି ତରଫରୁ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକର ଅଧକ୍ଷତା ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ସଭାପତି ନୀଳମଣି ପ୍ରଧାନ କରିଥିଲାବେଳେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସମ୍ପଯୋଜକ ଶଶୀଭୂଷଣ ମିଶ୍ର, ସମ୍ପାଦକ ବାଲାରାଜୁ ପାଢ଼ୀ, ଇସ୍କନ ସମିତିର ଜିଲ୍ଲା ପ୍ରଭାରୀ ବାସୁଦାମ ଶ୍ୟାମଦାସ୍ , ହିନ୍ଦୁ ଜାଗରଣ ସମିତି ପ୍ରଭାରୀ ଭାଗୀରଥି ଦଳେଇ, ଶୁଭ୍ରାଂଶୁ ଶେଖର ସାମଲ, ଜଗନ୍ନାଥ ବସୁ , ଚୈତନ୍ୟ କରମାକର,ମାଧବ କହ୍ନେଇ ଦାସ୍, ପ୍ରକାଶ ମାଲଙ୍ଗୀ, ଗୋବିନ୍ଦ ବିଶ୍ୱାସ, ବନମାଳୀ ପାତ୍ର, ଜଗଦୀଶ ତ୍ରିପାଠୀ, ଗୋବିନ୍ଦ ଚନ୍ଦ୍ର ପାଲ୍, ବିଜେନ୍ଦ୍ର ମଜୁମଦାର, ଲକ୍ଷ୍ମୀ ନାରାୟଣ ଜାନୀ , ମହେଶ୍ୱର ଭତ୍ରା,ସୁନୀଲ କୁମାର ମହାନ୍ତ , ଜୀବନ ଦାଦା ଓ ଖଇରପୁଟ ବ୍ଲକ ପ୍ରଭାରୀ ଭଗବାନ ସାହୁ ପ୍ରମୁଖ ଯୋଗଦେଇଥିଲେ। ବୈଠକ ଆରମ୍ଭରେ ଭାରତମାତାଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପୂଜାର୍ଚ୍ଚନା କରାଯାଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ଆମର ପଡୋଶୀ ଦେଶ ବାଙ୍ଗଲାଦେଶ ରେ ବସବାସ କରୁଥିବା ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ବାଙ୍ଗଲାଦେଶ ଇସ୍କନ୍ ଫାଉଣ୍ଡେସନ ର ପ୍ରମୁଖ ଚିନ୍ମୟ ଦାସଙ୍କ ବିରୋଧରେ ସେଠାର ମୌଳବାଦୀ ଶାସକ ଦ୍ୱାରା ଷଡଯନ୍ତ୍ରପୂର୍ବକ ଦେଶଦ୍ରୋହ ମାମଲାରେ ହୋଇଥିବା ଗିରଫଦାରୀକୁ ସମସ୍ତେ ଏକ ସ୍ୱରରେ ନିନ୍ଦା କରିବା ସହ ତୁରନ୍ତ ଚିନ୍ମୟ ଦାସଙ୍କୁ ଜେଲରୁ ମୁକୁଳେଇବା ପାଇଁ ଦାବି କରିଥିଲେ । ଏଥିସହ ଏଭଳି ଘଟଣା ବିରୋଧରେ ଆଗାମୀ ଡ଼ିସେମ୍ବର ୭ ତାରିଖ ଶନିବାର ଦିନ ଏକ ବିଶାଳ ହିନ୍ଦୁ ଜନସମାଗମ ଆୟୋଜନ କରାଯାଇ ବାଙ୍ଗଲାଦେଶ ଘଟଣାଚକ୍ର ଉପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ହୋଇଅଛି । ଶେଷରେ ବୈଠକର ଆବାହକ ଶ୍ରୀ ପ୍ରଧାନ କହିଥିଲେ ଯେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ, ବର୍ତ୍ତମାନ ହିନ୍ଦୁ ମାନଙ୍କ ସଙ୍ଗଠିତ ହେବାର ସମୟ ଆସିଯାଇଛି, ନହେଲେ ଆଗାମୀ ଦିନରେ ଏଭଳି ଘଟଣାମାନ ବହୁଳ ପରିମାଣରେ ବୃଦ୍ଧି ପାଇବାର ସମ୍ଭାବନା ରହିଛି ସେଥିପାଇଁ ସମସ୍ତଙ୍କୁ ଏକତାର ପରିଚୟ ସୃଷ୍ଟି କରିବା ସହ, ବିଦେଶୀ ଧର୍ମାନ୍ତରୀକରଣ ର ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଆହ୍ୱାନ କରିଛନ୍ତି ।

# ପୋଲିସ ପକ୍ଷରୁ ରକ୍ତଦାନ ଶିବିର

ଲହୁଣୀପଡ଼ା (ଭାସ୍କର ନ୍ୟୁଜ୍): ଲହୁଣୀପଡା ଥାନା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିର ରାଉରକେଲା ଏସପିଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ ହୋଇଥିବା ନେଇ ସୂଚନା ମିଳିଛି। ଲହୁଣୀପଡ଼ା ଥାନା ଅଧିକାରୀ ସୁରଜ କୁମାର ଝଙ୍କାରଙ୍କ ନେତୃତ୍ୱରେ ଏହି ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଲହୁଣୀପଡା ଥାନା ର ସବ୍ ଇନ୍ସପେକ୍ଟରଙ୍କ ମୋନାଲିସା ମାହାନ୍ତି,ଏ ଏସ୍ଆଇ ରଶ୍ମି ରଞ୍ଜନ ପରିଜା, ପ୍ରଶାନ୍ତ କୁମାର ଜେନା, ହରିହର ପାଲ, ଯଶୋବନ୍ତ ପାତ୍ରଙ୍କ ସମେତ ଲହୁଣୀପଡା ଥାନାର ପୁରା ଟିମ୍ ସହଯୋଗ କରି ସୂଚାରୁରୂପେ ତୁଲାଇବା ସହିତ ରକ୍ତଦାନ ଶିବିରକୁ ସଫଳ କରିଥିଲେ। ବଣାଇ ଡାକ୍ତରଖାନାରୁ ଡଃ ଅନିରୁଦ୍ଧ ବେହେରା ଓ ତାଙ୍କ ପୁରା ଟିମ୍ ଆସି ଏହି ରକ୍ତଦାନ ଶିବିରରେ ଉପସ୍ଥିତ ରହି ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଏହି ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ଭାବେ ଲହୁଣୀପଡା, ବଣାଇ, ରାଜା ମୁଣ୍ଡା ଓ କଲେଇପୋଷ ଟିପର ମାଲିକ ସଂଘର ତଥା ବଣାଇ ମିଳିତ ଟିପର କୋର କମିଟି ର ସଦସ୍ୟ, ଲହୁଣୀପଡା ଅନ୍ଚଳ ର ସାମ୍ବାଦିକ ଭାଇ ଓ ପୋଲିସ ବିଭାଗ ସଦସ୍ୟ ମାନେ ଯୋଗ ଦେବା ସହିତ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ଜଣାପଡ଼ିଛି।




# ରାଜଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏଡ୍‌ସ ଦିବସ ପାଳିତ



କୋଷାଗୁମୁଡା (ଭାସ୍କର ନ୍ୟୁଜ୍): କୋଷାଗୁମୁଡା ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଯୁବ ରେଡକ୍ରସ ,ରେଡ ରିବନ କ୍ଲବ ଏବଂ କୋଡିଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ସହଯୋଗରେ ଏଡ଼ସ ଦିବସ ପାଳନ ହୋଇଯାଇଅଛି । ଏହି ଅବସରରେ ସର୍ବପ୍ରଥମେ ଅନୁଷ୍ଠାନର ଛାତ୍ର ଛାତ୍ରୀମାନେ ଏକ ବିରାଟ ରାଲି ମାଧ୍ୟମରେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିଭ୍ରମଣ କରି ଏଡ଼ସ ଦିବସ ଅବସରରେ ଲୋକମାନଙ୍କୁ ସଚେତନ କରିଥିଲେ । ଉକ୍ତ ସଚେତନତା ରାଲିକୁ ଥାନା ଅଧିକାରୀ ଶ୍ରୀ ଯୁଗଳ ଶବର,ଅଧକ୍ଷା ଶ୍ରୀମତୀ ଅମିତା ରାୟ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହାପରେ ଅନୁଷ୍ଠାନର ସମ୍ମିଳନୀ କକ୍ଷଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଡ଼ାବୁଗାଁ ବିଧାୟକ ଶ୍ରୀ ମନୋହର ରନ୍ଧାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କୋଡିଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼ାକ୍ତର ଅନୁରାଧା ଦାସ ମୁଖ୍ୟବକ୍ତା କୋଡିଙ୍ଗା ଥାନା ଭାର ପ୍ରାପ୍ତ ଅଧିକାରୀ ଶ୍ରୀ ଯୁଗଳ ଶବର,ଫାର୍ମାସିଷ୍ଟ ହରିହର ପୂଜାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅନୁଷ୍ଠାନର ଅଧକ୍ଷା ଅମିତା ରାୟଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ତଥା ଅନୁଷ୍ଠାନର ରେଡ଼କ୍ରସ ଅଧିକାରୀ ଶ୍ରୀ ଅଖିଳ କୁମାର ଭଞ୍ଜ ସ୍ୱାଗତ ଭାଷଣ ପ୍ରଦାନ କରି ମଞ୍ଚ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ମାନେ ଏଡ଼ସ ଭଳି ଏକ ମାରାତ୍ମକ ରୋଗ ଦ୍ୱାରା ଆଜିର ଯୁବ ସମାଜ କିଭଳି ପଥଭ୍ରଷ୍ଟ ହୋଇ ନିଜର ମୂଲ୍ୟବାନ ଜୀବନ ହାରିଦେଉଅଛି ଏବଂ ଏହାର ସମୂହ ମୂଳ ଉତ୍ପାଟନପାଇଁ ସଚେତନତା ହେଉଅଛି ସବୁଠାରୁ ବଡ଼ ଔଷଧ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଅନେକ କାର୍ଯ୍ୟକ୍ରମ ଆୟୋଜନ କରି ଜିଲ୍ଲାର ଏକ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ହୋଇପାରୁଥିବା ଅତିଥି ମାନେ ସାଧୁବାଦ ଜଣାଇଥିଲେ। ପୂର୍ବରୁ ଆୟୋଜିତ ପ୍ରବନ୍ଧ, ବିତର୍କ, ଚିତ୍ରାଙ୍କନ, ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମଞ୍ଚାସୀନ ଅତିଥିମାନେ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରିଥିଲେ। ସ୍ଥାନୀୟ କୋଡ଼ିଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ଆଞ୍ଚଳିକ ଭାଷାରେ ପଥପ୍ରାନ୍ତ ନାଟକ ମଧ୍ୟ ଆୟୋଜନ କରାଯାଇଥିଲା । ଶେଷରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର , ସମସ୍ତ କର୍ମଚାରୀ, କୋଡ଼ିଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ରର ବହୁ ଆଶାକର୍ମୀ, କୋଡ଼ିଙ୍ଗା ଥାନାର ସମସ୍ତ କର୍ମଚାରୀ ଛାତ୍ର ଛାତ୍ରୀ, ସ୍ୱେଚ୍ଛାସେବୀ, ଯୋଗଦେଇଥିଲେ ।



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ପୋଷ୍ଟ ଅଫିସ ଭିତରେ ମଦୁଆ ପୋଷ୍ଟମାଷ୍ଟର ଙ୍କ ଉନ୍ମତକାଣ୍ଡ। ଜିଲ୍ଲା ସଦର ମହକୁମାର ଡି.ଏନ.କେ କଲୋନି ପୋଷ୍ଟ ଅଫିସରେ ଦେଖିବାକୁ ମିଳିଛି ଏପରି ଏକ ଅଭାବନିୟ ଘଟଣା । ପ୍ରଭାସ ସାହୁ ନାମକ ଏହି ପୋଷ୍ଟ ମାଷ୍ଟର ଅଧିକାଂଶ ଦିନ ମଦ ପିଇ ପୋଷ୍ଟ ଅଫିସକୁ ଆସିବା ସହ ନିଜ କାର୍ଯ୍ୟରେ ଯୋଗ ଦିଅନ୍ତି। ଗ୍ରାହକ ମାନଙ୍କୁ ଦୁର୍ବ୍ୟବହାର କରିବା ସହ ଲୋକଙ୍କ ପୋଷ୍ଟାଲ କାର୍ଯ୍ୟ ଠିକ ସମୟରେ କରନ୍ତି ନାହିଁ।ଏନେଇ କିଛି ଅଭିଯୋଗ କଲେ ମୋର ସଂପର୍କୀୟ ବଡ ନେତା ବୋଲି କହିବା ସହ ଲୋକଙ୍କୁ ଧମକ ଚମକ ମଧ ଦିଅନ୍ତି। ଟିକିଏ ଭଲ ଭାବେ ଦେଖନ୍ତୁ ସେହି ମଦୁଆ ପୋଷ୍ଟ ମାଷ୍ଟରଙ୍କ କାଣ୍ଡ । ମଦ ପିଇ ଗ୍ରାହକ ମାନଙ୍କୁ କେମିତି ଦୁର୍ବ୍ୟବହାର କରୁଛନ୍ତି। ଗ୍ରାହକ ମାନେ ଟଙ୍କା ଜମା ରଖ ବୋଲି କହିଲେ କାଲି ଆସନ୍ତୁ ବୋଲି କହୁଛନ୍ତି।ମଦ ପିଇ କାହିକି ଡ୍ୟୁଟି କରୁଛନ୍ତି ବୋଲି ସାମ୍ବାଦିକ ମାନେ ପଚାରିବାରୁ ହଁ ମୁ ଖୋଲି କି କହିଲି ପରା ମଦ ପିଇଛି ହେଲେ ଆପଣଙ୍କ ହାତରେ ଅଛି ଯଦି ମୋତେ ଚାକିରିରୁ ବାହାର କରି ଦିଅନ୍ତୁ ଏପରି ବ୍ୟବହାର କରୁଛନ୍ତି ମଦୁଆ ପୋଷ୍ଟ ମାଷ୍ଟ ଜଣକ। କିଛି ସମୟ ଧରି ଏମିତି ଚାଲିବା ପରେ ଅନ୍ୟ ଜଣେ ସହ କର୍ମଚାରି ପୋଷ୍ଟ ମାଷ୍ଟରଙ୍କ ଚେୟାରରେ ବସି ଗ୍ରାହକ ମାନଙ୍କ କଥା ବୁଝିଥିଲେ। ଏଭଳି ମଦୁଆ ପୋଷ୍ଟମାଷ୍ଟରଙ୍କ ଦାଦାଗିରିରେ ଅସନ୍ତୁଷ୍ଟ ହେଉଛନ୍ତି ଗ୍ରାହକ। ତେବେ ଟଙ୍କା ପଇସା କାରବାର ହେଉଥିବା ଭଳି ଏକ ଗୁରୁତ୍ୱପୁର୍ଣ କାର୍ଯ୍ୟାଳୟରେ ଜଣେ ମଦୁଆ ପୋଷ୍ଟମାଷ୍ଟରଙ୍କୁ କେମିତି ରଖା ଯାଇଛି,ସେ ନେଇ ସାଧାରଣରେ ନାନା ପ୍ରଶ୍ନ ସୃଷ୍ଟି ହୋଇଛି।

# ବୋଲେରୋ ଧକ୍କାରେ ବୃଦ୍ଧ ମୃତ

ପରଜଙ୍ଗ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ବଡ଼ଝରା ଛକ ନିକଟରେ ଏକ ବୋଲର ଧକ୍କାରେ ଜଣେ ବୃଦ୍ଧଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ଜଣାପଡିଛି । ଖବର ଅନୁଯାୟୀ ବଡଝରା ଗ୍ରାମର ବିଦୁର କାଣ୍ଡି (୬୫) ନାମକ ବୃଦ୍ଧ ସୋମବାର ସନ୍ଧ୍ୟା ସମୟେ ବଡ଼ଝରା ଛକ ନିକଟସ୍ଥ ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଠିଆ ହୋଇଥିବା ବେଳେ କାମାକ୍ଷାନଗର ଦିଗରୁ ପରଜଙ୍ଗ ଅଞ୍ଚଳକୁ ଆସୁଥିବା ବୋଲର ଗାଡ଼ି ଧକ୍କା ହୋଇଥିଲା , ଯାହା ଫଳରେ ଘଟଣା ସ୍ଥଳରେ ବିଦୁରଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ଜଣାପଡିଛି । ଯାତ୍ରୀବାହି ବୋଲର ଗାଡିଟି ଧକ୍କା ଦେବା ପରେ ସେଠାରୁ ଯାଇନପାରି ରହିଯାଇଥିବା ସୂଚନା ମିଳିଛି। ବିଦୁର ବଡ଼ଝରା ଅଭିରାମ ପରମହଂସ ଆଶ୍ରମର ଜଣେ ଭକ୍ତ ରହିଥିବା ଜଣାପଡ଼ିଛି। ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରିରଖିଛି ।

# ପିଲାଙ୍କ ପାଇଁ ମାଟି ତଳେ ଟଙ୍କା ପୋତି ରଖିଥିଲେ ବୃଦ୍ଧ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ନିଜ ପିଲା ଛୁଆଙ୍କ ପାଇଁ ଟଙ୍କା ସଂଚୟ କରି ରଖିବାକୁ ଜଣେ ନିରୀହ ଆଦିବାସୀ ବୃଦ୍ଧଙ୍କୁ ଭାରି ପଡିଛି। ଫଳରେ ଏହି ଘଟଣା ନାରାୟଣ ପାଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସିଏ ଯେଉଁ ସ୍ଥାନରେ ଟଙ୍କା ରଖୁଛନ୍ତି ତାହା ତାଙ୍କ ପିଲାଙ୍କ କାମରେ ଆସିବ ନାହିଁ ବୋଲି ଜାଣି ନଥିଲେ, ହେଲେ କେବଳ ନିଜ ପିଲାଙ୍କ ପାଇଁ ମାଟି ତଳେ ଟଙ୍କା ରଖିଲେ ତାହା ସବୁଠୁ ନିରାପଦ ବୋଲି ସିଏ ଜାଣିଥିଲେ। ଖବର ନେବାରେ ଜଣା ପଡିଛିକି କୋରାପୁଟ ଜିଲ୍ଲା ନାରାୟଣ ପାଟଣା ବ୍ଲକ ବୋରିଗି ପଞ୍ଚାୟତ ଅନ୍ତର୍ଗତ କେଲୁବାଡ଼ି ଗ୍ରାମର ୭୦ ବର୍ଷୀୟ ବୃଦ୍ଧ ସିତାରାମ ମେଲେକା ନିଜର ତିନି ପୁଅ ଓ ଗୋଟିଏ ଝିଅକୁ ଛାଡି ଗାଁ ଠାରୁ ଦୁଇ କିଲୋମିଟର ଦୂରରେ ଥିବା ଜଙ୍ଗଲ ଜମିରେ ପ୍ରାୟ ୧୨ ବର୍ଷ ହେଲାଣି ଏକ କୁଡ଼ିଆ କରି ନିଜ ପତ୍ନୀଙ୍କ ସହ ରହି ଆସୁଥିଲେ। ଦୁହିଁଙ୍କ ଭତ୍ତା ଟଙ୍କା ସହ ସେଠାରେ ଚାଷବାସ କରି ଯାହା ରୋଜଗାର କରୁଥିଲେ ଦୁହେଁ ଖର୍ଚ୍ଚ କରି ବାକି ଟଙ୍କାତକ ମାଟି ଖୋଳି ପୋତିକି ରଖୁଥିଲେ। ଏପରିକି ପାଖରେ ଥିବା ସ୍ତ୍ରୀକୁ ମଧ ଜଣାଇ ନଥିଲେ। ଗତ କାଲି ସେ ଅସୁସ୍ଥ ହେବାରୁ ପୋତି ଥିବା ଟଙ୍କା ବାହାର କରି କୁଡ଼ିଆର ଗୋଟିଏ ସ୍ଥାନରେ ରଖି ଥିଲେ। ଆଜି ତାଙ୍କର ମୃତ୍ୟୁ ପୂର୍ବରୁ ଉକ୍ତ ଟଙ୍କାକୁ କୁଡ଼ିଆ ଭିତରେ ରଖିଥିବା ସହ କିଛି ସୁନା ମାଟି ତଳେ ପୋତି ଥିବା କହି ଥିଲେ। ପରିବାର ଲୋକେ ତାଙ୍କର ଦଶାକାର୍ଯ୍ୟ ସାରି କୁଡ଼ିଆକୁ ଯାଇ କୁଡ଼ିଆରୁ ୩୨ ହଜାର ଟଙ୍କା ପାଇଥିଲେ। ସେଥିରେ ପାଞ୍ଚ ସହ ନୋଟ ଠୁ ଆରମ୍ଭକରି କୋଡିଏ ଟଙ୍କିଆ ନୋଟ ପର୍ଯ୍ୟନ୍ତ ଥିଲା । ହେଲେ ସେସବୁ ଉଇ ଖାଇ ଚଳିବା ଅବସ୍ଥାରେ ନଥିଲା ଓ ତେବେ ଆଉ କିଛି ସୁନା ଓ ଟଙ୍କା ପୋତି ଥିବା ସନ୍ଦେହ କରି ପରିବାର ଲୋକେ ମାଟି ଖୋଳିଥିଲେ । ହେଲେ ଖବର ଲେଖା ହେବା ସୁଧା କିଛି ପାଇନଥିଲେ।


**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ସିନିୟର ଡିଇଇ/ଟିଆରଡି/ଖଡଗପୁର-୭୨୧୩୦୧, ନିମ୍ନଲିଖିତ କାର୍ଯ୍ୟପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଟେଣ୍ଡର ନୋଟିସ ନଂ ଟିଆରଡି-କେଜିପି-ଡବ୍ଲୁ-୨୦୨୪-୨୫-୧୫, ତାରିଖ: ୨୯.୧୧.୨୦୨୪, କାର୍ଯ୍ୟର ବିବରଣୀ: ଦକ୍ଷିଣ ପୂର୍ବ ରେଳପଥ ଖଡଗପୁର ଡିଭିଜନର ଏସଏସଇ/ପିଏସ୍ଆଇ ବାଲେଶ୍ୱର ଅଧୀନରେ ଥିବା ପିଓଏଚ୍‌ରେ ଗୋଟିଏ ୨୧.୬ ଏମ୍‌ଭିଏ, ୧୩୨/୨୭ କେଭି ଏବଂ ଗୋଟିଏ ୨୧.୬/୩୦.୨୪ ଏମ୍‌ଭିଏ, ୧୩୨/୨୭ କେଭି ଶକ୍ତି ବିଶିଷ୍ଟ ଟ୍ରାନ୍ସଫର୍ମର ସ୍ଥାପନ। ଟେଣ୍ଡର ମୂଲ୍ୟ: ଟ. ୪୦,୨୦,୦୬୧, ଅମାନତ ଜମା: ଟ. ୮୦,୪୦୦। ଟେଣ୍ଡର ପେପର ମୂଲ୍ୟ: ଶୂନ୍ୟ। ଖୋଲିବା ତାରିଖ: ୨୪.୧୨.୨୦୨୪, ସଂପୂର୍ଣ୍ଣ ଅବଧି: ୦୪(ଚାରି) ମାସ। ଦାଖଲ ତାରିଖ: ୨୪.୧୨.୨୦୨୪ ଅପରାହ୍ନ ୩ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରରମାନେ ସଂପୂର୍ଣ୍ଣ ବିବରଣୀ କାର୍ଯ୍ୟର ଭିନ୍ନତା ପାଇଁ ୱେବସାଇଟ୍ www.ireps.gov.in ରେ ପାଇପାରିବେ ଏବଂ ଅନ୍‌ଲାଇନ୍‌ରେ ଟେଣ୍ଡର ଏବଂ ବିଡ୍ ଦାଖଲ କରିପାରିବେ। ଏ କ୍ଷେତ୍ରରେ କୌଣସି ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ।

(PR-851)


# ମୋବାଇଲ ଟାୱାର ଜାଳିଦେଲେ ମାଓବାଦୀ

ମାଲକାନଗିରି (ଭାସ୍କର ନ୍ୟୁଜ):ମାଲକାନଗିରି ଛତିଶଗଡ ସିମାନ୍ତ ବିଜାପୁର ଜିଲ୍ଲାରେ ମାଓବାଦୀଙ୍କ ବର୍ବରକାଣ୍ଡ । ମୋରମେଡ ଗ୍ରାମରେ ଥିବା ଏକ ମୋବାଇଲ୍ ଟାୱାରରେ ନିଆଁ ଲଗାଇ ଦେଇଛନ୍ତିଲାଲ୍ ବାହିନୀ । ଗତ କିଛି ଦିନ ପୂର୍ବରୁ ଦୁର୍ଗମ ଅଞ୍ଚଳରେ ଏହି ମୋବାଇଲ ଟାୱାର ସେବା ଆରମ୍ଭ ହୋଇଥିଲା । ହେଲେ ଗତକାଲି ରାତିରେ କିଛି ମାଓବାଦୀ ମୋରମେଡ ଗାଁରେ ଆସି ମୋବାଇଲ ଟାୱାରରେ ବିସ୍ଫୋରଣ କରିବା ସମୟରେ ଜଣେ ନକ୍ସଲ ପ୍ରାଣ ହରାଇଥିବା ନେଇ ବିଜାପୁର ପୋଲିସ ସୁଚନା ଦେଇଛି ।

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ରାଜ୍ୟରେ ଖାଲି...

୨୮୧ଟି ଖାଲି ପଦବୀ ରହିଛି। ଦେବଗଡ଼ ଜିଲ୍ଲାରେ ୬୪ଟି ପଦବୀ ଖାଲି ରହିଥିବାବେଳେ ଢେଙ୍କାନାଳରେ ୧୨୧ଟି ଖାଲି ପଡ଼ିଛି। ଗଜପତିରେ ୧୧୩, ଜଗତସିଂହପୁରରେ ୧୫୪, ଯାଜପୁରରେ ୧୬୮, ଝାରସୁଗୁଡ଼ାରେ ୮୪, କଳାହାଣ୍ଡିରେ ୨୦୦, କେନ୍ଦ୍ରାପଡ଼ାରେ ୧୧୩ ଡକ୍ତରୀ ପଦବୀ ଖାଲି ପଡ଼ିଛି। ସେହିଭଳି କେନ୍ଦୁଝରରେ ୨୨୬ଟି, ଖୋର୍ଦ୍ଧାରେ ୧୨୬ଟି, କୋରାପୁଟରେ ୨୦୪ଟି, ମାଲକାନଗିରିରେ ୮୪ଟି ପଦବୀ ଖାଲି ରହିଛି। ନବରଙ୍ଗପୁର ଜିଲ୍ଲାରେ ୧୧୮ଟି ପଦବୀ ଖାଲି ରହିଥିବାବେଳେ ନୟାଗଡ଼ରେ ୧୬୩, ନୂଆପଡ଼ାରେ ୨୧୧ଟି, ରାୟଗଡ଼ାରେ ୧୬୭ଟି, ସମ୍ବଲପୁରରେ ୧୭୩ଟି, ସୁବର୍ଣ୍ଣପୁରରେ ୬୮ଟି ଓ ସୁନ୍ଦରଗଡ଼ରେ ୨୫୭ଟି ପଦବୀ ଖାଲି ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

## ୟୁପିରୁ ଆସିଲା...

ଯୋଗାଣ ବନ୍ଦ କରିବା ପରେ ବଜାରରେ ୩୫ଟଙ୍କାରେ ମିଳୁଥିବା ଆଳୁ ହଠାତ୍ ୫୦ଟଙ୍କା ହୋଇଯାଇଥିଲା । ଯାହାକୁ ନେଇ ଗ୍ରାହକମାନେ ଚିନ୍ତା ପ୍ରକଟ କରିଥିଲେ। ଖାଉଟିଙ୍କ ଚିନ୍ତାକୁ ଦେଖି ରବିବାର ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉତ୍ତରପ୍ରଦେଶରୁ ୩୦୦ ଟ୍ରକ୍ ଆଳୁ ଆସୁଥିବା ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଯେ ଓଡ଼ିଶା-ପଶ୍ଚିମବଙ୍ଗ ସୀମାରେ ଶହଶହ ଆଳୁଗାଡ଼ି ଅଟକିବା ପରେ ଓଡ଼ିଶା ବଜାରରେ ଆଳୁସଂକଟ ସୃଷ୍ଟି ହୋଇଥିଲା। ଏବେ ବି ପଶ୍ଚିମବଙ୍ଗ ସରକାର ଆଳୁ ଯୋଗାଣ ନେଇ କୌଣସି ନିଷ୍ପତ୍ତି ନେଇନାହାନ୍ତି। ତେବେ ପଶ୍ଚିମବଙ୍ଗର ବ୍ୟବସାୟୀମାନେ ମଙ୍ଗଳବାରଠାରୁ ଧର୍ମଘଟ କରିବେ ବୋଲି ମମତା ସରକାରଙ୍କୁ ଅବଗତ କରାଇଛନ୍ତି।

## ଏସ୍‌ଓଡିସି...

ମଧ୍ୟମ ଉଦ୍ୟୋଗ ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ) ଗୋକୁଳାନନ୍ଦ ମଲ୍ଲିକ, ସାଂସଦ, ନବରଙ୍ଗପୁର ବଳଭଦ୍ର ମାଝୀ, ସାଂସଦ, କନ୍ଧମାଳ, ସୁକାନ୍ତ କୁମାର ପାଣିଗ୍ରାହୀ, ବିଧାୟକ, ଦିଗପହଣ୍ଡି, ସିଦ୍ଧାନ୍ତ ମହାପାତ୍ର,ବିଧାୟକ, ମାଲକାନଗିରି, ନରସିଂହ ମାଡକାମି,ବିଧାୟକ, ପାରଳାଖେମୁଣ୍ଡି, ରୁପେଶ କୁମାର ପାଣିଗ୍ରାହୀ,ବିଧାୟକ, ଫୁଲବାଣୀ, ଉମାଚରଣ ମଲ୍ଲିକ, ବିଧାୟକ, ପଟ୍ଟାଙ୍ଗୀ, ରାମଚନ୍ଦ୍ର କାଡାମ । ଏହା ସହିତ ୩ ଜଣ ଏକ୍ସ ଓଫିସିଓ ମେମ୍ବର ମଧ ରହିଛନ୍ତି। ସେମାନେ ହେଲେ ଆରଡିସି ଦକ୍ଷିଣାଞ୍ଚଳ ଡିଭିଜନ, ଆର୍‌ଡିସି କେନ୍ଦ୍ରାଞ୍ଚଳ ଡିଭିଜନ ଏବଂ ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ। ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ସଚିବ ଏହାର ସଦସ୍ୟ ଆବାହକ ଅଛନ୍ତି।

## ଆଜି ଆସୁଛନ୍ତି...

ସେହିଦିନ ରାଇରଙ୍ଗପୁରଠାରେ ସେ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀମାନଙ୍କ ସହ କଥା ହେବେ । ୭ ତାରିଖରେ ରାଷ୍ଟ୍ରପତି ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁରମରା-ଚକୁଳିଆ; ଏବଂ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳ ଲାଇନ୍; ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର, ରାଇରଙ୍ଗପୁର; ଦାଣ୍ଡବୋଷ ବିମାନ ବନ୍ଦର, ରାଇରଙ୍ଗପୁର ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ସମେତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ/ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

# ପ୍ରଧାନମନ୍ତ୍ରୀ ଦେଖିଲେ 'ଦ ସାବରମତୀ ରିପୋର୍ଟ'ଚଳଚ୍ଚିତ୍ର




ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏନଡିଏ ସଦସ୍ୟମାନଙ୍କ ସହ ସଂସଦରେ 'ଦ ସାବରମତୀ ରିପୋର୍ଟ'ଚଳଚ୍ଚିତ୍ର ଦେଖିଛନ୍ତି। "ଏନଡିଏ ସଦସ୍ୟମାନଙ୍କ ସହ 'ଦ ସାବରମତୀ ରିପୋର୍ଟ'ରସ୍କ୍ରିନିଂରେ ଯୋଗଦେଲି। ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ସେମାନଙ୍କ ପ୍ରଚେଷ୍ଟାପାଇ ପ୍ରଶଂସା କରୁଛି।"

# ଶ୍ରୀମନ୍ଦିରରେ ରାଷ୍ଟ୍ରପତିଙ୍କ ମହାପ୍ରଭୁଙ୍କ ଦର୍ଶନ କାର୍ଯ୍ୟକ୍ରମ ଚୂଡ଼ାନ୍ତ

ପୁରୀ, (ଭାସ୍କର ନ୍ୟୁଜ): ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ଦର୍ଶନ କାର୍ଯ୍ୟକ୍ରମକୁ ନେଇ ଆସନ୍ତା ୪ ତାରିଖ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନୀତି ନିର୍ଘଣ୍ଟ ଚିଠା ପ୍ରସ୍ତୁତ ହୋଇଛି। ଏହାକୁ ଛତିଶାନିଯୋଗ ବୈଠକରେ ଅନୁମୋଦନ ପ୍ରଦାନ କରାଯାଇଛି। ବିଶେଷ ନୀତିନିର୍ଘଣ୍ଟ ଅନୁଯାୟୀ ୩ ତାରିଖ ରାତି ୧୨ଟାରେ ପହୁଡ଼ ନୀତି ସମାପନ ପାଇଁ ସ୍ଥିର କରାଯାଇଛି। ସେହିପରି ୪ ତାରିଖ ଭୋର୍ ୫ଟାରୁ ଦ୍ୱାରଫିଟା ନୀତି ନିର୍ଘଣ୍ଟ ହୋଇଥିବାବେଳେ ଭୋର ୫.୩୦ରେ ଭିତର ଶୋଧ, ୬ଟାରେ ମଙ୍ଗଳ ଆଳତୀ, ୬.୩୦ରେ ମଇଲମ, ୭ଟାରେ ତଡ଼ପଲାଗି, ୭.୪୫ରେ ଅବକାଶ, ୮ଟାରେ ରୋଷହୋମ ଏବଂ ୮.୩୦ରେ ଶ୍ରୀଜିଉଙ୍କ ବେଶ ଶେଷ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ୮.୪୫ରୁ ଶ୍ରୀମନ୍ଦିର ଶୋଧ କାର୍ଯ୍ୟ ଆରମ୍ଭ ହେବା ସହ ଭିତରବେଢାରୁ ଭକ୍ତଙ୍କୁ ବାହାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୪ ତାରିଖ ୧୦.୧୫ରୁ ୧୧ଟା ମଧ୍ୟରେ ଶ୍ରୀଜିଉଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ତାଙ୍କର ଶ୍ରୀମନ୍ଦିରରେ ପ୍ରବେଶଠାରୁ ପ୍ରସ୍ଥାନ ପର୍ଯ୍ୟନ୍ତ କୌଣସି ଭକ୍ତଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ ଅନୁମତି ଦିଆଯିବ ନାହିଁ। ରାଷ୍ଟ୍ରପତିଙ୍କ ପ୍ରତ୍ୟାବର୍ତ୍ତନ ପରେ ଅବଶିଷ୍ଟ ଦୈନନ୍ଦିନ ନୀତି ସଂପାଦନ ସହ ସାଧାରଣ ଦର୍ଶନ ଆରମ୍ଭ କରାଯିବ। ରାଷ୍ଟ୍ରପତି ଗର୍ଭଗୃହରେ ଦର୍ଶନ କରିବା ସମୟରେ ପାଳିଆ ସେବକଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି କିମ୍ବା ସେବକ ଗର୍ଭଗୃହରେ ନ ରହିବା ପାଇଁ ଅନୁରୋଧ କରାଯାଇଛି। ସେବକମାନେ ଧାର୍ଯ୍ୟ ନୀତିକାନ୍ତି ଅନୁସାରେ ନୀତି ସମାପନ ସହ ରାଷ୍ଟ୍ରପତିଙ୍କ ସୁରକ୍ଷା ବଳୟଠାରୁ ଦୂରତା ରକ୍ଷାକରି ଶୃଙ୍ଖଳା ରଖିବାକୁ ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ ଅନୁରୋଧ କରିଛନ୍ତି।

# ନୌସେନା ଦିବସ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ସରିଲା ଫୁଲ୍‌ଫେଜ୍ ରିହରସଲ୍



ପୁରୀ (ଭାସ୍କର ନ୍ୟୁଜ) : ଡିସେମ୍ବର ୪ ତାରିଖ ନୌସେନା ଦିବସ ପାଳନ ନିମନ୍ତେ ପୁରୀ ବ୍ଲୁ ଫାଗ ବିଚରେ ଆଜି ପୂର୍ଣ୍ଣ ଅଭ୍ୟାସ ଶେଷ କରିଛନ୍ତି ଭାରତୀୟ ନୌ ସେନାର ଯବାନ। ଆସନ୍ତା କାଲି ସମ୍ପୂର୍ଣ୍ଣ ବ୍ଲୁ ଫାଗ ବିଚ କୁ ନିଜ ଅଧୀନରେ ରଖିବ ଭାରତୀୟ ନୌସେନା। ମହାମହିମ ରାଷ୍ଟ୍ରପତି ଙ୍କ ଗସ୍ତ ଥିବାରୁ ସମ୍ପୂର୍ଣ୍ଣ ବ୍ଲୁ ଫାଗ ବିଚ କୁ ସୁରକ୍ଷା ଘେର ଭିତରେ ରଖାଯିବ। ତେବେ ଆସନ୍ତା କାଲି ଯୁଦ୍ଧାଭ୍ୟାସ ସ୍ଥଗିତ ରଖାଯାଇଛି। ଆଜି ପୁଣି ଥରେ ଜଳ, ସ୍ଥଳ ଓ ଆକାଶରେ ନୌସେନା ଦେଖାଇଥିଲେ ତାର ବୀରତ୍ୱ ଓ ପରାକ୍ରମ। ଶେଷ ପର୍ଯ୍ୟାୟରେ ପହଞ୍ଚିଛି ନୌସେନାର ଅଭ୍ୟାସ। ଡିସେମ୍ବର ୪ରେ ପ୍ରଦର୍ଶିତ ହେବ ଅସଲ ପରାକ୍ରମ। ସୁରକ୍ଷା ଦୃଷ୍ଟିରୁ ପୁରୀରେ ହାଇଆଲର୍ଟ ଜାରି ହୋଇଛି। ରାଷ୍ଟ୍ରପତି ତଥା ତିନି ସେନାବାହିନୀର ମୁଖ୍ୟ ଦ୍ରୌପଦୀ ମୁର୍ମୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଉଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ନୌସେନା ଦିବସ ପୂର୍ବରୁ ଆଜି ଏକାଧିକ ରିହାରସେଲ ଅନୁଷ୍ଠିତ ହୋଇଥିଲା। ବିଜୟ ଉତ୍ସବର ପ୍ରତୀକ ସ୍ୱରୂପ ହେଲିକପ୍ଟରରୁ ରଙ୍ଗ ବୃଷ୍ଟି କରାଯାଇଥିଲା। ଓଡ଼ିଶାରେ ପ୍ରଥମ କରି ନୌସେନା ପକ୍ଷରୁ ପୁରୀ ବେଳାଭୂମିରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଭବ୍ୟ ରାଷ୍ଟ୍ରୀୟ ଉତ୍ସବକୁ ନେଇ କରାଯାଇଛି ବ୍ୟାପକ ବ୍ୟବସ୍ଥା। ବ୍ଲୁ ଫ୍ଲାଗ ବେଳଭୂମିରେ ଗର୍ଜୁଛି ଟ୍ୟାଙ୍କ ଓ ମାର୍କସ କମାଣ୍ଡୋ ବାହିନୀ ଙ୍କ ବନ୍ଧୁକରୁ ଗୁଳିଗୋଳ। ନୌସେନା ପକ୍ଷରୁ କରାଯାଉଥିବା ଅଭ୍ୟାସ ବେଶ ଚିତାକର୍ଷକ ହୋଇଥିବାବେଳେ ଏଥିରେ ହେଲି କ୍ୟାପ୍ଟର ଯୋଗେ ଫ୍ଲାଗ ଫରମେସନ ଠାରୁ ଆରମ୍ଭ କରି ଯବାନ ମାନଙ୍କୁ ଗଭୀର ସମୁଦ୍ରରେ ଅବତରଣ ସହ ରେସ୍କୁ ର ଦୃଶ୍ୟ ବେଶ ଚିତ୍ତାକର୍ଷକ ହୋଇଥିଲା। ନୌସେନା ଯବାନ ମାନଙ୍କ ଦ୍ୱାରା ସ୍ୱତନ୍ତ୍ର ବ୍ୟାଣ୍ଡ ଡ୍ରିଲ ସହ କଣ୍ଟିନ୍ୟୁଟି ଡ୍ରିଲ ବେଶ ମନ ମୁଗ୍ଧକର ହୋଇଥିବାବେଳେ ଆକାଶ ମାର୍ଗରୁ ମାର୍କସ କମାଣ୍ଡୋ ବାହିନୀ ପାରା ଜମ୍ପିଙ୍ଗ କରି ଓଲ୍ଲାଇବା ଦୃଶ୍ୟ ଥିଲା ଲୋମ ହର୍ଷଣକାରୀ। ସେହିପରି ସମୁଦ୍ର ଭିତରେ ଥିବା ଯୁଦ୍ଧ ଜାହାଜ ଓ ଆକାଶ ମାର୍ଗରେ ଯୁଦ୍ଧ ବିମାନ ମାନଙ୍କର ଯୁଦ୍ଧ କୌଶଳ ଆଖି ଝଲସେଇ ଦେଉଥିବାବେଳେ ଭିନ୍ନ ଭିନ୍ନ ୨୦ ପ୍ରକାରର ଯୁଦ୍ଧ କୌଶଳ ଓ ପରାକ୍ରମ ପ୍ରଦର୍ଶନ ହୋଇଥିଲା।

# ଗୃହ ବିଭାଗର ଖର୍ଚ୍ଚଦାବି ଆଲୋଚନା ବିବୃତି ରଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ସୋମବାର ବିଧାନସଭାରେ ବିଜେଡି ବିଧାୟକ ଅଧୀରାଜ ପାଣିଗ୍ରାହୀଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଜୁନ୍ ୧୦ରୁ ନଭେମ୍ବର ୨୨ତାରିଖ ମଧ୍ୟରେ ମହିଳାଙ୍କ ବିରୁଦ୍ଧରେ ହିଂସାର ମୋଟ ୯୨୪୮ଟି ମାମଲା ରୁଜୁ ହୋଇଛି । ରାଜ୍ୟରେ ବିଗତ ୫ମାସରେ ୪୧ଟି ଗଣଦୁଷ୍କର୍ମ ମାମଲା ସମେତ ମହିଳାଙ୍କ ବିରୁଦ୍ଧରେ ହିଂସାର ମୋଟ ୯୨୪୮ଟି ମାମଲା ରୁଜୁ ହୋଇଛି । ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ୫ଟି ଲେଖାଏଁ ଗଣଦୁଷ୍କର୍ମ ମାମଲା ପଞ୍ଜିକୃତ ହୋଇଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ୪ଟି ଗଣଦୁଷ୍କର୍ମ ମାମଲାର ଅଭିଯୋଗ ହୋଇଛି । ୧୬୧ଜଣ ମହିଳାଙ୍କୁ ହତ୍ୟା କରାଯାଇଥିବାବେଳେ ୨୪ଜଣ ମହିଳା ଯୌତୁକଜନିତକାରଣରୁ ପ୍ରାଣ ହରାଇଛନ୍ତି । ରାଜ୍ୟରେ ମହିଳାଙ୍କ ବିରୁଦ୍ଧରେ ହିଂସାର ଏହି ଚିତ୍ର ଆଜି ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପନ କରିଛନ୍ତି । ଚଳିତବର୍ଷ ଜୁନ ୧୦ତାରିଖରୁ ନଭେମ୍ବର ୨୨ତାରିଖ ମଧ୍ୟରେ ମହିଳାଙ୍କ ବିରୁଦ୍ଧରେ ହିଂସାର ଏସବୁ ମାମଲା ରୁଜୁ ହୋଇଥିବା ସେ କହିଛନ୍ତି । ଆଜି ବିଧାନସଭାରେ ବିଜେଡି ବିଧାୟକ ଅଧୀରାଜ ପାଣିଗ୍ରାହୀଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଜୁନ୍ ୧୦ରୁ ନଭେମ୍ବର ୨୨ତାରିଖ ମଧ୍ୟରେ ମହିଳାଙ୍କ ବିରୁଦ୍ଧରେ ହିଂସାର ମୋଟ ୯୨୪୮ଟି ମାମଲା ରୁଜୁ ହୋଇଛି । ଏହି ଅବଧି ମଧ୍ୟରେ ରାଜଧାନୀ ଭୁବନେଶ୍ୱରରେ ଏଭଳି ସର୍ବାଧିକ ୬୩୮ଟି ମାମଲା ଏବଂ କଟକ ଅର୍ବାନ୍ ଓ ରୁରାଲରେ ମୋଟ ୬୯୧ଟି ମମଲା ରୁଜୁ ହୋଇଛି । ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୧୪ଜଣ ମହିଳାଙ୍କୁ ହତ୍ୟା କରାଯାଇଥିବାବେଳେ ଭଦ୍ରକ ଓ କେନ୍ଦୁଝରରେ ୧୧ଜଣ ଲେଖାଏଁ, ଗଞ୍ଜାମରେ ୧୦ଜଣ ମହିଳାଙ୍କୁ ହତ୍ୟା କରାଯାଇଛି । ବାଲେଶ୍ୱରରେ ସର୍ବାଧିକ ୫ଜଣ ମହିଳା ଯୌତୁକଜନିତ ପ୍ରାଣ ହରାଇଛନ୍ତି । ଦୁଷ୍କର୍ମର ମୋଟ ୫୦୬ଟି ମାମଲା, ପୋକ୍ସୋ ଆକ୍ଟ ସମେତ ମାଇନର ରେପ୍ ଘଟଣାର ମୋଟ ୭୬୯ଟି ମାମଲା ମଧ ରୁଜୁ ହୋଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଆଜି ବିଧାନସଭାରେ ବିରୋଧୀ ବିଜେଡି ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବର ଆଲୋଚନାକୁ ଆରମ୍ଭ କରି ବିଜେଡି ବିଧାୟକ ବ୍ୟୋମକେଶ ରାୟ କହିଥିଲେ ଯେ, ଏହି ୫ମାସ ମଧ୍ୟରେ ରାଜ୍ୟରେ ଯେଭଳି ଅପରାଧ ବଢ଼ିଚାଲିଛି ସେଥିପାଇଁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ।


**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PRKNG

ଷ୍ଟେସନ ଏବଂ ସ୍ଥାନ : (1) ରାହାମା-MIX (2-ସହ-4 ଚକିଆ) (ପରିଚଳନ କ୍ଷେତ୍ରରେ), (2) ନିରାକାରପୁର-MIX (2-ସହ-4 ଚକିଆ) (ପ୍ଲାଟଫର୍ମ ନଂ. 4 ନିକଟରେ) ।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.16.12.2024ରିଖ 1130 ଘଟିକା (ଉଭୟ କ୍ରମ ସଂଖ୍ୟା ନିମନ୍ତେ) ।

ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.16.12.2024ରିଖ 1200 ଘଟିକା (କ୍ରମ ସଂ. 1 ପାଇଁ)ଏବଂ 1210 ଘଟିକା (କ୍ରମ ସଂ. 2 ପାଇଁ) ।

ଦ୍ରଷ୍ଟବ୍ୟ : ଏହି ନିଲାମ ସନ୍ଦର୍ଭରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ଲିଙ୍କ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-770/P/24-25



**कार्यालय, कार्यपालक अभियन्ता, लघु सिंचाई प्रमण्डल, सिमडेगा**

पत्रांक :- सिमडेगा, दिनांक :-

**निविदा स्थगन सूचना**

इस कार्यालय के पत्रांक:-724 दिनांक:-25.11.2024 द्वारा आमंत्रित ई- निविदा आमंत्रण सूचना संख्या:-WRD/MID Simdega/F2-07/2024-25 दिनांक:-25.12.2024 द्वारा:-

Constructon of Gariyajor Solar Powerd L.I.Scheme Block-Kurdeg जो दिनांक:-29.11.2024 को दैनिक समाचार पत्र में प्रकाशित हुआ (पी.आर.नम्बर-340545(Simdega) / 2024-25 (D)) को अपरिहार्य कारणवश अगले आदेश तक के लिए स्थगित किया जाता है।

विस्तृत जानकारी हेतु बेवसाईट www.jharkhandtenders.gov.in. एवं कार्यालय के सूचना पट्ट पर देखा जा सकता है।

कार्यपालक अभियंता,
लघु सिंचाई प्रमण्डल, सिमडेगा।

PR.NO.340930 Simdega(24-25):D



**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, साहेबगंज।**

**अति अल्पकालीन ई-निविदा आमंत्रण सूचना**

ई- पुनर्निविदा सूचना संख्या - RDD/SD/SAHIBGANJ /08/3rd call/2024-25

1.कार्य की विस्तृत विवरणी:

| क्र० सं०/ग्रुप सं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | साहेबगंज जिला के बरहरवा प्रखण्ड अंतर्गत पंचायत हस्तीपाड़ा ग्राम छोटा चांदपुर मोतीउर रहमान के घर के पास के उच्च विद्यालय हस्तीपाड़ा मंजारूल के घर के पास गुमानी नदी पर उच्चस्तरीय पुल निर्माण। | 547.83800 लाख रूपये | 10,96,000/- रूपये | 10,000. 00 रूपये | 24 माह |
| 2 | साहेबगंज जिला के बरहरवा प्रखण्ड अंतर्गत पंचायत हरिहरा ग्राम महेशघाटी हाईस्कूल के पास से पंचायत दरियापुर ग्राम कागजोल के बीच गुमानी नदी पर उच्चस्तरीय पुल निर्माण। | 445.78700 लाख रूपये | 8,92,000/- रूपये | 10,000. 00 रूपये | 18 माह |

2. वेबसाइट में निविदा प्रकाशन की तिथि - 03.12.2024
3. ई-निविदा प्राप्ति की तिथि एवं समय- दिनांक 03.12.2024 से दिनांक 10.12.2024 को अपराह्न 5:00 बजे तक
4. ई-निविदा खोलने का स्थान - कार्यपालक अभियंता का कार्यालय, ग्रामीण विकास विशेष प्रमण्डल, साहेबगंज।
5. ई-निविदा खोलने की तिथि एवं समय - 12.12.2024 अपराह्न 2:00 बजे
6. ई-निविदा आमंत्रित करने वाले पदाधिकारी का नाम एवं पता :- कार्यपालक अभियंता, ग्रामीण विकास विशेष प्रमंडल, साहेबगंज।
7. ई-निविदा प्रकोष्ठ का दूरभाष सं० - 9431347401 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट-बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,
साहेबगंज।

PR 340912 (Rural Development) 24-25 (D)



**कार्यपालक अभियंता का कार्यालय ग्रामीण विकास विशेष प्रमंडल, साहेबगंज।**

**अति अल्पकालीन ई0-निविदा आमंत्रण सूचना**

ई- पुनर्निविदा सूचना संख्या - RDD/SD/SAHIBGANJ /05/3rd call/2024-25

1.कार्य की विस्तृत विवरणी:

| क्र० सं०/ ग्रुप सं0 | कार्य का नाम | प्राक्कलित राषि | अग्रधन की राषि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | साहेबगंज जिला के उधवा प्रखण्ड अंतर्गत पंचायत उत्तर पलाषगाछी में बहूडूब्बी नदी पर ग्राम माल टोला एवं नजरूल टोला के बीच उच्चस्तरीय पुल निर्माण। | 493.14600 लाख रूपये | 9,86,500/- रूपये | 10,000.00 रूपये | 18 माह |

2. वेबसाइट में निविदा प्रकाशन की तिथि - 03.12.2024
3. ई-निविदा प्राप्ति की तिथि एवं समय- दिनांक 03.12.2024 से दिनांक 10.12.2024 को अपराह्न 5:00 बजे तक
4. ई-निविदा खोलने का स्थान - कार्यपालक अभियंता का कार्यालय, ग्रामीण विकास विशेष प्रमण्डल, साहेबगंज।
5. ई-निविदा खोलने की तिथि एवं समय - 12.12.2024 अपराह्न 2:00 बजे
6. ई-निविदा आमंत्रित करने वाले पदाधिकारी का नाम एवं पता :- कार्यपालक अभियंता, ग्रामीण विकास विशेष प्रमंडल, साहेबगंज।
7. ई-निविदा प्रकोष्ठ का दूरभाष सं० - 9431347401 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट-बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, साहेबगंज।

PR 340910 Rural Development(24-25)D



**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, रॉंची**

**ई-निविदा आमंत्रण सूचना**

पत्रांक :- दिनांक-

ई-निविदा संख्या :- 24/2024-25/RWD/EE/RANCHI

| क्र0 सं0 | आईडेन्टी फिकेशन संख्या/ पैकेज संख्या | प्रखण्ड | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की तिथि/ अवधि | टेण्डर कॉल नं0 |
|---|---|---|---|---|---|---|---|
| 1 | RWD/RANCHI/ 77/2024-25 | बुढ़मू | बुढ़मू मुरूपीरी पथ से मॉडल स्कूल पहानटोली तक पथ निर्माण कार्य। (लं0- 1.005 कि0मी0)। | 1,05,60,400.00 | एक करोड़ पाँच लाख साठ हजार चार सौ रूपये मात्र। | 9 माह | प्रथम |
| 2 | RWD/RANCHI/ 78/2024-25 | बुढ़मू | उमेडण्डा गाँव में कन्डेर मोड़ से हबरूवा पहाड़ भाया आरीद तक पथ निर्माण कार्य (लं0- 2.575 कि0मी0)। | 2,61,04,000.00 | दो करोड़ एकसठ लाख चार हजार रूपये मात्र। | 12 माह | प्रथम |
| 3 | RWD/RANCHI/ 79/2024-25 | बुढ़मू | चैनगड़ा हाई स्कूल से पलानी भाया गम्हरिया तक पथ निर्माण कार्य (लं0- 3.890 कि0मी0)। | 3,56,39,800.00 | तीन करोड़ छप्पन लाख उनचालीस हजार आठ सौ रूपये मात्र। | 15 माह | प्रथम |
| 4 | RWD/RANCHI/ 80/2024-25 | रातू | रॉंची डाल्टेनगंज मुख्य पथ से देवीमंडप कमड़े के विभिन्न गलियों भाया पत्रकार कॉलोनी रूपा गुप्ता, ममता देवी के घर एवं सत्या यादव के घर के पास आर0सी0सी0 कल्भर्ट तक पथ निर्माण कार्य (लं0-2.500 कि0मी0) | 2,91,06,200.00 | दो करोड़ एक्यानबे लाख छः हजार दो सौ रूपये मात्र। | 15 माह | प्रथम |
| 5 | RWD/RANCHI/ 81/2024-25 | रातू | जोजो नगर चौक से सर्वोदय नगर रोड नं0-1 एवं 2 नावाटोली किड्स हार्ट स्कूल सिमलिया पंचायत के विभिन्न गलियों में पथ निर्माण कार्य (ल0-3.100 कि0मी0) | 3,40,48,500.00 | तीन करोड़ चालीस लाख अड़तालीस हजार पाँच सौ रूपये मात्र। | 15 माह | प्रथम |
| 6 | RWD/RANCHI/ 82/2024-25 | रातू | दयाल नगर बजरंगबली मंदिर से सरयू नगर एवं गणपति विहार कॉलोनी के विभिन्न गलियों में पथ निर्माण कार्य (ल0-1.805 कि0मी0) | 2,36,17,900.00 | दो करोड़ छत्तीस लाख सत्तरह हजार नौ सौ रूपये मात्र। | 12 माह | प्रथम |
| 7 | RWD/RANCHI/ 83/2024-25 | नामकुम | एन0एच0-33 टाटा रोड से सरईटोली भाया पिरिटोला तक पथ निर्माण कार्य (ल0-1.800 कि0मी0) | 1,96,57,000.00 | एक करोड़ छियानबे लाख सन्तावन हजार रूपये मात्र। | 9 माह | प्रथम |
| 8 | RWD/RANCHI/ 84/2024-25 | रातू | मुरचु से कोकरो तक पथ निर्माण कार्य (ल0-2.450 कि0मी0) | 3,42,00,300.00 | तीन करोड़ बियालीस लाख तीन सौ रूपये मात्र। | 15 माह | प्रथम |

1. वेबसाईट में निविदा प्रकाशन की तिथि:-06.12.2024
2. ई-निविदा प्राप्ति की अंतिम तिथि एवं समय:-26.12.2024 अपराह्न 5.00 बजे तक।
3. निविदा खोलने की तिथि एवं समय:-28.12.2024 अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पता:- कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई-निविदा प्रकोष्ठ का दूरभाष सं0- 0651-2360137

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।


कार्यपालक अभियंता
ग्रामीण कार्य विभाग
कार्य प्रमण्डल, राँची

PR 340935 REO (24-25)_D




ନୂଆଦିଲ୍ଲୀ: ଏକ ଆଶ୍ଚର୍ଯ୍ୟଜନକ ଖୁଲାସା କରି ଖାଦ୍ୟ ନିୟାମକ ଏବଂ ମାନକ ପ୍ରାଧିକରଣ ଅଫ ଇଣ୍ଡିଆ ପ୍ୟାକେଜ୍ ହୋଇଥିବା ପାନୀୟ ଏବଂ ମିନେରାଲ୍ ଯୁକ୍ତ ପାଣି ଉଚ୍ଚ ବିପଦପୂର୍ଣ୍ଣ ବର୍ଗରେ ସାମିଲ୍ କରିଛି । ଏହାକୁ ବାଧ୍ୟତାମୂଳକ ଯାଞ୍ଚ ଏବଂ ତୃତୀୟ-ପକ୍ଷ ଅଡିଟ ନିୟମ ଅନୁଯାୟୀ ପାଳନ କରିବାକୁ କୁହାଯାଇଛି । ଅକ୍ଟୋବରରେ ସରକାର ଜାରି କରିଥିବା ନିର୍ଦ୍ଦେଶ ଅନୁଯାୟୀ ପ୍ୟାକେଜ ହୋଇଥିବା ପାନୀୟ ଏବଂ ମିନେରାଲ ଯୁକ୍ତ ପାଣି ଏବେ ଲାଇସେନ୍ସ ପାଇବା ପାଇଁ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡର ପ୍ରମାଣପତ୍ର ପାଇବା ବାଧ୍ୟତାମୂଳକ ପରେ ଏଫ୍‌ଏସ୍‌ଏସ୍‌ଏଆଇ ଏହି ନିଷ୍ପତ୍ତି ନେଇଛି । ଏଫଏସଏସଏଆଇ ଉଲ୍ଲେଖ କରିଛି ଯେ, ଖାଦ୍ୟ ବର୍ଗର ଉତ୍ପାଦକ କିମ୍ବା ପ୍ରକ୍ରିୟାର ଯାଞ୍ଚ ସେଥିପାଇଁ ବାଧ୍ୟତାମୂଳକ ବିଏସ୍ ସାର୍ଟିଫିକେଟ ଆବଶ୍ୟକ ନଥାଇଛି, ବର୍ତ୍ତମାନ ଲାଇସେନ୍ସ କିମ୍ବା ପଞ୍ଜୀକରଣ ପୂର୍ବରୁ ଆବଶ୍ୟକ ହେବ । ଉଚ୍ଚ ବିପଦପୂର୍ଣ୍ଣ ଖାଦ୍ୟ ବର୍ଗ ଅନ୍ତର୍ଗତ ସମସ୍ତ କେନ୍ଦ୍ରୀୟ ଲାଇସେନ୍ସପ୍ରାପ୍ତ ଉତ୍ପାଦକମାନେ ସେମାନଙ୍କର ବ୍ୟବସାୟକୁ ଏଫଏସଏସଏଆଇ ସ୍ୱୀକୃତିପ୍ରାପ୍ତ ତୃତୀୟ ପକ୍ଷ ଖାଦ୍ୟ ନିରାପତ୍ତା ଅଡିଟ ଏଜେନ୍ସି ଦ୍ୱାରା ପ୍ରତିବର୍ଷ ଅଡିଟ କରିବେ । ଅଧିକ ବିପଦପୂର୍ଣ୍ଣ ଖାଦ୍ୟ ବର୍ଗର ତାଲିକାରେ ପ୍ୟାକେଜ ପାନୀୟ ଜଳ ଏବଂ ମିନେରାଲ୍ ଯୁକ୍ତ ପାଣି ଅନ୍ତର୍ଭୁକ୍ତ ହୋଇଛି ବୋଲି ଖାଦ୍ୟ ସୁରକ୍ଷା ପ୍ରାଧିକରଣର ନିର୍ଦ୍ଦେଶରେ କୁହାଯାଇଛି ।

# ସଂସଦରେ ସମ୍ବିଧାନ ଉପରେ ହେବ ବିତର୍କ



ନୂଆଦିଲ୍ଲୀ: ସଂସଦକୁ ଆସିବ ସମ୍ବିଧାନ ପ୍ରସଙ୍ଗ । ସମ୍ବିଧାନ ଉପରେ ବିତର୍କ ପାଇଁ ଲୋକସଭା ଓ ରାଜ୍ୟସଭାର ସମସ୍ତ ବିରୋଧୀ ଓ ଶାସକ ଦଳର ସାଂସଦମାନେ ଏକମତ ହୋଇଛନ୍ତି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଡିସେମ୍ବର ୧୩ରୁ ୧୭ ମଧ୍ୟରେ ଚାରିଦିନ ଧରି ସଂସଦର ଉଭୟ ଗୃହରେ ସମ୍ବିଧାନ ଉପରେ ବିତର୍କ ହେବ । ନଭେମ୍ବର ୨୫ ତାରିଖରୁ ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହୋଇଥିଲା । ତେବେ ସମ୍ବିଧାନକୁ ନେଇ ବିତର୍କ ଦାବିରେ ବାରମ୍ବାର ହଙ୍ଗାମା ଓ ଗୃହ ମୁଲତବୀ ହୋଇଥିଲା । ଯାହାକୁ ନେଇ ସୋମବାର ସର୍ବଦଳୀୟ ବୈଠକ ଡକାଯାଇଥିଲା । ଡାକିଥିଲେ ବାଚସ୍ପତି ଓମ୍ ବିର୍ଲା । ଏହି ବୈଠକରେ ସମ୍ବିଧାନ ଉପରେ ବିତର୍କ ପାଇଁ ସବୁ ଦଳର ସଦସ୍ୟ ସହମତି ପ୍ରକାଶ କରିଥିବା ଜଣାପଡ଼ିଛି । ସର୍ବଦଳୀୟ ବୈଠକ ପରେ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ । ଡିସେମ୍ବର ୧୩ରୁ ୧୭ ପର୍ଯ୍ୟନ୍ତ ଚାରିଦିନ ଧରି ସଂସଦର ଉଭୟ ଗୃହରେ ସମ୍ବିଧାନ ଉପରେ ବିତର୍କ ହେବ ବୋଲି ସେ କହିଛନ୍ତି । ପ୍ରଥମେ ଡିସେମ୍ବର ୧୩ ଓ ୧୪ ଦୁଇଦିନ ଲୋକସଭାରେ ଏବଂ ୧୬ ଓ ୧୭ ଡିସେମ୍ବରରେ ରାଜ୍ୟସଭାରେ ସମ୍ବିଧାନ ଉପରେ ବିତର୍କ ହେବ । ଏନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ରିଜିଜୁ କହିଛନ୍ତି, ସମସ୍ତ ବିରୋଧୀ ଦଳର ନେତାମାନଙ୍କୁ ଆମେ ଅନୁରୋଧ କରୁଛୁ, ଆସନ୍ତାକାଲିଠାରୁ ସଂସଦ କାର୍ଯ୍ୟ ସୁରୁଖୁରୁରେ କିପରି ଚାଲିବ, ସେନେଇ ସମସ୍ତେ ଦାୟିତ୍ୱବାନ ହେବେ ।

# ଆସନ୍ତା ବର୍ଷ ଭାରତ ଆସିବେ ରଷିଆ ରାଷ୍ଟ୍ରପତି



ନୂଆଦିଲ୍ଲୀ: ଆସନ୍ତାବର୍ଷ ଆରମ୍ଭରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଭାରତ ଗସ୍ତ କରିବେ । ତେବେ ପୁଟିନଙ୍କ ଗସ୍ତ ତାରିଖ ଏପର୍ଯ୍ୟନ୍ତ ସ୍ଥିର କରାଯାଇ ନାହିଁ । ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣରେ ରୁଷିଆ ରାଷ୍ଟ୍ରପତି ଭାରତ ଆସୁଛନ୍ତି । ରୁଷିଆ ଦୂତାବାସ ଏହି ସୂଚନା ଦେଇଛି । କ୍ରେମଲିନ ମୁଖପାତ୍ର ୟୁରୀ ଉଷାକୋଭ ଗଣମାଧ୍ୟମ ସହ କଥାବାର୍ତ୍ତା କରୁଥିବାବେଳେ କହିଛନ୍ତି ଯେ ଆମର ନେତାଙ୍କ ବର୍ଷକୁ ଥରେ ସାକ୍ଷାତ କରିବାର ଚୁକ୍ତି ରହିଛି । ଏଥର ଏହା ଆମର ପର୍ଯ୍ୟାୟ । ଆମେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନିମନ୍ତ୍ରଣ ପାଇଛୁ ଏବଂ ଆମେ ଏହାକୁ ଗୁରୁତ୍ୱ ସହ ବିଚାର କରୁଛୁ । ଆସନ୍ତାବର୍ଷ ଆରମ୍ଭରେ ଏକ ତାରିଖ ସ୍ଥିର ହୋଇପାରେ । ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରେ ଏହା ଭ୍ଲାଦିମିର ପୁଟିନଙ୍କ ପ୍ରଥମ ଭାରତ ଗସ୍ତ । ଏହି କାରଣରୁ ପୁଟିନଙ୍କ ଗସ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ବିଶେଷତଃ ଯେତେବେଳେ ରୁଷିଆ-ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ଭାରତ ନିବେଦନ କରିଛି । ରୁଷିଆ ଏବଂ ଭାରତ ମଧ୍ୟରେ ବାର୍ଷିକ ଶୀର୍ଷ ନେତାମାନେ ପ୍ରତିବର୍ଷ ପରସ୍ପର ଦେଶ ପରିଦର୍ଶନ କରିବା ପାଇଁ ଏକ ଚୁକ୍ତିନାମା ରହିଛି । ଏହି ଚୁକ୍ତିନାମା ଅନୁଯାୟୀ ପୁଟିନ ଭାରତ ଗସ୍ତ କରୁଛନ୍ତି । ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ମୋଦି ରୁଷିଆ ଗସ୍ତ କରିଛନ୍ତି । ସୂଚନାଯୋଗ୍ୟ, ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଆସନ୍ତାବର୍ଷ କ୍ୱାଡ ସମ୍ମିଳନୀରେ ଭାଗ ନେବାକୁ ଭାରତ ଗସ୍ତ କରିବେ ।

# ତେଲେଙ୍ଗାନାରେ ରେଭନ୍ତ ରେଡ୍ଡୀ ସରକାରଙ୍କ ପ୍ରଥମ ବର୍ଷର ସଫଳତା




ଅମରାବତୀ: ତେଲେଙ୍ଗାନାର କଂଗ୍ରେସ ସରକାର ରେଭନ୍ତ ରେଡ୍ଡିଙ୍କ ନେତୃତ୍ୱରେ ସଫଳତାର ସହ ବର୍ଷକ ପୂରଣ କରିଛି । ଏହି ବର୍ଷକ ଭିତରେ ସରକାର ବହୁବିଧ ସଫଳତା ହାସଲ କରିଥିବା ସୂଚନା ଦିଆଯାଇଛି । ଏହି ରାଜ୍ୟରେ ସ୍ୱାଧୀନ ଭାରତରେ ସର୍ବାଧିକ କୃଷକଙ୍କ ଋଣ ଛାଡ଼ କରାଯାଇଛି । ସେହିପରି ଯେକୌଣସି ରାଜ୍ୟ ପାଇଁ ସର୍ବାଧିକ ସଂଖ୍ୟକ ସରକାରୀ ଚାକିରି ମଧ୍ୟ ପ୍ରଦାନ କରାଯାଇଛି । ସ୍ୱାଧୀନତା ପରଠାରୁ ରାଜ୍ୟରେ ଗତ ବର୍ଷକ ଭିତରେ ସର୍ବାଧିକ ପରିମାଣ ଧାନ ଉତ୍ପାଦନ ହୋଇପାରିଛି । ହ୍ରଦଗୁଡ଼ିକର ପୁନରୁଦ୍ଧାର ସହ ପ୍ରଦୂଷିତ ଓ ଶୁଖିଯାଇଥିବା ନଦୀଗୁଡ଼ିକର ନବୀକରଣକୁ ପ୍ରାଥମିକତା ଦିଆଯାଇଛି । ଜଳବାୟୁ ପରିବର୍ତ୍ତନ ଚ୍ୟାଲେଞ୍ଜର ସାମ୍ନା କରିବା ପାଇଁ ପରବର୍ତ୍ତୀ ୫୦ ବର୍ଷ ନିମନ୍ତେ ନିରନ୍ତର ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ଗଠନ ମୂଳକ କାର୍ଯ୍ୟ ଆରମ୍ଭ ହୋଇଛି । ଭାରତର ପ୍ରଥମ ବିଶ୍ୱସ୍ତରୀୟ ଶିଳ୍ପ ନେତୃତ୍ୱାଧୀନ ଦକ୍ଷତା ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଇଛି । ଦକ୍ଷିଣ ଭାରତରେ ସବୁଠାରୁ ବଡ଼ କ୍ରୀଡ଼ା ବିଶ୍ୱବିଦ୍ୟାଳୟ ତେଲେଙ୍ଗାନାରେ ରହିଛି । ରେଭନ୍ତ ରେଡ୍ଡୀ ସରକାର ବସ୍‌ରେ ମହିଳାମାନଙ୍କ ପାଇଁ ମାଗଣା ଯାତ୍ରାର ବ୍ୟବସ୍ଥା କରିଛନ୍ତି । ୫୦୦ଟଙ୍କାରେ ରନ୍ଧନ ଗ୍ୟାସ୍ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି । ୨୦୦ ୟୁନିଟ୍‌ରୁ କମ୍ ବିଦ୍ୟୁତ୍ ବ୍ୟବହାର କରୁଥିବା ମହିଳାମାନେ ବିଦ୍ୟୁତ୍ ଶକ୍ତି ମାଧ୍ୟମରେ ମାସକୁ ୧୦ ହଜାର ଟଙ୍କା ସଞ୍ଚୟ କରିବା ପାଇଁ ସୁନିଶ୍ଚିତ କରାଯାଇଛି । ହାଇଦ୍ରାବାଦରେ ଥିବା ସମସ୍ତ ପେଟ୍ରୋଲ ଓ ଡିଜେଲ ଚାଳିତ ବସ୍‌କୁ ହଟାଇବା ପାଇଁ ୩ହଜାରରୁ ଅଧିକ ଇଲେକ୍ଟ୍ରିକ ବସ୍ ଚଳାଚଳର ବ୍ୟବସ୍ଥା ହୋଇଛି । ବାପୁ ଘାଟରେ ଦେଶର ସର୍ବବୃହତ ଗାନ୍ଧି ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ହାଇଦ୍ରାବାଦ ସହରର ପାନୀୟ ଜଳ ଆବଶ୍ୟକତା ପୂରଣ ପାଇଁ ଗୋଦାବରୀ ନଦୀରୁ ପାଣି ଆଣିବା ବ୍ୟବସ୍ଥା କରାଯାଇଛି । ସେହିପରି ୧୦ବର୍ଷ ପରେ ଆବାସିକ ବିଦ୍ୟାଳୟର ପିଲାମାନଙ୍କ ପାଇଁ ଖାଦ୍ୟ ଓ କସମେଟିକ୍ କ୍ରୟ ବଜେଟ୍ ବୃଦ୍ଧି କରାଯାଇଛି । ହାଇଦ୍ରାବାଦରେ ଗାନ୍ଧି ତୀର୍ଥଯାତ୍ରା ଭାବରେ ୨୦୦ରୁ ଊର୍ଦ୍ଧ୍ୱ ଏକର ଜମିରେ ସରୋବର ସୃଷ୍ଟି କରାଯାଇଛି । ଏକକୋଟି ମହିଳାଙ୍କୁ ସଶକ୍ତ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଉଦ୍ୟମ ଜାରି ରହିଛି । ଆବାସିକ ବିଦ୍ୟାଳୟଗୁଡ଼ିକରେ ଏକୀକରଣ, ଦଳିତ, ଆଦିବାସୀ, ଓବିସି ଏବଂ ସଂଖ୍ୟାଲଘୁ ଛାତ୍ରଙ୍କ ପାଇଁ ବିଶ୍ୱସ୍ତରୀୟ ସୁବିଧା ସହ ନୂତନ କ୍ୟାମ୍ପସ୍ ସ୍ଥାପନ କରାଯାଉଛି । ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ବିଧାୟକଙ୍କ ଲୋକଙ୍କ ଉପରୁ ସମସ୍ତ ପ୍ରତିବନ୍ଧକ ହଟାଇ ଦିଆଯାଇଛି । ଏପରିକି ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ମଧ୍ୟ ଅବାଧରେ ପ୍ରବେଶ ପାଇଁ ଅନୁମତି ପ୍ରଦାନ କରାଯାଇଛି । ଇଣ୍ଟିଗ୍ରେଟେଡ(?) ପାର୍କ ନିର୍ମାଣ ପାଇଁ ମଧ୍ୟ ପ୍ରୟାସ ଜାରି ରହିଛି । ଉଲ୍ଲେଖଯୋଗ୍ୟ ଯେ, ତେଲେଙ୍ଗାନା ସରକାର ଯାହାଙ୍କ ମୁଖ୍ୟମନ୍ତ୍ରୀ ଦିନକୁ ୧୮ ଘଣ୍ଟା କାମ କରନ୍ତି ବିନା ଛୁଟିରେ । ଲୋକଙ୍କ ସମସ୍ୟା ଶୁଣିବା, ଶାସନରେ ଗୁଣବତ୍ତା ବୃଦ୍ଧି କରିବା, କଲ୍ୟାଣ ଏବଂ ବିକାଶକୁ ପ୍ରାଥମିକତା ଦେବା ତଥା ରାଜ୍ୟର ନଷ୍ଟ ହୋଇଥିବା ଆର୍ଥିକ ପରିଚାଳନାକୁ ସଶକ୍ତ କରିବା ରେଭନ୍ତ ସରକାରର ଲକ୍ଷ୍ୟ ବୋଲି କୁହାଯାଇପାରେ ।

# ବାତ୍ୟା ପରେ ବନ୍ୟା ସ୍ଥିତି, ରାସ୍ତାରେ ଭାସୁଛି ବସ୍-କାର୍

ଚେନ୍ନାଇ: ବାତ୍ୟା ଫେଙ୍ଗଲ୍ ଶନିବାର ରାତିରେ ତାମିଲନାଡୁ ଓ ପୁଡୁଚେରୀ ଉପକୂଳ ଅତିକ୍ରମ କରିସାରିଛି । ହେଲେ ଉଭୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରବଳ ବର୍ଷା ଲାଗି ରହିଛି । ଯାହା ଭୟଙ୍କର ବନ୍ୟାର ରୂପ ନେଲାଣି । ତେବେ ତାମିଲନାଡୁର କ୍ରିଷ୍ଣାଗିରି ଜିଲ୍ଲା ଗତ ଦୁଇଦିନରେ ସବୁଠାରୁ ବେଶୀ ପ୍ରଭାବିତ ହୋଇଛି । ଜିଲ୍ଲାର ତଳିଆ ଅଞ୍ଚଳରେ ଥିବା ଏକ ରାସ୍ତାରେ କାର, ବସଗୁଡ଼ିକ କାଗଜ ଡଙ୍ଗା ଭଳି ପାଣିରେ ଭାସି ଯାଉଥିବା ଦେଖିବାକୁ ମିଳିଛି । ତାମିଲନାଡୁ କ୍ରିଷ୍ଣାଗିରି ଜିଲ୍ଲାର ଉଥାଂଗରାଇ ବସ୍ ଷ୍ଟାଣ୍ଡର ଏକ ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେଉଛି । ଏଥିରେ ଦେଖିବାକୁ ମିଳୁଛି ଯେ ଅନେକ ବସ୍ ବନ୍ୟାଜଳରେ ବୁଡ଼ି ରହିଛି । କେତେକ ବସ୍, କାର୍ ଓ ଅନ୍ୟ ଗାଡ଼ିଗୁଡ଼ିକ କାଗଜ ଡଙ୍ଗା ପରି ବନ୍ୟାଜଳରେ ଧିରେ ଧିରେ ଭାସି ଯାଉଥିବା ମଧ୍ୟ ଭିଡିଓରେ ଦେଖିବାକୁ ମିଳୁଛି । ସ୍ଥାନୀୟ ଅଧିକାରୀଙ୍କ କହିବା ମୁତାବକ କ୍ରିଷ୍ଣାଗିରି ଜିଲ୍ଲାରେ ଗତ ୧୪ ଘଣ୍ଟାରୁ ଅଧିକ ସମୟ ହେବ ଲଗାଣ ବର୍ଷା ଜାରି ରହିଛି । ତେବେ ଉଥାଂଗରାଇ ଅଞ୍ଚଳରେ ଗତରାତିରୁ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି । ସେପଟେ ଭାରତୀୟ ପାଣିପାଗ ବିଭାଗ ସୋମବାର ମଧ୍ୟ ତାମିଲନାଡୁର କ୍ରିଷ୍ଣାଗିରି ସମେତ ବିଭିନ୍ନ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ଆଲର୍ଟ ଜାରି କରିଛି । ଏହା ସହ ପଡ଼ୋଶୀ କର୍ଣ୍ଣାଟକର ବିଭିନ୍ନ ଜିଲ୍ଲାକୁ ମଧ୍ୟ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ଆଇଏମ୍‌ଡି । ପରିସ୍ଥିତିକୁ ଦୃଷ୍ଟିରେ ରଖି ତାମିଲନାଡୁ ସରକାର ରାଜ୍ୟରେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଏବଂ କଲେଜକୁ ବନ୍ଦ ରଖାଯାଇଛି ।

# ଗୋଶାଳାକୁ ଦିଆଯାଉଥିବା ଅନୁଦାନ ବୃଦ୍ଧି କଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଗୋଶାଳାଗୁଡ଼ିକୁ ଦିଆଯାଉଥିବା ଅନୁଦାନ ରାଶିରେ ବୃଦ୍ଧି ଘଟାଇଛନ୍ତି । ପୂର୍ବରୁ ଏହା ୨୫ ଟଙ୍କା ଥିବାବେଳେ ଏବେ ଏହା ୩୫ ଟଙ୍କାକୁ ବୃଦ୍ଧି କରାଯାଇଛି । ପ୍ରତି ଗାଈଙ୍କ ପିଛା ଏହି ଅର୍ଥ ଖର୍ଚ୍ଚ କରାଯିବ । ଏହି ଅବସରରେ ଶ୍ରୀ ସାଏ କହିଥିଲେ ଗୋମାତାଙ୍କ ସଂରକ୍ଷଣ ଏବଂ ସେମାନଙ୍କ ବଂଶବୃଦ୍ଧି ପାଇଁ ଛତିଶଗଡ଼ ସରକାର ଏକ ଜନଜାଗରଣ ଅଭିଯାନ ଆରମ୍ଭ କରିବାକୁ ଚିନ୍ତା କରୁଛନ୍ତି । ସୋମବାର ରାଜଧାନୀ ରାୟପୁରର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଅଡିଟୋରିୟମ୍‌ରେ ଛତିଶଗଡ଼ର ଗୋସେବା ଆୟୋଗର ନବନିଯୁକ୍ତ ଅଧକ୍ଷ ବିଶେଶର ସିଂ ପଟେଲ ସମାରୋହରେ ପଦଭାର ଗ୍ରହଣ କରିବା ସହ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ସେ କହିଥିଲେ ନୂତନ ଅଧକ୍ଷ ଗୋବଂଶ ବୃଦ୍ଧି ସହ ସେମାନଙ୍କ ସଂରକ୍ଷଣରେ ବ୍ରତୀ ହେବେ ବୋଲି ମୁଁ ଆଶାବାଦୀ । ଏହି ଅବସରରେ ସେ ଗାଈଙ୍କଠାରୁ ଉତ୍ପାଦନ ହେଉଥିବା ବିଭିନ୍ନ ସାମଗ୍ରୀର ଏକ ଷ୍ଟଲ ପରିଦର୍ଶନ କରିଥିଲେ । ଏହି ସମାରୋହରେ ଉପମୁଖ୍ୟମନ୍ତ୍ରୀ ଅରୁଣା ସାଏ ଏବଂ ବିଜୟ ଶର୍ମା ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଗୋମାତା ହେଉଛନ୍ତି ଆମ ସମୃଦ୍ଧିର ପ୍ରତୀକ । ଏହା ମଧ୍ୟ କୁହାଯାଏ ଯେ, ଗୋମାତାଙ୍କଠାରେ ୩୩ କୋଟି ଦେବତା ବାସ କରିଥାନ୍ତି । ଗୋମାତାଙ୍କ ଅଭୟାରଣ୍ୟକୁ ଗୋଧାମ କୁହାଯିବା ଜରୁରି । ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ ଗୋଧାମ ନିର୍ମାଣ କରିବା ପାଇଁ ସ୍ଥିର କରିଛନ୍ତି । ଦେମେତରାର ଝାଲମଠାରେ ୫୦ ଏକ ଜମିରେ ଗୋଧାମ ନିର୍ମାଣ କରାଯାଇଛି ଯାହାକି ଖୁବ୍‌ଶୀଘ୍ର ଲୋକାର୍ପିତ ହେବ । ସେହିପରି କବର୍ଦ୍ଧା ଜିଲ୍ଲାରେ ୧୨୦ ଏକର ଜମିରେ ଗୋଧାମ ନିର୍ମାଣ ପାଇଁ କାମ ଚାଲୁରହିଛି । ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହ ସେଥିରୁ ପ୍ରସ୍ତୁତ ହେଉଥିବା ସାମଗ୍ରୀ ଦେବତାଙ୍କ କାମରେ ଲାଗିବ ବୋଲି ସେ କହିଥିଲେ । ସେ ଆହୁରି ପ୍ରତିଶ୍ରୁତି ଦେଇଥିଲେ ଯେ, ମୋ ରାଜ୍ୟରେ ଗୋମାତାଙ୍କୁ ସୁରକ୍ଷା ଦିଆଯିବ । କୌଣସି ଦୁର୍ବୃତ୍ତ କିମ୍ବା ମାଫିଆ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରନ୍ତି, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ପୋଲିସ୍ ସହ ମୁହାଁମୁହିଁ ପରେ ସମ୍ଭଲ ଯାତ୍ରା ଘୁଞ୍ଚାଇଲା କଂଗ୍ରେସ

ଲକ୍ଷ୍ନୌ: ଲକ୍ଷ୍ନୌର ଦଳୀୟ କାର୍ଯ୍ୟାଳୟ ବାହାରେ ପୁଲିସ ସହ ମୁହାଁମୁହିଁ ହେବା ପରେ ଉତ୍ତରପ୍ରଦେଶ କଂଗ୍ରେସ ସୋମବାର ସମ୍ଭଲ ଯାତ୍ରାକୁ ବାତିଲ ଘୋଷଣା କରିଛି । ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ପ୍ରଶାସନ ସମ୍ଭଲ ବାହାରେ ଲୋକଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇବା ପରେ ଦଳ ପଦଯାତ୍ରାକୁ ସ୍ଥଗିତ ରଖିଛି । ପୋଲିସ ଅବରୋଧକୁ ସାମ୍ନା କରି ରାଜ୍ୟ କଂଗ୍ରେସ ମୁଖ୍ୟ ଅଜୟ ରାୟ କହିଛନ୍ତି ଯେ ଡିସେମ୍ବର ୧୦ ପର୍ଯ୍ୟନ୍ତ ସମ୍ଭଲ ବାହାରେ ଲୋକଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇବା କାରଣରୁ ପଦଯାତ୍ରା ତା'ପରେ କରାଯିବ । ଶ୍ରୀ ରାୟ କହିଛନ୍ତି, ଡିସିପି ଏବଂ ଅନ୍ୟ ପୋଲିସ ଅଧିକାରୀ କହିଛନ୍ତି ଯେ ପ୍ରତିବନ୍ଧକ ହଟାଯିବା ପରେ ସେମାନେ ଆମକୁ ଜଣାଇବେ । ଯେଉଁଦିନ ପୋଲିସ ଆମକୁ ସୂଚନା ଦେବ, କଂଗ୍ରେସ ଦଳର ଏକ ପ୍ରତିନିଧି ଦଳ ସମ୍ଭଲ ପରିଦର୍ଶନ କରିବ । ସୋମବାର ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ କଂଗ୍ରେସ କାର୍ଯ୍ୟାଳୟ ବାହାରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ରାଜ୍ୟ ୟୁନିଟ୍ ମୁଖ୍ୟ ଅଜୟ ରାୟଙ୍କ ନେତୃତ୍ୱରେ ସମ୍ଭଲ ଆଡ଼େ ଯାଉଥିବା ଏକ ପ୍ରତିନିଧି ଦଳକୁ ପୋଲିସ ରୋକିବାରୁ ଏହି ହିଂସାକାଣ୍ଡ ଉପୁଜିଛି । ସୁରକ୍ଷା କର୍ମୀମାନେ ରାୟଙ୍କ କାରକୁ ଅଫିସ୍ ଫାଟକରେ ଅଟକାଇଥିଲେ । ଏହା ପୂର୍ବରୁ ୟୁପି କଂଗ୍ରେସ ମୁଖ୍ୟ କହିଛନ୍ତି ଯେ, ପୋଲିସର ଆଦେଶକୁ ଅବମାନନା କରି ସେ ସମ୍ଭଲ ଗସ୍ତ କରିବେ । ୟୁପି ପୋଲିସ ରାୟଙ୍କୁ ନୋଟିସ ଜାରି କରିବା ପରେ ସମ୍ଭାବ୍ୟ ଆଇନ ଶୃଙ୍ଖଳା ପରିସ୍ଥିତି ଦର୍ଶାଇ ଏହି ପଦକ୍ଷେପ ନିଆଯାଇଛି । ଶ୍ରୀ ରାୟ କହିଛନ୍ତି, ସେମାନେ ମୋତେ ଏକ ନୋଟିସ ଦେଇଛନ୍ତି ଏବଂ ଯାତ୍ରା ସ୍ଥଗିତ ରଖିବାକୁ କହିଛନ୍ତି । ପରିସ୍ଥିତିକୁ ବୁଝି ଆମେ ଶାନ୍ତିପୂର୍ଣ୍ଣ ଭାବେ ଯାତ୍ରା କରିବୁ ।

# ବାଣିଜ୍ୟ

PhonePe

ନୂଆଦିଲ୍ଲୀ: ଫୋନ୍ ପେ' ପକ୍ଷରୁ ଏହାର ପ୍ଲାଟ୍‌ଫର୍ମରେ ବାର୍ଷିକ ୫୯ ଟଙ୍କାରୁ ଆରମ୍ଭ ହେଉଥିବା ନୂଆ ଡେଙ୍ଗୁ ଓ ମ୍ୟାଲେରିଆ ବୀମା ଯୋଜନାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି । ଏହି ସୁଲଭ ସ୍ୱାସ୍ଥ୍ୟ କଭରେଜ ପ୍ଲାନ ସମ୍ବାହକ ଓ ବାୟୁ ଦ୍ୱାରା ହେଉଥିବା ରୋଗଗୁଡ଼ିକ ସମ୍ପର୍କିତ ଚିକିତ୍ସା ଖର୍ଚ୍ଚ ପାଇଁ ବାର୍ଷିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କଭରେଜ ଦେଉଛି । ବିଶେଷ କରି ଟିୟର ୨ ଓ ୩ ସହରଗୁଡ଼ିକରେ ଉପଭୋକ୍ତାମାନେ ଯେପରି ଏଭଳି ଅସୁସ୍ଥତାଗୁଡ଼ିକ ଯୋଗୁଁ ଅପ୍ରତ୍ୟାଶିତ ଚିକିତ୍ସା ଖର୍ଚ୍ଚ ବିରୋଧରେ ଆର୍ଥିକ ରୂପେ ସୁରକ୍ଷିତ ରହିବେ ଏହି ବୀମା କଭର ତାହା ସୁନିଶ୍ଚିତ କରୁଛି । ଏହି ପ୍ଲାନ ଫୋନ୍ ପେ' ଉପଭୋକ୍ତାଙ୍କୁ ମ୍ୟାଲେରିଆ, ଡେଙ୍ଗୁ, ଚିକେନଗୁନିଆ, ଫିଲାରିଆସିସ୍, ଜାପାନିଜ୍ ଏନ୍‌ସେଫାଲାଇଟିସ୍, ସ୍ୱାଇନ ଫ୍ଲୁ, ବାର୍ଡ ଫ୍ଲୁ, ଟାଇଫଏଡ, ପଲ୍‌ମୋନାରୀ ଟ୍ୟୁବରକ୍ୟୁଲୋସିସ୍ ଓ ମେନିଂଇଟିସ୍ ଭଳି ୧୦ରୁ ଅଧିକ ସମ୍ବାହକ ଓ ବାୟୁ ଦ୍ୱାରା ହେଉଥିବା ରୋଗଗୁଡ଼ିକ ବିରୋଧରେ ବିସ୍ତୃତ କଭରେଜ ପ୍ରଦାନ କରୁଛି । ଏହି ନୂତନ ଉତ୍ପାଦର ଶୁଭାରମ୍ଭ ସମ୍ପର୍କରେ ଫୋନ୍‌ପେ ଇନ୍‌ସୁରାନ୍ସ ବ୍ରୋକିଂ ସର୍ଭିସେସ୍‌ର ସିଇଓ ବିଶାଲ ଗୁପ୍ତା କହିଛନ୍ତି, ଫୋନ୍ ପେ'ରେ ଆମେ ବୀମାକୁ ସମସ୍ତଙ୍କ ପାଇଁ ସୁଲଭ ଓ ପହଂଚଯୋଗ୍ୟ କରିବା ପାଇଁ ପ୍ରତିବଦ୍ଧ ରହିଛୁ । ଏହି ଉତ୍ପାଦର ଶୁଭାରମ୍ଭ ବର୍ଷ ସାରା ଉପଭୋକ୍ତାଙ୍କୁ ବିସ୍ତୃତ କଭରେଜ ପ୍ରଦାନ କରିବାର ଆମର ପ୍ରତିବଦ୍ଧତାର ଏକ ପ୍ରମାଣ ଅଟେ ।

# କଲ୍ୟାଣ ଜୁଏଲର୍ସ ପକ୍ଷରୁ ନୂଆ ସୋ'ରୁମ୍ ଶୁଭାରମ୍ଭ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତର ସବୁଠୁ ବିଶ୍ୱାସଯୋଗ୍ୟ ଓ ଅଗ୍ରଣୀ ଗହଣା ବ୍ରାଣ୍ଡ୍ କଲ୍ୟାଣ ଜୁଏଲର୍ସ ପକ୍ଷରୁ ଓଡ଼ିଶାର ଝାରସୁଗୁଡ଼ାରେ ନୂଆ ସୋ'ରୁମ୍‌ର ଶୁଭାରମ୍ଭ ଘୋଷଣା କରାଯାଇଛି । ଏହି ଶୁଭାରମ୍ଭ ସହ କଲ୍ୟାଣ ଜୁଏଲର୍ସ ଝାରସୁଗୁଡ଼ା ସହରରେ ପ୍ରବେଶ କରିଥିବା ବେଳେ ଏହାର ଲାଇଫ୍‌ଷ୍ଟାଇଲ୍ ଗହଣା ବ୍ରାଣ୍ଡ୍-କ୍ୟାଣ୍ଡିୟରକୁ ଉନ୍ମୋଚନ କରିଛି । ଅଭିନେତ୍ରୀ ସୋନାକ୍ଷୀ ସିହ୍ନା କହିଛନ୍ତି ଯେ, ନୂଆ କଲ୍ୟାଣ ଜୁଏଲର୍ସ ସୋ'ରୁମ୍ ଉଦଘାଟନ ଅବସରରେ ଏଠାରେ ଉପସ୍ଥିତ ରହି ମୁଁ ଆନନ୍ଦିତ । କଲ୍ୟାଣ ଜୁଏଲର୍ସକୁ ପ୍ରତିନିଧିତ୍ୱ କରିବା ଏକ ସମ୍ମାନର ବିଷୟ । ଏହା ଏକ ବ୍ରାଣ୍ଡ ଯାହା ବିଶ୍ୱାସ, ସ୍ୱଚ୍ଛତା ଏବଂ ଗ୍ରାହକ-କେନ୍ଦ୍ରୀକ ନୀତି ଉପରେ ଦୃଢ଼ ଭାବରେ ଠିଆ ହୋଇଛି । ମୋର ବିଶ୍ୱାସ ଯେ ପୃଷ୍ଠପୋଷକମାନେ କଲ୍ୟାଣ ଜୁଏଲର୍ସକୁ ଉତ୍ସାହର ସହ ସ୍ୱାଗତ କରିବେ ଏବଂ ସେବା ସମର୍ଥିତ ସପିଂ ଅଭିଜ୍ଞତାକୁ ଉପଭୋଗ କରିବେ ଏବଂ କମ୍ପାନି ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ପ୍ରକାରର ଗହଣା ସଂଗ୍ରହର ଅନୁସନ୍ଧାନ କରିବେ । କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରମଣ କହିଛନ୍ତି ଯେ, ଏକ କମ୍ପାନି ଭାବରେ ଆମେ ବିପୁଳ ମାଇଲଖଂଟ୍ ହାସଲ କରିଛୁ ଏବଂ ଗ୍ରାହକଙ୍କ ସପିଂ ଅଭିଜ୍ଞତାକୁ ବଢ଼ାଇବା ପାଇଁ ଏକ ସାମଗ୍ରିକ ଇକୋସିଷ୍ଟମ ସୃଷ୍ଟି କରିବା ଦିଗରେ ପ୍ରମୁଖ ପଦକ୍ଷେପ ନେଇଛୁ । ଆମର ଅଭିବୃଦ୍ଧି ଯାତ୍ରାର ଏହି ପରବର୍ତ୍ତୀ ପର୍ଯ୍ୟାୟ ଆରମ୍ଭ କରୁଥିବା ବେଳେ ଝାରସୁଗୁଡ଼ାରେ ଆମର ନୂତନ ସୋ'ରୁମ୍‌ର ଶୁଭାରମ୍ଭ ଘୋଷଣା କରି ଆମେ ଆନନ୍ଦିତ । ପ୍ରିମିୟମ ଉତ୍ପାଦ ପାଇଁ ଗଢ଼ା ମଜୁରି ଉପରେ ୩୦% ରିହାତି ଲାଗୁ ହେଉଥିବା ବେଳେ ଗହଣା ବ୍ରାଣ୍ଡ ଟେମ୍ପଲ ଓ ଆଣ୍ଟିକ ଗହଣା ପାଇଁ ଗଢ଼ା ମଜୁରି ଉପରେ ୩୫% ରିହାତି ପ୍ରଦାନ କରୁଛି । ସପିଂ ଅଭିଜ୍ଞତାକୁ ଆହୁରି ବଢ଼ାଇବା ପାଇଁ ୩୦ ଗ୍ରାମରୁ କମ୍ ସମସ୍ତ ଗହଣା ସାମଗ୍ରୀରେ ଗଢ଼ା ମଜୁରି ଉପରେ ୨୫% ରିହାତି ମିଳିବ । ଏହା ବ୍ୟତୀତ କଲ୍ୟାଣ ସ୍ପେଶାଲ ଗୋଲ୍ଡ ବୋର୍ଡ ରେଟ୍ ରହିଛି ଯାହା ବଜାରରେ ସର୍ବନିମ୍ନ ଏବଂ ସମସ୍ତ କମ୍ପାନୀ ସୋ'ରୁମ୍ ରେ ମାନକ ଭାବେ ମଧ୍ୟ ଲାଗୁ ହେବ ।

# ରୁଙ୍ଗ୍‌ଟା ଷ୍ଟିଲ୍ ପକ୍ଷରୁ ଶାହରୁଖ୍, ଆଲିଆ ଓ ରଣବୀରଙ୍କୁ ନେଇ ନୂଆ ବିଜ୍ଞାପନ

ମୁମ୍ବାଇ: ଦେଶର ଅନ୍ୟତମ ଅଗ୍ରଣୀ ଇସ୍ପାତ ଓ ସମନ୍ୱିତ ଟିଏମ୍‌ଟି ବାର୍ ନିର୍ମାତା ରୁଙ୍ଗଟା ଷ୍ଟିଲ୍ ପକ୍ଷରୁ ବଲିଉଡ୍ ତାରକା ତଥା ବ୍ରାଣ୍ଡ୍ ଆମ୍ବାସାଡର ଶାହରୁଖ ଖାନ, ଆଲିଆ ଭଟ୍ଟ ଓ ରଣବୀର କପୁରଙ୍କୁ ନେଇ ପଞ୍ଚମ ଟିଭି ବିଜ୍ଞାପନ ଉନ୍ମୋଚନ କରାଯାଇଛି । ଏକ ବିବାହ କାଉନ୍‌ସିଲିଙ୍ଗ ଅଧିବେଶନ ଉପରେ ଆଧାରିତ ଏହି ବିଜ୍ଞାପନରେ ଥେରାପିଷ୍ଟ ଭୂମିକାରେ ଥିବା ଶାହରୁଖଙ୍କଠାରୁ ପରାମର୍ଶ ଚାହୁଁଛନ୍ତି । ଆଲିଆଙ୍କୁ ଏଥିରେ ଗଲି ବଏ ସିନେମାର ସଫିନା ଭୂମିକାରେ ଦେଖିବାକୁ ମିଳୁଛି ଯିଏ ଯେ ଜୱାନି ହେ ଦିୱାନୀର ବନି ସହିତ ସାମ୍ନାସାମ୍ନି ହେଉଛନ୍ତି । ଡିୟର ଜିନ୍ଦଗୀର ଜାହାଙ୍ଗୀର ଭୂମିକାରେ ଥିବା ଶାହରୁଖଙ୍କ ପାଖକୁ ସେ ପରାମର୍ଶ ପାଇଁ ଯାଉଛନ୍ତି । ଟିଭି ବିଜ୍ଞାପନରେ ନିଜର ଅସନ୍ତୋଷ ଜାହିର କରି ରଣବୀର କହୁଛନ୍ତି ଯେ ଘର ରହିବା ପାଇଁ ସୁରକ୍ଷିତ ସ୍ଥାନ ନୁହେଁ । ସେଦିନ ସୂର୍ଯ୍ୟାସ୍ତ ଦେଖିବାକୁ ଛାତ ଉପରେ ଚଢ଼ିଥିଲି ଆଉ ଛାତ ଭାଙ୍ଗିଗଲା । ତାହାର ଉତ୍ତରରେ ଆଲିଆ କହୁଛନ୍ତି କାନ୍ଥରେ ରକ୍ କ୍ଲାଇମ୍ବିଂ କରିବା ଲାଗି କିଏ କହିଥିଲା ? ଏହାପରେ ଶାହରୁଖ କହୁଛନ୍ତି, ଏହାକୁ ଯଦି ଘରେ ଲଗାଇବ ତେବେ ବିବାହ କଥା ଜଣାନାହିଁ, କିନ୍ତୁ ଘର କେବେ ଭାଙ୍ଗିବ ନାହିଁ । ରୁଙ୍ଗଟା ନାହିଁ ତ ଘର ଦୃଢ଼ ନାହିଁ ବୋଲି ସେ କହୁଛନ୍ତି । ଏହି ଅବସରରେ ରୁଙ୍ଗଟା ଷ୍ଟିଲ୍‌ର ଯୁଗ୍ମ ଉପସଭାପତି ଓ ମୁଖ୍ୟ ଅରବିନ୍ଦ କୁମାର କହିଛନ୍ତି ଯେ, ଆମର ସର୍ବଦା ଉଦ୍ୟମ ହେଉଛି ଏଭଳି ଏକ ଅଭିଯାନ ସୃଷ୍ଟି କରିବା ଯାହା ଆଜିର ଦର୍ଶକମାନଙ୍କ ସହ ବେଶ୍ ଭଲ ଭାବେ ଯୋଡ଼ି ହେଉଥିବ ଏବଂ ଆମର ଉତ୍ପାଦର ଅତୁଳନୀୟ ବିଶ୍ୱାସ ଓ ଦୀର୍ଘସ୍ଥାୟିତ୍ୱକୁ ପ୍ରଦର୍ଶିତ କରୁଥିବ ।

# ଜିନ୍ଦଲ ଷ୍ଟେନ୍‌ଲେସ୍‌କୁ ଇଣ୍ଡିଆ ଗ୍ରୀନ୍ ମ୍ୟାନୁଫାକ୍‌ଚରିଂ ଚ୍ୟାଲେଞ୍ଜରେ ସ୍ୱର୍ଣ୍ଣ ପୁରସ୍କାର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦଶମ-ଇଣ୍ଡିଆ ଗ୍ରୀନ୍ ଉତ୍ପାଦନ ଚ୍ୟାଲେ (ଆଇଜିଏମ୍‌ସି)ରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ହିସାର ୟୁନିଟକୁ ସମ୍ମାନଜନକ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି । ମୁମ୍ବାଇର ଆଇଟିସି ମରାଠା ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହା ପରିବେଶ ଉପରେ କୁପ୍ରଭାବକୁ ହ୍ରାସ କରିବା ଏବଂ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ସହ ସ୍ଥାୟୀ ଅଭ୍ୟାସକୁ ଆପଣାଇବା ଦିଗରେ ଜିନ୍ଦଲ ଷ୍ଟେନଲେସର ପ୍ରତିବଦ୍ଧତାକୁ ଦର୍ଶାଉଛି । ଇଣ୍ଡିଆ ଗ୍ରୀନ୍ ଉତ୍ପାଦନ ଚ୍ୟାଲେ ଉତ୍ପାଦନ କ୍ଷେତ୍ରରେ ସ୍ଥାୟୀ ଏବଂ ସବୁଜ ଅଭ୍ୟାସ ଗ୍ରହଣ କରି ଉତ୍ତମ ପ୍ରଦର୍ଶନ କରିଥିବା କମ୍ପାନୀଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରେ । କମ୍ପାନୀଗୁଡ଼ିକ ଆଇଜିଏମସି ପ୍ଲାଟଫର୍ମ ମାଧ୍ୟମରେ ସଷ୍ଟେନେବିଲିଟି ପ୍ରୟାସରେ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ତାଲିମ, ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ମାଧ୍ୟମରେ ନିରନ୍ତର ଉନ୍ନତି କରିବା ପାଇଁ ଚେଷ୍ଟା କରନ୍ତି । ଏହି ପୁରସ୍କାର ଉପରେ ଆଲୋକପାତ କରି ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଏହି ସମ୍ମାନଜନକ ସଷ୍ଟେନେବିଲିଟି ପୁରସ୍କାର ପାଇ ଆମେ ଗର୍ବିତ, ଏହା ପରିବେଶ ପରିଚାଳନା ଦାୟିତ୍ୱ କ୍ଷେତ୍ରରେ ଆମର ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ ଅଟେ । ହିସାରର ବରିଷ୍ଠ ଉପାଧ୍ୟକ୍ଷ ତଥା ଜିନ୍ଦଲ ଷ୍ଟେନଲେସ୍ ହିସାର୍ ଉତ୍ପାଦନ ୟୁନିଟର ମୁଖ୍ୟ ବିଜୟ କୁମାର ବିନ୍ଦଲିଶ କହିଛନ୍ତି, ଏହି ମାନ୍ୟତା ପାଇବା, ହିସାର ଉତ୍ପାଦନ ୟୁନିଟରେ ଆମ ଦଳ ପାଇଁ ଏକ ଗର୍ବର ମୁହୂର୍ତ୍ତ । ସବୁଜ ଉତ୍ପାଦନରେ ପଥ ପ୍ରଦର୍ଶକ ସାଜିବା ଦିଗରେ ଏହା ଆମର ସାମୂହିକ ପ୍ରୟାସ ଏବଂ ଦୃଢ଼ ସଂକଳ୍ପକୁ ପ୍ରତିଫଳିତ କରେ ।

# ବୀମା କଭରେଜ୍ ବିସ୍ତାର କରିଛି ପିବିପାର୍ଟନର୍ସ

pbpartners.com #EK RISHTA BHAROSE KA

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପଲିସି ବାଜାର ଅଧିନସ୍ଥ ଏକ ବ୍ରାଣ୍ଡ, ପିବିପାର୍ଟନର୍ସ ଏଜେଂଟ ଅଂଶୀଦାରମାନଙ୍କର ଏକ ଶକ୍ତିଶାଳୀ ନେଟୱାର୍କକୁ ଆକର୍ଷିତ କରିଛି, ଯାହା ମୋଟର ବୀମା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି । ଓଡ଼ିଶା ଭଳି ପ୍ରମୁଖ ବଜାର ଏବଂ ଭୁବନେଶ୍ୱର ଭଳି ସହରରେ ରଣନୈତିକ ଭାବେ ବିସ୍ତାର କରି ଏହା ଛୋଟ ସହର, ଗାଁ ଓ ତାଲୁକା ସମେତ ଅନୁନ୍ନତ ଅଂଚଳରେ ଗୁରୁତ୍ୱପୂର୍ଣ୍ଣ ବୀମା କଭରେଜ୍ ବିସ୍ତାର କରିଛି । ଏହା ପାରମ୍ପରିକ ବୀମାକର୍ତ୍ତାମାନଙ୍କ ଦ୍ୱାରା ପ୍ରାୟତଃ ଅବହେଳିତ ସମ୍ପ୍ରଦାୟଗୁଡ଼ିକ ଯେଭଳି ସୁଲଭ ଏବଂ ବ୍ୟାପକ ସୁରକ୍ଷା ପାଇପାରିବେ ତାହା ସୁନିଶ୍ଚିତ କରୁଛି । ପିବି ପାର୍ଟନରର ମୋଟର ବୀମା ବ୍ୟବସାୟରେ ମଧ୍ୟ ଅବିଶ୍ୱସନୀୟ ବାର୍ଷିକ ଅଭିବୃଦ୍ଧି ଦେଖିବାକୁ ମିଳିଛି । ଅତ୍ୟାଧୁନିକ ଜ୍ଞାନକୌଶଳ, ପ୍ରତିଯୋଗିତାମୂଳକ ଉତ୍ପାଦ ଅଫର ଏବଂ ଏକ ଅନନ୍ୟ ଏଜେଣ୍ଟ ପାର୍ଟନର-କେନ୍ଦ୍ରିକ ଆଭିମୁଖ୍ୟ ଦ୍ୱାରା ଏହି ଉଲ୍ଲେଖନୀୟ ଅଭିବୃଦ୍ଧି ସମ୍ଭବ ହୋଇଛି । ଏସମ୍ପର୍କରେ ପିବିପାର୍ଟନର୍ସରେ ମୋଟର ବିୟୁର ନ୍ୟାଶନାଲ ସେଲ୍‌ସ ହେଡ ଅମିତ ଭଦୋରିଆ କହିଛନ୍ତି, ଟିୟର-୨ ଓ ଟିୟର-୩ ସହରଗୁଡ଼ିକରେ ଆମର ରଣନୈତିକ ସମ୍ପ୍ରସାରଣ, ବିଶେଷ କରି ମୋଟର ବୀମା କ୍ଷେତ୍ର ମଧ୍ୟରେ ଆମର ପ୍ରଭାବୀ ଅଭିବୃଦ୍ଧି କ୍ଷେତ୍ରରେ ଏକ ପ୍ରମୁଖ କାରକ ଅଟେ । ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଓ ରଣନୈତିକ ବଜାର ଭାବେ ଉଭା ହୋଇଛି । ଖୋର୍ଦ୍ଧା, କଟକ, ଅନୁଗୁଳ ଓ ସମ୍ବଲପୁର ଭଳି ଅଂଚଳଗୁଡ଼ିକରେ ଏକ ମଜବୁତ ଉପସ୍ଥିତି ସହିତ ପିବିପାର୍ଟନର୍ସ ଦ୍ରୁତ ବେଗରେ ନିଜର ଉପସ୍ଥିତିକୁ ମଜବୁତ କରିଛି ।

# ୧୦ ଭାଷାରେ ବିଟ୍‌କଏନ୍ ହ୍ୱାଇଟ୍ ପେପର୍ ଉପଲବ୍ଧ କରିଛି କଏନ୍ ସ୍ୱିଚ୍

ମୁମ୍ବାଇ: ଭାରତର ସର୍ବବୃହତ କ୍ରିପ୍ଟୋ ଟ୍ରେଡିଙ୍ଗ୍ ପ୍ଲାଟ୍‌ଫର୍ମ କଏନସ୍ୱିଚ୍, ସେମିନାଲ ବିଟ୍‌କଏନ (ବିଟିସି) ହ୍ୱାଇଟପେପରକୁ ୧୦ଟି ଭାରତୀୟ ଆଞ୍ଚଳିକ ଭାଷାରେ ଅନୁବାଦ କରି କ୍ରିପ୍ଟୋ ସୂଚନାକୁ ଗଣତାନ୍ତ୍ରିତ କରିଛି । ବିଟ୍‌କଏନର ମୌଳିକ ସିଦ୍ଧାନ୍ତକୁ ନିଜ ମାତୃଭାଷାରେ ଲୋକମାନଙ୍କ ନିକଟକୁ ଆଣି ଲକ୍ଷ ଲକ୍ଷ ଲୋକଙ୍କୁ ସଶକ୍ତ କରିବା ହେଉଛି ଏହି ପଦକ୍ଷେପର ଲକ୍ଷ୍ୟ । ଏହି ପଦକ୍ଷେପ ସମ୍ପର୍କରେ କଏନସ୍ୱିଚ୍‌ର ବିଜ୍‌ନେସ୍ ହେଡ୍ ବାଲାଜୀ ଶ୍ରୀହରୀ କହିଛନ୍ତି, ବିଟ୍‌କଏନ ହ୍ୱାଇଟପେପର ହେଉଛି କ୍ରିପ୍ଟୋ ବିପ୍ଳବର ମୂଳଦୁଆ । ଏହାକୁ ଆଞ୍ଚଳିକ ଭାଷାରେ ଉପଲବ୍ଧ କରାଇ ଆମେ ସଚେତନତା ବୃଦ୍ଧି କରିବା, ଉପଭୋକ୍ତାଙ୍କୁ ସୂଚନା ସହ ସଶକ୍ତ କରିବା ଏବଂ କ୍ରିପ୍ଟୋକୁ ନେଇ ରହିଥିବା ଭୁଲ ଧାରଣାକୁ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛୁ । ଏହି ପଦକ୍ଷେପ ହେଉଛି ଏକ କ୍ରିପ୍ଟୋ-ପ୍ରସ୍ତୁତ ଭାରତ ନିର୍ମାଣ କରିବା ପାଇଁ ଆମର ବିଦ୍ୟମାନ ପ୍ରୟାସର ଏକ ଅଂଶବିଶେଷ, ଯେଉଁଠାରେ ବ୍ୟାପକ ଗ୍ରହଣୀୟତା ପାଇଁ ଭାଷା ଆଉ ଏକ ପ୍ରତିବନ୍ଧକ ହୋଇ ରହିନାହିଁ । ଏହି ପଦକ୍ଷେପ ଲୋକମାନଙ୍କୁ ଅନ୍ଧ ଭାବରେ ବଜାର ଟ୍ରେଣ୍ଡକୁ ଅନୁସରଣ ନକରି ସୂଚିନ୍ତିତ ନିଷ୍ପତି ନେବା ପାଇଁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି ।

# ଟିସିଏସ୍ ଇନ୍‌କ୍ୱିଜିଟିଭ୍‌ର ଜାତୀୟ ବିଜେତା ହେଲେ ଆଦିତ୍ୟ କେବି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ପକ୍ଷରୁ ଏହାର ପ୍ରମୁଖ ଆନ୍ତଃବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା ଟିସିଏସ୍ ଇନ୍‌କ୍ୱିଜିଟିଭ୍ ୨୦୨୪ର ବିଜେତା ଘୋଷଣା କରାଯାଇଛି । କେରଳର ଥ୍ରିସୁର ସ୍ଥିତ ବିଜୟଗିରି ପବ୍ଲିକ୍ ସ୍କୁଲ୍‌ର ନବମ ଶ୍ରେଣୀ ଛାତ୍ର ଆଦିତ୍ୟ କେବି ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଜାତୀୟ ଚମ୍ପିଆନ୍ ହୋଇଛନ୍ତି । ଭୁବନେଶ୍ୱରର ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ର ଦିବ୍ୟଜ୍ୟୋତି ସେନାପତି ପ୍ରଥମ ଉପ ବିଜେତା ହୋଇଥିବା ବେଳେ ତାମିଲନାଡୁର ଚେନ୍ନାଇ ସ୍ଥିତ ଏଏମ୍‌ଏମ୍ ସ୍କୁଲ୍‌ର ଆର୍ଯ୍ୟନ ଘୋଷ ଦ୍ୱିତୀୟ ଉପ ବିଜେତା ହୋଇଛି । ଟିସିଏସ୍ ଇନ୍‌କ୍ୱିଜିଟିଭ୍ ୨୦୨୪ରେ ସାରା ଭାରତର ୭୦୦ରୁ ଅଧିକ ସ୍କୁଲ୍‌ର ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତର ୧୦,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଟିସିଏସ୍‌ର ମୁଖ୍ୟ ବିତ ଅଧିକାରୀ ସମୀର ସେକସାରିଆ କହିଛନ୍ତି ଯେ, ଚଳିତ ବର୍ଷ ଟିସିଏସ୍ ଇନ୍‌କ୍ୱିଜିଟିଭ୍‌ର ପ୍ରତିଭାମାନଙ୍କୁ ଦେଖି ମୁଁ ଉଲ୍ଲସିତ । ଅଷ୍ଟମରୁ ଦ୍ୱାଦଶ ପର୍ଯ୍ୟନ୍ତ ଶ୍ରେଣୀ ଛାତ୍ରଛାତ୍ରୀମାନେ ଜ୍ଞାନ, ବିଶ୍ୱାସ ଓ ଉତ୍ସାହର ଅତୁଳନୀୟ ଗଭୀରତା ପ୍ରଦର୍ଶନ କରିଥିବା ବେଳେ ଆମକୁ ଶିଖିବା ଓ ଗ୍ରହଣ କରିବା ଲାଗି ଅନୁପ୍ରାଣିତ କରିଥିଲେ ।

# ଶ୍ରୀରାମ ଫାଇନାନ୍ସ ଶୁଭାରମ୍ଭ କଲା 'ଟୁଗେଦର୍ ୱି ସୋର୍'

ମୁମ୍ବାଇ: ଶ୍ରୀରାମ ଗ୍ରୁପ୍‌ର ଫ୍ଲାଗସିପ କମ୍ପାନୀ ତଥା ଭାରତର ଅନ୍ୟତମ ଅଗ୍ରଣୀ ଆର୍ଥିକ ସେବା ଯୋଗାଣକାରୀ ଶ୍ରୀରାମ ଫାଇନାନ୍ସ ଲିମିଟେଡ ଟୁଗେଦର୍ ୱି ସୋର୍' ଶୀର୍ଷକରେ ଏକ ପ୍ରେରଣାଦାୟୀ ନୂଆ ବ୍ରାଣ୍ଡ୍ ପ୍ରଚାର ଅଭିଯାନ ଆରମ୍ଭ କରିଛି । ଏହି ପ୍ରଚାର ଅଭିଯାନ ଆକାଂକ୍ଷୀ ଭାରତ ସହିତ ସହଭାଗୀ ହେବାକୁ ଶ୍ରୀରାମ ଫାଇନାନ୍ସର ପ୍ରତିବଦ୍ଧତା ପ୍ରତିଫଳିତ କରୁଛି ଏବଂ ସଂଯୋଗ ଓ ଏକତାର ଶକ୍ତି ସମ୍ପର୍କରେ ଆଲୋକପାତ କରୁଛି । ସମ୍ପ୍ରତି ଅନେକ ଭାରତୀୟ ତେବେ କ'ଣ ହେଲା ଭାବନାକୁ ଆପଣାଉଛନ୍ତି, ଯାହା ସଫଳତା ନିମନ୍ତେ ସେମାନଙ୍କ ଯାତ୍ରାରେ ଯେକୌଣସି ଚାଲେଞ୍ଜ ଅତିକ୍ରମ କରିବାକୁ ସେମାନଙ୍କ ଆକାଂକ୍ଷାକୁ ପ୍ରତିଫଳିତ କରୁଛି । ପ୍ରଚାର ଅଭିଯାନ ଏଭଳି ଉତ୍ସାହକୁ ନେଇ ଆଗେଇବା ଏବଂ ଆଗକୁ ବଢ଼ିବା ନିମନ୍ତେ ରାହୁଲ ଦ୍ରାବିଡଙ୍କ ନିଜ ଜୀବନର କିଛି କଥାକୁ ନେଇ ସହଭାଗୀତା ସମ୍ପର୍କରେ ବର୍ଣ୍ଣନା କରିବା ଲକ୍ଷ୍ୟ ରଖୁଛି । ଏଥିରେ ସ୍ପଷ୍ଟ ବାର୍ତ୍ତା ରହିଛି ଏକତ୍ରଭାବରେ ଆମେ ଆଗକୁ ବଢ଼ୁ । ଆମ ଗ୍ରାହକମାନଙ୍କ ସହିତ ମଜଭୁତ ସମ୍ପର୍କ ନିର୍ମାଣକରି, ଆମେ ସେମାନଙ୍କୁ ସେମାନଙ୍କ ସ୍ୱପ୍ନ ସାକାର କରିବା ନିମନ୍ତେ ସେମାନଙ୍କ ଶକ୍ତି ହାସଲ ଦିଗରେ ସହାୟକ ହେଉଛୁ । କ୍ରିକେଟ ଜଗତର କିମ୍ବଦନ୍ତୀ ପୁରୁଷ ରାହୁଲ ଦ୍ରାବିଡ ବ୍ରାଣ୍ଡ ଆମ୍ବାସାଡର ଭାବରେ ଦେଖିବାକୁ ମିଳୁଛି, ଯିଏ ଦଳଗତ କାର୍ଯ୍ୟ ଏବଂ ମଜଭୁତପଣ ମୂଲ୍ୟବୋଧ ବହନ କରୁଛନ୍ତି ଏବଂ ଶ୍ରୀରାମ ଫାଇନାନ୍ସ ମଧ୍ୟ ସେଥିପାଇଁ ଛିଡାହୋଇଛି । ତାଙ୍କର ଉପସ୍ଥିତି ଅଭିବୃଦ୍ଧିକୁ ପ୍ରେରଣା ଦେଉଥିବା ସହଭାଗୀତାକୁ ପୃଷ୍ଠପୋଷକତା କରିବା ନିମନ୍ତେ ବ୍ରାଣ୍ଡର ପ୍ରତିବଦ୍ଧତାକୁ ଅଧିକ ସୁଦୃଢ କରୁଛି ।



ପାରାଦୀପ (ଭାସ୍କର ନ୍ୟୁଜ): ପାରାଦୀପ ମିଡ଼ିଆ କ୍ରିକେଟ୍ ଟିମ୍ ଓ ଏଲ୍‌ଆଣ୍ଡଟି ଜିଓ ଷ୍ଟ୍ରକ୍ଚର ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ରବିବାର ଦିନ ସ୍ଥାନୀୟ ଜୟଦେବ ସଦନ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ସୀମିତ ୧୦ ଓଭର ବିଶିଷ୍ଟ ମ୍ୟାଚ ରେ ମିଡ଼ିଆ ଟିମ ର ଅଧିନାୟକ ପ୍ରଶାନ୍ତ କୁମାର ସ୍ୱାଇଁ ଓ ଏଲ୍‌ଆଣ୍ଡଟି ଜିଓ ଟିମ ର ଅଧିନାୟକ ବିଜୟ ଜୟରାଜ ଙ୍କ ନେତୃତ୍ୱରେ ଆୟୋଜିତ ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ପାରାଦୀପ ମିଡ଼ିଆ କ୍ରିକେଟ୍ ଟିମ୍ ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା । ନିର୍ଦ୍ଧାରିତ ୧୦ ଓଭରରେ ଦଳ ତାର ମୁଲ୍ୟବାନ ୬ ଉଇକେଟ୍ ହରାଇ ରାକେଶ ପଟନାୟକ ଓ ସତ୍ୟ ପରିଡ଼ା ଙ୍କ ଯୋଡି ୧୯୯ ରନ୍ ସଂଗ୍ରହ କରିଥିଲା । ଦ୍ୱିତୀୟ ଇଂନିସ୍ ରେ ଏଲ୍‌ଆଣ୍ଡଟି ଜିଓ ଷ୍ଟ୍ରକ୍ଚର ୧୯୯ ରନ୍ କୁ ପିଛା କରି ୧ ଉଇକେଟ୍ ବିନିମୟରେ ମାତ୍ର ୯ ଓଭର ୨ ଟି ବଲରେ ୨୦୨ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା । ଏଲ୍‌ଆଣ୍ଡଟି ର ଅଜିତ୍ ମିଶ୍ର, ଅଭିନାଶ ପାଣ୍ଡେ ଓ ସନ୍ତୋଷ ପ୍ରଧାନ ଙ୍କ ଦ୍ୱାରା ଧୂଆଁ ଧାର ବ୍ୟାଟିଂ ପ୍ରଦର୍ଶନ ଦେଖିବାକୁ ମିଳିଥିଲା । ବନ୍ଧୁତାପୂର୍ଣ୍ଣ ଏହି ମ୍ୟାଚରେ ଦୁଇ ଅମ୍ପାୟାର ଆଲୋକ ମହାପାତ୍ର ଓ ବିକାଶ ବିଶ୍ୱାଳ ଖେଳକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ତେବେ ନିୟମିତ ବ୍ୟବଧାନରେ ପାରାଦୀପ ମିଡ଼ିଆ କ୍ରିକେଟ ଟିମ ଦ୍ୱାରା ଏପରି କ୍ରିକେଟ ମ୍ୟାଚ ଆୟୋଜନ କୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ଅଣ୍ଡର ୧୯ ଏସିଆ କପ୍
# ଭାରତର ଏକତରଫା ବିଜୟ



ନୂଆଦିଲ୍ଲୀ: ୩୪୦ ରନର ବିଶାଳ ଟାର୍ଗେଟକୁ ପିଛା କରୁଥିବା ଜାପାନ ୫୦ ଓଭରରେ ୮ ୱିକେଟ ହରାଇ କେବଳ ୧୨୮ ରନ କରିପାରିଛି । ଭାରତ ଏହି ମ୍ୟାଚକୁ ୨୧୧ ରନରେ ଜିତି ପଏଣ୍ଟ ଟେବୁଲରେ ଖାତା ଖୋଲି ପାରିଛି । ୟୁଏଇରେ ଚାଲିଥିବା ଅଣ୍ଡର ୧୯ ଏସିଆ କପରେ ପ୍ରଥମ ବିଜୟ ହାସଲ କରିଛି ଭାରତୀୟ । ପ୍ରଥମ ମ୍ୟାଚ୍‌ରେ ଚୀର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଠାରୁ ହାରିଥିବା ଭାରତୀୟ ଟିମ ଆଜି ଅପେକ୍ଷାକୃତ ଦୁର୍ବଳ ଜାପାନକୁ ଏକତରଫା ଭାବେ ହରାଇ ଦେଇଛି । ୩୪୦ ରନର ବିଶାଳ ଟାର୍ଗେଟକୁ ପିଛା କରୁଥିବା ଜାପାନ ୫୦ ଓଭରରେ ୮ ୱିକେଟ ହରାଇ କେବଳ ୧୨୮ ରନ କରିପାରିଛି । ଭାରତ ଏହି ମ୍ୟାଚକୁ ୨୧୧ ରନରେ ଜିତି ପଏଣ୍ଟ ଟେବୁଲରେ ଖାତା ଖୋଲି ପାରିଛି । ତଥାପି ନିଜ ଗ୍ରୁପରେ ଦଳ ତୃତୀୟ ସ୍ଥାନରେ ରହିଛି । ୨ଟି ମ୍ୟାଚ୍‌ରୁ ଦୁଇଟି ବିଜୟ ସହ ପାକିସ୍ତାନ ୧ ନଂରେ ଥିବା ବେଳେ ୟୁଏଇ ଦ୍ୱିତୀୟ ସ୍ଥାନରେ ଓ ଭାରତ ତୃତୀୟ ସ୍ଥାନରେ ରହିଛି । ଗ୍ରୁପ ପର୍ଯ୍ୟାୟର ଶେଷ ମ୍ୟାଚ୍‌ରେ ଭାରତ ମୁକାବିଲା ୟୁଏଇ ସହ ହେବ । ଏହି ମ୍ୟାଚର ବିଜେତା ସେମି ଫାଇନାଲକୁ ଯିବ । ଜାପାନ ବିପକ୍ଷ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମ ବ୍ୟାଟିଂ କରୁଥିବା ଭାରତୀୟ ଟିମ ଅଧିନାୟକ ମହମ୍ମଦ ଅମନଙ୍କ ଅପରାଜିତ ୧୨୨ ରନ, ଆୟୁଷ ମହାତ୍ରେଙ୍କ ୫୪ ଓ କେପି କାର୍ତ୍ତିକେୟଙ୍କ ୫୭ ରନ ବଳରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ ହରାଇ ୩୩୯ ରନ କରିଥିଲା । ଆଇପିଏଲରେ ସର୍ବକନିଷ୍ଠ ଖେଳାଳି ଭାବେ ୧.୧୦ କୋଟି ଟଙ୍କାରେ କିଣା ହୋଇଥିବା ୧୩ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଆଜି ପୁଣି ସମସ୍ତଙ୍କୁ ନିରାଶ କରିଛନ୍ତି । ସେ ପାକିସ୍ତାନ ବିପକ୍ଷରେ ୧ ରନ କରିଥିବା ବେଳେ ଆଜି ୨୩ ରନ କରି ଆଉଟ ହୋଇଛନ୍ତି । ତଥାପି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୩୩୯ ରନ କରିନେଇଥିଲା । ୩୪୦ ରନର ପିଛା କରୁଥିବା ଦୁର୍ବଳ ଜାପାନ ୫୦ ରନରେ ପ୍ରଥମ ୱିକେଟ ହରାଇଥିଲା । ନିହାର ପାରମର ୧୪ ରନ ଆଉଟ ହୋଇଥିଲେ । ଜାପାନର ଅଧିନାୟକ କୋଜି ଆବେ ଖାତା ଖୋଲି ପାରି ନଥିବା ବେଳେ କାଜୁମା କାଟୋ ଷ୍ଟାଫୋର୍ଡ କେବଳ ୮ ରନ କରିଥିଲେ । ଓପନର ହୁଗୋ କେଲୀ ୫୦ ରନ କରିଥିଲେ ହେଁ ହାର୍ଦ୍ଦିକ ରାଜଙ୍କ ବଲରେ ଷ୍ଟମ୍ପିଂ ହୋଇଯାଇଥିଲେ । ଚାର୍ଲସ ହିଞ୍ଜେ ଶେଷ ଯାଏ ଅପରାଜିତ ରହି ୩୫ ରନର ଇନିଂସ ଖେଳିଥିଲା ବେଳେ ତାଙ୍କୁ ଅନ୍ୟମାନେ କେହି ବି ସାଥ ଦେଇ ନଥିଲେ । ଟି ମୋରେ ୧, ଆଦିତ୍ୟ ଫାଡେକ ୯, କେ ଲେକ ୧ ଓ ମାକ୍ସ ଲିନ ଖାତା ଖୋଲିବାକୁ ସକ୍ଷମ ହୋଇ ନଥିଲେ । ଜାପାନ ସେଟେଟୋ ଆଖି ଦୃଶିଆ ବ୍ୟାଟିଂ କରି ନଥିଲେ ହେଁ ଭାରତୀୟ ବୋଲରମାନେ ଅଲଆଉଟ କରିବାକୁ ସକ୍ଷମ ହୋଇ ନଥିଲେ । ଜାପାନ ପୂରା ୫୦ ଓଭର ବ୍ୟାଟିଂ କରିବା ସହ ୮ ୱିକେଟ ହରାଇ ୧୨୮ ରନ କରିଛି । ଭାରତ ପକ୍ଷରୁ ଚେତନ ଶର୍ମା, ହାର୍ଦ୍ଦିକ ରାଜ ଓ କେପି କାର୍ତ୍ତିକେୟ ୨ଟି ଲେଖାଏ ୱିକେଟ ନେଇଥିଲା ବେଳେ ଯୁଦ୍ଧଜିତ ଗୁହା ଗୋଟିଏ ସଫଳତା ପାଇଛନ୍ତି । ଗୋଟିଏ ୱିକେଟ ରନ ଆଉଟରୁ ମିଳିଛି ।

## କିଟ୍‌ରେ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ବାଇଲାଟେରାଲ୍ କ୍ରିକେଟ୍ ଶୃଙ୍ଖଳା ଉଦ୍‌ଘାଟିତ
# ପ୍ରଥମ ଟି-୨୦ରେ ଅଷ୍ଟ୍ରେଲିଆ ୫ ରନ୍‌ରେ ବିଜୟୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): କିଟ୍ କ୍ରିକେଟ୍ ଷ୍ଟାଡିୟମରେ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ବାଇଲାଟେରାଲ୍ କ୍ରିକେଟ୍ ଶୃଙ୍ଖଳା ଆଜି ଉଦ୍‌ଘାଟିତ ହୋଇଯାଇଛି । ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ, କିଟ୍ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା କ୍ରିକେଟ ଆସୋସିଏସନ୍ ମିଳିତ ଆନୁକୂଲ୍ୟରେ ହେଉଥିବା ଏହି କ୍ରିକେଟ୍ ଶୃଙ୍ଖଳାକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିଲେ । ପ୍ରଥମ ଥର ଲାଗି କିଟ୍ ବିଶ୍ୱବିଦ୍ୟାଳୟରେ ଏଭଳି ବାଇଲାଟେରାଲ୍ କ୍ରିକେଟ୍ ଶୃଙ୍ଖଳା ଆୟୋଜିତ ହେଉଥିବା ବେଳେ ଏଥିରେ ଭାରତ ଓ ଅଷ୍ଟ୍ରେଲିଆ ଯୋଗ ଦେଇଛନ୍ତି । ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଅଷ୍ଟ୍ରେଲିଆର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ବଛାବଛା ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି । ଶୃଙ୍ଖଳାରେ ଡିସେମ୍ବର ୨ ଓ ୩ ତାରିଖରେ ତିନୋଟି ଟି-୨୦ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ଡିସେମ୍ବର ୫ ତାରିଖରେ ୫୦ ଓଭର ବିଶିଷ୍ଟ ଗୋଟିଏ ଦିନିକିଆ ମ୍ୟାଚ୍ ଖେଳାଯିବ । କିଟ୍ ପକ୍ଷରୁ ସମସ୍ତ ଖେଳାଳି, କୋଚ ଓ ଅଫିସିଆଲ୍‌ଙ୍କ ରହିବା ଓ ଆତିଥ୍ୟ ପ୍ରଦାନ କରାଯାଉଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର କ୍ରୀଡ଼ା ଯୁଗ୍ମ ସମ୍ପାଦକ ପ୍ରଫେସର ବଳଜିତ୍ ସିଂହ ଶେଖାଓଁ, ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂଘର କାର୍ଯ୍ୟକାରିଣୀ ସଦସ୍ୟ ତଥା ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଚେୟାର ଡାଭିଡ୍ ଆଷ୍ଟନ ସମୁଡ୍ ଓ କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଆଜି ଭାରତ ଟସ୍ ? ଜିଣି ପ୍ରଥମେ ଫିଲ୍‌ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୧୯.୪ ଓଭରରେ ୧୪୯ ରନ୍ ସଂଗ୍ରହ କରିଥିବା ବେଳେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ବିନିମୟରେ ୧୪୪ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୫ ରନ୍‌ରେ ବିଜୟୀ ହୋଇଥିଲା । ଅଷ୍ଟ୍ରେଲିଆ ଦଳର ଅଧିନାୟକ କାଭି ସାଇନିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ଆସନ୍ତା କାଲି ଉଭୟ ଦଳ ମଧ୍ୟରେ ୨ଟି ମ୍ୟାଚ୍ ? ଅନୁଷ୍ଠିତ ହେବ । ସକାଳ ୯.୩୦ ଓ ସନ୍ଧ୍ୟା ୫ଟା ୩୦ ମିନିଟ୍‌ରେ ଗୋଟିଏ ଲେଖାଏଁ ଟି-୨୦ ମ୍ୟାଚ୍ ଖେଳାଯିବ ।

# ଚାମ୍ପିଅନ୍ସ ଟ୍ରଫି: ପାକିସ୍ତାନର ସର୍ତ୍ତ ମାନିବାକୁ ବିସିସିଆଇ ଅରାଜି !

ନୂଆଦିଲ୍ଲୀ: ଚାମ୍ପିୟନ୍ସ ଟ୍ରଫି ୨୦୨୫ ଖେଳିବା ପାଇଁ ଭାରତୀୟ ଟିମ ପାକିସ୍ତାନ ଯିବାକୁ ମନା କରିବା ପରେ ଏହାକୁ ନେଇ ବିଭିନ୍ନ ପ୍ରକାରର ରିପୋର୍ଟ ପ୍ରକାଶ ପାଇବାରେ ଲାଗିଛି । ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ବିବାଦକୁ ନେଇ ଆଇସିସି ଚାପରେ ରହିଛି । ବିବାଦର ସମାଧାନ ପାଇଁ ଆଇସିସି ପକ୍ଷରୁ ପିସିବିକୁ ହାଇବ୍ରିଡ ଫର୍ମୁଲା ଦିଆଯାଇଛି । ଏହି ଫର୍ମୁଲା ଅନୁଯାୟୀ ଚାମ୍ପିୟନ୍ସ ଟ୍ରଫିରେ ଭାରତ ତା' ମ୍ୟାଚ୍‌ଗୁଡ଼ିକ ପାକିସ୍ତାନ ବଦଳରେ ଦୁବାଇରେ ଖେଳିବ । ଏକାଧିକ ରିପୋର୍ଟରେ ଦାବି କରାଯାଇଛି ଯେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଏହି ନିଷ୍ପତ୍ତିକୁ ମାନିବାକୁ ପ୍ରସ୍ତୁତ । ହେଲେ ଏହା ପାଇଁ ପାକିସ୍ତାନ କିଛି ସର୍ତ୍ତ ରଖିଛି । ଯଦି ଚାମ୍ପିୟନ୍ସ ଟ୍ରଫିରେ ଭାରତ ଦୁବାଇରେ ମ୍ୟାଚ୍ ଖେଳିବ, ତା'ହେଲେ ଭବିଷ୍ୟତରେ ଭାରତ ଆୟୋଜନ କରୁଥିବା ସମସ୍ତ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ମଧ୍ୟ ନିରପେକ୍ଷ ଭେନ୍ୟୁରେ ଖେଳିବ । ସେହିପରି ପିସିବିକୁ ବର୍ଦ୍ଧିତ ବାର୍ଷିକ ରାଜସ୍ୱ ମିଳିବ ବୋଲି ଆଇସିସି ଲିଖିତ ଭାବେ ପ୍ରତିଶ୍ରୁତି ଦେଉ ବୋଲି ପାକିସ୍ତାନ ଚାହୁଁଛୁ । କିନ୍ତୁ ବିବାଦର ସମାଧାନ ପାଇଁ ପାକିସ୍ତାନ ଦେଇଥିବା ପ୍ରସ୍ତାବକୁ ବିସିସିଆଇ ମାନିବାକୁ ନାରାଜ । ଯଦି ଆଇସିସି ପକ୍ଷରୁ ପିସିବିର ସର୍ତ୍ତକୁ ଗ୍ରହଣ କରାଯାଏ, ତା'ହେଲେ ଭବିଷ୍ୟତରେ ଭାରତ ଆୟୋଜନ କରୁଥିବା କୌଣସି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ଫାଇନାଲକୁ ଯିବ, ତେବେ ଉକ୍ତ ମ୍ୟାଚ୍ ଭାରତ ବାହାରକୁ ଚାଲିଯିବ । ଏହା ହିଁ ବିସିସିଆଇ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି । ପିସିବିର ଜଣେ ଅଧିକାରୀ କହିଛନ୍ତି, "ଆମେ ଉପଯୁକ୍ତ ପ୍ରସ୍ତାବ ଦେଉଛୁ । ଯଦି ଭାରତ ଆମ କଥା ମାନିବ ନାହିଁ, ତା'ହେଲେ ଆମେ ମଧ୍ୟ ଟିମକୁ ଭବିଷ୍ୟତରେ ସେଠାକୁ ପଠାଇବୁ ବୋଲି ସେମାନେ ଆଶା କରନ୍ତୁ ନାହିଁ । ଯଦି କୌଣସି ଆଇସିସି ଟୁର୍ଣ୍ଣାମେଣ୍ଟ ଭାରତରେ ହେବ, ତା'ହେଲେ ଫାଇନାଲ କିମ୍ବା ପ୍ରମୁଖ ମ୍ୟାଚ୍‌ଗୁଡ଼ିକ ସେମାନେ ମଧ୍ୟ ଦୁବାଇରେ ଖେଳିବେ । ଏହା ହିଁ ଏକମାତ୍ର ସମାଧାନର ରାସ୍ତା ।" ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫କୁ ନେଇ ବିବାଦ ଲାଗି ରହିଥିବା ବେଳେ ପିସିବି ଅଧ୍ୟକ୍ଷ ମୋହସିନ ନକଭୀଙ୍କ କହିବା କଥା ଯେ ଟୁର୍ଣ୍ଣାମେଣ୍ଟକୁ ହାଇବ୍ରିଡ ମଡେଲରେ ଆୟୋଜନ କରିବା ନିଶ୍ଚିତ ଭାବେ ଉପଯୁକ୍ତ ଫର୍ମୁଲା ନୁହେଁ । କିନ୍ତୁ କୌଣସି ନୂଆ ରାସ୍ତା ବାହାର କରାଯାଏ, ତା'ହେଲେ ଏହା ଦୁଇ ପକ୍ଷଙ୍କ ପାଇଁ ସମାନ ହେବା ଉଚିତ ।

# ପେନ୍ ଚାକ ସିଲଟରେ ଓଡ଼ିଶାକୁ ସ୍ୱର୍ଣ୍ଣ ଦେଲେ ଦେବାଙ୍କ

କରଞ୍ଜିଆ (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବ ବଢାଇଲେ କରଞ୍ଜିଆ ର ଦେବା ଙ୍କ ସ୍ୱାଇଁ । କରଞ୍ଜିଆର ଦେବାଙ୍କ ସ୍ୱାଇଁ ଗତ ନଭେମ୍ବର ୧୯ ରୁ ୨୨ ତାରିଖ ପର୍ଯ୍ୟନ୍ତ ଜାମ୍ମୁକାଶ୍ମୀରର ଶେର - କାଶ୍ମୀର ଇନଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ୧୨ତମ ଜାତୀୟ ପେନ୍ ଚାକ ସିଲଟ ପ୍ରତିଯୋଗିତାରେ ଓଡିଶା ଦଳକୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ।ରରୁଆଁ ନିବାସୀ ପିତା ଅଜିତ କୁମାର ସ୍ୱାଇଁ ଓ ମାତା ରାଜସ୍ମିତା ସ୍ୱାଇଁ ଙ୍କ ସୁପୁତ୍ର ଦେବାଙ୍କ ବିବେକାନନ୍ଦ ପବ୍ଲିକ ସ୍କୁଲରେ ଚତୁର୍ଥ ଷ୍ଟାଣ୍ଡାର୍ଡ ରେ ପାଠ ପଢିବା ସହ ସ୍ପୋର୍ଟସ କରାଟେ ଏକାଡେମୀ କରଞ୍ଜିଆ ରେ ମାର୍ଶାଲ ଆର୍ଟର ପ୍ରଶିକ୍ଷଣ ନେଉଛନ୍ତି । ଉଦୀୟମାନ ଖେଳାଳି ଦେବାଙ୍କ ଏହି ସଫଳତା ପାଇଁ ସ୍କୁଲର ପ୍ରତିଷ୍ଠାତା ବିଷ୍ଣୁ କୁମାର ଅଗ୍ରୱାଲ ଓ ପ୍ରିନ୍ସପାଲ ହିମାଂଶୁ ଶେଖର ଘଡ଼େଇ ତଥା ଏକାଡେମୀ ର କୋଚ ଆଶୀଷ ରଞ୍ଜନ ମହାନ୍ତଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି । ସଫଳତା ପାଇଁ ଏକାଡେମୀ ର ସଦସ୍ୟ, ସହ ଶିକ୍ଷାର୍ଥୀ ତଥା ବନ୍ଧୁ ମହଲରୁ ଶୁଭେଚ୍ଛା ଜଣାଇଛନ୍ତି ।

**OFFICE OF THE MUNICIPAL COUNCIL, BALASORE**
Tel No. 06782-251265 & Fax No. 06782-251222
E-mail:- balasoremunicipality@rediffmail.com

Notification 7726 /Dt.30.11.2024 The details can be downloaded from the official website of Balasore District, http://baleswar.nic.in. -sd- Executive Officer, Balasore Municipality.

Sd/- Executive Officer
Balasore Municipality

OIPR 13154/11/0013/2425 C-1161

E.mail- rwssdivisionbhadrak@gmail.com O-739

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**R.W.S&S DIVISION, BHADRAK.**
* * * * * *
**"e" PROCUREMENT NOTICE**

**Bid Identification No. RWSS (BDK): - 03/ 2024-25**

1. Name of the Work : Execution of 02 Nos of RPWS scheme 1.Samaraipur and 2. Retrofitting RPWS scheme to village Gujidarada under Bhadrak Block
2. Total Number of Work: 02 Nos (Two)
3. Estimated Cost : Rs.450.02 Lakhs to Rs. 776.67 Lakhs
4. Class of Contractor A & Special
5. Period of Completion : 11 months

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Superintending Engineer RWSS Division Bhadrak | RWSS (BDK):- 03 /2024-25 | 06.12.2024 (From-10.00 A.M) | 20.12.2024 (up to 17.00 PM) |

Further details can be seen from the e-procurement portal "www.tendersodisha.gov.in"
Subsequent corrigendum if required shall be appeared in the website only.

Sd/-Superintending Engineer,
R.W.S&S. Division, Bhadrak.

OIPR 25020/11/0003/2425

**GOVERNMENT OF ODISHA**
**Office of the Chief Construction Engineer**
**Southern N.H Circle, Berhampur**
**Email-senhsouthbam@gmail.com**
**INVITATION FOR BIDS**
**BID IDENTIFICATION NO. 14/CCE NH, South of 2024-25**
[e-Procurement] b-21

Bid Identification No. 14/CCE NH, South of 2024-25 No. 3815 / Dated: 27.11.2024

1) The Chief Construction Engineer, Southern N.H Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road works as detailed in the table below.
2) Nature of work : Road
3) No. of work : 1 No.
4) Tender Cost : Rs.10,000/-
5) Class of Contractor : "A" Class & "B" Class
6) Availability of Bid document in the Website : From 05.12.2024 11.00 AM to 19.12.2024 5.30 PM
7) Date of Opening of Bid : 20.12.2024 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any Corrigendum/Addendum/Cancellation of will be displayed in the e-tender website only.

Sd/-Chief Construction Engineer
Southern NH Circle, Berhampur

OIPR 34148/11/0006/2425

**WORKS DEPARTMENT**
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR , ROURKELA** B-701

E-Mail Id - eepwdrkl@gmail.com

Government of Orissa "e" Procurement Notice

**Bid Identification No.: 70 / 2024-25 Dated:28.11.2024**

1. Number of works: 02 (Two) number of Work
2. Estimated cost: Rs. 10.42 lakhs
3. Period of completion: 3(Three) calendar months
4. Date & Time of availability of bid document in the portal: Dt.06.12.2024 at 11.00 A.M.
5. Last date/ Time for receipt of bids in the portal: Dt 23.12.2024 up to 05.00 P.M.
6. Date of opening of Bid: Dt. 24.12.2024 at 11.00A.M.
7. Name and Address of the Officer Inviting Bid: Superintending Engineer, (R & B) Division, Rourkela , UditNagar.

Further details can be seen from the e-procurement portal http//tendersorissa.gov.in"

Sd/- Additional Chief Engineer (Civil)
Rourkela (R&B) Division

OIPR 34068/11/0022/2425

**OFFICE OF THE NOTIFIED AREA COUNCIL, KHARIAR ROAD** C-1157
Mail:- nackhrd@rediffimail.com
Phone No- 06678-221239
**INVITATION FOR BIDS**
**Bid Reference No- 2024_ORULB_107754_1**
**Tender Call Notice No. 2924/29.11.2024**

Bid documents consisting of specification the schedule of quantities and the set of terms and condition of contract and other necessary document can be seen in the Govt. Website i.e. www.tendersprossa.gov.in.

| | | | |
|---|---|---|---|
| 1 | Nature of work | : | Electrical construction works as mentioned in website |
| 2 | Estimated Cost | : | Rs.9.73 lakhs |
| 3 | Period of Completion | : | As per DTCN |
| 4 | Date and time of availability of the documents in the portal | : | 10.00 AM 30.11.2024 to 5:00 PM 06.12.2024 |
| 5 | Last date/time for receipt of Bids in the portal | : | 06.12.2024 by 5.30 PM. |
| 6 | Offline Submission of Bid | : | 10.00 AM.of 07.12.2024 to 5.30 PM of 07.12.2024 |
| 7 | Name and address of the Officer inviting Bid | : | Executive Officer, Khariar Road NAC, Dist - Nuapada |

Further the details can be seen from the "procurement Portal-www.tendersprossa.gov.in.

Sd/- Executive Officer
NAC, Khariar Road

OIPR 13136/11/0024/2425

**ZILLA PARISHAD, KANDHAMAL** i-327
Panchayasti Raj & Drinking Water Department
TCN No. 4348 / 2024-25 XLVIII-07/24 Dated.29.11.2024
**TENDER CALL NOTICE**

Sealed tender (Percentage rate) are invited from the interested "C" & "D" Class Contractors registered with the Govt. for execution of civil works under Zilla Parishad, Kandhamal, Phulbani. The detail notification is available at official web site Kandhamal.odisha.gov.in Interested Contractors fulfilling the eligibility criteria may submit their proposal(s) with EMD, Tender Paper cost and document as per tender call notice. The bidders have to submit their proposal(s) at the Zilla Parishad, Kandhamal, Phulbani. Proposal(s) complete in all respect should reach the undersigned on or before 05.00 PM of 17-12-2024 through Regd./Speed post and the same will be opened on 18-12-2024 at 3.00 PM. The undersigned reserves the right to reject any or all the tenders without assigning any reason thereof.

Sd/-
C.D.O.-cum-E.O.,
Zilla Parishad, Kandhamal, Phulbani

OIPR 19273/11/0001/2425

OFFICE OF THE SR. GENERAL MANAGER (ELECTRICAL) CAD-1754
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, E-mail: sgmel_uihep@ohpcltd.com
OHPC
ISO 9001-14001 18001 Certified
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**'e'- Procurement Notice**
**NOTICE INVITING TENDER NO.UIHEP/33/2024-25 DATED.28.11.2024**

The Unit Head, UIHEP, Mukhiguda, Dist.- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in **Online mode** from eligible contractors for the work as detailed in the table below.

| Sl. No. | Name of work | Approx. Estimated cost (in Rs.) | EMD (in Rs.) (online) | Class of Contractor | Cost of bid document (in Rs.) (online) | Period of contract |
|---|---|---|---|---|---|---|
| 1 | Job contract for cleaning of Power House Colony of UIHEP, Mukhiguda for a period of one year. | 10,27,895/- (Excluding GST) | 10,279/- | 'D' & 'C' Class Contractor registered with State Govt./Central Govt. / MES / Railways. | 6,000/-+ GST @18% = 7,080/- | One (01) calendar year |

Availability of tender document in the portal: From 04.12.2024 (10:00 Hrs) to 16.12.2024 (up to 13:00 Hrs.)
Last date & time of submission of tenders in the portal: 16.12.2024 up to 13:00 Hrs.
The date & time of opening of the bid: 16.12.2024 at 16:30 Hrs (Only Technical Bid)
The bidders have to participate in **ONLINE** bidding only. Further details can be seen and tender document can be downloaded from the e-Procurement Portal "https://tendersodisha.gov.in".

Sd/-Unit Head
UIHEP, Mukhiguda

OIPR 32136/11/0017/2425

Forest, Environment and Climate Change Department, Odisha
OFFICE OF THE DIVISIONAL FOREST OFFICER
JHARSUGUDA FOREST DIVISION
Email – dfo.jharsuguda@odisha.gov.in/Ph – 06645 - 295040
Office Order No. 196 1F/Dated 30.11.2024

The following tenders under Tender Notification No. 190 dated. 12.11.2024 are hereby cancelled due to following reason. MM-286

| Sl No | Name of the works | Remarks |
|---|---|---|
| 1 | Construction of Forester Quarter at Rampur of Brajrajnagar Forest Range under Jharsuguda Forest Division during the FY 2024-25 | Cancelled 2nd time due to no experience in construction of building |
| 2 | Construction of Forest Guard Quarter at Bhalurpatra Beat of Lariapali Section Kolabira Forest Range under, Jharsuguda Forest Division during the FY 2024-25 | Cancelled 2nd Time due non-Response of any one |
| 3 | Construction of Forest Guard Quarter at Jhargaon A of Kadamdihi Section, Belpahar Forest Range under Jharsuguda Forest Division during the FY 2024-25 | Cancelled 2nd Time due non-Response of any one |
| 4 | Construction of Watch tower at Bikramkhol PRF of Belpahar Forest Range under Jharsuguda Forest Division during the FY 2024-25 | Cancelled 2nd time due to no experience in construction of building |

Sd/-Divisional Forest Officer,
Jharsuguda Forest Division

OIPR 08054/11/0010/2425

ID: ee.randbjyp@gmail.com
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE**
**e-Procurement Notice**
**Bid Identification No. S.E (R&B)-04/2024-25/JYP(K)** B-711
No. 12895 Date. 29.11.2024

The **Superintending Engineer, Jeypore (R&B) Division, Jeypore** on behalf of Governor Of Odisha invites **percentage rate** bids in **Single cover system** to be received in **online mode** only for the construction of works as detailed in the table below :-

| Sl No | Name of the Work | Approximate value of work (in lakhs) | Period of Completion | Class of Contractor | Bid Security (in Rs) | Cost of bid document (in Rs.) | Last date & time of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Dismantling and reconstruction of Govt. Girls High School and Temple Compound wall for widening of M.G Road at Jeypore for the year 2024-25 | 18.17 | 2(Two) Calander months | "D" & "C" Class | 18,200/- | 6,000/- | 11.00 Hrs of 06.12.2024 to 17.00 Hrs of 16.12.2024. |

The Bid documents will be available on the website **www.tendersodisha.gov.in from 11.00 Hours of 06.12.2024 to 17.00 Hours of 16.12.2024 for online bidding.** Bids received "on-line" shall be **opened at 11.00 Hours on 17.12.2024** in the office of the Superintending Engineer, Jeypore (R&B) Division, Jeypore.
Further details can be seen from the website www.tendersodisha.gov.in.

Sd/-Superintending Engineer
Jeypore (R&B) Division

OIPR 34027/11/0003/2425

NOTICE INVITING TENDER
**OFFICE OF THE MUNICIPAL COUNCIL,NAYAGARH** C-1158
NAYAGARH(ODISHA),PIN-752069
e-Mail :- nacnayagarh@yahoo.co.in
Tender Call Notice No. 3311 / Dt.30.11.2024
E- Procurement Notice No.MUNLNGR- 07 / 2024-25

| | | | |
|---|---|---|---|
| 1 | Name of the Work | : | Civil Works |
| 2 | No of Works | : | 04 Nos. |
| 3 | Value of Work | : | Rs.4,44,880/- to Rs.16,94,878/- |
| 4 | Class of Contractor | : | D & C |
| 5 | Period of Completion | : | As per DTCN |
| 6 | Date of Publication | : | Dt.02.12.2024 |
| 7 | Date and Time of availability of document in the portal. | : | From Dt.03.12.2024 at 10.00 AM to Dt.11.12.2024 up to 5.00 PM |
| 8 | Last Date/Time for receipt of bids in portal | : | Dt.11.12.2024 up to 5.00 PM |
| 9 | Last date of Submission of original documents in this Office | : | On or before 5.00 P.M. on Dt.13.12.2024 by Registered Post / Speed Post / Drop Box available at Municipal Office |
| 10 | Date and Time of opening Bid | | Dt.16.12.2024 at 11.00 AM at Municipality Office, Nayagarh |
| 11 | Name and address of the officer inviting bid | | Sd/- Executive officer, Nayagarh Municipality |

Further details can be seen from e-Procurement portal https://tendersodisha.gov.in

OIPR 13134/13/0001/2425



ବିଭିନ୍ନ କାରଣ ଯୋଗୁଁ ମଣିଷ ଡିପ୍ରେସନର ଶିକାର ହୋଇଥାଏ। ମାନସିକ ସ୍ତରରେ ଅତି ଦୁର୍ବଳ ହୋଇଯିବାକୁ ମଧ୍ୟ ଡିପ୍ରେସନ କୁହାଯାଇପାରିବ। ଜୀବନରେ ଘଟିଥିବା କିଛି ଅଘଟଣ ବା ବଡ଼ ପରିବର୍ତ୍ତନ ସହ ଏକାକୀତା, କାମର ବୋଝ, ହରମୋନରେ ପରିବର୍ତ୍ତନ, ଅତ୍ୟଧିକ ଚିନ୍ତା ଆଦି ବିଭିନ୍ନ କାରଣ ଯୋଗୁଁ ଡିପ୍ରେସନ ହୋଇଥାଏ। ତେବେ ଏହି ଡିପ୍ରେସନରୁ ରକ୍ଷା ପାଇବା ପାଇଁ କିଛି ଖାଦ୍ୟ ଧ୍ୟାନ ରଖିବା ଉଚିତ୍ । ଆସନ୍ତୁ ଜାଣିବା ସେସବୁ ବିଷୟରେ...

ମାଛମୁଣ୍ଡରେ ଓମେଗା – ୩ ଥିବା କାରଣରୁ ଏହାର ସେବନ ଦ୍ୱାରା ମସ୍ତିଷ୍କ ସୁସ୍ଥ ରହେ ଓ ଡିପ୍ରେସନ ଭଳି ମାନସିକ ରୋଗ ମଧ୍ୟ ଦୂରେଇ ରୁହେ । ପାନମଧୁରୀ ଏବଂ ମିଶ୍ରି ପାଣି ପିଇବା ଦ୍ୱାରା ଷ୍ଟ୍ରେସ ଏବଂ ଡିପ୍ରେସନ ସମସ୍ୟା ଦୂର ହୋଇଥାଏ। ଏହି ପାଣି ଆପଣଙ୍କ ମସ୍ତିଷ୍କକୁ ଶାନ୍ତ କରିଥାଏ। ଏହାଛଡା ଚିନ୍ତା ଏବଂ ଡିପ୍ରେସନ ଦୂର ହୋଇଥାଏ।ପାଳଙ୍ଗରେ ଥିବା ଆଇରନ୍ ଓ ଅନ୍ୟ ଗାଢ଼ ସବୁଜ ରଙ୍ଗର ଶାଗରେ ଥିବା ମ୍ୟାଗ୍ନେସିୟମ୍ ଓ ଅନ୍ୟ ପୋଷକ ଆମକୁ ଡିମେନ୍‌ସିଆ ବା ସ୍ମୃତିଶକ୍ତି ହ୍ରାସରୁ ମଧ୍ୟ ବଞ୍ଚାଏ। କାଜୁ, ଆଲ୍‌ମଣ୍ଡ, ୱାଲ୍‌ନଟ୍, ରାଶି ମଞ୍ଜି ଆଦି ନଟ୍‌ସ ଓ ମଞ୍ଜିଜାତୀୟ ଖାଦ୍ୟରେ ପ୍ରଚୁର ପରିମାଣରେ ଓମେଗା ୩ ଫ୍ୟାଟି ଏସିଡ୍ ରହିଥାଏ ଯାହାକୁ ଖାଇବା ଦ୍ୱାରା ଆମର ମସ୍ତିଷ୍କକୁ ଅଧିକ କାର୍ଯ୍ୟକ୍ଷମ ରଖେ।

## ଆଜି ଆସିଥିଲେ ରମାଦେବୀ



୧୮୯୯ ଡିସେମ୍ବର ୩ ତାରିଖରେ କଟକସ୍ଥିତ ସତ୍ୟଭାମାପୁର ଗ୍ରାମରେ ରମାଦେବୀ ଚୌଧୁରୀ ଜନ୍ମ ଗ୍ରହଣ କରିଥିଲେ। ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଓ ସମାଜ ସଂସ୍କାରକ ଭାବେ ରମାଦେବୀ ଚୌଧୁରୀ ଚିରସ୍ମରଣୀୟ। ଓଡ଼ିଶାବାସୀଙ୍କ ନିକଟରେ ସେ ମା' ନାମରେ ପରିଚିତ। ମାତ୍ର ୧୫ ବର୍ଷ ବୟସରେ ତତ୍‌କାଳୀନ ଡେପୁଟି କଲେକ୍ଟର ଗୋପବନ୍ଧୁ ଚୌଧୁରୀଙ୍କ ସହ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା। ୧୯୨୧ରେ ସ୍ୱାମୀ-ସ୍ତ୍ରୀ ଉଭୟ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ଆନ୍ଦୋଳନରେ ସାମିଲ ହେବାକୁ ଗାଁ ଗାଁ ବୁଲି ମହିଳାମାନଙ୍କୁ ରମାଦେବୀ ଉତ୍ସାହିତ କରୁଥିଲେ। ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ପ୍ରଥମେ ସେ ମହାତ୍ମାଗାନ୍ଧୀଙ୍କ ସଂସ୍ପର୍ଶରେ ଆସିଥିଲେ। ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦେଇ ସେ ଖଦି ପିନ୍ଧିବା ଆରମ୍ଭ କରିଥିଲେ। ୧୯୩୦ରେ ଓଡ଼ିଶାରୁ ଲବଣ ସତ୍ୟାଗ୍ରହରେ ଯୋଗ ଦେଇ ଅନ୍ୟ ସତ୍ୟାଗ୍ରହୀ କିରଣବାଳା ସେନ୍, ମାଳତୀ ଦେବୀ, ସାରଳାଦେବୀ, ପ୍ରାଣକୃଷ୍ଣ ପଡ଼ିଆରୀଙ୍କ ସହିତ ଇଞ୍ଚୁଡ଼ି ଆଦି ଯାତ୍ରା କରିଥିଲେ। ଅସ୍ପୃଶ୍ୟତା ଉଚ୍ଛେଦ ଉପରେ ତାଙ୍କର ଅବଦାନ ଅତୁଳନୀୟ। ବରିଠାରେ ରମାଦେବୀ ଏକ ଆଶ୍ରମ ସ୍ଥାପନା କରିଥିଲେ, ଗାନ୍ଧିଜୀ ଯାହାର ନାମ ଦେଇଥିଲେ ସେବାଘର। ଭାରତ ଛାଡ଼ ଆନ୍ଦୋଳନ ସମୟରେ ରମାଦେବୀଙ୍କ ପୁରା ପରିବାରକୁ ବନ୍ଦୀ କରାଯାଇଥିଲା। କଟକ ଠାରେ ଏକ ପ୍ରାଇମେରୀ ସ୍କୁଲ, ଶିଶୁ ବିହାର ଓ କର୍କଟ ଚିକିତ୍ସାଳୟ ସେ ପ୍ରତିଷ୍ଠା କରିଥିଲେ। ତାଙ୍କ ସ୍ମୃତିରେ ଭୁବନେଶ୍ୱର ଠାରେ ରମାଦେବୀ ମହିଳା ମହାବିଦ୍ୟାଳୟ ନାମିତ ହୋଇଛି। ତାଙ୍କର ଅବଦାନ ଚିରସ୍ମରଣୀୟ।



## ଅଧା କପାଳି

*ଉପଯୁକ୍ତ ଚିକିତ୍ସାରେ ରହି ଜୀବନ ଶୈଳୀକୁ ପରିବର୍ତ୍ତନ କରିଦେଲେ ଅଧାକପାଳି ଦୂରେଇଯାଏ । ଏକ ଅଧ୍ୟୟନ ଅନୁସାରେ ପୁରୁଷଙ୍କ ତୁଳନାରେ ନାରୀମାନଙ୍କ ଠାରେ ଅଧାକପାଳି ତିନିଗୁଣ ଅଧିକ ଦେଖାଯାଏ ।*

**ପ୍ରଥମାବସ୍ଥା :** ଅଧାକପାଳି ମୁଣ୍ଡବ୍ୟଥାରୁ ହିଁ ଆରମ୍ଭ ହୁଏ । ଅଧାକପାଳି ହୋଇଥିଲେ ପ୍ରଥମେ ମୁଣ୍ଡ ତଳ ଭାଗକୁ ଅତି ଜୋରରେ ବିନ୍ଧା ହୁଏ ଓ କାନମୂଳ ଜୋରରେ ବିନ୍ଧେ । ମୁଣ୍ଡ ବିନ୍ଧିବା ସମୟରେ ଏହା ସେହି ସ୍ଥାନ ପରିବର୍ତ୍ତନ କରି ଅନ୍ୟ ସ୍ଥାନ ମଧ୍ୟ ବିନ୍ଧେ । ତା ପରେ ଭଲ ହୁଏ । କାର୍ଯ୍ୟରେ ଟିକେ ବ୍ୟତିକ୍ରମ ହେଲେ ପୁନଶ୍ଚ ସେ ବାହାରି ପଡ଼େ । ଅଧାକପାଳି ହେବାଦ୍ୱାରା ବାନ୍ତି ହେବା, ଚିଡ଼ିଚିଡ଼ି ଲାଗିବା, ଅଧିକ ଭୟ ଲାଗିବା ପରି ସମସ୍ୟାମାନ ଦେଖାଯାଏ ।

**ତିନୋଟି ସୋପାନ :** ତିନୋଟି ସୋପାନରେ ଅଧାକପାଳି ଦେଖାଯାଏ । ପ୍ରଥମେ ସାମାନ୍ୟ (ଫୋନୋଫୋବିୟା) ଅଧାକପାଳି ଦେଖାଯାଏ । ଏହି ସୋପାନରେ ବ୍ୟକ୍ତିର ଆଖି ଉପର ପତା ପାଖରେ ବିନ୍ଧା ଓ ଦରଜ ହୋଇଥାଏ । ଦ୍ୱିତୀୟ ସୋପାନ ପରାମଣ୍ଡଳ ଅଧାକପାଳି ବା କ୍ଲାସିକ ଅଧାକପାଳି । ଏହି ସୋପାନରେ ଆଖିକୁ ଝିଲ୍‌ମିଲ୍ ଦେଖାଯାଏ । ବିଭିନ୍ନ ବସ୍ତୁର ଆକାର ଦୁଇ ଦୁଇଟି ଦେଖାଯାଏ । ସୂର୍ଯ୍ୟଙ୍କ କିରଣ, ବିଭିନ୍ନ ପ୍ରକାର ରଙ୍ଗ ଓ ଆଲୋକ ମଧ୍ୟ ଝିଲମିଲ ଦେଖାଯାଏ । ତୃତୀୟ ସୋପାନକୁ ଜଟିଳ ଅଧାକପାଳି କୁହାଯାଏ । ଏହି ସୋପାନରେ ମସ୍ତିଷ୍କ ଠିକ୍ ଭାବରେ କାମ କରେ ନାହିଁ । ଯାହାଫଳରେ ପ୍ରବଳ ମୁଣ୍ଡ ଦରଜ ଓ ମୁଣ୍ଡବିନ୍ଧା ପରି ସମସ୍ୟାମାନ ଦେଖାଯାଏ ।

**ଲକ୍ଷଣ :** ୪୦ରୁ ୬୦ ପ୍ରତିଶତ ଅଧାକପାଳି ଚେତାବନୀ ଦେଇ ସାରିବା ପରେ ବିରାଟ ରୂପ ଧାରଣ କରେ । ଚେତାବନୀ ଅର୍ଥାତ୍ ଆଖିର ଉପର ପତାରେ ବାରମ୍ବାର ଦେଖାଦେବା ପରେ ଯାଇ ଏହା ବଡ଼ ଆକାରରେ ପରିଣତ ହୁଏ । ପ୍ରଥମରୁ ଏହା ନିମ୍ନଲିଖିତ ଭାବେ ଦେଖାଯାଏ । ଯଥା ନିଦ ନ ହେବା, ଚିଡ଼ିଚିଡ଼ାପଣ ପ୍ରକାଶ ପାଇବା, ଥକ୍କା ଲାଗିବା, ଚିନ୍ତାଶୀଳ ହୋଇ ପଡ଼ିବା ପରି ଅନୁଭବ କରିବା । ସେହିପରି ମିଠା ତେଲ ଓ ଲୁଣଯୁକ୍ତ ଖାଦ୍ୟ ଖାଇବାକୁ ଅହରହ ଇଚ୍ଛା ହେବା ଇତ୍ୟାଦି ଲକ୍ଷଣ । ବହୁତ ଦିନ ଆଗରୁ ଏହା ଦେଖାଯାଏ । କିନ୍ତୁ ବ୍ୟକ୍ତି ଜାଣିପାରେ ନାହିଁ ତାକୁ ଅଧାକପାଳି ଗ୍ରାସ କରିଛି । ଏହେବ ମନେ ରଖିବା ଉଚିତ ଏହା ଅଧାକପାଳି ଲକ୍ଷଣ । ସଙ୍ଗେ ସଙ୍ଗେ ଚିକିତ୍ସକଙ୍କ ପରାମର୍ଶ ନେଇ ଏଥିରୁ ମୁକ୍ତ ହୁଅନ୍ତୁ । ନଚେତ୍ ଏହାର ଭୟଙ୍କର ରୂପ ଦେଖିବାକୁ ମିଳିବ ।

ଆସନ୍ତୁ ସର୍ବପ୍ରଥମେ ଜାଣିବା କେଉଁ କେଉଁ କାରଣ ପାଇଁ ଅଧାକପାଳି ଦେଖାଯାଇଥାଏ ? ସେଗୁଡ଼ିକ ଭିତରୁ ପ୍ରମୁଖ ହେଉଛି ଅତ୍ୟଧିକ ଚିନ୍ତାଶୀଳ ରହିବା, ଲଗାତର ଅନେକ ଦିନ ଧରି ରାତିରେ ନ ଶୋଇବା, ଶରୀରରେ ହର୍ମୋନ୍ ପରିବର୍ତ୍ତନ, ଶାରୀରିକ ଥକ୍କା, ଭୟଙ୍କର ସ୍ୱପ୍ନ ଦେଖିବା ଦ୍ୱାରା, ଡ୍ରଗ୍ସ କିମ୍ବା ମଦ ପିଇବା ଦ୍ୱାରା, ଋତୁ ପରିବର୍ତ୍ତନ ହେବା ଦ୍ୱାରା, ଅତ୍ୟଧିକ କଫି ପିଇବା ଦ୍ୱାରା, ସିଗାରେଟ ଧୂଆଁ ନାକରେ ବାଜିଲେ ଅଧାକପାଳି ଦେଖାଯିବାର ଶତ ପ୍ରତିଶତ ଆଶଙ୍କା ରହିଛି ।

### ଆସନ୍ତୁ ସତର୍କତା ସମ୍ପର୍କରେ କିଛି ଜାଣିବା

- ଉଜ୍ଜ୍ୱଳ ଆଲୋକ ଓ ରଶ୍ମିଠାରୁ ଦୂରେଇ ରୁହନ୍ତୁ
- ଅତ୍ୟଧିକ ଖରା କିମ୍ବା ଥଣ୍ଡାରେ ଘରୁ ବାହାରନ୍ତୁ ନାହିଁ
- ରାଗ ମସଲାଯୁକ୍ତ ଖାଦ୍ୟ, ଆଚାର, ଡବାବନ୍ଦ ଖାଦ୍ୟ କିମ୍ବା ଛଣାଛଣି ଖାଦ୍ୟ ଖାଆନ୍ତୁ ନାହିଁ।

### ଅଧାକପାଳି ଦେଖାଦେବା ସମୟରେ

- ମୁହଁକୁ ଥଣ୍ଡା ପାଣିରେ ଧୋଇ ସାରିବା ପରେ ଘରକୁ ଅନ୍ଧାର କରି ବିଶ୍ରାମ ନିଅନ୍ତୁ
- ପ୍ରାୟ ୭-୮ ଘଣ୍ଟା ପର୍ଯ୍ୟନ୍ତ ଗାଢ଼ ନିଦ୍ରାରେ ଶୁଅନ୍ତୁ
- ଆଖି ଉପରେ ବେଶୀ ଚାପ ପକାଉଥିବା କାର୍ଯ୍ୟ କରନ୍ତୁ ନାହିଁ
- ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ, କିଛି କିଛି ସମୟ ପରେ ଅଳ୍ପ ଅଳ୍ପ ଭୋଜନ କରନ୍ତୁ ।
- ପେଟକୁ ଖାଲି ରଖନ୍ତୁ ନାହିଁ ।
- ଏକାଥରକେ ପେଟେ ଖାଦ୍ୟ ଖୁଆନ୍ତୁ ନାହିଁ ।
- ମନେ ରଖନ୍ତୁ ଅଧାକପାଳି ଏକ ବଡ଼ ଶାରୀରିକ ସମସ୍ୟା ବା ରୋଗ ନୁହେଁ।
- ଏହାକୁ ନେଇ ସେପରି ଭୟଭୀତ ହେବାର କୌଣସି କାରଣ ମଧ୍ୟ ନାହିଁ। ଆପଣଙ୍କ ଶାରୀରିକ ସମସ୍ୟା ଦେଖାଦେବା ମାତ୍ରେ ଆପଣ ତୁରନ୍ତ ନିକଟସ୍ଥ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ସହାୟତା ନିଅନ୍ତୁ।

ଅଭିଜ୍ଞ ଭେଷଜ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ। ଆପଣଙ୍କ ସାମାନ୍ୟ ସତର୍କତା, ସଚେତନତା ଆପଣଙ୍କୁ ନିଶ୍ଚିନ୍ତ ଭାବେ ଆରୋଗ୍ୟ କରିବ।

**ଡାକ୍ତର ଗୁରୁପ୍ରସାଦ ମିଶ୍ର**
**ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**

## ୭୫ କୋଟିର ମାଲିକାଣୀ ଦିଶା



'ଦ ଅନ୍‌ଟୋଲ୍‌ଡ୍ ଷ୍ଟୋରି'ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ଦିଶା। ଏହି ଚଳଚ୍ଚିତ୍ରରେ ଦିଶାଙ୍କ ଅଭିନୟକୁ ବେଶ୍ ପ୍ରଶଂସା ମିଳିଥିଲା। ଏହାପରେ ଦିଶା ଅନେକ ହିନ୍ଦୀ, ତେଲୁଗୁ ଓ ତାମିଲ୍ ଚଳଚ୍ଚିତ୍ରରେ ଅଭିନୟ କରିବା ସହ ସଲମାନ୍ ଖାନ୍, ଜନ୍ ଆବ୍ରାହମ୍, ଆଦିତ୍ୟ ରଏ କପୁର ଓ ଟାଇଗର ଶ୍ରଫ୍‌ଙ୍କ ଭଳି ସଫଳ ଅଭିନେତାଙ୍କ ନାୟିକା ହୋଇଛନ୍ତି। ଚଳିତବର୍ଷ ନାଗ୍ ଅଶ୍ୱିନ୍‌ଙ୍କ ବହୁଚର୍ଚ୍ଚିତ ଛବି ଅମିତାଭ ବଚ୍ଚନ, କମଲ୍ ହାସନ୍ ଓ ପ୍ରଭାସ୍ ଷ୍ଟାରର 'କଲ୍‌କୀ ୨୮୯୮ ଏଡି'ରେ ଅଭିନୟ କରିଥିବା ଦିଶାଙ୍କୁ ଭଲ ଦର୍ଶକ ସମର୍ଥନ ବି ମିଳିଥିଲା। ଅଭିନୟ ବ୍ୟତୀତ ଦିଶା ତାଙ୍କ ନୃତ୍ୟ ଓ ସୋସିଆଲ୍ ମିଡିଆ ପୋଷ୍ଟ୍ ପାଇଁ ବି ଅଧିକାଂଶ ସମୟରେ ଚର୍ଚ୍ଚାରେ ରହିଥାନ୍ତି। କେବଳ ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ଫଲୋୟର୍ସ ସଂଖ୍ୟା ଏବେ ୬୨ ନିୟୁତ। ତାଙ୍କ ସମସାମୟିକ ଅଭିନେତ୍ରୀଙ୍କ ତୁଳନାରେ ଅଳ୍ପ ସଂଖ୍ୟକ ଫିଲ୍ମ କରିଥିଲେ ବି ଦିଶାଙ୍କ ରୋଜଗାର କିଛି କମ୍ ନୁହେଁ। ଯଦି ଆମେ ତାଙ୍କ ସମ୍ପତ୍ତି ଆକଳନ କରିବା, ତେବେ ଦେଖିବା ସେ ପ୍ରାୟ ୭୫କୋଟିର ମାଲିକାଣୀ। ମୁମ୍ବାଇରେ ତାଙ୍କର ୫ କୋଟି ଟଙ୍କା ମୂଲ୍ୟର ଘର ରହିଛି। ପୁଣି ତାଙ୍କ ଗ୍ୟାରେଜ୍‌ରେ ମିନି କୁପର, ମର୍ସିଡିଜ୍ ବେଞ୍ଜ୍, ଅଡି ଏ୬, ଜାଗୁଆର ଏଫ୍ ପେସ୍, ରେଞ୍ଜ୍ ରୋଭର, ବିଏମ୍‌ଡବ୍ଲ୍ୟୁ ଭଳି ଦାମୀ କାର୍ ରହିଛି। ଦିଶା ଫିଲ୍ମ ଅପେକ୍ଷା ବିଜ୍ଞାପନରେ ଅଧିକ ସକ୍ରିୟ। ଏବେ ସେ ବାଟା, କେଲ୍‌ଭିନ୍ କ୍ଲେନ୍, ହର୍ଷେ, ଡାବର ଗୁଲାବରି ଓ ବାଓ ସ୍କିନ୍ କେୟାର ଆଦି ନାମୀଦାମୀ ବ୍ରାଣ୍ଡ୍‌ର ବିଜ୍ଞାପନରୁ କୋଟି କୋଟି ଟଙ୍କା ଆୟ କରୁଛନ୍ତି। ପ୍ରତ୍ୟେକ ବିଜ୍ଞାପନ ପାଇଁ ସେ ୧.୫ କୋଟି ଟଙ୍କା ନେଉଥିବା ବେଳେ ସଦ୍ୟତମ ଫିଲ୍ମ 'କଙ୍ଗୁବା' ପାଇଁ ୫ କୋଟି ଟଙ୍କା ପାରିଶ୍ରମିକ ନେଇଛନ୍ତି।

## ଶୋଭିତା ଶିବନ୍ନାଙ୍କ ଆତ୍ମହତ୍ୟା



କନ୍ନଡ ଅଭିନେତ୍ରୀ ଶୋଭିତା ଶିବନ୍ନାଙ୍କ ମୃତଦେହ ତାଙ୍କ ହାଇଦ୍ରାବାଦସ୍ଥିତ ବାସଭବନରୁ ଉଦ୍ଧାର କରାଯାଇଛି । ତାଙ୍କ ମୃତଦେହ ଶ୍ରୀରାମ ନଗର କଲୋନିସ୍ଥିତ ଘର ଭିତରେ ସିଲିଂ ଫ୍ୟାନ୍‌ରେ ଝୁଲୁଥିବା ବେଳେ ପୋଲିସ ଉଦ୍ଧାର କରିଛି । ପ୍ରାଥମିକ ଅନୁସନ୍ଧାନରୁ ସେ ଆତ୍ମହତ୍ୟା କରିଥିବା ପୋଲିସ କହିଛି । ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ନିମନ୍ତେ ଗାନ୍ଧୀ ହସ୍ପିଟାଲକୁ ପଠାଯାଇଛି । ତେବେ ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଘର ଭିତରୁ ମଧ୍ୟ କୌଣସି ସୁଇସାଇଡ୍ ନୋଟ ମିଳିନାହିଁ । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ଶୋଭିତା ଅନେକ କନ୍ନଡ ଫିଲ୍ମରେ ଅଭିନୟ କରିଥିଲେ । ତା'ଛଡା କେତେକ ଟେଲିଭିଜନ ସିରିଏଲରେ ମଧ୍ୟ ନଜର ଆସିଛନ୍ତି । ନିକଟରେ ତେଲୁଗୁ ଫିଲ୍ମ ଜଗତରେ ପ୍ରବେଶ କରିବା ଲାଗି ସେ ଉଦ୍ୟମ ଜାରି ରଖିଥିଲେ । କିନ୍ତୁ କ'ଣ ପାଇଁ ସେ ଆତ୍ମହତ୍ୟା କଲେ ତାର କାରଣ ଜଣାପଡିନାହିଁ । ତାଙ୍କ ଅକାଳ ମୃତ୍ୟୁ କନ୍ନଡ ଫିଲ୍ମ ଓ ଟେଲିଭିଜନ ଜଗତରେ ଶୋକର ଛାୟା ଖେଳାଇଦେଇଛି ।

## ଅଭିନୟରୁ ସନ୍ନ୍ୟାସ ନେବେ ବିକ୍ରାନ୍ତ



ଅଭିନୟରୁ ସନ୍ନ୍ୟାସ ଘୋଷଣା କଲେ ଚର୍ଚ୍ଚିତ ବଲିଉଡ୍ କଳାକାର ବିକ୍ରାନ୍ତ ମେସି। ନିକଟରେ ତାଙ୍କ ଫିଲ୍ମ 'ଦ ସାବରମତି ରିପୋର୍ଟ' ରିଲିଜ ହୋଇଥିଲା। ଏଥିରେ ତାଙ୍କ ଚରିତ୍ର ସମସ୍ତଙ୍କ ହୃଦୟ ଜିତିବାରେ ସଫଳ ହୋଇଥିଲା। ଫିଲ୍ମକୁ ନେଇ ଚର୍ଚ୍ଚା ଥମି ନ ଥିବା ବେଳେ ବିକ୍ରାନ୍ତ ଏଭଳି ଏକ ନିଷ୍ପତ୍ତି ନେଇଛନ୍ତି, ଯାହାକି ପ୍ରଶଂସକଙ୍କ ଆଖିରେ ଲୁହ ଆଣି ଦେଇଛି। ସେ ନିଜର ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ପୋଷ୍ଟ ଲେଖି ଅଭିନୟରୁ ବିରତି ନେଉଥିବା ଘୋଷଣା କରିଛନ୍ତି। ୨୦୦୪ରେ ଟେଲି ପରଦାରୁ ନିଜର ଅଭିନୟ ଜୀବନ ଆରମ୍ଭ କରିଥିଲେ ବିକ୍ରାନ୍ତ। ଏବେ ସେ ଅଭିନେତା ନିଜର ପୋଷ୍ଟରେ ଲେଖିଛନ୍ତି, ଗତ କିଛି ବର୍ଷ ସ୍ମରଣୀୟ ଥିଲା। ଆପଣ ସମସ୍ତଙ୍କର ସମର୍ଥନ ଲାଗି ଧନ୍ୟବାଦ। ହେଲେ ଯେମିତି ମୁଁ ଆଗକୁ ବଢୁଛି, ମୋତେ ଜଣେ ସ୍ୱାମୀ, ବାପା, ପୁଅ ଏବଂ ଅଭିନେତା ଭାବେ ଏହା ହେଉଛି ଠିକ୍ ସମୟ ପୁଣି ଥରେ ଘରକୁ ଫେରିଯିବାର ବୋଲି ମନେ ହେଉଛି। ୨୦୨୫ରେ ମୁଁ ଆପଣଙ୍କୁ ଶେଷ ଥର ଲାଗି ଭେଟିବି, ଯେବେ ଯାଏ ସଠିକ୍ ସମୟ ଆସିନାହିଁ। ଦୁଇ ଶେଷ ଫିଲ୍ମ, ଅଗଣିତ ସ୍ମୃତି, ସମସ୍ତଙ୍କ ନିକଟରେ ଋଣୀ ରହିବି। ବିକ୍ରାନ୍ତଙ୍କ ଏଭଳି ପୋଷ୍ଟ ପରେ ପ୍ରଶଂସକମାନେ ଚକିତ ହୋଇଯାଇଛନ୍ତି। କେଉଁ କାରଣରୁ କ୍ୟାରିୟରର ଶୀର୍ଷରେ ଥାଇ ବି ସେ ଏଭଳି ଘୋଷଣା କଲେ ତା ସମସ୍ତେ ଜାଣିବାକୁ ଚାହୁଁଛନ୍ତି। କହିରଖୁଛୁ, ଗତ ବର୍ଷ ବିକ୍ରାନ୍ତଙ୍କ ଫିଲ୍ମ '୧୨ମ ଫେଲ୍' ରିଲିଜ ହୋଇଥିଲା। ଏହାକୁ ଲୋକେ ବହୁତ ପସନ୍ଦ କରିଥିଲେ। ନିକଟରେ ତାଙ୍କର ରିଲିଜ ହୋଇଥିବା ଫିଲ୍ମ 'ଦ ସାବରମତି ରିପୋର୍ଟ' ପାଇଁ ତାଙ୍କୁ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ ୨୦୨୪ରେ 'ପର୍ସନାଲିଟି ଅଫ୍ ଦ ଇୟର' ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

## ପୋଷକ ତତ୍ତ୍ୱରେ ଭରପୂର ଘିଅ



ଭାରତୀୟ ସଂସ୍କୃତିରେ ଘିଅକୁ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି । ଘିଅରେ ଅନେକ ପୋଷକ ତତ୍ତ୍ୱ ରହିଛି ଯାହା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ । ଏହା ଶୁଷ୍କ ଚର୍ମକୁ କୋମଳ କରିବାରେ ସହାୟକ ହୋଇଥାଏ । ପ୍ରାଚୀନ ଆୟୁର୍ବେଦିକ ଉପଚାର ଭାବେ ଘିଅ ସହ ଗୋଲମରିଚ ମିଶ୍ରଣ ବେଶ ଜଣାଶୁଣା । ଏହାର ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ଅଟେ । ଏହା ସ୍ମରଣଶକ୍ତିକୁ ପ୍ରଖର କରିବାରେ ସହାୟକ ହୋଇଥାଏ । ତେଣୁ ଯଦି ଆପଣ ଦୀର୍ଘ ସମୟ ପର୍ଯ୍ୟନ୍ତ ସୁସ୍ଥ ରହିବା ପାଇଁ ଚାହୁଁଛନ୍ତି ଦେଶୀ ଘିଅ ସହ ଗୋଲମରିଚ ଗୁଣ୍ଡ ମିଶ୍ରଣ କରି ସେବନ କରନ୍ତୁ ।

**ପାଚନ ପ୍ରକ୍ରିୟାକୁ ଠିକ୍ ରଖେ:** ଘିଅରେ ହଳଦୀ ଫ୍ୟାଟି ଏସିଡ୍ ଏବଂ ଗୋଲମରିଚରେ ଡିଟକ୍ସିଫାଇଂ ଗୁଣ ଭରପୁର ମାତ୍ରାରେ ରହିଛି । ଗୋଲମରିଚରେ ଥିବା ପେପେରିନ୍ ପାଚନ ଏନଜାଇମର ଉତ୍ପାଦନକୁ ବୃଦ୍ଧି କରିଥାଏ। କୋଷ୍ଠକାଠିନ୍ୟରୁ ଉପସମ ମିଳିଥାଏ: ଘିଅ ପାଚନ ତନ୍ତ୍ରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ଏହା କୋଷ୍ଠକାଠିନ୍ୟ ସମସ୍ୟାକୁ ମଧ୍ୟ ଦୂର କରିଥାଏ ।

**ଓଜନ ହ୍ରାସ କରେ:** ଗୋଲମରିଚରେ ଥିବା ପେପେରିନ୍ ଶରୀରରେ ଚର୍ବି ଭଙ୍ଗ କରିବାରେ ସହାୟକ ହୋଇଥାଏ। ଏହା ସହ ଘିଅ ଶକ୍ତିର ସ୍ରୋତ ଭାବରେ କାର୍ଯ୍ୟ କରିଥାଏ ଯାହା ଭୋକକୁ ନିୟନ୍ତ୍ରଣ କରିଥାଏ ।

**ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ:** ଗୋଲମରିଚ ଏବଂ ଘିଅର ସେବନ ରୋଗପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଏହା ସହ ଦୃଷ୍ଟିଶକ୍ତି ମଧ୍ୟ ଉତ୍ତମ ରହିଥାଏ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ପେଣ୍ଠ ଶ୍ରୀ ମହାବିଦ୍ୟାଳୟ ଠାରେ ଯୁକ୍ତ ୩ ବିଭାଗର ରେଡକ୍ରସ ୟୁନିଟ ଓ ଜାତୀୟ ସେବା ଯୋଜନା ପକ୍ଷରୁ ବିଶ୍ୱ ଏଡ୍ସ ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ସଚେତନତା ନିମନ୍ତେ ଏକ ର ାଲି ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା । ମହାବିଦ୍ୟାଳୟ ର ଅଧକ୍ଷ ଡକ୍ଟର ଅନିଲ ମିଶ୍ର ଅନୁଷ୍ଠିତ ସଭାରେ ସଭାପତିତ୍ୱ କରି ଏଡ୍ସ ରୋଗ ର ଚିକିତ୍ସା କେବଳ ସଚେତନତା ଓ ସଂଯମତା ଦ୍ୱାରା ହିଁ ସମ୍ଭବ ବୋଲି ମତ ଦେଇ ଥିଲେ । ନିମନ୍ତ୍ରିତ ଅତିଥି ଭାବରେ କୋଟପାଡ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଶେଷାନନ୍ଦ ମିଶ୍ର ଯୋଗ ଦେଇ ଓଡିଶାର ଏଡ୍ସ ସଂକ୍ରମିତ ଲୋକଙ୍କ ସ୍ଥିତି ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଜୀବ ବିଜ୍ଞାନ ବିଭାଗର ଅଧ୍ୟାପକ ଅଧ୍ୟାପକ ସମୀର ମହାନ୍ତି, ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ କି. ଧର୍ମେନ୍ଦ୍ର ଏହି ରୋଗର ଲକ୍ଷଣ ଓ ସଂକ୍ରମଣ ଉପରେ ଆଲୋକପାତ କରିଥିଲେ । ରେଡକ୍ରସ୍ ସଂଯୋଜକ ଅଧ୍ୟାପକ ରାମ ଶଙ୍କର ପଟ୍ଟନାୟକ ସମଗ୍ର କାର୍ଯ୍ୟକ୍ରମକ୍ ସଂଯୋଜନ । କରିଥିବା ବେଳେ ଜାତୀୟ ସେବା ଯୋଜନାର ଅଧିକାରୀ ଅଧ୍ୟାପକ ଚିନ୍ମୟ କୁମାର ରାଉତ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ ।



# ଶନିବାର ଗୋସ୍ୱାମୀ ଯଶୋବନ୍ତଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ

## ସାହିତ୍ୟ ସଂସ୍କୃତି ସଂସଦର ପ୍ରସ୍ତୁତି ଜୋର୍‌ଦାର୍



ରଘୁନାଥପୁର (ଭାସ୍କର ନ୍ୟୁଜ): (ଭାସ୍କର ନ୍ୟୁଜ): ଆସନ୍ତା ମାର୍ଗଶୀର ଶୁକ୍ଳ ଷଷ୍ଠୀ ୭ ତାରିଖ ଶନିବାର ଓଡଣଷଷ୍ଠୀ ଉପଲକ୍ଷେ ଅଡଙ୍ଗ ନାଇଲୋ ସ୍ଥିତ ପଞ୍ଚସଖାଙ୍କ ଯଶୋବନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଉତ୍ସବ ହେବାକୁ ଯାଉଛି । ଏହି ଉତ୍ସବ ପାଳନ ଅବସରରେ ସ୍ଥାନୀୟ ଯଶୋବନ୍ତ ସାହିତ୍ୟ ଓ ସଂସ୍କୃତି ସଂସଦ ତରଫରୁ ଆୟୋଜିତ ହେବାକୁ ଥିବା ସର୍ବଦଳୀୟ ସାରସ୍ୱତ ଅଧ୍ୟାତ୍ମିକ ସଭା ଓ ସାଧୁସନ୍ଥ ସମ୍ମିଳନୀ ପାଇଁ ପ୍ରସ୍ତୁତି ଜୋରଦାର କରାଯାଇଛି । ଆଜି ଯଶୋବନ୍ତ ଗାଦି ପୀଠ ପରିସରରେ ସଂସଦର ସ୍ଥାୟୀ ସଭାପତି ଦେବୀପ୍ରସାଦ ତ୍ରିପାଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଉପଦେଷ୍ଟା ଲିଙ୍ଗରାଜା ମଲ୍ଲ , କାର୍ଯ୍ୟକାରୀ ସଭାପତି ପଦ୍ମନାଭ ଭୋଇ , ଉପସଭାପତି ରମେଶ ଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ସୁବ୍ରତ ମହାପାତ୍ର, ସହ ସମ୍ପାଦକ ଶୀତାଂଶୁ ଶେଖର ରାୟ , ପ୍ରଦୀପ୍ତ ସାହୁ, ସୌମ୍ୟରଞ୍ଜନ ପାତ୍ର କୋଷାଧ୍ୟକ୍ଷ ଅଲେଖ ଚନ୍ଦ୍ର ବାରିକ , ସହ କୋଷାଧ୍ୟକ୍ଷ ମଧୁସୂଦନ ତ୍ରିପାଠୀଙ୍କ ସମେତ ସମସ୍ତ ସଭ୍ୟମାନେ ଯୋଗଦେଇ ଏହି ଉତ୍ସବକୁ ସରସ ସୁନ୍ଦର ଓ ସୂଚାରୁ ରୂପେ ସମାପ୍ତ କରିବାକୁ ନେଇ ବିସ୍ତୃତ ଆଲୋଚନା କରଯାଇଥିଲା । ସୂଚନା ଅନୁଯାୟୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗ ଦେଉଥିବାବେଳେ ଅନ୍ୟତମ ଅତିଥି ଭାବେ ସାଂସଦ ଡ. ବିଭୁପ୍ରସାଦ ତରାଇ ସେହିପରି ବରେଣ୍ୟ ଅତିଥି ବିଧାୟକ ପ୍ରଫେସର ରାମାକାନ୍ତ ଭୋଇ ଓ ସାରଦା ପ୍ରସନ୍ନ ଜେନା, ସମ୍ମାନୀୟ ଅତିଥିଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ ଭୋଇ ଓ ବିରିଡି ବ୍ଲକ ଅଧକ୍ଷା ମମତା ପାତ୍ର, ମୁଖ୍ୟବକ୍ତା ଭାବେ ବ୍ରହ୍ମଚାରି ସତ୍ୟାନନ୍ଦ ଦାସ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ବାବା ସତ୍ୟାନନ୍ଦ ଦାସଙ୍କୁ ଯଶୋବନ୍ତ ପ୍ରତିଭା ସମ୍ମାନ , ପୀତାମ୍ବର ତରାଇଙ୍କୁ ସାହିତ୍ୟ ପ୍ରତିଭା ସମ୍ମାନ , ସ୍ନେହମୟୀ ଆଚାର୍ଯ୍ୟଙ୍କୁ ଆଦର୍ଶ ନାରୀ ସମ୍ମାନ, ସୌଭାଗିନୀ ରାୟଙ୍କୁ ସଂସ୍କୃତି ସମ୍ମାନ , ଓ ଅଜୟ କୁମାର ଖୁଣ୍ଟିଆଙ୍କୁ ସେବାସମ୍ମାନ ଅର୍ପଣ କରାଯିବ । ଟ୍ରଷ୍ଟ ଗୁଡିକ ଦ୍ୱାରା ପ୍ରୋତ୍ସାହିତ ବୌଦ୍ଧିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ମଧ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି । ଏହି ସାରସ୍ୱତ ସଭାରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେବାକୁ ସଭାପତି ଶ୍ରୀ ତ୍ରିପାଠୀ ନିବେଦନ କରିଛନ୍ତି ।

# ଏନଟିପିସିକୁ ସମ୍ମାନଜନକ ପ୍ଲାଟିନମ ପୁରସ୍କାର

କଣିହାଁ (ଭାସ୍କର ନ୍ୟୁଜ): ସିଆଇଆଇ ଇଏଚଏସ୍ ବ୍ୟାଙ୍କ ବିଜନେସ ଏକ୍ସେଲେନ୍ସ ଆୱାର୍ଡ ୨୦୨୪ କାର୍ଯ୍ୟକ୍ରମ ଅବସରରେ ଅନୁଗୋଳ ଜିଲ୍ଲା କଣିହାସ୍ଥିତ ଏନଟିପିସିକୁ ସମ୍ମାନଜନକ ପ୍ଲାଟିନମ ପୁରସ୍କାର ପ୍ରଦାନ କରାଯାଇଛି । ନଭେମ୍ବର ୨୭ ତାରିଖରେ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ୩୨ତମ ସିଆଇଆଇ ଉତ୍କର୍ଷ ସମ୍ମିଳନୀରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଏନଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ ଏ.କେ ସେହଗଲ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ । ଏହି ପୁରସ୍କାର ଏନଟିପିସି ପ୍ରକଳ୍ପର ଅତୁଳନୀୟ ପ୍ରଦର୍ଶନକୁ ସ୍ୱୀକୃତି ଦେବା ସହ ଲକ୍ଷ୍ୟ ହାସଲ ପାଇଁ ନିରନ୍ତର ପ୍ରୟାସ ଏବଂ ଉତ୍କର୍ଷର ଉଦାହରଣ ଦେଉଛି । ସାମୂହିକ ପ୍ରୟାସପିପିସି ଡାଳଚେର କଣିହାଁକ ବିଜିନେସ୍ ୟୁନିଟ ହେଡ ଏ.କେ. ସେହଗଲ୍ କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି । ନିରନ୍ତର ନିଷ୍ଠା, ପରିଶ୍ରମ ଏବଂ ସହଯୋଗ ପାଇଁ ୟୁନିଅନ ଓ ଆସୋସିଏସନ ନିମନ୍ତେ ଶ୍ରୀ ସେହଗଲ ସମସ୍ତ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।



# ଚାରି ଅନାଥପିଲାଙ୍କୁ ଶୀତବସ୍ତ୍ର ପ୍ରଦାନ



ଭଞ୍ଜନଗର(ଭାସ୍କର ନ୍ୟୁଜ): ଭଞ୍ଜନଗର ନାହାଡୁଠ ସାହି ଠାରେ ବାପା-ମା ଙ୍କୁ ହରାଇଥିବା ୪ ଅନାଥ ପୁଅ-ଝିଅଙ୍କୁ ଶୀତବସ୍ତ୍ର ପ୍ରଦାନ କଲେ ସମାଜସେବୀ । ନିଜର ଘର ନଥିବାରୁ, ସାହିର କୋଠ ଘରେ ରହୁଥିବା ମୃତ ସୁକଳ ବେହେରାଙ୍କ ୪ ପୁଅ-ଝିଅଙ୍କ ନିକଟରେ ପହଞ୍ଚିଥିଲେ, ଜଗନ୍ନାଥପ୍ରସାଦ ଅଞ୍ଚଳର ସମାଜସେବୀ ବିପ୍ରଚରଣ ବାରିକ । ଶୀତର ପ୍ରକୋପ ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି, ସମସ୍ତ ୪ ଭାଇ-ଭଉଣୀ ଏବଂ ତାଙ୍କ ବୁଢ଼ୀ ମା'ଙ୍କୁ କମ୍ବଳ, ଲୁଗା, ପୋଷାକ ଏବଂ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଆବଶ୍ୟକ ସ୍ଥଳେ ପୁଣି ସାହାଯ୍ୟ ଯୋଗାଇ ଦେବାକୁ କହିଥିଲେ ଶ୍ରୀ ବାରିକ ।

# ଫେରାର ବ୍ୟାଙ୍କ ମ୍ୟାନେଜର ଗିରଫ

## ହେରଫେର୍ ୭୪ ଲକ୍ଷ ଟଙ୍କାର ତଦନ୍ତ ଜାରି

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): କାଶୀନଗର ଥାନା ଅନ୍ତର୍ଗତ ଖାଣ୍ଡବା ଠାରେ ଥିବା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ବ୍ୟାଙ୍କ ମଧ୍ୟରେ ରହି ବ୍ୟାଙ୍କ କୁ ଆସୁଥିବା ଧନୀ ବ୍ୟକ୍ତିଙ୍କ ଗ୍ରାହକ ମାନଙ୍କ ବିଶ୍ୱାସ ଭାଜନ ହୋଇ ସେମାନଙ୍କ ସଞ୍ଚିତ ଧନ ପ୍ରାୟ ଏକ କୋଟି ଏକୋଇଶି ଲକ୍ଷ ବାବନ ହଜାର (୧,୨୧,୫୨,୦୦୦) ଟଙ୍କା ଆତ୍ମସାତ କରି ଫେରାର ହୋଇ ଯାଇଥିଲେ । ଏହି ଅର୍ଥ ହେରଫେର ଘଟଣା ଜାଣିବା ପରେ ଆଞ୍ଚଳିକ ମ୍ୟାନେଜରଙ୍କ ଲକ୍ଷ୍ମୀ ନାରାୟଣ ସାସମଲ ଏହି ବର୍ଷ ଏପ୍ରିଲ ମାସ ପ୍ରଥମ ସପ୍ତାହରେ କାଶୀନଗର ଥାନାରେ ଏକ ଏତଲା ଯାହାର ନଂ ୪୦/୨୪ ରେ ଦେଇଥିଲେ । ସେହି ଏତଲାକୁ ଭିତ୍ତି କରି କାଶୀନଗର ଥାନା ଏପ୍ରିଲ ମାସ ଠାରୁ ତଦନ୍ତ କରି ଆସୁଥିଲେ । ବର୍ତ୍ତମାନ କାଶୀନଗର ଥାନା ଅଧିକାରୀ ଏତେ ଟଙ୍କା ର ହେରଫେର ହୋଇଥିବାରୁ ଏହି କେଶକୁ କେମିତି ପର୍ଦାଫାଶ କରି ଫେରାର ଥିବା ଅଭିଯୁକ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ହାଜତକୁ ପଠାଇବେ ସେଥିପାଇଁ ସେ ଏକ ଟିମ୍ କରି ତଦନ୍ତରେ ସଫଳ ହୋଇଥିଲେ । ଥାନା ଅଧିକାରୀ ସୁନୀଲ କୁମାର ବେହେରା ସୂଚନା ଦେଇ କହିଥିଲେ ଯେ ଅଭିଯୁକ୍ତ ବ୍ୟାଙ୍କ ମ୍ୟାନେଜର ଦୁର୍ଯ୍ୟୋଧନ ପଟେଲର ନିଜ ଗାଁ ଭବାନୀପାଟଣା ସହରର ଜୁନାଗଡ଼ ଥାନା ଅଧିନରେ ରହିଥିବା ଗୌଡ଼ ଛେଣ୍ଡିଆ ଗ୍ରାମ, ତାଙ୍କ ବାସ ଭବନରୁ ପୋଲିସ ଅଧିକାରୀମାନେ ଧରିବା ପରେ ସେକୋର୍ଟ ଚାଲାଣ ହୋଇଛି ବୋଲି କହିଥିଲେ ଏବଂ ତାଙ୍କ ନିକଟରୁ ୭୪ ଲକ୍ଷ ଟଙ୍କା ର ହେରଫେର୍ ହୋଇଥିବା ଜାଣିବାକୁ ପାଇଥିଲେ, ଯାହାର ତଦନ୍ତ ଚାଲୁ ରହିଛି ।

# ଦେଶୀ ମଦ ଜବତ ଘଟଣାରେ ୨ଗିରଫ

ବୋଲଗଡ଼,୧/୧୨(ଭାସ୍କର) : ବୋଲଗଡ଼ ଥାନା ପୋଲିସ ପାଟ୍ରୋଲିଂ ସମୟରେ ଶନିବାର ପୃଥକ ପୃଥକ ସ୍ଥାନରେ ଅତର୍କିତ ଚଡ଼ାଉ କରି ଦେଶୀ ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି । ପୋଲିସର ସୂଚନା କ୍ରମେ ସଂପୁର ବାନାମର ଜେନାଙ୍କ ପୁଅ ପ୍ରହ୍ଲାଦ ଜେନା(୫୭) ଦେଶୀ ମଦ ରଖ ପରିଷା ନିକଟରେ ବିକ୍ରି କରୁଥିବା ସମୟରେ ପୋଲିସ ଅତର୍କିତ ଚଡ଼ାଉ କରି ତା'ଠାରୁ ୭୦ଗୋଟି ପାଉଚ ଜବତ କରି ଥାନା କେଶ ନଂ-୨୯୪ରେ ମାମଲା ରୁଜୁ କରି ଗିରଫ କରିଛି । ସେହିପରି ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧିନ ଖାରଡ଼ପଲ୍ଲୀ ଗ୍ରାମର ମଦନ ନାୟକପୁଅ ମାଧବ ନାୟକ ଠାରୁ ୫ଲି.୬୦୦ଗ୍ରାମଦେଶୀ ଆସ୍କାଫର୍ଟ ମଦ ଜବତ କରି ଥାନା କେଶନଂ-୨୯୩ରେ ମାମଲା ରୁଜୁ କରି ଗିରଫ କରିଛି ।

# ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଆଠମଲ୍ଲିକ (ଭାସ୍କର ନ୍ୟୁଜ୍): ଆଠମଲ୍ଲିକ ବ୍ଲକ ଆମ୍ଭଶରମୁଣ୍ଡା ପଂଚାୟତର ପଥର ଖୁପା ଗ୍ରାମ ନିକଟରେ ଉକ୍ତ ପଂଚାୟତ ର ବାନ୍ଧଗାଁ ନିବାସୀ ଅରବିନ୍ଦ ନାୟକ ବୟସ ୩୬ ବର୍ଷ ବାଇକ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଥିବା ସ୍ଥଳେ ଅନ୍ୟ ଜଣେ ଅନୁଗୁଳ ଠାରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ପ୍ରକାଶ ଥାଉକି ଗତକାଲି ରାତ୍ରି ସମୟରେ ଅରବିନ୍ଦ ନାୟକ ଓ଼ ଗ୍ରାମର ଅନ୍ୟ ଜଣେ ବ୍ୟକ୍ତି ବାଇକ ଯୋଗେ ନିକଟସ୍ଥ ତାଳମୁଳିଆ ଗ୍ରାମରୁ ନିଜ ଗାଁ କୁ ବାଇକ ଯୋଗେ ଫେରୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତାରେ ଘୋଷାରି ହୋଇପଡିଲେ । ଫଳରେ ଅରବିନ୍ଦଙ୍କ ମୁଣ୍ଡ ଓ଼ ମୁହଁରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା । ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଆହତଙ୍କୁ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । ଏଠାରେ ଡାକ୍ତର ଅରବିନ୍ଦଙ୍କୁ ମୃତ ଘୋଷଣା କରିଥିଲେ ଓ଼ ଅନ୍ୟମାନଙ୍କୁ ଜିଲ୍ଲା ଚିକିତ୍ସାଳୟ କୁ ରେଫର କରିଥିଲେ । ଖବର ପ୍ରଚାରିତ ହେବ ପରେ ବାନ୍ଧଗାଁ ଠାରେ ଶୋକର ଲହରୀ ଖେଳି ଯାଇଥିଲା ଅରବିନ୍ଦ ଜଣେ ମେଳାପୀ ଓ଼ ପରୋପକାରୀ ବ୍ୟକ୍ତି ହୋଇଥିବାରୁ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା ।

# ଓଡ଼ିଶା ବ୍ରାହ୍ମଣ ସମାଜର ତୃତୀୟ ବାର୍ଷିକ ବୈଠକ



ବୋଲଗଡ଼ (ଭାସ୍କର ନ୍ୟୁଜ୍): ଜିଲ୍ଲା ଶାଖା ପକ୍ଷରୁ ବେଗୁନିଆ ସଦର ମହକୁମା ସ୍ଥିତ ମା' ବର ମୂଳେଇ ପୀଠରେ ଓଡ଼ିଶା ବ୍ରାହ୍ମଣ ସମାଜର ତୃତୀୟ ବାର୍ଷିକ ବୈଠକ ସମାଜସେବୀ ଶିଶିର କୁମାର ଆଚାର୍ଯ୍ୟଙ୍କ ଆବାହକତ୍ୱ ଓ ଅବସରପ୍ରାପ୍ତ ଫାର୍ମାସିଷ୍ଟ ଭାଗବତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ଏଥିରେ ଅନ୍ତରାଷ୍ଟ୍ରୀୟ ବ୍ରାହ୍ମଣ ସମାଜର ସମ୍ପାଦକ ରାଜୀବ ଲୋଚନ ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଜିଲ୍ଲା ସଭାପତି ହରି ପ୍ରସାଦ ହୋତା, ସମ୍ପାଦକ ମହେନ୍ଦ୍ର ଶତପଥି,ପ୍ରତିଷ୍ଠାତା ସଭାପତି ପଦ୍ମନାଭ ରଥ,ରାଜ୍ୟ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ଦାଶ, ଅବସରପ୍ରାପ୍ତ ସେନା କର୍ମଚାରୀ ବସନ୍ତ କୁମାର ହୋତା ଓ ଶିକ୍ଷାବିତ ଲମ୍ବୋଦର ଶତପଥି ପ୍ରମୁଖ ଅତିଥି ଭାବେ ଯୋଗଦେଇ ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବ୍ରାହ୍ମଣମାନଙ୍କୁ ଏକତ୍ରୀକରଣ କରି ସମାଜର ଉନ୍ନତି କାର୍ଯ୍ୟ କରିବ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । ଏପରିକି ଗ୍ରାମାଞ୍ଚଳରେ ଥିବା ଗରିବ ବ୍ରାହ୍ମଣ ପରିବାରର ପିଲାଙ୍କୁ ବ୍ରତୋପନୟନ, ଆର୍ଥିକ ଅନଗ୍ରସର କ୍ଷେତ୍ରରେ ଅସହାୟ ପରିବାରକୁ ସହାୟତା,ବେଦ ଶିକ୍ଷା ଓ ସଂସ୍କାର ମୂଳକ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା । ଆଗାମୀ ଦିନରେ ପ୍ରତି ଗ୍ରାମର ବ୍ରାହ୍ମଣଙ୍କୁ ଏକତ୍ରିକରଣ କାର୍ଯ୍ୟ ସହ ସଂଗଠନକୁ ସୁଦୃଢ କରି କର୍ମକର୍ତ୍ତା ଚୟନ କରିବାକୁ ନିଷ୍ପତ୍ତି ହୋଇଥିଲା ।

# ଦୁର୍ଘଟଣା ରୋକିବାକୁ ଅଭିନବ ପ୍ରୟାସ: ଭାରିଯାନ ଚାଳକଙ୍କୁ ମାଗଣା ଚା' ବଣ୍ଟନ




ଭଞ୍ଜନଗର(ଭାସ୍କର ନ୍ୟୁଜ): ରାତ୍ରକାଳୀନ ଦୁର୍ଘଟଣା ରୋକିବାକୁ ରାଜ୍ୟ ସରକାର ଏକ ନୂଆ ନିୟମ ହାତକୁ ନେଇଛନ୍ତି । ଭାରୀଯାନ ଯଥା ଟ୍ରକ, ବସ, ପିକଅପ୍‌ର ଚାଳକଙ୍କୁ ରାତ୍ରି ସମୟରେ ରାସ୍ତାକଡରେ ସ୍ୱତନ୍ତ୍ର ଭାବେ ମାଗଣା ଚା' ବଣ୍ଟନ କରାଯାଉଛି । ଡିସେମ୍ବର ୦୧ ଠାରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ପ୍ରତ୍ୟେକ ରାତିରେ ୩ ରୁ ସକାଳ ୬ ଟା ପର୍ଯ୍ୟନ୍ତ ଏଭଳି ମାଗଣା ଚାହା ଦିଆଯିବ । ସେହିପରି ଭଞ୍ଜନଗର ରେ ମଧ ସ୍ୱେଚ୍ଛାସେବୀ ସଂଗଠନ ବିପଦର ବନ୍ଧୁ ଓଡିଶା ପକ୍ଷରୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରେ ଭାରୀ ଯାନ ଚାଳକମାନଙ୍କୁ ମାଗଣା ଚାହା ପ୍ରଦାନ କରିବା ସହ ସଡ଼କ ସୁରକ୍ଷା ପରିବାର ରକ୍ଷାର ନିୟମ ସଂପର୍କରେ ସେମାନଙ୍କୁ ବୁଝାଉଥିବା ଆରଟିଓ ଶୁଭେନ୍ଦୁ ରଞ୍ଜନ ରାୟ ସୂଚନା ଦେଇଛନ୍ତି । ପ୍ରଥମ ଦିନରୁ ଏହା ବେଶ ପ୍ରଭାବ ପକାଇଥିବା ଲକ୍ଷ୍ୟ କରାଯାଇଛି ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



ରଘୁନାଥପୁର(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ରେଢୁଆ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ଲାଇବ୍ରେରୀୟାନ ବିଜୟା ନନ୍ଦ ସ୍ୱାଇଁ ଗତ ନଭେମ୍ବର ୩୦ ତାରିଖରେ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ସରୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏକ ଅବସରକାଳୀନ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଅଧକ୍ଷ ଶ୍ରୀ ପଣ୍ଡା ବିଜୟା ନନ୍ଦଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରିବା ସହ ଶ୍ରୀ ସ୍ୱାଇଁ ଦୀର୍ଘ ୩୬ବର୍ଷ ଚାକିରୀ ଜୀବନରେ ଜଣେ କର୍ମଠ,ବିଚାରବନ୍ତ ଓ ଉତ୍ସର୍ଗୀକୃତ କର୍ମଚାରୀଥିଲେ । ଯାହାଙ୍କ ବିନା ମହାବିଦ୍ୟାଳୟ ଉନ୍ନତି ସମ୍ଭବପର ହୋଇ ନଥାନ୍ତା ବୋଲି ମତପୋଷଣ କରିଥିଲେ । ଏଥିରେ ଅନ୍ୟତମ ଅତିଥିଭାବେ ଅଧ୍ୟାପକ ପ୍ରତାପ ଲେଙ୍କା ଯୋଗଦେଇ ସଭା ପରିଚାଳନା କରିବା ସହ ଶ୍ରୀ ସ୍ୱାଇଁଙ୍କ କର୍ତ୍ତବ୍ୟ ପରାୟଣତା ଓ ଛାତ୍ର ସମାନତା ପାଇଁ ସେ ଜଣେ ମହାନ ବ୍ୟକ୍ତିତ୍ୱ ବୋଲି କହିଥିଲେ । ଅଧ୍ୟାପକ ପ୍ରଶାନ୍ତ ନାୟକ, ଗଦାଧର ପାଣି, କେଦାର ମୁଦୁଲି, ରଂଜନ ମହାନ୍ତି, ସରୋଜ କାନ୍ତ ମିଶ୍ର,ହିମାଂଶୁ ଜେନା, ଆଲୋକ ପ୍ରଧାନ, ମନୋଜ ଦାସ, ସମରେନ୍ଦ୍ର ନାୟକ, ନାରାୟଣ ରଥ, ଅଧ୍ୟାପିକା ଯାଜ୍ଞସେନୀ ରାଉତ,ସ୍ମିତା ପ୍ରଧାନ, ସୁଜାତା ଦାସ, ସ୍ୱାଗତିକା ଦାସ, ଶାଶ୍ୱତୀ ନନ୍ଦ,ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ମହାବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଶ୍ରୀ ସ୍ୱାଇଁଙ୍କୁ ଏକ ଭାବବିହ୍ୱଳ ପରିବେଶରେ ବିଦାୟ ଦିଆଯାଇଥିଲା । ଶେଷରେ ଅଧ୍ୟାପିକା ସୌମ୍ୟା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

# ବିଶ୍ୱ ଏଡସ୍ ଦିବସ

## ସହରରେ ଶୋଭାଯାତ୍ରା ଓ ସଚେତନତା ସଭା ଓ ରକ୍ତଦାନ ଶିବିର




ଭଞ୍ଜନଗର(ଭାସ୍କରନ୍ୟୁଜ): ବିଶ୍ୱ ଏଡସ୍ ସଚେତନତା ଦିବସ ଅବସରରେ ରବିବାର ଭଞ୍ଜନଗର ସହରରେ ଏକ ସଚେତନତା ଶୋଭାଯାତ୍ରା ସହ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟ ସମ୍ମିଳନୀକକ୍ଷରେ ଏକ ସଚେତନତା ସଭା ଆୟୋଜିତ ହୋଇଯାଇଛି । ସେହିପରି ଏହି ବ୍ଲକର ମୁଜାଗଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିବାବେଳେ ଏଥିରେ ୩୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ସୂଚନା ମିଳିଛି । ରବିବାର ସକାଳୁ ସ୍ଥାନୀୟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୋଜିତ ଏକ ସଚେତନତା ଶୋଭାଯାତ୍ରାରେ ସ୍ଥାନୀୟ ନର୍ସିଂ କଲେଜର ଛାତ୍ରଛାତ୍ରୀ, ବିପଦର ବନ୍ଧୁ ଅନୁଷ୍ଠାନର ସ୍ୱେଚ୍ଛାସେବୀ ଓ ଅରୁଣା ସ୍ୱେଚ୍ଛାସବୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାଗଣ ମିଳିତ ଭାବେ ସହରରେ ଶୋଭଯାତ୍ରା ବାହାର କରି ଏଚଆଇଭି ଏଡସ୍ ସଂପର୍କରେ ଅନେକ ସଚେତନତା ସ୍ଲୋଗାନ୍ ଦେଇ ସହର ପରିକ୍ରମା କରିଥିଲେ । ଏମାନେ ମେଡିକାଲରୁ ବାହାରି ରେଡକ୍ରସ ରୋଡ, ମୁଖ୍ୟ ସଡକ ହୋଇ ବସଷ୍ଟାଣ୍ଡ ପରିସର, ବ୍ଲକ ରୋଡ, ମନଇଛା ସାହି, ପାଓ୍ୱାର ହାଉସ ଛକ ହୋଇ ଷ୍ଟେଟବ୍ୟାଙ୍କ ଛକ ଦେଇ ଶେଷରେ ମେଡିକାଲ ପରିସରରେ ପହଞ୍ଚିଥିଲେ । ଦିନ ୧୧ଟାରେ ମେଡିକାଲ ପରିସରରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା । ଏଥିରେ ଏସଡିଏମଓ ଇନ୍‌ଚାର୍ଯ୍ୟ ଡାକ୍ତର ସୁରେଶ ଚନ୍ଦ୍ର ସାମନ୍ତ ଅଧ୍ୟକ୍ଷତା କରିଥିବାବେଳେ ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିମଳ ଚରଣ ସ୍ୱାଇଁ ମୁଖ୍ୟବକ୍ତା ଓ ନର୍ସିଂ କଲେଜ ଅଧକ୍ଷା ସ୍ୱାଗତିକା ସାହୁ ଓ ଡାକ୍ତର ସିମାଞ୍ଚଳ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଶ୍ୱ ଏଡସ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଉଲ୍ଲେଖ କରିଥିଲେ । ଚଳିତବର୍ଷର ଥିମ୍ ' ଠିକ୍ ରାସ୍ତା ବାଛିବା' ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ମେଡିକାଲ ମେନେଜର ବିଚିତ୍ର କୁମାର ପାଣିଗ୍ରାହୀ ଏହି ଦିବସର ଆଭିମୁଖ୍ୟ ଉପରେ ଆଲୋକପାତ କରିବାସହ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ । ଏଆରଟି କାଉନସିଲର ସନୋଜ କୁମାର ମହାନ୍ତି ଭଞ୍ଜନଗର ଏଆରଟି କେନ୍ଦ୍ରର ଗତ ୧୦ବର୍ଷର ଉପଲବ୍ଧି ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଏଥିରେ ଭଞ୍ଜ କଲେଜ ଅଫ ନର୍ସିଂର ସମସ୍ତ ଛାତ୍ରଛାତ୍ରୀ, ବିପଦର ବନ୍ଧୁ ଅନୁଷ୍ଠାନର ସ୍ୱେଚ୍ଛାସେବୀଙ୍କ ସହ କିଛି ଏଚଆଇଭି ପଜିଟିଭ୍ ବ୍ୟକ୍ତିବିଶେଷ ଉପସ୍ଥିତ ରହିଥିଲେ । ଶେଷରେ ଫର୍ମାସିଷ୍ଟ ଚନ୍ଦ୍ରଶେଖର ନାହାକ ଧନ୍ୟବାଦ ଅର୍ପଣ କରିଥିଲେ । ମେଡିକାଲ ପକ୍ଷରୁ ସ୍ଥାନୀୟ ମୁଜାଗଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏଥିରେ ମୋଟ ୩୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା ।

# ବରପାଲି ଗ୍ରାମୀଣ ବ୍ୟାଙ୍କ ଡକାୟତି:୨ ବାଇକ୍ ସହ ୩ ଅଭିଯୁକ୍ତ ଗିରଫ

ବରଗଡ଼(ଭାସ୍କର ନ୍ୟୁଜ୍): ବରଗଡ଼ ଜିଲ୍ଲା ବରପାଲି ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ସନ୍ଧ୍ୟା ସମୟରେ ଏକ ଡକାୟତି ଉଦ୍ୟମ ହୋଇଥିଲା । ସ୍ଥାନୀୟ ଜନତା ଓ ପୋଲିସ୍ ଜଣକୁ କାବୁ କରିଥିବାବେଳେ ଆଉ ଦୁଇ ଜଣକୁ ପୋଲିସ ପିଛା କରି ଗିରଫ କରିଛି । ସେହି ଡକାୟତଙ୍କ ପାଖରୁ ୨ଟି ବାଇକ୍ ଜବତ କରିଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ, ୫ ଜଣ ବ୍ୟକ୍ତି ମୁଖା ଓ ମୁହଁରେ କପଡ଼ା ବାନ୍ଧି ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ । ପିସ୍ତଲ ଓ ଛୁରି ଦେଖାଇ ବ୍ୟାଙ୍କ ମ୍ୟାନେଜର ରାକେଶ ନାଏକ, ଆକାଉଣ୍ଟାଣ୍ଟ ଅଳକା ପଧାନ ଓ ପିଓ ସୁସ୍ମିତା ସାହୁଙ୍କୁ ଧମକ ଦେଇଥିଲେ । ବ୍ୟାଙ୍କ ମ୍ୟାନେଜର ଶ୍ରୀ ନାଏକଙ୍କ ଠାରୁ ତାଙ୍କ ମୋବାଇଲ ସହ ମନିପର୍ସରୁ ଟଙ୍କା ନେଇ ଯାଇଥିଲେ । ଏହାପରେ ଅନ୍ୟମାନଙ୍କୁ ବ୍ୟାଙ୍କ ଆକାଉଣ୍ଟ ଡ୍ର ଚାବି ମାଗିଥିଲେ । ଏ ସମୟରେ ବ୍ୟାଙ୍କ ମ୍ୟାନେଜର ଚତୁରତାର ସହ ବ୍ୟାଙ୍କ ସାଇରନ୍ ବଜାଇବାରୁ ପୋଲିସ ଭୟରେ ଡକାୟତ ଫେରାର ମାରିଥିଲେ । ଗୋଟିଏ ବାଇକରେ ୨ ଜଣ ଫେରାର୍ ହେବା ସହ ତିନି ଜଣଙ୍କ ମଧ୍ୟରୁ ଜଣେ ଏକ ବୁଦାରେ ପଶି ଯାଇଥିବାରୁ ପୋଲିସ ସହ ଲୋକେ ତାକୁ କାବୁ କରିଥିଲେ । ଧରା ହୋଇଥିବା ବ୍ୟକ୍ତି ଜଣକ ମହିଳା ପୋଷାକ ପିନ୍ଧିଥିଲା । ସଂପୃକ୍ତ ବ୍ୟକ୍ତି ପାଖରୁ ପୋଲିସ ଏକ ପଲସର ବାଇକ୍ (ଓଡି ୧୭ଏଏ ୯୦୩୯) ଓ ଖେଳଣା ବନ୍ଧୁକ ଜବତ କରିବା ସହ ଅଧିକ ତଦନ୍ତ ପାଇଁ ଅଟକ ଥିବା ଡକାୟତକୁ ପଚରାଉଚରା କରୁଥିବା ଜଣାପଡିଛି । ବ୍ୟାଙ୍କ ମ୍ୟାନେଜର ବରପାଲି ଥାନାରେ ଏକ ଅଭିଯୋଗ କରିଥିଲେ । ପୋଲିସ ୩ ଜଣଙ୍କୁ ଗିରଫ କରିଥିବାବେଳେ ଲୁଟ କରିଥିବା ମୋବାଇଲ ଜବତ କରିଛି । ଖେଳଣା ବନ୍ଧୁକ ଦେଖାଇ ଲୁଟ ଉଦ୍ୟମ ହୋଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି । ସୂଚନାଯୋଗ୍ୟ, ଗତ ବର୍ଷ ଏହି ଗ୍ରାମୀଣ ବ୍ୟାଙ୍କରୁ ସମାନ ପ୍ରକାରରେ ଡକାୟତି ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି ।

# ଲୋକନାଥ ମହାବିଦ୍ୟାଳୟରେ ଆଲାମୁନି ବୈଠକ



ଗରଦପୁର(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତ୍ତମ କଲେଜ୍ କୋରୁଆ ସ୍ଥିତ ଲୋକନାଥ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ମେଜର୍ ମନୋରଞ୍ଜନ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିବା ସହିତ କଲେଜରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମ, ଶିକ୍ଷାଦାନ ବ୍ୟବସ୍ଥାର ପରିବର୍ତ୍ତନ ଓ ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ସହଯୋଗ ଯୋଗୁଁ ଲୋକନାଥ ମହାବିଦ୍ୟାଳୟ ଆଜି ରାଜ୍ୟର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ରେ ପରିଣତ ହୋଇପାରିଛି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । କଲେଜର ପୁରାତନ ଛାତ୍ରମାନଙ୍କ ମଧ୍ୟରୁ ଲୋକନାଥ ମହାବିଦ୍ୟାଳୟ ର ଅଧ୍ୟାପକ ରମାକାନ୍ତ ପାଣି, ସୁବାସ ସାମଲ, ପ୍ରମୋଦ ପତି, ନବାବ ପଣ୍ଡା, କ୍ଷିରୋଦ ନନ୍ଦି, ରମେଶ ଦେଠୀ, ଜ୍ୟୋତି ରଞ୍ଜନ ସାହୁ, ପ୍ରଦୀପ ନାୟକ ଓ ଚିନ୍ମୟୀ ଜେନା ପ୍ରମୁଖ ଲୋକନାଥ ମହାବିଦ୍ୟାଳୟର ଗାରିମା ଓ ଗୌରବ ର ଗାଥା ସମ୍ପର୍କରେ ନିଜ ନିଜର ମତ ରଖିଥିଲେ । ଆଲମୁନିର କର୍ମକର୍ତ୍ତା ଭାବେ ରଂଜିତ ବେହେରା, ସଭାପତି,ରମାକାନ୍ତ ପାଣି, ଉପସଭାପତି, ସୁବାସ ସାମଲ, ସମ୍ପାଦକ, ନବାବ ପଣ୍ଡା, କୋଷାଧକ୍ଷ ଓ ସଦସ୍ୟ ଭାବେ ସୁଧୀର ସାହୁ, ସୁଧୀର ମୁଦୁଲି, ରମେଶ ଦେଠି, କ୍ଷୀରୋଦ ନନ୍ଦୀ, ଚିନ୍ମୟୀ ଜେନା, ନୃସିଂହ ଷଡ଼ଙ୍ଗୀ ନିର୍ବୋଧରେ ନିର୍ବାଚିତ ହୋଇଛନ୍ତି । କଲେଜ ଅଧକ୍ଷ ନବ ନିର୍ବାଚିତ କମିଟିକୁ ପୁଷ୍ପ ଗୁଚ୍ଛଦେଇ ସ୍ୱାଗତ କରିଥିଲେ । ସମସ୍ତେ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଶପଥ ନେଇଥିଲେ ।

# କାର ଧକ୍କାରେ ଭାଙ୍ଗିଲା ପୂର୍ବତନ ସରପଞ୍ଚଙ୍କ ପ୍ରତିମୂର୍ତ୍ତି



ରଘୁନାଥପୁର(ଭାସ୍କର ନ୍ୟୁଜ୍): (ଭାସ୍କରନ୍ୟୁଜ) ବିରିଡି ଥାନା କଇଜଙ୍ଗା ବଜାରରେ ଥିବା ଅବିଭକ୍ତ ଉତ୍ତର ଶାସନ ଗ୍ରାମପଞ୍ଚାୟତରର ପୂର୍ବତନ ସରପଞ୍ଚ ସ୍ୱର୍ଗତ ହେମନ୍ତ କୁମାର ଜେନାଙ୍କ ପ୍ରତିମୂର୍ତ୍ତି ଭାଙ୍ଗି ତଳେ ପଡିଥିବା ଦେଖିବାକୁ ମିଳିଛି । ଆଜି ବଡି ଭୋର ସମୟରେ ଏହି ଘଟଣା ଘଟିଥିବାବେଳେ ଏକ କାର ଧକାରେ ଉକ୍ତ ପ୍ରତିମୂର୍ତ୍ତି ଭାଙ୍ଗିଥିବା ସୂଚନା ମିଳିଛି । ଖବର ମୁତାବକ ଜଗତସିଂହପୁର ପଟୁ କଟକ ଅଭିମୁଖେ ଯାଉଥିବା ଏକ କାର ଆଗରେ ଷଣ୍ଢ ପଶିଯିବାରୁ ବାଧହୋଇ କାର ଚାଳକ ମୂର୍ତ୍ତି ଆଡକୁ କାଟି ଦେଇଥିଲେ । ଗାଡିର ବେଗ ଅଧିକଥିବାରୁ ସିଧା ହେମନ୍ତ ଜେନାଙ୍କ ପ୍ରତିମୂର୍ତ୍ତିରେ ମାଡ଼ ହେବାସହ ମୂର୍ତ୍ତି ଭାଙ୍ଗି ତଳେ ପଡିଯାଇଥିଲା । ଏଥିସହିତ ନିକଟରେ ଥିବା ଏକ ବିଦ୍ୟୁତ ଖୁଣ୍ଟ ସହ ମଧ ମାଡ ହୋଇଥିଲା ଫଳରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି । କିନ୍ତୁ ଚାଳକ ସୁରକ୍ଷିତ ଥିବାର ମଧ ସୂଚନା ମିଳିଛି । ଖବର ପାଇ ବିରିଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରି ତଦନ୍ତ କରୁଥିବା ଜଣାଯାଇଛି ।

# ଗଜ ସାଥି ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର

କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ବନଖଣ୍ଡ ତରଫରୁ ରବିବାର ଦିନ କାର୍ଯ୍ୟାଳୟ ପରିସରରେ ଏସିଏଫ୍ ମଦନମୋହନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଗଜସାଥି ମାନଙ୍କୁ ନେଇ ଏକ ଦିନିକିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ଡି. ଏଫ. ଓ ଶ୍ରୀକାନ୍ତ ନାୟକ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ରେଞ୍ଜ ଅଧିକାରୀ ପ୍ରଦୀପ ପୃଷ୍ଟି, ସାଂସଦ ପ୍ରତିନିଧି ଆଶିଷ କୁମାର ମହାନ୍ତ,ସମାଜସେବୀ ପୂରେନ୍ଦ୍ର ହାଂସଦା, ସାମ୍ବାଦିକ ଚନ୍ଦ୍ର କୁମାର ଲଳିତେନ୍ଦୁ ଦାସ ଯୋଗ ଦେଇ ଗଜ ସାଥୀଙ୍କ ଭୂମିକା, ସମସ୍ୟା, ଗଜ ସାଥି କିପରି ଦିନ ରାତି ସଜାଗ ରହି ଦାୟିତ୍ୱ ତୁଲାଇ ଥାନ୍ତି ତାରି ଉପରେ ଆଲୋଚନା କରିଥିଲେ ।ଏହି ଶିବିରକୁ ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୦୦ ଗଜ ସାଥି, ଲୋକ ପ୍ରତିନିଧି, ବନ ବନ କର୍ମଚାରୀ, ବନ ସୁରକ୍ଷା ସମିତି ସଭ୍ୟ ଯୋଗ ଦେଇଥିଲେ ଶିବିର ରେ ମୁଖ୍ୟ ପ୍ରଶିକ୍ଷକ ଭାବେ ମାଷ୍ଟର ଟ୍ରେନର ସୁବ୍ରତ ବିଶ୍ୱାଳ ଯୋଗ ଦେଇ ଗଜସାଥି ମାନଙ୍କୁ ହାତୀର ବ୍ୟବହାର, ହାତୀର ବୈଶିଷ୍ଟ୍ୟ, ତାଠାରୁ କିପରି ସୁରକ୍ଷିତ ରହିବା, ହାତୀ ଆମର କଣ ଉପକାର କରେ, ହାତୀ ଠାରୁ କିପରି ସୁରକ୍ଷା ରହିବା, ହାତୀ ଠାରୁ ଫସଲ, ଗୃହ କୁ କିପରି ରକ୍ଷା କରାଯିବ ତାରି ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

# କବିତା ସଂକଳନ 'ଅନ୍ତଃସ୍ୱର' ଉନ୍ମୋଚିତ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ ): ଆର୍ଯ୍ୟଭଟ୍ଟ ପରିସରରେ କବି ସାହିତ୍ୟିକ ଓ ପରିବେଶ ପ୍ରେମୀଙ୍କ ଏକ ଭବ୍ୟ ସମାବେଶ ରେ ଉନ୍ମୋଚିତ ହୋଇଯାଇଅଛି । ପରିବେଶବିତ ସୁଧୀର ରାଉତଙ୍କ ଲିଖିତ ଏହି କବିତା ସଙ୍କଳନ 'ଅନ୍ତଃସ୍ୱର' ର ଉନ୍ମୋଚନ ସମାରୋହରେ ବିଶିଷ୍ଟ ରାଜନୀତି ବିଶାରଦ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଧାପକ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଳବାୟୁ ପରିବର୍ତ୍ତନ ର ଭୟାବହ ପରିଣତି ବିଷୟରେ ଆଲୋଚନା କରି ଗାନ୍ଧୀବାଦରେ ଏହାର ଏହାର ସମାଧାନର ସୂତ୍ର ବିଷୟରେ ଆଲୋଚନା କରିବା ସହ ସୁଧୀର ରାଉତଙ୍କ ସମାଜ ପ୍ରତି ସଂବେଦନଶୀଳତା ଓ ପରିବେଶ ସୁରକ୍ଷା ଦିଗରେ ତାଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ । 'ଅନ୍ତଃସ୍ୱର' ସମାଜକୁ ସୁଧାରିବା ଓ ପରିବେଶ ସୁରକ୍ଷାର ବାର୍ତ୍ତାବହ ହେବ ବୋଲି ଆଶା ପୋଷଣ କରିଥିଲେ । ବରିଷ୍ଠ ସାମ୍ବାଦିକ ସୁନୀଲ ମୋହନ ପଟ୍ଟନାୟକ କବିତା ଗୁଡିକର ସମୀକ୍ଷା କରି ପ୍ରତି କବିତାରେ ସମାଜ ପ୍ରତି ରହିଥିବା ମାର୍ମିକ ନିବେଦନ ଓ ଏକ ଆଶାବାଦୀର ସ୍ୱପ୍ନ ବିଷୟରେ ଆଲୋଚନା କରି କବିତା ଗୁଡିକ ନିଶ୍ଚିତ ଭାବେ ଆଦୃତ ହେବ ବୋଲି ଆଶା ପୋଷିଥିଲେ । ବରିଷ୍ଠ ସାହିତିକା ଶ୍ରୀମତୀ ସୌଦାମିନୀ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ କବିତାର ସାହିତ୍ୟିକ ଓ ପରିବେଶୀୟ ଦିଗ ବିଷୟରେ ଆଲୋଚନା କରି କବିତା ଗୁଡିକରେ ବିଶିଷ୍ଟ କବିମାନଙ୍କର ଭାବନାର ସ୍ପର୍ଶ ରହି ସମାଜ ପାଇଁ ଏକ ବଳିଷ୍ଠ ବାର୍ତ୍ତା ବହନ କରିଥିବା ମତବ୍ୟକ୍ତ କରିଥିଲେ ।




କ୍ଷୀରସିନ୍ଧୁ ମହାନ୍ତି ସ୍ୱାଗତ ସମ୍ଭାଷଣ ଦେଇଥିଲେ ଓ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନର ବରିଷ୍ଠ ସଦସ୍ୟ ଓ ଶିକ୍ଷାବିତ ଶ୍ୟାମସୁନ୍ଦର ଖାଡଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ବରିଷ୍ଠ ସାମ୍ବାଦିକ ହୃଷିକେଶ ମହାନ୍ତି, ବିଘ୍ନେଶ୍ୱର ସାହୁଙ୍କ ସମେତ ଗଣମାଧ୍ୟମର ଅନେକ କର୍ମକର୍ତ୍ତା , ଇ. ତେଜେଶ୍ୱର ରାଓ, ସବିତା ସାହୁକାର, କାହ୍ନୁଚରଣ ବିହାରୀଙ୍କ ସମେତ ବହୁ କବି ସାହିତ୍ୟିକ ଓ ପରିବେଶପ୍ରେମୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ସୁଶାନ୍ତ ମହାନ୍ତି, ଭୀମରାଜୁ ପାତ୍ର ଓ ମାଧବ ନାୟକ ପରିଚାଳନା କରିଥିଲେ ।

### 'ନୃତ୍ୟ ସଙ୍ଗମ' ଉଦ୍‌ଯାପିତ

# ଘୁମୁରା ଓ ବାଜାଶାଲ୍ ନୃତ୍ୟରେ ଦୁଲୁକିଲା ମଞ୍ଚ




ଭବାନୀପାଟଣା, (ଭାସ୍କର ନ୍ୟୁଜ): ସ୍ଥାନୀୟ ଲାଲ୍ ବାହାଦୂର ଷ୍ଟାଡିୟମ ଠାରେ ତିନିଦିନ ଧରି ଅନୁଷ୍ଠିତ ହୋଇ ଆସୁଥିବା ଭବାନୀପାଟଣାର ଅଗ୍ରଣୀ ଅନୁଷ୍ଠାନ 'ପ୍ରତିଭା'ର ୨୪ତମ ସାଂସ୍କୃତିକ ମହୋତ୍ସବ 'ନୃତ୍ୟ ସଙ୍ଗମ-୨୦୨୪' ଏକ ମନୋଜ୍ଞ ପରିବେଶ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି । ଭାରତର ସୃଜନଶୀଳ କଳା ହିଁ ନିର୍ମାଣ କରେ ପାରସ୍ପରିକ ସମ୍ପର୍କର ସେତୁବନ୍ଧ । ସାଂସ୍କୃତିକ ମୂଲ୍ୟବୋଧ ଭିତ୍ତିରେ କଳାହାଣ୍ଡି ଆଜି ଲୋକନୃତ୍ୟକୁ ଏକ ଉତ୍ସର୍ଗୀକୃତ ଭାବନାରେ ସାଇତି ରଖି ଆସୁଛି । ବିଶେଷକରି ଦୀର୍ଘ ୨୪ବର୍ଷ ଧରି ପ୍ରତିଭା ଅନୁଷ୍ଠାନ ଏ ଦିଗରେ ନିଜର ତପସ୍ୟା ଓ ସାଧନା ଜାରି ରଖିଛି । ପାରମ୍ପରିକ କଳା, ଲୋକନୃତ୍ୟ ଓ ଲୋକବାଦ୍ୟର କଳା କୌଶଳକୁ ଆଗାମୀ ଦିନ ନିମନ୍ତେ ଅକ୍ଷୁର୍ଣ୍ଣ ରଖିବା ପାଇଁ ଯେଉଁମାନଙ୍କର ଜିଜ୍ଞାସା ତାହା ବେଶ ପ୍ରଶଂସନୀୟ । ନୃତ୍ୟ ସଙ୍ଗମ ମଞ୍ଚ ମାଧ୍ୟମରେ ସୃଜନଶୀଳ କଳା ଯେମିତି ପାରସ୍ପରିକ ସମ୍ପର୍କରେ ସେତୁବନ୍ଧର ଭୂମିକା ଗ୍ରହଣ କରୁ ବୋଲି ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ । ନୃତ୍ୟ ସଙ୍ଗମ ୨୦୨୪ର ଉଦ୍‌ଯାପନୀ ସାଂସ୍କୃତିକ ସନ୍ଧ୍ୟାରେ ଅତିଥି ଭାବେ ପ୍ରବୋଧ ରଥ, ପୂର୍ବତନ ସଚିବ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଜୟନ୍ତ କୁମାର ବେହେରା, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଏୱାର୍ଡି, ଆନନ୍ଦ ବର୍ଦ୍ଧନ ଗୁରୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, କଳାହାଣ୍ଡି, ମୁଖ୍ୟ ଅତିଥି ଭାବେ ବିଷ୍ଣୁ ପ୍ରଧାନ, ପୌରାଧ୍ୟକ୍ଷ, ଭବାନୀପାଟଣା ପୌରପରିଷଦ, ପୁଷ୍ପେନ୍ଦ୍ର ସିଂଦେଓ, ଅଧ୍ୟକ୍ଷ ଜିଲ୍ଲାପରିଷଦ, କଳାହାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ସଭା କାର୍ଯ୍ୟ ପ୍ରାରମ୍ଭରେ ପ୍ରତିଭା ଅନୁଷ୍ଠାନ ସଭାପତି ଧ୍ୟାନାନନ୍ଦ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ଆଜିର ଉଦ୍‌ଯାପନୀ ଦିବସର ସମ୍ବର୍ଦ୍ଧନା ପର୍ବରେ ଗୁରୁ ସୀମାଞ୍ଚଳ ନାଗଙ୍କୁ ପ୍ରତିଭା ଲୋକ କଳାରତ୍ନ ସମ୍ମାନ, ଶ୍ୟାମ ପ୍ରସାଦ ସାହୁ ପ୍ରଦତ୍ତ ରାମ ପ୍ରସାଦ ସ୍ମୃତି ସମ୍ମାନ, ଶୁଭଶ୍ରୀ ମୁଖାର୍ଜୀଙ୍କୁ ପ୍ରତିଭା ନୃତ୍ୟ ପ୍ରତିଭା ସମ୍ମାନ, ଲୋଚନୀ ବାଗଙ୍କୁ ପ୍ରତିଭା ନାଟ୍ୟଶ୍ରୀ ସମ୍ମାନ, କମ୍ବୁପାଣି ବାଗଙ୍କୁ ପ୍ରତିଭା ଯୁବ କଳାକାର ସମ୍ମାନ, ସୁଦାମ ବିଶିଙ୍କୁ ପ୍ରତିଭା ଯୁବ ପ୍ରତିଭା ସମ୍ମାନ, ଅମିୟ ସାହୁଙ୍କୁ ପ୍ରତିଭା ସହଯୋଗୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସହଯୋଗ କରିଥିବା ପରିମଳ ବ୍ୟବସ୍ଥାପକ ମଧୁଲାଲ ନାଏକ, ମନୋରଞ୍ଜନ ସାଉଣ୍ଡର ସଞ୍ଜୟ ମହାପାତ୍ର, ଟେଣ୍ଟ ହାଉସର ବିନୋଦ ବିହାରୀ ବେହେରା, ଭୋଜନ ବ୍ୟବସ୍ଥାପକ ସତ୍ୟ ପ୍ରଧାନ, ଉଦ୍‌ଘୋଷକ ଅଞ୍ଜନ କୁମାର ପଧାନ, କଳାହାଣ୍ଡି କଲେଜ୍ ଆର୍ଟ ଏଣ୍ଡ ରିସର୍ଚ୍ଚ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା । ଏହା ସହିତ ଭାଷା ଓ ସଂସ୍କୃତି ବିଭାଗ, ତେଲେଙ୍ଗାନା ସରକାର ଦଳ, ଗୁରୁ ଇର୍ଲି ମହିପାଲଙ୍କ ଓଗୁ ଢ଼ୋଲୁ, ଶ୍ରୀମତୀ ଝିଲମିଲ୍ ଡେକାଙ୍କ ବିହୁ, ଆସାମ ଆଦି ସାଂସ୍କୃତିକ ଦଳଗୁଡ଼ିକୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ସମ୍ପାଦକ ଚିଣ୍ଟୁ ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଯାପନୀ ଦିବସର ସାଂସ୍କୃତିକ ସନ୍ଧ୍ୟାରେ ମଞ୍ଚ ପରିଚାଳନା କରିଥିଲେ ଯୁବ ଉଦଘୋଷକ ଅଞ୍ଜନ ପ୍ରଧାନ । ମଞ୍ଚରେ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ସାଂସ୍କୃତିକ ଦଳ ତଥା ଓଡିଶୀ ନୃତ୍ୟ ସକ୍ଷମ ନୃତ୍ୟ ଏକାଡେମୀ, ଘୁମୁରା ନୃତ୍ୟ ପ୍ରତିଭା ଭବାନୀପାଟଣା, ଅନୁରାଧା ରାୟ, କୋଲକାତା, ଆସାମର ବିହୁ, ସୋନି ଡାନ୍ସ ଗ୍ରୁପ, ଭବାନୀପାଟଣା, ବୋଧନ ସାଂସ୍କୃତିକ ଅନୁଷ୍ଠାନ, ମାଲଖମ୍ ପୁରୀ ଏବଂ ଅଗ୍ନି ଭୈରବ ବଜାସାଲ ଆଦି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।




### ଚାଷୀଙ୍କୁ କାଳ ବର୍ଷା ଓ କୋହଲା ପାଗ

# ଡାଲି ଜାତୀୟ ଫସଲ ନଷ୍ଟ ହେବା ଆଶଙ୍କା

- ବ୍ଲକରେ ଏପର୍ଯ୍ୟନ୍ତ ଖୋଲି ନାହିଁ ମଣ୍ଡି
- ଖଳାରେ ଗଦା ହୋଇଛି ଧାନ



କୋକସରା,(ଭାସ୍କର ନ୍ୟୁଜ): ଗତ ଦୁଇ ଦିନ ହେବ କୋକସରା ଅଞ୍ଚଳରେ ଘନ କୁହୁଡ଼ି ସାଙ୍ଗକୁ କୋହଲା ପାଗ ଲାଗି ରହିଛି । କିଛି ସ୍ଥାନରେ ସାମାନ୍ୟ ବର୍ଷା ମଧ୍ୟ ପଡ଼ିଛି । କୋହଲା ପାଗ ସହିତ ଅସମୟରେ ବର୍ଷା ଚାଷୀର ଖଳାରେ ଗଦା ହୋଇଥିବା ଧାନ ଓ ଡ଼ାଲି ଜାତୀୟ ଫସଲକୁ ପ୍ରଭାବିତ କରିଛି । ଅନ୍ୟପକ୍ଷରେ ଅଧିକାଂଶ ଚାଷୀର ଧାନ ଅମଳକ୍ଷମ ହୋଇ ଖଳାରେ ଗଦା ହୋଇଥିବାବେଳେ ବର୍ଷା ଦାଉ ସାଧୁଛି । ଚଳିତ ବର୍ଷ କୋକସରା ବ୍ଲକର ଅଣଜଳସେଚିତ ଅଞ୍ଚଳର ଚାଷୀ ପାଣି ଅଭାବରୁ ମରୁଡ଼ିର ସମ୍ମୁଖୀନ ହୋଇଛନ୍ତି । କିଛି ଚାଷୀ ନଦୀ, ନାଳ, ପୋଖରୀ ଆଦିରୁ ପାଣି ଉଠାଇ ଧାନ ଅମଳ କରିଥିବାବେଳେ ଜଳସେଚିତ ଅଞ୍ଚଳରେ ରୋଗପୋକ ଚାଷୀଙ୍କ ଧାନ ଚାଷକୁ ନଷ୍ଟ କରିଦେଇଛନ୍ତି । ବର୍ତ୍ତମାନ ବ୍ଲକରେ ୭୫ ପ୍ରତିଶତ ଧାନ କଟା ସରିଛି । ଚଳିତ ବର୍ଷ ଜିଲ୍ଲାରେ ବିଳମ୍ବରେ ଧାନ ମଣ୍ଡି ଖୋଲିଛି, ହେଲେ କୋକସରା ବ୍ଲକରେ ବର୍ତ୍ତମାନ ସୁଦ୍ଧା କୌଣସି ମଣ୍ଡି ଖୋଲି ନଥିବା ଜଣାପଡ଼ିଛି । ତେଣୁ ଚାଷୀ ଧାନ କାଟି କିଏ ଖୋଲା ଆକାଶ ତଳେ ଖଳାରେ ରଖିଛି ତ' ଆଉ କିଏ ରାସ୍ତା କଡ଼ରେ ଧାନକୁ ଗଦା କରି ମଣ୍ଡି ଖୋଲିବା ଦିନକୁ ଚାହିଁଛି । ଏପଟେ ସୋମବାର ସୁଦ୍ଧା କୋକସରା ବ୍ଲକର ବିଭିନ୍ନ ମଣ୍ଡିରୁ ଧାନ ଉଠାଣ ହେବ ବୋଲି ଜଣାପଡ଼ିଛି । ଅନେକ ଚାଷୀଙ୍କ ଟୋକନ ଆସି ନଥିବା ବେଳେ ଟୋକନ ଆସିବା ଦିନକୁ ଅନାଇ ରହି କିଛି ଚାଷୀ ନିଜର ମୌଳିକ ଆବଶ୍ୟକତା ପୂରଣ କରିବା ପାଇଁ ବାଧ ହୋଇ ଦଲାଲ ପାଖରେ କଷ୍ଟ ଉପାର୍ଜିତ ଧାନକୁ ବିକ୍ରୀ କରୁଛନ୍ତି । ଆଉ କିଛି ଚାଷୀ ବର୍ଷାରେ ଧାନ ଭିଜି ଯିବା ଆଶଙ୍କା କରି ବେପାରୀକୁ କମ୍ ମୂଲ୍ୟରେ ଟେକି ଦେଉଥିବା ଜଣାପଡିଛି । ସେହିପରି ଡ଼ାଲି ଜାତୀୟ ଫସଲ କରିଥିବା ଚାଷୀ ମଧ୍ୟ ଚିନ୍ତାରେ ପଡି ଯାଇଛନ୍ତି । କାରଣ କୋହଲା ପାଗ ଡ଼ାଲି ଜାତୀୟ ଫସଲକୁ ପ୍ରଭାବିତ କରିଛି । କୋକସରା ବ୍ଲକରେ ଚଳିତ ବର୍ଷ ମୁଗ ୩୪୭୦ ହେକ୍ଟର, ବିରି ୩୦୭୭ ହେକ୍ଟର ଓ ହରଡ଼ ୪୧୪୩ ହେକ୍ଟର ଆଦି ଜମିରେ ଡ଼ାଲି ଜାତୀୟ ଫସଲ ହୋଇଥିବା ସୂଚନା ରହିଛି । ବର୍ତ୍ତମାନ ହରଡ଼ ଫୁଲ ଧରିବା ସମୟ ହୋଇଥିବାବେଳେ ବର୍ଷା ଓ କୋହଲା ପାଗ ସମ୍ପୂର୍ଣ୍ଣ ପ୍ରଭାବ ପକାଇଛି । କୋହଲା ପାଗ ଓ ବର୍ଷା ଯୋଗୁଁ ହରଡ଼ ଫୁଲ ଝରିବା ସହ ଫଳରେ ରୋଗ ଲାଗିବା ଯଥେଷ୍ଟ ସମ୍ଭାବନା ରହିଛି । ହରଡ଼ ସହ ଅନ୍ୟ ଡ଼ାଲି ଜାତୀୟ ଫସଲ ମଧ୍ୟ କୋହଲା ପାଗ ଯୋଗୁଁ ନଷ୍ଟ ହେବାକୁ ବସିଛି । ଏଣେ ଏଭଳି ପାଗ ଆଗକୁ ଲାଗି ରହିଲେ ଡାଲି ଜାତୀୟ ଫସଲ ଠାରୁ ଆରମ୍ଭ କରି ପରିବା ଚାଷ ଓ ଚାଷୀ ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହେବେ ବୋଲି ଅଞ୍ଚଳର ପୁରୁଖା ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

# ଡ୍ରାଇଭର ମହାସଂଘର ବୈଠକ



କୋକସରା,(ଭାସ୍କର ନ୍ୟୁଜ): କୋକସରା ବ୍ଲକ ବଙ୍ଗୋମୁଣ୍ଡାଠାରେ ରବିବାର ବ୍ଲକ ଡ୍ରାଇଭର ମହାସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି । ବ୍ଲକ ସଭାପତି ଜଗନ୍ନାଥ ଦଳପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଉପଦେଷ୍ଟା ଭଗବାନ ପଟ୍ଟନାୟକ ଯୋଗ ଦେଇଥିଲେ । ବୈଠକରେ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏହାପରେ ସମସ୍ତ ନିତିନିୟମ ମାନି ଗାଡ଼ି ଚଲାଇବା, ଅନ୍ୟମାନଙ୍କୁ ସହଯୋଗ କରିବା, ନିଶା ସେବନ ଠାରୁ ଦୂରେଇ ରହି ଗାଡ଼ି ଚଲାଇବା ଭଳି ବିଭିନ୍ନ ବିଷୟରେ ଅନୁରୋଧ କରାଯାଇଥିଲା । ଏହି ଅବସରରେ ଅନେକ ଦିନରୁ ବ୍ଲକ ସଂଘରେ ଖାଲି ପଡିଥିବା ଉପସଭାପତି, ସହସମ୍ପାଦକ, ଉପଦେଷ୍ଟା ଓ ଓଡିଏମ୍ ସିକ୍ୟୁରିଟି ପଦପଦବୀ ପୂରଣ କରିବା ମନୋନୀତ ହୋଇଥିଲା । ସର୍ବସମ୍ମତି କ୍ରମେ ବ୍ଲକ ଉପସଭାପତି ଭାବେ ବୃନ୍ଦାବନ ଦୁର୍ଗା ମନୋନୀତ ହୋଇଥିବା ବେଳେ ସହ ସମ୍ପାଦକ ଲିଙ୍ଗରାଜ ପୁଝାରୀ, ଉପଦେଷ୍ଟା ନବାବ ଦାସ, ଓଡିଏମ୍ ସିକ୍ୟୁରିଟି ଭାବେ ବେଲାଲ ମାଝୀ ଓ ପାର୍ଥ ମହାରଣାଙ୍କୁ ମନୋନୀତ କରାଯାଇଥିଲା । ବୈଠକରେ ବ୍ଲକ ସଭାପତି ସମେତ ସମ୍ପାଦକ ନାରାୟଣ ଶଗଡିଆ, କୋଷାଧ୍ୟକ୍ଷ ଭୁପେନ୍ଦ୍ର ସୁନାନୀ ସମେତ ବିଭିନ୍ନ ପଞ୍ଚାୟତରୁ ଡ୍ରାଇଭର ମହାସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

# ଘରୋଇ ହିଂସା ମୁକାବିଲା ସମ୍ବନ୍ଧୀୟ ସଚେତନତା କର୍ମଶାଳା



ଭବାନୀପାଟଣା, (ଭାସ୍କର ନ୍ୟୁଜ): ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ, କଳାହାଣ୍ଡି ପକ୍ଷରୁ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ୧ତାରିଖ ରବିବାର ଦିନ ଘରୋଇ ହିଂସା ମୁକାବିଲା ସମ୍ବନ୍ଧୀୟ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସମାଜ କଲ୍ୟାଣ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ ମହିଳାଙ୍କ ସହ ହେଉଥିବା ଘରୋଇ ହିଂସା, ମାନସିକ ତଥା ଶାରୀରିକ ଅତ୍ୟାଚାର ବିରୋଧରେ ସଚେତନତା ସୃଷ୍ଟି କରିବା, ବାଲ୍ୟ ବିବାହ, ଶିଶୁ ଶ୍ରମିକ ନିରାକରଣ, ଡାହାଣୀ ପ୍ରଥା ପ୍ରତି ସଚେତନତା ଇତ୍ୟାଦି ମୁଖ୍ୟ ବିଷୟବସ୍ତୁଗୁଡିକ ସମ୍ପର୍କରେ ଆଲୋଚନା କରାଯାଇଥିଲା । । ଉକ୍ତ କାର୍ମଶାଳାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା, ମହିଳା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ତ୍ରିଲୋଚନ ଜେନା , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ରୁପେଶ ହୋତା, କିଶୋର ନ୍ୟାୟ ବୋର୍ଡ଼ ମେମ୍ବର ସ୍ୱର୍ଣ୍ଣଲତା ମହାନ୍ତି, ପ୍ରୋଟେକଶନ ଅଫିସର ନାମିତା ପଲ୍, ଭବାନୀପାଟଣା ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ନିୟତିବାଳା ସୋରେନ ପ୍ରମୁଖ ଉପସ୍ଥିତ ରହି ଅଂଶଗ୍ରହଣକାରୀଙ୍କୁ ବିଭିନ୍ନ ସମୟରେ ଦେଖା ଯାଉଥିବା ଘରୋଇ ହିଂସା, ମାନସିକ ତଥା ଶାରୀରିକ ଅତ୍ୟାଚାର ଏବଂ ବାଲ୍ୟ ବିବାହ, ଶିଶୁ ଶ୍ରମିକ ନିରାକରଣ, ଡାହାଣୀ ପ୍ରଥା ଗୁଡିକ ଉପରେ ସଚେତନତା ସୃଷ୍ଟି କରିଥିଲେ ଏବଂ ଏସବୁ ପାଇଁ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଶକ୍ତି ଅନୁଷ୍ଠାନର କୋଡିନେଟର ସୁଜିତ ସେନ୍ ବାଲ୍ୟ ବିବାହକୁ ରୋକିବା ପାଇଁ ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ପାଞ୍ଚଶହରୁ ଉର୍ଦ୍ଧ୍ୱ ବାଳିକା ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଜକ ଦିବ୍ୟରଞ୍ଜନ ଯୋଷୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ ଏବଂ ୱାନ ଷ୍ଟପ୍ ସେଣ୍ଟରର ସଖୀ ପରିଚାଳିକା ବିନୀତା ଦାସ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ଏଡ୍‌ସ ଦିବସ

ଭବାନୀପାଟଣା, (ଭାସ୍କର ନ୍ୟୁଜ): ସ୍ଥାନୀୟ ଟାଉନ୍ ହଲ୍ ଠାରେ କଳାହାଣ୍ଡି ଜିଲ୍ଲାସ୍ତରୀୟ ୩୭ ତମ ବିଶ୍ୱ ଏଡ୍‌ସ ଦିବସ-୨୦୨୪ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଲାଞ୍ଜିଗଡସ୍ଥିତ ବେଦାନ୍ତ ଆଲୁମିନିୟମ କମ୍ପାନୀର ମିଳିତ ସହଯୋଗରେ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ସଦରମହକୁମା ମୁଖ୍ୟ ଚିକିତ୍ସାଳୟ ଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଟାଉନ ହଲ୍ ଠାରେ ପହଞ୍ଚିଥିଲାଓ ସେଠାରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ନିହାରେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡା ରାକେଶ ସାହୁ, ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ, ଭବାନୀ ଶଙ୍କର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଏ ଜି ଏମ୍, ବେଦାନ୍ତ ସୁଜିତ୍ ସାହୁ, ସଚିନ ତୁଙ୍ଗେ, ସିଏସ୍ଆର୍,




ବେଦାନ୍ତ, ଦିଲୀପ ପ୍ରଜାପତି, ମୁଖ୍ୟବକ୍ତା ଭାବେ ସତ୍ୟନାରାୟଣ ମହାପାତ୍ର ଯୋଗଦେଇ ବିଶ୍ୱ ଏଡ୍‌ସ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଏଡ୍‌ସ ଭଳି ଏକ ଦୁରାରୋଗ୍ୟ ବ୍ୟାଧିରୁ ବିଶେଷ କରି ଯୁବପିଢ଼ି ଛାତ୍ରଛାତ୍ରୀ କିପରି ନିଜକୁ ସୁରକ୍ଷିତ ରଖିବା ସହିତ ଅନ୍ୟଙ୍କୁ ସୁରକ୍ଷା କରାଯାଇ ପାରିବ ସେ ଦିଗରେ ବ୍ୟାପକ ସଚେତନତାର ଆବଶ୍ୟକତା ରହିଥିବା ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ପଣ୍ଡା ମାରାତ୍ମକ ରୋଗ ଏଡ୍‌ସର କାରଣ ଓ ତାହାର ନିରାକରଣ ସମ୍ପର୍କରେ ସୂଚନା ଦେଇଥିଲେ । ନିଜକୁ ସୁସ୍ଥ ରଖିବା ସହିତ ଏକ ନିରୋଗ ଓ ସୁସ୍ଥ ସମାଜ ଗଠନରେ ସମସ୍ତଙ୍କ ପାଇଁ ଯୋଗର ଆବଶ୍ୟକତା ଥିବା ଡା.ପଣ୍ଡା କହିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଏଚ୍ଆଇଭି, ଏଡ୍‌ସ ପରାମର୍ଶଦାତା ରାମଚନ୍ଦ୍ର ବସନ୍ତିଆ ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ରାମଚନ୍ଦ୍ର ବସନ୍ତିଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ


ଲାଞ୍ଜିଗଡ, (ଭାସ୍କର ନ୍ୟୁଜ): ଚାଷ ଜମିକୁ ଧାନ କାଟିବାକୁ ଯାଇଥିବାବେଳେ ସାପ କାମୁଡ଼ାରେ ଚିକିତ୍ସାଧୀନ ଭାବେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ଜଣକ ହେଲେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ନର୍ଲା ଥାନା ଅନ୍ତର୍ଗତ ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁର ଗାଁର ଭଗତରାମ ଗଉଡ଼(୪୪) । ଭଗତ ନିଜ ଚାଷ ଜମିକୁ ଧାନ କାଟିବାକୁ ଯାଇଥିଲେ । ତେବେ ଅପରାହ୍ନରେ ଚାଷ ଜମିରେ ସେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବାବେଳେ କିଛି ଛେଳି ଚରାଳୀ ତାଙ୍କୁ ଦେଖି ଅନ୍ୟ ଧାନ କାଟୁଥିବା ଲୋକଙ୍କୁ ଚିତ୍କାର କରି ଡାକିଥିଲେ । ଖବର ପାଇ ପରିବାର ଲୋକେ ବି ପହଞ୍ଚିଥିଲେ । ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଭାବେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ତାଙ୍କ ବଡ଼ଭାଇ ପର୍ଶୁରାମ ଗଉଡ଼ ନର୍ଲା ଥାନାରେ ଏକ ଅଭିଯୋଗ ଦାଖଲ କରିବା ପରେ ସିକେରକୁପା ଫାଣ୍ଡି ଅଧିକାରୀ ମୀନକେତନ ଶବର, ପୋଲିସ କର୍ମଚାରୀ ଗୋକୁଳ ସାହୁ ପ୍ରମୁଖ ହସ୍ପିଟାଲ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ଏନେଇ ନର୍ଲା ଥାନାରେ କେସ୍ ନଂ ୧୨/୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡିଛି । ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ ଏବଂ ମୃତ ଭଗତଙ୍କ ବାମପଟ ଅଣ୍ଟା ତଳକୁ ଏକ କାମୁଡ଼ା ଦାଗ ଦେଖିବାକୁ ମିଳିଥିଲା । ଏହାକୁ ନେଇ ଲୋକେ କୌଣସି ବିଷାକ୍ତ ସାପ କାମୁଡ଼ା ସନ୍ଦେହ କରୁଥିବାବେଳେ ତାଙ୍କ ଦେହର ଦାଗ ଓ ଶାରୀରିକ ଲକ୍ଷଣ ଏହା ସୂଚାଉଛି ବୋଲି ଅନୁମାନ କରାଯାଉଛି । ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡିବ ବୋଲି କୁହାଯାଉଛି । ଅପରପକ୍ଷରେ ଗାଁକୁ ଶବ ପହଞ୍ଚିବା ପରେ ଅତ୍ୟନ୍ତ ଶୋକାକୁଳ ପରିବେଶରେ ଦାହ ସଂସ୍କାର କରାଯାଇଥିଲା । ତେବେ ଗତ ତିନି ବର୍ଷ ତଳେ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଥିବାବେଳେ ବାପାଙ୍କ ଭରସାରେ ଥିବା ତାଙ୍କର ଗୋଟେ ପୁଅ ଓ ନାବାଳିକା ଝିଅ ସଂପୂର୍ଣ୍ଣ ଭାବେ ନିରାଶ୍ରୟ ହୋଇପଡିଛନ୍ତି । ବାପାଙ୍କ ମୃତ୍ୟୁ ପରେ ବାପମାଆ ଛେଉଣ୍ଡ ଭାଇ ଭଉଣୀଙ୍କ ଉପରେ ସତେ ଯେମିତି ଦୁଃଖର ପାହାଡ଼ ଭାଙ୍ଗି ପଡିଛି । ଏହି ନିରାଶ୍ରୟ ଭାଇଭଉଣୀଙ୍କୁ କୌଣସି ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

# ପୋଷାକ ବଣ୍ଟନରେ ଅନିୟମିତତା ଅଭିଯୋଗ


ଧର୍ମଗଡ଼, (ଭାସ୍କର ନ୍ୟୁଜ): ଛାତ୍ରଛାତ୍ରୀଙ୍କୁ ନିମ୍ନମାନର ପୋଷାକ ବଣ୍ଟନ ହୋଇଥିବା ବେଳେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଚଳିତ ବର୍ଷ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପୋଷାକ ଯୋଗାଉଛି । ହେଲେ ନିମ୍ନମାନର ପୋଷାକ ଯୋଗାଉଥିବା ଓ ଯୋଗାଣରେ ଅନିୟମିତତା ହୋଇଥିବା ଅଭିଯୋଗ ଉଠୁଛି । ଚଳିତ ବର୍ଷ ସରକାର ନୂତନ ଗାଇଡ଼ଲାଇନ ପ୍ରସ୍ତୁତ କରି ମହିଳାମାନଙ୍କ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏସ୍‌ଏସ୍‌ଜିମାନଙ୍କୁ ଯୋଗାଣ ଦାୟିତ୍ୱ ଦିଆଯାଇଛି । ସରକାରଙ୍କ ଗାଇଡ଼ଲାଇନ ଅନୁଯାୟୀ ଏସ୍‌ଏମ୍‌ଇ ମ୍ୟାନୁଫ୍ୟାକ୍‌ଚରିଂ ୟୁନିଟ୍ ଏବଂ ପୋଷାକ ସିଲାଉଥିବା ଏସ୍‌ଏଚ୍‌ଜିକୁ ୟୁନିଫର୍ମ ଯୋଗାଇବାର ଦାୟିତ୍ୱ ଦେବା ନିୟମ ରହିଛି । ଏପରିକି ଛାତ୍ରଛାତ୍ରୀଙ୍କ ମାପ ଅନୁଯାୟୀ ସିଲେଇ କରି ଯୋଗାଣ କରିବା ବ୍ୟବସ୍ଥା ବଦଳରେ ରେଡିମେଣ୍ଟ ପୋଷାକ ଯୋଗାଇ ଦିଆଯାଇଛି । ଯାହା ଛାତ୍ରଛାତ୍ରୀ ଅସଜଡ଼ା ପୋଷାକ ପରିଧାନ କରିଥିବା ଦେଖାଯାଉଛି । କେତେକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପୋଷାକରେ ୨-୩ ପ୍ରକାର କପଡା ଯୋଡି ପୋଷାକ ନିର୍ମାଣ ହୋଇଥିବା ଚର୍ଚ୍ଚା ହେଉଛି । ହେଲେ ଧର୍ମଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ଏଠାରେ ସରକାରୀ ଗାଇଡ୍‌ଲାଇନ୍‌ର ଖୋଲା ଉଲ୍ଲଂଘନ କରିଛି । ଏସ୍‌ଏସ୍‌ଜିକୁ ଢାଲ କରି ସ୍କୁଲ ୟୁନିଫର୍ମ ସହରର କେତେକ ଦୋକାନୀ ଯୋଗାଉଥିବା ଓ ଏଥିରେ ଶିକ୍ଷା ବିଭାଗର ହାତ ଥିବା ସାଧାରଣରେ ଆଲୋଚନା ହେଉଛି । ଏସ୍‌ଏଚ୍‌ଜି ଓ ଏମ୍‌ଏସ୍‌ଇ ମ୍ୟାନୁଫେକଚରିଂ ୟୁନିଟ ଯୋଗାଇବାକୁ ବ୍ଲକ କମିଟି ନିଷ୍ପତ୍ତି ନେଇ ଥିବାବେଳେ ଗାଇଡ଼ଲାଇନରେ ମଧ୍ୟ ପ୍ରାଧାନ୍ୟ ରହିଛି । ହେଲେ କେଉଁ ସ୍ଥିତି ଓ କାରଣ ଯୋଗୁଁ ଏଭଳି ଭିତ୍ତିଭୂମି ନଥିବା ଏସ୍‌ଏସ୍‌ଜିଙ୍କୁ କମିଟି ଚୟନ କରି ଦାୟିତ୍ୱ ଦେଇଛି ଏବେ ପ୍ରଶ୍ନ ଉଠିଛି । ସୂଚନାଯୋଗ୍ୟ, ୟୁନିଫର୍ମ ଯୋଗାଇବାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଯେଉଁମାନେ ୟୁନିଫର୍ମ ଯୋଗାଇବାକୁ ଇଚ୍ଛୁକ ସେମାନେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିଥିଲେ । ଆବେଦନ କରିଥିବା ସଂସ୍ଥା ୟୁନିଫର୍ମ ଯୋଗାଇବାକୁ ଯୋଗ୍ୟ କି ନୁହେଁ ଏହାର ତଦାରଖ ବ୍ଲକ କମିଟିର ଦାୟିତ୍ୱ ରହିଛି । କମିଟିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସମେତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରହିଛନ୍ତି । ଏସ୍‌ଏସ୍‌ଜିର ଆର୍ଥିକ ସ୍ଥିତି ପୋଷାକ ଯୋଗାଇ କ୍ଷମତା, କେତେ ୟୁନିଫର୍ମ ଯୋଗାଇପାରିବେ, ପ୍ରକୃତରେ ସେମାନେ ପୋଷାକ ସିଲେଇ କରୁଛନ୍ତି ନା ନାହିଁ ତାହା ଯାଞ୍ଚ କରି ଚୟନ କରିବା ନିୟମ ଥିଲେ ହିଁ ଗାଇଡ଼ଲାଇନଙ୍କୁ ଉଲ୍ଲଂଘନ କରିଥିବା ଚର୍ଚ୍ଚା ହେଉଛି । ଧର୍ମଗଡ ଗୋଷ୍ଠୀ ଶିକ୍ଷା ଅଧୀନରେ ମୋଟ ୧୫୦ଟି ବିଦ୍ୟାଳୟ ରହିଥିବା ବେଳେ ମୋଟ ୧୫,୬୪୧ଜଣ ଛାତ୍ରଛାତ୍ରୀ ରହିଛନ୍ତି । ଏହି ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରିବା ପାଇଁ ମୋଟ ୧୭ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଇଛି । ହେଲେ ଅଧିକାଂଶ ଏସ୍‌ଏସ୍‌ଜିର ନିଜସ୍ୱ ଏସ୍‌ଏମ୍‌ଇ ମ୍ୟାନୁଫ୍ୟାକ୍‌ଚରିଂ ୟୁନିଟି ନ ଥିବା ସ୍ଥଳେ କିପରି ଦାୟିତ୍ୱ ଦିଆଗଲା ତାହା ତଦନ୍ତ ସାପେକ୍ଷ ହୋଇପଡିଛି । ଅନ୍ୟପଟେ ସ୍କୁଲ କମିଟିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଥିବା ଚର୍ଚ୍ଚା ହେଉଛି । କେବଳ ଏସ୍‌ଏସ୍‌ଜି ସଦସ୍ୟାମାନେ ପୋଷାକ ଆଣି ବିଦ୍ୟାଳୟରେ ଛାଡି ଚାଲି ଯାଉଥିବା ବେଳେ ପ୍ରଧାନଶିକ୍ଷକ ବଣ୍ଟନ କରୁଥିବା କୁହାଯାଉଛି । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପୋଷାକରେ ୨-୩ପ୍ରକାର କପଡା ସଂଯୋଗ ଥିବା ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି । ତେବେ ଏସ୍‌ଏସ୍‌ଜି ଆଳରେ ବିଭାଗ ଓ କେତେକ କପଡା ଦୋକାନୀ ପୋଷାକ ଯୋଗାଉଥିବା ନେଇ ଅନେକ ବିଦ୍ୟାଳୟର କମିଟି ସଦସ୍ୟମାନେ ସିଧାସଳଖ ଭାବେ ଅଭିଯୋଗ ଉଠାଇଛନ୍ତି । ଏହାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି । ଏନେଇ ଧର୍ମଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଫୋନ ଯୋଗେ ଯୋଗାଯୋଗ କରିଥିଲେ ହିଁ ସମ୍ଭବ ହୋଇ ନ ଥିଲା ।

# ରାଶିଫଳ


ମଙ୍ଗଳବାର, ୩ ଡିସେମ୍ବର ୨୦୨୪




**ମେଷ:** ଆଜି ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର କରି କାମ ନକଲେ ଅପଦସ୍ଥ ହୋଇପାରନ୍ତି । ବନ୍ଧୁମାନଙ୍କ କଥା ବାର୍ତ୍ତା ଆପଣଙ୍କ ପାଇଁ ସମସ୍ୟାକୁ ବଢାଇ ଦେଇପାରେ । ବିଳମ୍ବରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ ।




**ବୃଷ:** ଆଜି ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭକରି ଆଶା ପୂରଣ କରିବେ । ନିର୍ମାଣଧୀନ ଆନୁଷ୍ଠାନିକ କାମରେ କୌଣସି ପ୍ରତିବନ୍ଧକ ରହିବ ନାହିଁ । ଆଲୋଚନା ପରିସରରେ ଆପଣ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ ।




**ମିଥୁନ:** ଆଜି ସ୍ଥଗିତ ରହିଯାଇଥିବା କେତେକ ପୁରୁଣା ବାକିଆ କାମ ଶେଷ କରିବାକୁ ସକ୍ଷମ ହେବେ । ପ୍ରିୟଜନଙ୍କ ସାହାଯ୍ୟ ସହଯୋଗ ମାଧ୍ୟମରେ ଜମିଜମା ସମ୍ପର୍କିତ ବିବାଦର ଆଶୁ ସମାଧାନ ହୋଇଯିବ । ଶିଳ୍ପ, ବାଣିଜ୍ୟାଦିରେ ଶୁଭଫଳ ପାଇବେ ।




**କର୍କଟ:** ଆଜି ସତର୍କତା ଅଭାବରୁ ଅନ୍ୟ ପାଇଁ ନିଜେ ସମସ୍ୟାଗ୍ରସ୍ତ ହୋଇପଡିବେ । ମତପାର୍ଥକ୍ୟଜନିତ ବାକ୍ ବିତଣ୍ଡା ସୃଷ୍ଟି ହେବାର ସମ୍ଭାବନା ରହିଛି । କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ନିଜ ସାଧନାରେ ସଫଳତା ପାଇବେ । ଧର୍ମ ଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି ।



**ସିଂହ:** ଆଜି କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ । ପାରିବାରିକ ଜୀବନରେ ଖଳଲୋକଙ୍କ କାନକୁହା କଥା ସୁଖ ସନ୍ତୋଷରେ ବାଧା ଉପୁଜାଇବ । ବ୍ୟବସାୟିକ ଦିଗଟି ବହୁତ ଭଲ ରହିବ ।




**କନ୍ୟା:** ଆଜି କାର୍ଯ୍ୟ ହାସଲ ସହ ଆର୍ଥିକ ଉନ୍ନତି ଦେଖା ଦେବ । ପାରିବାରିକ କ୍ଷେତ୍ରର କୌଣସି କଥା ମନକୁ ବାରମ୍ବାର ଆଲୋଡିତ କରିପାରେ । ଅର୍ଥ ସମ୍ପର୍କକୁ ନେଇ ପରିବାରରେ ଭାତୃବିବାଦ ଦେଖା ଦେଇପାରେ । ମହିଳାମାନେ ପ୍ରଶଂସନୀୟ ହେବେ ।



**ତୁଳା:** ଆଜି ପୂର୍ବର ସମସ୍ୟା ସମାଧାନ ହୋଇଯିବ । ପାରିବାରିକ ଜୀବନ ସୁଖଶାନ୍ତିରେ କଟିବ । କୌଣସି ନୂତନ କାର୍ଯ୍ୟ କରିବାକୁ ଅଗ୍ରସର ହେବେ ସେଥିରେ ସଫଳ ହେବେ । କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ ।




**ବିଛା:** ଆଜି କାର୍ଯ୍ୟସିଦ୍ଧି ସହ ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବ । ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ । ଆକସ୍ମିକ ଭାବରେ କୌଣସି ସମସ୍ୟା ହେତୁ ନିର୍ମାଣଧୀନ କାର୍ଯ୍ୟ ସ୍ଥଗିତ ରହିପାରେ । ଉପରିସ୍ଥଙ୍କ କର୍ମଚାରୀଙ୍କ ଆଦେଶାନୁସାରେ କାର୍ଯ୍ୟ କରିବା ପାଇଁ ବାଧ ହେବେ । ପିତା ମାତାଙ୍କ ଆଶୀର୍ବାଦ ଆପଣଙ୍କୁ ସହାୟ ହେବ ।




**ଧନୁ :** ଆଜି କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରଶଂସନୀୟ ହେବେ । ପରୋକ୍ଷ ଶତ୍ରୁତା କାରଣରୁ ଅପରାହ୍ନରେ ମନ ଭାରାକ୍ରାନ୍ତ ରହିବ । କୋର୍ଟ କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ । ସମସ୍ତ କାର୍ଯ୍ୟରେ ସାହାଯ୍ୟ ଓ ସହଯୋଗ ପାଇବେ ।




**ମକର:** ଆଜି ଜଗିରଖି ଚଳନ୍ତୁ କେହି ଜଣେ ବ୍ୟକ୍ତି ଅସୁବିଧାରେ ପକାଇପାରେ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ । ଅଂଶୀଦାର ବ୍ୟବସାୟୀଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ ।ବିଦ୍ୟାର୍ଥୀମାନେ ବିଦ୍ୟାରେ ସଫଳତା ପାଇବେ ।



**କୁମ୍ଭ:** ଆଜି ଆପଣଙ୍କର ଦିନ ଖୁବ୍ ଭଲରେ କଟିବ । ବକେୟା ପ୍ରାପ୍ୟ ମିଳିବ ଯାହା ଫଳରେ ମନ ପ୍ରଫୁଲ୍ଲିତ ରହିବ । ବିବାଦରେ ନୂଆ ମୋଡ଼ ଦେଖାଦେବ । ପୂର୍ବର ସମସ୍ୟା ସମାଧାନ ହୋଇଯିବ । ମହିଳାମାନେ ଗୃହ ସାଜସଜ୍ଜା ପ୍ରତି ଯତ୍ନ ନେବା ସହ ସମ୍ମାନ ପ୍ରାପ୍ତି ହେବେ ।



**ମୀନ:** ଆଜି ଆପଣଙ୍କ ଦୃଢ଼ ମନୋବଳ ଯୋଗୁ ପ୍ରତ୍ୟେକଟି କ୍ଷେତ୍ରରେ ହିଁ ବିଜୟ ଲାଭ କରିବେ । ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟକୁ ଦୂରେଇ ନେବା ପାଇଁ ପ୍ରଯତ୍ନ କଲେ ଉପକୃତ ହେବେ । ବନ୍ଧୁଙ୍କ ମିଥ୍ୟାଭିଯୋଗ ସକାଶେ ମାନସିକ ସ୍ତରରେ କ୍ରୋଧାନ୍ୱିତ ହୋଇପାରନ୍ତି ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯